ପ୍ରଦେଶୀୟ ସମିତିର ଅଧିବେଶନ ହେବ । ଏହି ଦୁଇ ଅଧିବେଶନ ସକାଶେ ପ୍ରତିନିଧି ନିର୍ବାଚନ ନିମିତ୍ତ ଚଳିତମାସ ତା ୧୦ ରଖ ମଙ୍ଗଳବାର ସନ୍ଧ୍ୟା ଘ ୭ ଘଣ୍ଟା ସମୟରେ କଟକ-ପ୍ରିଣ୍ଟିଂ କମ୍ପାନିଙ୍କ କୋଠାରେ ଉତ୍କଳ ସଭାର ଏକ ଅଧିବେଶନ ହେବ । ଅତଏବ ବିନୟ-ପୁର୍ବକ ସର୍ବସାଧାରଣଙ୍କୁ ଏ ସଭାରେ ଉପସ୍ଥିତ ହେବା କାରଣ ପ୍ରାର୍ଥନା କରୁଅଛୁଁ ।

କଟକ
ତା ୬ ରଖ ସେପ୍ଟେମ୍ବର
ସନ ୧୮୮୯ ମସିହା
ଶ୍ରୀ ଗୌରୀଶଙ୍କର ରାୟ
ସମ୍ପାଦକ

---

**ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !**

**ସଙ୍ଗୀତ ସାଗର ।**

ପ୍ରଥମତରଙ୍ଗ ।

ଭକ୍ତସର୍ବସ୍ୱ ରାୟଗୁରୁ, ବନମାଳୀ, କୃଷ୍ଣନ୍ଦ୍ର-ଭଞ୍ଜ, ରାମକୃଷ୍ଣ, ଗୋପାଳକୃଷ୍ଣ ଓ ହରି ପ୍ରଭୃତି କବିମାନଙ୍କ ରଚିତ ଛତିଶଟି ଏକସତ ସଙ୍ଗୀତ ସ୍ୱରପଦ ଓ କଠିନ ଅର୍ଥ ସହିତ ଏକତ୍ରେ ସନ୍ନି-ବେଶିତ । ଏପ୍ରକାର ପୁସ୍ତକ ସୁଲଭ ମୂଲ୍ୟରେ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିଲା । ମୂଲ୍ୟ ୫ ୦ । ମାତ୍ର । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରା-ଳୟ ଓ ଅନ୍ୟାନ୍ୟ ପୁସ୍ତକାଳୟରେ ପ୍ରାପ୍ୟ ।

---

ଅତମଣ୍ଟୀ ବଜାର ପୂର୍ବ ଭଲ ଏକାଡମୀସ୍କୁଲ ନିକଟ ଅମ୍ଭ ବସାରେ ଅନେକ ଦିନ ହେଲା ଗୋଟିଏ କାରଖାନା ଖୋଲିଅଛୁ ଯେ ତହିଁରେ ପଲଙ୍କ, ଖରୁଚି, ଅଲମାରି, ଚୌକି ଇତ୍ୟାଦି ନାନାପଦାର୍ଥ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମଧ୍ୟ ନେଗେଡ ପଦାର୍ଥ ପ୍ରସ୍ତୁତ ହୋଇ ବିକ୍ରୟନିମିତ୍ତ ରଖାଯା-ଇଅଛି । ଯେଉଁ ବ୍ୟକ୍ତି କଛି ପଦାର୍ଥ ନେବା ଲୋଡ଼ିବେ କିମ୍ବା ପ୍ରାନଲୁଯାଇ ପଦାର୍ଥ ଦେଖି ମୂଲ୍ୟକରି ନେଇ ପାରିବେ ଅଥବା ଯେବେ କେହି କଛି ପଦାର୍ଥ ନେବାକୁ ଫରମାସ ଦେବେ ତେବେ ସେ ଫରମାସି ପଦାର୍ଥର ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଦେଇ ଫରମାସ ଦେଲେ ଅତିସତ୍ୱର ପାଇପାରିବେ । ଇତି ।

କଟକ　　　୨୯-୮-୮୯
ଅତମଣ୍ଟୀବଜାର　　ଶ୍ରୀ କପିଳେଶ୍ୱର ନନ୍ଦ ।—

---

ମାଇନର ବର୍ଣ୍ଣାକ୍ୟୁଲର ଓ ଲୋଅର ବର୍ଣ୍ଣା-କ୍ୟୁଲର ଛାତ୍ରମାନଙ୍କର ବିଶେଷ ଉପଯୋଗୀ "ଅନୁଶୀଳନୀ ସମର୍ଥନ" ଏଥିରେ ବ୍ରହ୍ମମୋହନ ବାବୁ ଓ ରାଧାନାଥ ବାବୁଙ୍କ ରୋଷଣିଭୂଗୋଳ ୧ମ ଅଧ୍ୟାୟର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଅନୁଶୀଳନୀମାନ ମୂଳପ୍ରଶ୍ନାନୁଯାୟୀ ଚିତ୍ରସହିତ ସୁନ୍ଦରରୂପେ ପ୍ରମାଣ କରି ଯାଇଅଛି । ଏହା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଦୋକାନ, ରାମପ୍ରସନ୍ନ-ବାବୁଙ୍କ ଦୋକାନ ଓ ପ୍ରିଣ୍ଟିଂ କରପୋରେଶ-ନରେ ବା ଅମ୍ଭ ନିକଟରେ ଚିଠି କଲେ ମିଳି ପାରିବ । ମୂଲ୍ୟ ୫ ୦ ।୬ ହିସାବ ।

୮।୮।୮୯　　ଶ୍ରୀ ଗଣେଶ୍ୱର ମିଶ୍ର
ଢେଙ୍କାନାଳ

---

# ମେହରୋଗ ।

ଶ୍ୟାମଧରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃ-ତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତତ୍କାଳ ରୋ-ଗମୁକ୍ତିବାର ଉଚିତ ନୁହେଁ ସାମାନ୍ୟ ଅର୍ଥବ୍ୟୟ-ସକାଶେ ଜୀବନର ମାୟା ପରିତ୍ୟାଗ କରି ନୁହେଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ* ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ତାହାଙ୍କୁ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ହସ୍ତରଶିରେ ପରିଣତ ନ ହେଲେ ଅନ୍ତ-ଶବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପରସର୍କୁଲାର ନମ୍ବର ଭବନରେ ସ, କେ, ସରକ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶି-ଶିଶି ୫୵ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ

---

**ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।**

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ୫ ୦ । ଡାକମାସୁଲ ୫ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ଜନମ୍ବାଖିରବାବୁଙ୍କ ନିକ-ଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

---

**ବିଶେଷ ସୁବିଧା ।**

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଅମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, କଳ-ଗାଡ଼ି, କାମିଜ, କୋଟ, ଦେଶୀ ଓ ବିଲାତିଯୋଡ଼ା, ନାନାପ୍ରକାରଲୁଗା, ଖେଳିବାର ବ୍ୟାଟ, ବଲ, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଅମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ ଟଙ୍କା ପଠାଇବାର ପରିଶ୍ରମ ଜମନ୍ତେ ଶତକରା ୫ ୬ା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଅମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଲୂତନ କି ନା, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲ୍ୟୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ତେବେ ଏତିକି ମାତ୍ର କହିପାରୁଁ ଯେ ଅମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଲଷିତ ପଦାର୍ଥମାନ ଅତି ଯତ୍ନରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

୫ଟା ଦରଖାସ୍ତ ଓ ପତ୍ରାଦି ନିମ୍ନ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ଦ୍ରବ୍ୟବିକ୍ରୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Digitized by srujanika@gmail.com

Split by PDF Splitter



# ଯାଦୁର ଅବ୍ୟର୍ଥ ମହୌଷଧ ।

( ପରୀକ୍ଷିତ )

ଏହା ଗୋଟିଏ ଯାଦୁର ଉତ୍କୃଷ୍ଟ ମହୌଷଧ । ଏହାର ଉପକାରିତା ଗୁଣ ଅତି ଆଶ୍ଚର୍ଯ୍ୟ । ଏହା ଦାଦ ଯାଦୁ, ଅଦଣ୍ଡା ଯାଦୁ, ହାତିଆ ଯାଦୁ, କମର ଯାଦୁ, ପିମ୍ପୁଡ଼ିଆ ଯାଦୁ, ଜଳ ଯାଦୁ, ଚର୍ମ୍ମରୋଗ ପ୍ରଭୃତି ସବୁପ୍ରକାର ଯାଦୁ ଆରୋଗ୍ୟ ହୁଏ । ସାହସ କରି କହିପାରୁଁ ଯେ, ଏପରି ନିର୍ଦ୍ଦୋଷ ଅଥଚ ଉପକାରୀ ଔଷଧ ଦ୍ୱିତୀୟ ନାହିଁ ଏଣୁ ଏହା ଦୁଇ ଥରରୁ ଅଧିକ ବ୍ୟବହାର କରିବାକୁ ହୁଏନାହିଁ । ମାତ୍ର ଥରେ ଆରୋଗ୍ୟ ହେଲେ ଆଉ କଦାଚ ସେ ସ୍ଥାନରେ ଯାଦୁ ହୁଏନାହିଁ । ଯାଦୁର ଯେତେ ପ୍ରକାର ଔଷଧ ଅଦ୍ୟାପର୍ଯ୍ୟନ୍ତେ ପ୍ରକାଶିତ ହୋଇ ଅଛି, ସେଥି ମଧ୍ୟରୁ କେହି ଔଷଧର ଏପରି ଉତ୍କୃଷ୍ଟ ଗୁଣ ଦେଖାଯାଇ ନାହିଁ । ଏହି ଔଷଧ ବ୍ୟବହାର ସମୟରେ କଣ୍ଟ ଜ୍ୱାଳା ବା ଯନ୍ତ୍ରଣା କରେ ନାହିଁ । ଔଷଧଟି ମଲମାକାରରେ ହେବାରୁ ବ୍ୟବହାରର ଅଧିକ ସୁବିଧା ହୋଇଅଛି ।

ଏକ ଡିବାର ମୂଲ୍ୟ ଟ° ।୵

ଶ୍ରୀ ରାମଚନ୍ଦ୍ର ସେନ

ଡେଙ୍ଗ ଉତ୍କଳପ୍ରେସ୍ ବାଲେଶ୍ୱର ।

---

## ନୂତନ ପୁସ୍ତକ ! ନୂତନ ପୁସ୍ତକ ! !

## ବର୍ଣ୍ଣନିର୍ଣ୍ଣୟ ।

ଶ୍ରୀ ମଧୁସୂଦନ ମିଶ୍ରଙ୍କଦ୍ୱାରା ସଙ୍କଳିତ ।

ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀ ବାଳକମାନଙ୍କର ପ୍ରଥମ ପାଠ୍ୟପୁସ୍ତକ । ଏହା ପାଠ କଲେ ବାଳକମାନେ ସ୍ୱଳ୍ପାୟାସରେ ଏବଂ ଅଳ୍ପ ଦିବସ ମଧ୍ୟରେ ସୁସ୍ପଷ୍ଟରୂପେ ଉତ୍କଳବର୍ଣ୍ଣ ପରିଚୟ କରି ପାରିବେ । ଏଥିରେ ସଚିତ୍ରଫଳା ତଦନୁଯାୟୀ ଶବ୍ଦ ଲେଖିବାର ପ୍ରଣାଳୀ, ସପ୍ତାଙ୍କ, ସାମାନ୍ୟ ଲଘୁପାଠ, ହୋଇଲ, ଦଶଅବତାର ଓ ବଗନର୍ଣ୍ଣୟ ବିଷୟ ସକଳ ସୁନ୍ଦରରୂପେ ସନ୍ନିବେଶିତ ହୋଇଅଛି । ମୂଲ୍ୟ ଟ°୵ ଡାକମାସୁଲ ଟ °୬ ମାତ୍ର । ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପ୍ରେସରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ଭାଲଦ୍ରକର ଡୁଲ ହେଡ୍‌ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ

---

## ବାଲିକାଗାଜ ।

ତାଲାଣ୍ଡ ମିଳିବ ଯତ୍ନ ହଉଛେ ସବୁର ଉଚ୍ଚ ଚୌଧୁରୀ ବଜାର ବାବୁ ମୋହନଙ୍କର ସ୍ୱପ୍ନକ କମା ନିକଟେ ବାବୁ ଅର୍ଦ୍ଧଭୂଷଣ ଚର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୬ ଓଜ ନାଳ | ଠ ୧୬ ଟ °୬୬ | ଠ ୧୪ ଟ °୬୨ |
| ୧୦ ଓଜ „ | „ ଟ ୨୨ | „ ଟ °୬୦ |
| ୧୨ ଓଜ „ | „ ଟ ୩ | „ ଟ °୪ |
| ୨୨ ଓଜ ଡବଲଫୁଲସ୍କେପ୍ „ | ଟ ୪ | „ ଟ °୬୨ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ତତ୍ତ୍ୱାବଧାନରେ କଟକ ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତନ୍ଦରକୋଣା ଓ ଲଙ୍କା ଓ ରେସମାଓଗେର ଲୁଗା ଓ ଷ୍ଟେସନାରୀ ଓ ଅନ୍ୟ ନାନା ଜିନିଷ ସବଦାରର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପରନ୍ତୁ ଅଜ୍ କେତେକ ଫେନ୍ସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ କଲେଜ ଖାତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ବିକ୍ରୟ କରାଯିବ । ସବ ସ୍କୁଲ ଛାତ୍ରମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ବହୁତ ଚାହାନ୍ତି ସେବେ ଏକ ସପ୍ତାହ ପି ବଣ ଟ°୬୨ ହିସାବରେ ବିକ୍ରୀ ହେଲେ ଯାଇ ପାରିବେ । ମାତ୍ର ତାହାର ଖଣ୍ଡ ଖର୍ଚ୍ଚ ଜାହାଜର ଗାଡ଼ି ଭାଡ଼ା ଉପରେ ଥିବ । ଖତ ଦେଲେ ଖାତାର ପତ୍ର ମୂଲ୍ୟ ତାଙ୍କ ଦେବାକୁ ହେବ ।

### ତାଲିକା ।

| | |
|---|---|
| ବଢ଼ିଆ ଗେଞ୍ଜି ଓ ଚାଦର ଚିନ୍ତାରେ ଖୁବ ଭଲରେ ଖେଳେ । | ବର୍ଦ୍ଦାଭୂମି ଅର୍ଚ୍ଚ । |
| କଟେଜଖାତ | ହୋମିଓପାଥି । |
| କଟେଜ ତେଲ ବଟିକା ଏକ ଶୀତ ଓ ଗୋଲ ଶନ୍ତ । | ଲାଭ ବିଶିଷ୍ଟ ଓ ତଳ ରଙ୍ଗ ଓ ସାବୁ ଶସ୍ତା । |
| ଦୁଇଁ ଅର୍ଥାତ୍ ଡବଲ ଡବା କାଗଜ ପେନ୍ସିଲ ଓ କଲମ । | ରଙ୍ଗର୍ ବୁରୁଷ କୁସ ଏକ ସ୍ଥାନରେ ମିଳେ ଖୁବ । |
| ଗୋଲାପି ବାଟିକା ଲଣ୍ଠ । | କେଶରଙ୍ଗ ଚେଦାର ସୁବାସିତ ଅତର |
| ନାନା ପ୍ରକାରର ପଡ଼ିବା କାଗଜ ଓ ଲଫାଫା ଖେଳ ଖେଳ | ଏ, ରୋଷଣି ଜାମାରୁ ଭାଗିତ ଓ ବୁରୁଷ । |
| ଦେଶୀ ଜୁତା । | ଚପଲ ଶୁଦ୍ଧ ଏକତ୍ର ନାଗର । |
| ବଏସ ସାବୁନ । | ଅନେକ ଓ ଗେଟ୍‌ଡେଲ ଭଲ ଏ ସେଟ୍‌ରେ |
| ନାନା ସାବାତ ସର୍ବ ଲୁଗା ସ୍ୱଚ୍ଛନ୍ଦରୂପେ ରଖାଯାଏ । | ଲେଡି ବର୍ଗ ଜେସ ଭଲ ଉପାୟ ଲେସ ଟେନ୍‌ସିଲ୍ ଲେଖା କୁ ଓରେ ଦେଇ ଜାଣି |
| ପକେଟ ବେଲ—ଅର୍ଥାତ୍ ପ୍ରଭୃତି ଜିନିଷ । | ବେଲୋଟି ଓ ସେ |
| ଚର୍ଚ୍ଚ ଖୁବ ! | ର ଉଚ୍ଚ । |
| ଓଖେଡିସ୍ପିଚ ଛଡ଼ା । | |
| ଫୋର୍ସ୍ଲିପର ଓ ପିରଚର କେଶର ତେଲ ଓ ଉଚ୍ଚ ଉଲେ ପଲେ | ଚଳ ଓ ଫାଇଲରଜୋଡ ଫିତା । |
| ଟ୍ରଙ୍କ ବାକ୍ସ ଅର୍ଥାତ୍ ଲେଟିବାକେଟ ଭର ଓ ଗୁର୍ଣ୍ଣିଲେ ଭଲ ହେବ । | ଭଲିଁ ଡେଲରେ ଖଣ୍ଡ ଖାଦର୍ଭିର ଖାନ ମଖମଲ । |
| ଷଣ୍ଢା ଦଣ୍ଡା | ରେଶମ ଚୁ ଫେନ୍ସି ଚମଡ଼ା ଜୋତା ଓ ଗୋଲ ଓ ଚଡ଼ |
| ୧୬ × ୧୦ ଇଞ୍ଚ | ମଣିବ୍ୟାଗ ଓ ପିଁଟେ ଗାଢ଼ ଗାଲଚୋଡ଼ ଓ ଶାଢ଼ୀ । |
| ୧୪ × ୧୨ ଇଞ୍ଚ | ଟିଣ୍ଡ଼ ଭାର |
| ୧୫ × ୧୪ „ | ଏତଦ୍ଭିନ୍ନ ଅଧିକ ଜିନିଷ ଉପାୟ ଅଛି ଦରକାର ହେଲେ ଦରକାର ହୁଏ । |
| ମୋଜା ଓ ମୋଜାବନ୍ଦ | |
| ଭଲ ଧୂପ କଣ୍ଠରଣ | |
| ନାଟବାଁଶୀ କଳ ଓ ସ୍ୱଚ୍ଛ | |
| ଚେମେଣ୍ଟଗ୍ଲେଜ । | |

## ପିତଘାର ।

ଏ ଘାଉକୁ ଦେଉଣୀ ଯାଉଛନ୍ତି ଭଣ୍ଡି ତଥାପି ଉଉଲାଇ ହୋଚାଇଣର ଫାଙ୍କରେ ଦେଲେ ପାଣିଗଲା ବଢ଼ ହେବ, ଘାଉର ମଣିଁ ଅଙ୍ଗେ ଲେପିଦେଲେ ମଚ୍ଛିବ ଓ ଭଲ ଥିବତ ନାହିଁ ।

ତଟିଭ ତମ୍ଭାଣ୍ଡି ଆକରେ ମିଳାଇବାର ଜାଳ ମଧ୍ୟ ଅଛି ।

ଅଭିଜନ୍ମଣ୍ଡ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ଚଳିଷ୍ଠିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ °୬ |
| ଅର୍ଦ୍ଧସ୍ତମ୍ଭକୁ | ଟ ୪ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୮ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତାହାର ଖର୍ଚ୍ଚ ଟ °୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇଥାଏ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକଙ୍କଠାରୁ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ... ପ୍ରତି ... ସପ୍ତାହରେ ...
ଟ୍ରଙ୍କ ... ସମ୍ପାଦକଙ୍କ ... ଓ ପ୍ରକାଶିତ ...

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖ ୨୫ ଖ
ସ ୩୭ ସଂଖ୍ୟା

ତା ୧୪ ଇଣ ମାହେ ସିପ୍ଟମ୍ବର ସନ ୧୮୮୯ ମସିହା । ମୁ। ଭାଦ୍ର ଦ ୩୧ ଶ ସନ ୧୨୯୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୩।

ବାଲେଶ୍ୱରରେ ଅଦ୍ୟାପି ଭଲ ବୃଷ୍ଟି ହୋଇନାହିଁ । ଗତ ସପ୍ତାହର ବାର୍ତ୍ତାବାରୁ ପ୍ରକାଶ ଯେ ଭାଦ୍ରମାସ ତା ୧୫ ଇଣ ଗୁରୁବାର ଓ ତହିଁ ଉତ୍ତାରୁ ମଙ୍ଗଳବାର ବାଲେଶ୍ୱର ଓ ସୋରଆଦିରେ ଠାବେ୨ ସାମାନ୍ୟ ବୃଷ୍ଟି ହୋଇଥିଲା । ଏଥିରେ କୌଣସି୨ ଠାରେ କେନ୍ଦୁଡ଼ାକାର୍ଯ୍ୟ ହୋଇଅଛି । ମାତ୍ର ଅନେକ ସ୍ଥଳରେ ଛାଡ଼ା ହୋଇ ପାରୁ ନାହିଁ । ଏଥିରୁ ଆଗାମି ଫସଲର ଅବସ୍ଥା ଆଶାପ୍ରଦ ବୋଧ ହେଉ ନାହିଁ ।

---

ହିନ୍ଦୁପେଟ୍ରିଅଟରେ ପାଠକଙ୍କୁ ବ ଗତମାସରେ କଲିକତା ଭବାନୀପୁରବେଲ୍ଡ଼ ନିବାସୀ ବାବୁ କେଦାରନାଥ ମଲ୍ଲିକଙ୍କ ଘରୁ ନଗାଗଡ଼ରେ ଚୋରମାନେ ଏକଲକ୍ଷ ଟଙ୍କା ମୂଲ୍ୟର ବହୁମୂଲ୍ୟ ଅଳଙ୍କାର ନୋଟ, ନଗଦ ଟଙ୍କା, କମ୍ପାନୀକାଗଜ ଓ ଶାଲ ଚୋରାଇ ନେଇଅଛନ୍ତି । କଲିକତା ସହରରେ ଏତେ କଟକଣା ମଧ୍ୟରେ ଏପରି ଭୟାନକ ଚୋରୀ ସାମାନ୍ୟ କଥା ନୁହଇ । ପୁଲିସ କ କରନ୍ତେ ଦେଖାଯିବ ।

---

ବାଲେଶ୍ୱରର ଗତ ଦୌରାରେ ୨ ମୋକଦ୍ଦମାରେ ଜ ୮ ଣ ଆସାମୀ ଥିଲେ । ତହିଁମଧ୍ୟରୁ କେବଳ ଜ ୩ ଣ ଦଣ୍ଡ ପାଇ ବାକି ଜ ୫ ଣ ଖଲାସ ହେଲେ । ସମ୍ବାଦବାହିକା ଏ ଫଳକୁ ନିତାନ୍ତ ଅପ୍ରୀତିକର ବୋଲି ଯାହା ଲେଖିଅଛନ୍ତି ଯଥାର୍ଥ ଅଟଇ । ଏହିସବୁ ମୋକଦ୍ଦମା ମଧ୍ୟରେ ଏକ ଡକାଇତି ଅପରାଧରେ ପୁଲିସ ଦୁଇ ତିନିଜଣ ଆସାମୀକୁ ଧରି ନ ପାରି ଜଣେ କଣ୍ଡାରକ ସାକ୍ଷୀ କରିଥିଲେ କିନ୍ତୁ ପ୍ରମାଣାଭାବରେ ସେ ଖଲାସ ପାଇଲା । ଏପରି ଅବସ୍ଥାରେ କମିଶ୍ନରସାହେବଙ୍କର ଓଡ଼ିଶା ପୁଲିସ ନିତାନ୍ତ ଅଯୋଗ୍ୟ ବୋଲିବା ଆଶ୍ଚର୍ଯ୍ୟର ବିଷୟ ନୁହଇ ।

---

କଲିକତା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନେ ଆଗାମି ସନ ୧୮୯୦ ସାଲର ପରୀକ୍ଷା ନିମ୍ନଲିଖିତ ତାରିଖମାନଙ୍କରେ ଆରମ୍ଭ ହେବାର ଧାର୍ଯ୍ୟ କରିଅଛନ୍ତି । ଯଥା;—

ଏମ୍, ଏ, ପରୀକ୍ଷା—ତା ୧୦ ଋଖ ନବେମ୍ବର ସନ ୧୮୮୯ ମସିହା ।

ପ୍ରବେଶିକା, ଏଫ୍, ଏ, ଓ ବି, ଏ, ପରୀକ୍ଷାମାନ—ତା ୧୭ ଋଖ ଫେବୃଆରୀ ସନ୧୮୯୦ ମସିହା ।

ବି, ଏଲ, ଏଲ, ଏମ୍, ଏମ୍ ପ୍ରଭୃତି ପରୀକ୍ଷାମାନ—ତା ଋଖ ମାର୍ଚ୍ଚ ସନ ୧୮୯୦ ମସିହା ।

ଏମ୍, ବି, ଓ ଏମ୍, ଡ, ପ୍ରଭୃତି ପରୀକ୍ଷାମାନ—ତା ୫ ଋଖ ମଇ ସନ ୧୮୯୦ ମସିହା

ଏଲ୍, ଇ, ଓ ବି, ଇ, ପରୀକ୍ଷାମାନ—ତା ୨ ଋଖ ଜୁଲାଇ ସନ ୧୮୯୦ ମସିହା ।

---

ଢାକାବିଭାଗର ଗତ ବାର୍ଷିକବିବରଣୀପତ୍ରସମ୍ବନ୍ଧରେ ମାନ୍ୟବର ଲେଫ୍‌ଟେନାଣ୍ଟଙ୍କର ଯେଉଁ ମନ୍ତବ୍ୟ ପ୍ରକାଶିତ ହୋଇଅଛି ତହିଁରେ ଅବଗତ ହେଲୁ ପାଠକଙ୍କୁ ବ ସେ ବିଭାଗରେ ଯେଉଁ ସେଭିଂ-ବାଙ୍କ ଅର୍ଥାତ୍ ଟଙ୍କାଜମା ଦେବାର କାର୍ଯ୍ୟାଳୟମାନ ସ୍ଥାପିତ ହୋଇଥିଲା ସେ ସମସ୍ତ ଉତ୍ତମ ଅବସ୍ଥାରେ ଅଛି । ଉକ୍ତ ବିଭାଗରେ ସଙ୍ଖ୍ୟାରେ ୧୯ ବାଙ୍କ ବର୍ତ୍ତମାନ ରହିଅଛି ତହିଁମଧ୍ୟରେ ଫରିଦପୁରର ବାଙ୍କ ଗତବର୍ଷ ଅଂଶିମାନଙ୍କୁ ଶତକରା ଟ ୩୬ ଙ୍କା ଲେଖାଏ ଲାଭ ଦେଇଥିବାରୁ କେମନ୍ତ ପ୍ରଫୁଲ୍ଲ ଅବସ୍ଥାରେ ଅଛି ସହଜରେ ଅନୁଭୂତ ହେଉଅଛି । ବରିସାଲର ବାଙ୍କର କାର୍ଯ୍ୟ ସୁନ୍ଦରରୂପେ ଚାଲୁଅଛି ଏବଂ ମଇମନସିଂହର ବାଙ୍କମାନ ଶତକରା ଟ୨୦ଙ୍କା ଲେଖାଏଁ ଅଂଶିମାନଙ୍କୁ ଲାଭ ଦେଉଅଛି । ଏଥିରୁ ତାହା ସର୍ବସାଧାରଣଙ୍କ ପକ୍ଷରେ ଯେମନ୍ତ ହିତକର ଅଧିକାରଙ୍କ ପକ୍ଷରେ ତେମନ୍ତ ଲାଭକର ଅଟଇ । ଦୁଃଖର ବିଷୟ ଯେ ଓଡ଼ିଶାରେ ଅଦ୍ୟାପି ଏମନ୍ତ ହିତକର ଓ ଲାଭକର ବ୍ୟବସାୟର ଅନୁଷ୍ଠାନ ହେଲା ନାହିଁ ।

---

ଏଲାହାବାଦର ବିଖ୍ୟାତ ସମ୍ବାଦପତ୍ର ପାୟୋନିଅର ପ୍ରସ୍ତାବ କରିଅଛନ୍ତି କି ଶ୍ରୀମତୀ ଭାରତେଶ୍ୱରୀଙ୍କ ଜ୍ୟେଷ୍ଠ ପୌତ୍ର ଯେତେବେଳେ ଭାରତବର୍ଷକୁ ଶୁଭାଗମନ କରିବେ ସେହି ସାଧାରଣଆନନ୍ଦକର ଘଟନା ଉପଲକ୍ଷରେ ଭାରତବର୍ଷର

Digitized by srujanika@gmail.com

Split by PDF Splitter



ନାନା ଜେଲଖାନାରେ ବ୍ରହ୍ମଦେଶର ଯେତେ ଡକାୟତ ଓ ଡକାଇତ ମୋକଦ୍ଦମାରେ କଏଦ ରହିଅଛନ୍ତି ସେମାନଙ୍କୁ ମୁକ୍ତି ଦିଆଯିବ । ଏ ପ୍ରସ୍ତାବଟି ବଡ଼ ସୁନ୍ଦର ଅଟଇ ଏବଂ ଗବର୍ଣ୍ଣମେଣ୍ଟ ଏହାକୁ ଅନୁମୋଦନ କଲେ ବଡ଼ ସୁଖର କଥା ହେବ । ବ୍ରହ୍ମଦେଶ ବର୍ତ୍ତମାନ ଶାନ୍ତ ହୋଇଅଛି ଏବଂ ଯେଉଁମାନେ ଡକାଏତ ହୋଇ କଏଦ ହୋଇଅଛନ୍ତି ସେମାନେ ସମସ୍ତେ ନ ହେଲେ ଅଧିକାଂଶ ଯେ ସ୍ୱଦେଶାନୁରାଗବଶତଃ ଯୁଦ୍ଧରେ ପ୍ରବୃତ୍ତ ହେବାରୁ ଡକାଏତ ଆଖ୍ୟା ପାଇଅଛନ୍ତି ଏଥିରେ ସନ୍ଦେହ ନାହିଁ । ଏମାନେ ମୁକ୍ତିଲାଭ କରି ଘରକୁ ଫେରିଗଲେ ବ୍ରହ୍ମବାସୀଙ୍କ ମନରେ ଅବଶ୍ୟ କୃତଜ୍ଞତା ଓ ରାଜଭକ୍ତି ଉଦୟ ହେବ ଏବଂ ଇଂରାଜଶାସନର ମହିମା ଅଧିକତର ଅନୁଭବ କରିପାରିବେ ।

---

ବେଲଜିୟମର ଏହି ପ୍ରଧାନ ନଗରରେ ଯୁଦ୍ଧଦ୍ରବ୍ୟାଦିର ଅଗ୍ନିକାଣ୍ଡ ଘଟିବାର ଗତ ଇମାସ ତା ୬ ରିଖର ତାରଡ଼ାକ ଯୋଗେ ସମ୍ବାଦ ଆସିଅଛି । ଏକ ବାରୁଦ କାରଖାନାରେ ଅଗ୍ନି ଲାଗି ହୋଇ ଏମନ୍ତ ଭୟାନକ ଶବ୍ଦ ସହିତ ଫାଟିଗଲା ଯେ ଘରର ଝରକାମାନ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଗଲା ଏବଂ କେତେକ ମାଇଲ ପର୍ଯ୍ୟନ୍ତ ଗାରଖୁଣ୍ଟି ସବୁ ଉପାଡ଼ି ପକାଇଲା । ତହିଁ ପାଖରେ କେରୋସିନ ତେଲ ଗୋଦାମରେ ଅଗ୍ନି ଲାଗି ଜାହାଜସ୍ଥ ଗୁଦାମ ଏବଂ ଜଳରେ ଥିବା କେତେକ ଜାହାଜ ପୋଡ଼ିଗଲା । ସମସ୍ତ ସହରରେ ଅଗ୍ନିର ପ୍ରତାପ ପ୍ରକାଶ ପାଇଅଛି । ଅନ୍ୟୁନ ୩୦୦ ଲୋକ ମୃତ ଏବଂ ପ୍ରାୟ ୧୦୦୦ ଲୋକ ଆଘାତ ହୋଇଥିବାର ସମ୍ବାଦ ଆସିଅଛି । ଏଥିମଧ୍ୟରେ ଅନେକ ବାଳିକା ଯୋଗ ମଜୁରି ଅଛନ୍ତି ସେମାନେ କାରଖାନାରେ କାର୍ଯ୍ୟ କରୁଥିଲେ । ଏଥି ସଙ୍ଗେ ସଙ୍ଗେ ଜିଲ୍ଲାରେ ଗୋଟାଏ ପଥରକୋଇଲା ଖଣି ଏବଂ ଗୋଟାଏ ବନ୍ଦରରେ ଅଗ୍ନିଦ୍ୱାରା ଗୁରୁ ଅନିଷ୍ଟ ଘଟିଥିବାର ସମ୍ବାଦ ଆସିଅଛି । ସମସ୍ତ ଈଶ୍ୱରଇଚ୍ଛା ।

---

ମଲୟ ଉପଦ୍ୱୀପ ଏବଂ ବୋର୍ଣ୍ଣିଓ ଦ୍ୱୀପରେ ବିସ୍ତୀର୍ଣ୍ଣ ସ୍ୱର୍ଣ୍ଣଖଣିମାନ ଆବିଷ୍କୃତ ହୋଇଅଛି ଏବଂ ଏ ସମ୍ପର୍କରେ ଯେଉଁ ରିପୋର୍ଟ ବାହାରିଅଛି ତହିଁରୁ ପ୍ରକାଶ ଯେ ଏହି ଖଣିମାନଙ୍କରୁ ବହୁମୂଲ୍ୟ ସ୍ୱର୍ଣ୍ଣ ଲାଭ ହେବାର ସମ୍ଭାବନା । ଏସବୁ ସ୍ଥାନରେ ନାନାପ୍ରକାର ଧାତୁର ଖଣିମାନ ଥିବାର ବହୁକାଳରୁ ପ୍ରକାଶ ଅଛି ଏବଂ ମଲୟ ଉପଦ୍ୱୀପର ଟିନ ପୃଥିବୀର ଅନ୍ୟସ୍ଥାନଠାରୁ ଉତ୍କୃଷ୍ଟ ଅଟଇ । କଥିତ ଅଛି ସେଫ୍ଟେନ୍ସି ନାମକ ଅଷ୍ଟ୍ରେଲିଆର ଜଣେ ଖଣିଖନନକାରୀ ମଲୟଦ୍ୱୀପର ଏକ ସ୍ଥାନରେ ସେଠା ଲୋକଙ୍କୁ ମାଟିରୁ ସ୍ୱର୍ଣ୍ଣ ଧୋଇ ବାହାର କରିବାର ଦେଖି କେଉଁଠାରୁ ତାହା ଆସୁଅଛି ଅନୁସନ୍ଧାନ କରି ତହିଁର ଖଣି ବାହାର କଲେ । ତାହାଙ୍କ କହିବାଅନୁସାରେ ଏପରି ବହୁମୂଲ୍ୟ ଖଣି ପୃଥିବୀରେ ଆଉ ଦେଖାଯାଇ ନାହିଁ । ସେ ନିଜେ ଉକ୍ତ ଖଣିରୁ କିଛି ସ୍ୱର୍ଣ୍ଣ ବାହାର କରି ସିଙ୍ଗାପୁରରେ ତାହା ବିକ୍ରୟ କଲେ ଏବଂ ତହିଁର ମୂଲ୍ୟ ମଲୟର ରାଜାଙ୍କ ନିକଟକୁ ପଠାଇ ଦେଲେ । ବର୍ତ୍ତମାନ ଏହି ଖଣିରୁ ସ୍ୱର୍ଣ୍ଣ ବାହାର କରିବା କାରଣ ଏ କମ୍ପାନୀ ଗଠିତ ହୋଇଅଛି ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଓଡ଼ିଶାର ଭୂତପୂର୍ବ କମିଶନର ଶ୍ରୀଯୁକ୍ତ ରେଭେନଶା ସାହେବ ଜୀବିତ ଅଛନ୍ତି । ତାହାଙ୍କର ମୃତ୍ୟୁସମ୍ବାଦ ପ୍ରଚାରକରି ଆମ୍ଭେମାନେ ବଡ଼ ଲଜ୍ଜିତ ଓ ଦୁଃଖିତ ହୋଇ ଅଛୁଁ ଓ ଭରସା କରୁଁ ଏହି ଶୁଭସମ୍ବାଦ ଶ୍ରବଣରେ ପାଠକମାନେ ଆହ୍ଲାଦିତ ହୋଇ ଆମ୍ଭମାନଙ୍କୁ କ୍ଷମା କରିବେ । ବାସ୍ତବରେ ଆମ୍ଭମାନଙ୍କର ସମ୍ବାଦଦାତା ଜଣେ ୟୁରୋପୀୟ ଉଚ୍ଚକର୍ମଚାରୀ ଅଟନ୍ତି । ପ୍ରଥମେ ଅଶୁଭସମ୍ବାଦ ଲେଖିବା ଉତ୍ତାରୁ କଲିକତାରେ ଥିବା ରେଭେନଶା ସାହେବଙ୍କ କୁଟୁମ୍ବଙ୍କଠାରୁ ତାହା ମିଥ୍ୟା ଥିବାର ଜାଣିପାରିବା ମାତ୍ରେକେ ଭ୍ରମ ସଂଶୋଧନ ପୂର୍ବକ ଆମ୍ଭମାନଙ୍କ ନିକଟକୁ ପତ୍ର ଲେଖିଅଛନ୍ତି ଏବଂ ତହିଁରେ ଅନୁରୋଧ କରିଅଛନ୍ତି କି ସେ ଶୀଘ୍ର ଛୁଟି ନେଇ ବିଲାତକୁ ଯାଉଅଛନ୍ତି ସେଠାରେ ସାହେବ ମହୋଦୟଙ୍କୁ ଏହି ରହସ୍ୟ ଜଣାଇବେ । ଜୀବିତ ବ୍ୟକ୍ତିର ମୃତ୍ୟୁ ଘୋଷଣା ହେଲେ ତାହାର ପରମାୟୁ ବଢ଼ି ଯାଏ ବୋଲି ସମସ୍ତେ କହନ୍ତି । ଆମ୍ଭେମାନେ ଏକାନ୍ତ ପ୍ରାର୍ଥନା କରୁଅଛୁଁ କି ଏହି କଥା ସାହେବ ମହୋଦୟଙ୍କ ପକ୍ଷରେ ସାର୍ଥକ ହେବ ।

---

ଉପହାର ଦେବାର ଲୋଭ ଦେଖାଇ ପୁସ୍ତକ ବା ସମ୍ବାଦପତ୍ରର ଗ୍ରାହକ ସଂଗ୍ରହ କରିବାର ଅନେକ ଘୋଷଣାପତ୍ର ଆଜିକାଲି ବାହାରୁଅଛି ଏବଂ ଏହି ଉପାୟରେ କେତେ କେତେ ଲୋକଙ୍କୁ ଠକିବାରେ ମଧ୍ୟ ତ୍ରୁଟି କରୁ ନାହାନ୍ତି । ଏହା କଲିକତାରେ ଏପରି ଦେଖାଯାଉଅଛି ଏମନ୍ତ ନୁହେଁ ଉତ୍ତର ପଶ୍ଚିମ ଏବଂ ବମ୍ବେଇରେ ମଧ୍ୟ ଏହିପରି ଉପହାର ଦେବାର ଅନେକ ବିଜ୍ଞାପନ ବାହାରୁଅଛି । କିନ୍ତୁ ବମ୍ବେଇବାସୀମାନେ ଆପଣା ସ୍ୱାର୍ଥ ଭଲ ବୁଝନ୍ତି । ବଙ୍ଗବାସୀରୁ ଅବଗତ ହେଲୁଁ ଯେ ବମ୍ବେଇରେ ଜୟୁଙ୍ଗିରାଓ ଶାନ୍ତାରାଓ ନାମକ ଏକବ୍ୟକ୍ତି ଉପହାର ଦେବ ବୋଲି ବିଜ୍ଞାପନ ଦେଇ ଖଣ୍ଡ ଖଣ୍ଡ ପୁସ୍ତକ ବିକ୍ରୟ କରୁଥିଲା । କିନ୍ତୁ ପୁସ୍ତକ କିଣିବା ବ୍ୟକ୍ତି ଉପହାର ନ ପାଇବାରୁ ଫୌଜଦାରୀରେ ନାଲିସ କରି ଅସାମିର ତିନିମାସ କାରାବାସ ଏବଂ ୨୫ ଟଙ୍କା ଅର୍ଥଦଣ୍ଡ କରାଇଲା । ଅସାମି ସେସନ ଜଜ ଓ ହାଇକୋର୍ଟରେ ଅପିଲ କରିଥିଲେ ମାତ୍ର ଦଣ୍ଡ ବାହାଲ ରହିଲା । ଆଶା କରୁଅଛୁ ଏଥିରେ କୁଅଷ୍ଟେର ଉପହାରଦାତାଙ୍କ ବ୍ୟବସାୟ କିଛି ଊଣା ପଡ଼ିବ । କଲିକତାରେ ଏପରି ଦୁଇଏକ ମୋକଦ୍ଦମା ହେବାର ଉଚିତ ।

---

ଗତ ଶନିବାର ମୋହରମପର୍ବ ଯଥା ସମାରୋହରେ ଶେଷ ହେଲା । ତହିଁ ପୂର୍ବଦିନ ଶୁକ୍ରବାରଠାରୁ ମେଘ ଘଡ଼ିଯିବାରୁ ଉତ୍ସବର ସମାରୋହରେ କିଛି ବିଘ୍ନ ହୋଇ ନାହିଁ । କେବଳ ମେଘର ଆଶଙ୍କା ହେତୁ ଦୂରର ଯାତ୍ରୀ ଅଧିକ ଆସି ନ ଥିଲେ । ଏହିହେତୁ ଜନତା ଊଣା ହୋଇଥିଲା । ତାଜିଆମାନଙ୍କ ଆଗପଛ ଶୃଙ୍ଖଳାରେ କିଛି ବ୍ୟତିକ୍ରମ ଘଟିଥିବାରୁ ରୁଷାରୁଷି ହୋଇ ପଲଟନ ତାଜିଆ ଫେରି ଯାଇଥିଲା ମାତ୍ର ଶେଷକୁ କଳ ଲାଗିଗଲା ଓ ତାଜିଆ ଆଖଡ଼ାମାନ ଆମୋଦ ପ୍ରମୋଦରେ କେବଳ ଦଶଘଣ୍ଟା ସମୟରେ କଦମ୍ବରସୁଲରେ ପହଞ୍ଚି ତଜଲବନ୍ଦପର୍ବ ଶେଷକରି ଘରକୁ ଗଲେ । ଏବର୍ଷ ତାଜିଆର ସଂଖ୍ୟା ଓ ଆକୃତି ପୂର୍ବାପେକ୍ଷା ଊଣା ଥିଲା । ପଲଟନର ଦୁଇ ତାଜିଆ ମିଶି ଗୋ ୧୧ ଟା ହୋଇଥିଲା ଓ ତହିଁ ମଧ୍ୟରେ ଚାଲୁବଜାର ଓ ଦେହୁଡ଼ିର ତାଜିଆମାନ ଅତ୍ୟନ୍ତ ଭଲ ଥିଲା । ଓଡ଼ିଆବଜାର ଅନ୍ଧେରି ଓ ସୁତାହାଟର ତାଜିଆମାନ ଅପେକ୍ଷାକୃତ ଭଲ ହୋଇଥିଲା । ଅଲିଜଦାହାଜ ପଲଟନ ତାଜିଆର ସମସ୍ତ ଚିତ୍ର ଅଧିକ ହୋଇଥିଲା ଏବଂ ଅନ୍ୟ ତାଜିଆମାନ ସନ୍ଧ୍ୟା ସମୟରେ

Digitized by srujanika@gmail.com

ତାହାର ସ୍ତ୍ରୀ ଦଣ୍ଡଘଣ୍ଟା ପର୍ଯ୍ୟନ୍ତ ବଳଦେବଜୀ-ଉରେ ତମାସା ଦେଖାଇ ପଣ୍ଡା ଶେଷ କଲେ ।

---

ଶ୍ରୀଷ୍ଟନାଗପୁର ଅନ୍ତର୍ଗତ ଗଡ଼ଜାତ ମହା-ରାଜାମାନଙ୍କର ଗତବର୍ଷର ବାର୍ଷିକ ବିବରଣରେ ଗୋଟିଏ ଶୋକାବହ ସମ୍ବାଦ ଲେଖାଅଛି । ସରଗୁଜାର ଶ୍ରୀଷ୍ଟ ମହାରାଣୀ କୌଣସି ଦୈବ ଦୁର୍ଘଟଣାରେ ପୋଡ଼ିଗଲେ ଏବଂ ସେ ସ୍ଥାନ ଥିବା ହେତୁ ଯଥାକାଳରେ ସେଠା ଡାକ୍ତରଦ୍ୱାରା କୌଣସି ଭଲ ଚିକିତ୍ସା ହୋଇପାରିଲା ନାହିଁ । ପଶ୍ଚାତ୍ ପ୍ରଦେଶୀୟ କମିଶନର ଷ୍ଟିଭନ ସାହେବ ଅନେକ ଯତ୍ନ କଲେହେଁ କିଛି ଫଳ ହେଲା ନାହିଁ ସେହି ପୀଡାରେ ମହାରାଣୀ ପ୍ରାଣ ତ୍ୟାଗିଲେ । ଷ୍ଟିଭନସ୍ ସାହେବ ଯଥାର୍ଥ ଲେଖିଅଛନ୍ତି କି ଭାରତବର୍ଷୀୟ ସ୍ତ୍ରୀମାନଙ୍କ ଚିକିତ୍ସା-ନିମନ୍ତେ ଲେଡ଼ି ଡଫରିନ ଯେଉଁ ଉପାୟ କରି ଯାଇଅଛନ୍ତି ତହିଁର ମୂଲ୍ୟ ସାମାନ୍ୟ ନୁହଇ । ଯେବେ ସ୍ତ୍ରୀଚିକିତ୍ସାର ଉପାୟ ଥିଲେ ଏତେବଡ଼ ଜମିଦାରଙ୍କ ସ୍ତ୍ରୀ ଧନ ଓ ଲୋକସାହାଯ୍ୟର ଅଭାବ ନ ଥିବା ସ୍ଥଳେ ଏତେ କଷ୍ଟରେ ମରନ୍ତେ ନାହିଁ ।

ସରଗୁଜାରେ ଗତବର୍ଷପରି ଏବର୍ଷ ମଧ୍ୟ ଘାସ ଅଶ୍ଚମତ୍ସ୍ୟ ହୋଇ ଅନେକ ଗୋରୁଗାଈ ମରି ପଡ଼ିଅଛନ୍ତି । ଏହି ମଡ଼କ ନିବାରଣ ପ୍ରତି ବିଶେଷ ଉପାୟ କରିବା ନିମନ୍ତେ ମାନ୍ୟବର ଶ୍ରୀଷ୍ଟଙ୍କ ବାହାଦୁର ବର୍ତ୍ତମାନର କମିଶନର ଶ୍ରୀଯୁକ୍ତ ଗ୍ରିମଲ ସାହେବଙ୍କୁ ଅନୁରୋଧ କରୁଅଛନ୍ତି ।

ଏ ଅଞ୍ଚଳରେ ଗଡ଼ଜାତମାନଙ୍କରେ ଶିକ୍ଷାର ଅବସ୍ଥା ନିତାନ୍ତ ମନ୍ଦ ଥିବାରୁ ଶ୍ରୀଷ୍ଟଙ୍କ ଦୁଃଖିତ ହୋଇଅଛନ୍ତି ।

---

ମଧ୍ୟପ୍ରଦେଶର ଅବକାରୀ ମହକୁମାର ଗତ ବାର୍ଷିକ ବିଜ୍ଞାପନୀ ସମ୍ବନ୍ଧରେ ସେଠା ଚିଫକ-ମିଶନରଙ୍କର ଯେଉଁ ମନ୍ତବ୍ୟ ବାହାରିଅଛି ତହିଁରୁ ପ୍ରକାଶ ଯେ ଗତବର୍ଷ ଏ ମହକୁମାର ଆୟ ଟ ୨୨୬୨୯୮ ଙ୍କା ଓ ବ୍ୟୟ ଟ ୨୮୭୬୬୮-ଙ୍କା ସୁତରାଂ ନିଟଲାଭ ଟ ୨୦୬୯୨୮୦ ଙ୍କ ହୋଇଥିଲା । ଏ ଲାଭ ତହିଁ ପୂର୍ବବର୍ଷ ତୁଳ-ନାରେ ଏକଲକ୍ଷ ଟଙ୍କା ଅଧିକ ଅଟଇ । ଅଧି-କାଂଶ ଲାଭ ଦେଶୀୟ ମଦରେ ହୋଇଥିବାର ଜଣାଯାଉଅଛି । ଏ ପ୍ରଦେଶରେ ସଦରଭାଟି ଖୋଲାଭାଟି ଦୁଇପ୍ରକାର ନିୟମ ପ୍ରଚଳିତ ଅଛି । ଗତ ଅପ୍ରେଲମାସରେ ପଶ୍ଚିମ ଗବର୍ଣ୍ଣ-ମେଣ୍ଟ ଖୋଲାଭାଟି ଉଠାଇଦେଇ ମାନ୍ଦ୍ରାଜ ଓ ବମ୍ବେଇ ପରି କେବଳ ସଦରଭାଟିପ୍ରଥା ରଖିବା କଥା ବିଚାର କରିବାକୁ ଲେଖିଥିଲେ । ଏଥିରୁ ଚିଫକମିଶନର ଲେଖିଅଛନ୍ତି କି ମଧ୍ୟପ୍ରଦେଶର ଅବସ୍ଥାପରି ଯେ ବର୍ଷାକାଳରେ କୌଣସି ସ୍ଥାନର ସଦର ମୁକାମରୁ ମୋଫସଲର ନାନାସ୍ଥାନକୁ ଯିବାଆସିବାର ବାଟ ଅଧିକ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ଅଥଚ ବର୍ଷାକାଳରେ ମଦର ଖର୍ଚ୍ଚ ଅଧିକ ହୁଅଇ । ପୁଣି ମହୁଲଫସଲ ପ୍ରାୟ ପ୍ରତିସ୍ଥାନରେ ହେଉ-ଥିବାରୁ ଲୋକେ ତହିଁରୁ ମଦ ପ୍ରସ୍ତୁତ ନ କରି ସଦର ଭାଟିର ମଦ କିଣିବେ ଏପରି ଆଶା କରାଯାଇ ନ ପାରେ । ସୁତରାଂ ଚିଫକମିଶନରଙ୍କ ମତରେ ଯେପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ସଡ଼କର ଅଭାବ ଦୂରୀଭୂତ ହୋଇ ନାହିଁ ସେପର୍ଯ୍ୟନ୍ତ ଏକା ସଦରଭାଟି ପ୍ରଥାଦ୍ୱାରା ଜିଲ୍ଲାର ପ୍ରୟୋଜନ ପୂର୍ଣ୍ଣ ହେବ ନାହିଁ ଅର୍ଥାତ୍ ଖୋଲାଭାଟି ରଖିବାକୁ ହେବ । ମାତ୍ର ଖୋଲା-ଭାଟିର ଅନିଷ୍ଟ ନିବାରଣ ନିମିତ୍ତରେ କଠିନ ଅନୁଶାସନ ଜାରି ହୋଇଅଛି ଯେ ଯେଉଁ ଖୋଲାଭାଟିର ଆୟ ନିତାନ୍ତ ଊଣା ହେବ ତାହା ଉଠାଇ ଦିଆଯିବ ଏବଂ ଖୋଲାଭାଟିରେ ପ୍ରସ୍ତୁତ ହେଉଥିବା ମଦ୍ୟ ନିରୂପିତ ମୂଲ୍ୟରୁ ଊଣା ଦରରେ ବିକ୍ରୟ ହୋଇପାରିବ ନାହିଁ ।

ମଧ୍ୟପ୍ରଦେଶମାନଙ୍କରେ ଓଡ଼ିଶା ଗଡ଼ଜା-ତପରି ଗଞ୍ଜେଇ ପ୍ରସ୍ତୁତ କରିବା ନିଷେଧ ହୋ-ଇଥିବାରୁ ସେଠାରୁ ମାଲଲେବ ଗଞ୍ଜେଇର ଖର୍ଚ୍ଚ ବୃଦ୍ଧି ହେଉଅଛି ।

---

ମଧ୍ୟପ୍ରଦେଶରେ ଶିଳ୍ପାଦି ବ୍ୟବ-ସାୟ ଶିକ୍ଷାର ଉଦ୍ୟମ ।

ଗତ ବାର୍ଷିକବିଜ୍ଞାପନୀରୁ ଅବଗତ ହେଲୁଁ ଯେ ନାଗପୁରଠାରେ ଇଞ୍ଜିନିୟରିଂ ଓ କୃଷିଶ୍ରେ-ଣୀମାନ ଫିଟିବାରୁ ଗତବର୍ଷ ଆରମ୍ଭରେ ଇଞ୍ଜି-ନିୟରିଂ ଶିଖିବା କାରଣ ତ ୩୦ ଜଣ ଛାତ୍ର ଭରତି ହୋଇଥିଲେ ତହିଁମଧ୍ୟରୁ ନିର୍ବାଚନ ପରୀକ୍ଷାରେ ତ ୧୯ ଜଣ ଉତ୍ତୀର୍ଣ୍ଣ ହେବାରୁ ସେମାନଙ୍କୁ ରଖି ଅବଶିଷ୍ଟ ଲୋକଙ୍କୁ ବିଦାୟ ଦିଆଗଲା । ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ରିପୋର୍ଟ କରିଅଛନ୍ତି କି ଗତ ପରୀକ୍ଷାରେ ଏମାନଙ୍କ ମଧ୍ୟରୁ ଅଧିକାଂଶ ସନ୍ତୋଷଜନକ ଫଳ ଦେଖାଇବାରୁ ୨ୟ-ବାର୍ଷିକ ଶ୍ରେଣୀରେ ଭରତି ହୋଇଅଛନ୍ତି ଏବଂ ପ୍ରଥମବର୍ଷ ସକାଶେ ଆଉ ଗୋଟିଏ ନୂତନଛାତ୍ର ଗୃହୀତ ହୋଇଅଛନ୍ତି । କୃଷିଶ୍ରେଣୀରେ ତ ୨୭ ଜଣ ଛାତ୍ର ଥିଲେ । ଏମାନେ ପ୍ରତ୍ୟେକେ ଖଣ୍ଡିଏ-ଲେଖାଏ ଅବଶ୍ୟ କ୍ଷେତ୍ରରେ ଆପଣାହାତରେ ଏକ? ପ୍ରକାର ପ୍ରଧାନ ଫସଲ ପ୍ରସ୍ତୁତ କରନ୍ତି । ଏପରି ଏମାନେ ଜମି ତିଆରକରିବା କାର୍ଯ୍ୟ ଏବଂ ରସାୟନିକ ପ୍ରଭୃତି ଉପାୟଦ୍ୱାରା ନାନା-ଖାତାପରେ ଭଳି ପ୍ରକାର ମାଟି ପରୀକ୍ଷା କରିବା କାର୍ଯ୍ୟ ଶିଖାଉଛନ୍ତି । ନର୍ମାଲସ୍କୁଲରେ ଏମାନଙ୍କୁ ନକ୍ସା କରିବା କାର୍ଯ୍ୟର ଶିକ୍ଷା ଦିଆଯାଏ । ବନ୍ଦୋବସ୍ତ ଏବଂ କୃଷିମହକୁମା-କମିଶନରଙ୍କଦ୍ୱାରା ହୋଇଥିବା କଠିନ ପରୀକ୍ଷାରେ ତ ୧୭ ଛାତ୍ର ଉତ୍ତୀର୍ଣ୍ଣ ହୋଇ ଏବର୍ଷକୁ ୨ୟ-ଶ୍ରେଣୀରେ ଭରତି ହୋଇଅଛନ୍ତି । ନାଗପୁର ଏବଂ ଜବଲପୁରଠାରେ ସାଇନର ଶ୍ରେଣୀମାନ ଫିଟିବାରୁ ଅନେକ ଛାତ୍ର ଭରତି ହେଉ-ଅଛନ୍ତି ଏବଂ ଚିଫ କମିଶନର ଆଶା କରନ୍ତି କି ଏମାନେ ପାସକରି ବାହାରିଲେ ଗ୍ରାମ୍ୟ ଓକାଲତି ଏବଂ ଅଧସ୍ତନଶ୍ରେଣୀର କର୍ମଚାରୀମ-ଣ୍ଡଳଙ୍କ ଅବସ୍ଥା ଉନ୍ନତ ହେବ । ଏତଦ୍ଭିନ୍ନ କଲ-ଗରେ ପଢ଼ିବାର ସୁବିଧା ନିମନ୍ତେ ଛାତ୍ରବୃତ୍ତି ନିୟମ ସଂଶୋଧିତ ହୋଇ କେବଳ ଆଇନ, ଡାକ୍ତରୀ ଓ ଇଞ୍ଜିନିୟରିଂ କଲେଜ ନିମିତ୍ତ ଗୋ ୮ ଟି ନୂଆ ଛାତ୍ରବୃତ୍ତି ଦିଆ ହୋଇଅଛି । ଶିଳ୍ପାଦି ଶିକ୍ଷାର ସାହାଯ୍ୟ ନିମନ୍ତେ ସମସ୍ତ କଲେଜ, ହାଇସ୍କୁଲ ଓ ଜେଲେଭେ ମଧ୍ୟମଶ୍ରେଣୀର ସ୍କୁଲରେ ନକ୍ସା ଶିକ୍ଷକ ନିଯୁକ୍ତ ହୋଇଅଛନ୍ତି ଏବଂ ନର୍ମାଲ ସ୍କୁଲରୁ ନକ୍ସା ଶିକ୍ଷକମାନେ ଉତ୍ତୀର୍ଣ୍ଣ ହୋଇ ବାହାରିଲେ କ୍ରମାଗତ ପ୍ରାଥମିକ ବିଦ୍ୟା-ଳୟମାନଙ୍କୁ ମଧ୍ୟ ନକ୍ସାଶିକ୍ଷକ ନିଯୁକ୍ତ ଯୋଗା-ଇବାର ବନ୍ଦୋବସ୍ତ ହୋଇଅଛି ।

ମଧ୍ୟପ୍ରଦେଶର ଶିକ୍ଷାବିଭାଗ ସମ୍ପର୍କରେ ଆଉ ଗୋଟିଏ ସୁଖର କଥା ଏହି କି ଅନେକସ୍କୁଲରେ କଡ଼ାଇକାର୍ଯ୍ୟର ଶ୍ରେଣୀ ଫିଟିଅଛି ଏବଂ ସ୍କୁଲ-ସଙ୍ଗରେ ଗୋଟିଏ ଲେଖାଏ ବଗିଚା କରିବା-ପ୍ରତି ଦୃଷ୍ଟି ଦିଆଯାଇଅଛି ଯେ ଛାତ୍ରମାନେ ହାତରେ କାର୍ଯ୍ୟ କରିବେ ଏବଂ ତଦ୍ୱାରା ସେମା-ନଙ୍କର ଆମୋଦଶିକ୍ଷା ହେବ । ଇନସ୍ପେକ୍ଟର ଜେନେରାଲ ଯଥାର୍ଥ କହିଅଛନ୍ତି ଯେ ଏପରି କାର୍ଯ୍ୟ ଛାତ୍ରମାନଙ୍କ ହାତରେ କଲେ କେବଳ ଲେଖାପଢ଼ା ବିଦ୍ୟାଶିକ୍ଷାଦ୍ୱାରା ସେମାନଙ୍କର କାର୍ଯ୍ୟ କରିବାପ୍ରତି ଯେଉଁ ଘୃଣା ଜାତ ହେଉ-ଅଛି ତାହା ଘୁଚିଯିବ ଏବଂ ଛାତ୍ରମାନେ ସ୍କୁଲ

Split by PDF Splitter
Digitized by srujanika@gmail.com

ସ୍ଥିତିର ଉନ୍ନତି ଯେ କୌଣସି ବ୍ୟବସାୟ ଅବଲମ୍ବନ କରନ୍ତି ତାହା ଶିକ୍ଷାଦେବାକୁ ଯୋଗ୍ୟ ହେବେ । ଆମ୍ଭେମାନେ ବଙ୍ଗଦେଶର ଶିକ୍ଷାବିଭାଗକୁ ଏ ବିଷୟ ଉତ୍ତମରୂପେ ବିବେଚନା କରିବାକୁ ଅନୁରୋଧ କରୁଅଛୁଁ । ଭୂମି ଲେଖାପଢ଼ା ଶିଖିବାଦ୍ୱାରା ତାନ୍ତିଶ୍ରେଣୀର ତାନ୍ତିଆ ଓ ବ୍ୟବସାୟିମାନେ ଆପଣା ବ୍ୟବସାୟ ପ୍ରତି ହେଳା ଉପେକ୍ଷାର ସଂଖ୍ୟା ବଢ଼ାଉଅଛନ୍ତି । ଏବଂ ତଦ୍ଦ୍ୱାରା ତାଙ୍କର ଓ ଦେଶର ଅନିଷ୍ଟ କରୁଅଛନ୍ତି ସନ୍ଦେହ ନାହିଁ । ଏବଂ ଏଥିର ପ୍ରତୀକାର ନ ହେଲେ ବହୁତ ସୁଫଳ ଶିକ୍ଷା ହେବ ନାହିଁ ।

---

## ଓଡ଼ିଶାର ବାର୍ଷିକ ବିବରଣ ।

ଗତ ମାର୍ଚ୍ଚମାସରେ ଶେଷହେବା ବର୍ଷବାବତ ଓଡ଼ିଶାର ବାର୍ଷିକ ଶାସନପତ୍ରର ମାନ୍ୟବର କମିଶନର ବାହାଦୁରଙ୍କର ଯେଉଁ ମନ୍ତବ୍ୟ ପ୍ରକାଶିତ ହୋଇଅଛି ତହିଁର ନିମ୍ନଲିଖିତ ସଂକ୍ଷେପ ବୃତ୍ତାନ୍ତ ଲେଖୁଅଛୁଁ, ଯଥା ।

ଋତୁ ଓ ଫସଲ—ଅଳ୍ପବୃଷ୍ଟି, ଅତିବୃଷ୍ଟି, ତୋଫାନ ଏବଂ ଅସାମୟିକ ବୃଷ୍ଟିହେତୁ ଫସଲର ଅବସ୍ଥା ବଡ଼ ଚିନ୍ତାଯୁକ୍ତ ହୋଇଥିଲା ଏବଂ କଟକ ଓ ବାଲେଶ୍ୱରର ସ୍ଥାନେ ସ୍ଥାନେ ଫସଲ ହାନି ହୋଇଥିଲା । ଖୋର୍ଦ୍ଧାରେ ଲକ୍ଷଟଙ୍କାରୁ ଅଧିକ ସାହାଯ୍ୟକାର୍ଯ୍ୟରେ ବ୍ୟୟିତ ହୋଇଥିଲା ଏବଂ ବାଙ୍କୀରେ ମଧ୍ୟ ସାହାଯ୍ୟକାର୍ଯ୍ୟର ପ୍ରୟୋଜନ ହୋଇଥିଲା ।

ସାଧାରଣ ସ୍ୱାସ୍ଥ୍ୟ—ପୂର୍ବବର୍ଷଠାରେ ଏବର୍ଷ ମୃତ୍ୟୁସଂଖ୍ୟା ବିଶେଷ ଊଣାଥିଲା । ଯାତ୍ରିସଂଖ୍ୟା ପୂର୍ବବର୍ଷଠାରୁ ସମାନ ଓ ବିଶେଷ ଯାତ୍ରିର ସମାଗମ ସତ୍ତ୍ୱେ ଓଲାଉଠା ହୋଇଥିଲେ ହେଁ ପୁରୀ ଓ କଟକସହର ଅନ୍ତର୍ଗତ ସ୍ଥାନ ସମୂହରେ ଅଧିକ ସାବଧାନତା ହେତୁ ମୃତ୍ୟୁସଂଖ୍ୟା ଊଣା ହୋଇ ଅଛି । ଏଥିରେ ଲେଫ୍ଟେନାଣ୍ଟ ଗବର୍ଣ୍ଣର ସନ୍ତୁଷ୍ଟ ହୋଇ ପ୍ରତିବର୍ଷ ଏରୂପର ସାବଧାନ ହେବା କାରଣ କମିଶନର ସାହେବଙ୍କୁ ଅନୁରୋଧ କରିଅଛନ୍ତି । ସାନିଟାରି ବାବୁ ଶେଷର ପ୍ରବନ୍ଧ ସାଧାରଣ ଅବସ୍ଥା ସମ୍ବନ୍ଧରେ ସୁସ୍ପଷ୍ଟରୂପେ ଲେଖିଅଛନ୍ତି ଯେ ଜଙ୍ଗଲସବୁ ଅଟକ ହେବା ଏବଂ ପୋଖରୀ ଖୁଦ ସୀମାବଦ୍ଧ ହେବାରୁ ଏମାନଙ୍କର ବଡ଼ କଷ୍ଟ ହୋଇଥିଲା ଆଉ ତହିଁର ପ୍ରତିକାରନିମିତ୍ତ ସେ ତିନୋଟି ପ୍ରସ୍ତାବ କରିଅଛନ୍ତି ଯଥା ।—୧ଜଙ୍ଗଲ ଜମିକୁ ଚିରସ୍ଥାୟୀରୂପେ ସୀମାବଦ୍ଧ କରିବା, ୨—ଭୂମିହୀନ ଲୋକମାନଙ୍କ ସାମାନ୍ୟ ଭୂମିଦେବାପର୍ଯ୍ୟନ୍ତ ଛାଡ଼ିବା ଜମିରେ ସେମାନଙ୍କୁ ଭୂମି ଦେବା ଏବଂ ୩—ଅନ୍ୟସ୍ଥାନକୁ ଲୋକଙ୍କୁ ପଠାଇ ଦେବା । ପ୍ରଥମ ଦୁଇବିଷୟରେ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ ହୋଇଅଛି ଏବଂ ପାଦ୍ରି ସାହେବମାନେ ଲୋକଙ୍କୁ ଅନ୍ୟସ୍ଥାନକୁ ପଠାଇବାର ଚେଷ୍ଟା କରୁଅଛନ୍ତି ।

ବାଣିଜ୍ୟ—କ୍ରମାଗତ ଗତବର୍ଷରୁ ଓଡ଼ିଶାର ବାଣିଜ୍ୟ ଊଣା ହୋଇ ଏବର୍ଷ ବାଣିଜ୍ୟର ମୂଲ୍ୟ ବାଲେଶ୍ୱରରେ ପ୍ରାୟ ଏକକୋଟି ଟଙ୍କା କଟକରେ ୧୦ ଲକ୍ଷ ୮୨ ହଜାର ଏବଂ ପୁରୀରେ ଟ ୭୨୫୧୯ କା ହୋଇଅଛି । ଆମଦାନି ଓ ରପ୍ତାନି ଉଭୟ ବାଣିଜ୍ୟରେ ଊଣା ପଡ଼ିଅଛି । ଲୁଣମୂଲ୍ୟହେତୁ ସାମୁଦ୍ରିକ ରପ୍ତାନି ବାଣିଜ୍ୟ ଊଣା ପଡ଼ିଲା ମାତ୍ର ଅନ୍ତର୍ବାଣିଜ୍ୟ ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗକୁ ବୃଦ୍ଧି ହେବାର କିଛି କାରଣ ଦେଖାଯାଉ ନାହିଁ ଓ ତହିଁର ଆଲୋଚନା ନାହିଁ । ଯାତ୍ରିକାରବାର ବହୁ ବୃଦ୍ଧି ହୋଇଥିଲା ଅର୍ଥାତ୍ ଗତବର୍ଷ ୧୨୭୦୯୦ ସ୍ଥଳରେ ଏବର୍ଷର ଅଙ୍କ ୧୩୦୪୭୬ ହୋଇଅଛି । କମିଶନର ସାହେବ ଲେଖିଅଛନ୍ତି ଯେ ଉତ୍ତରଭାଗକୁ ଦକ୍ଷିଣର ଗଡ଼ଜାତ ଏବଂ ଗଞ୍ଜାମକୁ ଚାଉଳ ରପ୍ତାନି ହେବା ଏବର୍ଷର ନୂଆ ଘଟଣା ଅଟଇ ।

ପୁଲିସ ଓ ଅପରାଧ—ଚମ୍ପକମହାଲ ମାମଲା ହାରା ଅଧୀନ ନ ହେବାରୁ ଓଡ଼ିଶାର ପୁଲିସବଳ ଊଣା ହୋଇଅଛି । ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ପୁଲିସର ପ୍ରବନ୍ଧରେ ମତ ବ୍ୟକ୍ତକରି ଲେଖିଅଛନ୍ତି ଯେ ଏମାନଙ୍କର ଅଧିକାଂଶ ଅଯୋଗ୍ୟ ଅଟନ୍ତି ଏବଂ ଗ୍ରାମ୍ୟପୁଲିସର ଅବସ୍ଥା ମଧ୍ୟ ଅସନ୍ତୋଷଜନକ । ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟହେତୁ ଚୋରୀ ବହୁ ବୃଦ୍ଧି ହୋଇଥିଲା । ଅଭ୍ୟାସୀ ଚୋରଙ୍କର ଦଳନାରେ ଏ ଦଣ୍ଡର ଅପରାଧ ଊଣା ଏବଂ ପୁଲିସର ଯୋଗ୍ୟତା ମଧ୍ୟ ଊଣା ଅଟଇ । ଏ ବିଷୟ ପୁଲିସର ଇନସ୍ପେକ୍ଟର ଜେନେରଲଙ୍କ ଗୋଚରରେ ଆଣିବାକୁ ହେବ ।

ରାଜସ୍ୱ—ଭୂମିରାଜସ୍ୱ ୧୬ ଲକ୍ଷ ୬୦ ହଜାର ଟଙ୍କା ଆଦାୟ ହୋଇଥିଲା ଅର୍ଥାତ୍ ଗତବର୍ଷରୁ ପ୍ରାୟ ଏକଲକ୍ଷଟଙ୍କା ଊଣା ପଡ଼ିଅଛି । ଖୋର୍ଦ୍ଧାରେ ଅନାବୃଷ୍ଟି ପଡ଼ିବା ଏଥିର କାରଣ ଅଟଇ । ପଥ ଓ ପ୍ରଦେଶୀୟକର ମଧ୍ୟ ସନ୍ତୋଷଜନକରୂପେ ଆଦାୟ ହୋଇ ନାହିଁ । ଓଡ଼ିଶାର ଜମିଦାରମାନେ ବିଳମ୍ବ କରୁଅଛନ୍ତି ମାତ୍ର ସର୍ଟିଫିକେଟଦ୍ୱାରା କୌଣସି କାର୍ଯ୍ୟ ହୋଇ ନାହିଁ । ଷ୍ଟାମ୍ପବିକ୍ରିରେ ୨୮ ହଜାର ଟଙ୍କା ଏବଂ ଅବକାରୀରେ ପ୍ରାୟ ୮ ହଜାର ଟଙ୍କା ଊଣା ପଡ଼ିଅଛି । ଇନ୍‌କମ ଟିକସ ଓ ଜଙ୍ଗଲଶୁଳ୍କ ମଧ୍ୟ ଊଣା ପଡ଼ିଅଛି । ଶଲ୍ଟଲର ମାସୁଲ ବୃଦ୍ଧି ହେବାରୁ ତହିଁର ଖଟ ଊଣା ଓ ରାଜସ୍ୱ ବୃଦ୍ଧି ହୋଇଅଛି ଏହିକ ସୁଖର ବିଷୟ ଅଟଇ ।

ଶିକ୍ଷା—କଟକରେ ବୃଦ୍ଧି କିନ୍ତୁ ପୁରୀ ଓ ବାଲେଶ୍ୱରରେ ଊଣା ହୋଇଅଛି । ଅନ୍ୟାନ୍ୟ ସ୍ଥାନଅପେକ୍ଷା ଏ ବିଭାଗରେ ଶତକରା ଛାତ୍ରସଂଖ୍ୟା ଅଧିକ ଅଟଇ । କଟକ ଶିକ୍ଷାସମ୍ପର୍କରେ ୧୯ ଗୋଟି ସ୍କୁଲ ଏବଂ ୪୨୫ ଛାତ୍ରବୃଦ୍ଧି ହୋଇଅଛି । ମୁସଲମାନ ଛାତ୍ରସଂଖ୍ୟା ମଧ୍ୟ ବୃଦ୍ଧି ହୋଇଅଛି ଏବଂ କଥିତ ହୁଅଇ ଯେ ମୁସଲମାନ ଛାତ୍ରମାନେ ହିନ୍ଦୁଙ୍କଠାରୁ ବିଦ୍ୟାରେ ଊଣା ନୁହନ୍ତି ।

ପୁରୀମନ୍ଦିର—ମହାରାଣୀ ଯେଉଁ ନୂତନ ମାନେଜର ନିଯୁକ୍ତ କରିଅଛନ୍ତି ସେ ଆପଣା କାର୍ଯ୍ୟର ଗୌରବ କରୁଅଛନ୍ତି ଏବଂ ଭରସା ହୁଅଇ ତାହାଙ୍କଦ୍ୱାରା ମନ୍ଦିରର କାର୍ଯ୍ୟ ଉତ୍ତମରୂପେ ଚଳିବ । ପୁରୀର ରାଜାଙ୍କ ବୟସ ୧୩ ବର୍ଷ ମାତ୍ର ଏପର୍ଯ୍ୟନ୍ତ ସେ ଆପଣା ସ୍ୱତନ୍ତ୍ର ହାତରେ ନିତାନ୍ତ ଅଶକ୍ତାବସ୍ଥାରେ ରହିଅଛନ୍ତି ।

କମିଟୀ ଏବଂ ଜମିଦାର—କଟକର ମିଉନିସିପାଲ କମିଟୀରେ ସଭ୍ୟମାନେ ଉତ୍ତମରୂପେ ଉପସ୍ଥିତ ହୋଇଥିଲେ ମାତ୍ର ଡିଷ୍ଟ୍ରିକ୍ଟ ବୋର୍ଡର ୭ ଅଧିବେଶନ ମଧ୍ୟରୁ ନିର୍ଦ୍ଦିଷ୍ଟସଂଖ୍ୟକ ସଭ୍ୟଙ୍କ ଅନୁପସ୍ଥିତି ହେତୁ ୩ ଅଧିବେଶନ ସ୍ଥଗିତ ରହିଥିଲା । ପୁରୀ ବାଲେଶ୍ୱରର କମିଟୀ ତଦ୍ଦ୍ୱାରା ନିଜନିଜ କାର୍ଯ୍ୟ କରିଥିଲେ ମାତ୍ର ପୁରୀ ମିଉନିସିପାଲ କମିଟୀ ତହିଁର ସରକାରୀ ଚେୟାରମାନଙ୍କ ଜଣେ ଡେପୁଟୀ କଲେକ୍ଟର ବଦଳ ହେବାପର୍ଯ୍ୟନ୍ତ ଭଲ କାର୍ଯ୍ୟ କରିଥିଲେ । ଜମିଦାରଙ୍କ ମଧ୍ୟରେ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ଏବଂ କଟକର ରାଜା ବୈକୁଣ୍ଠନାଥ ପଣ୍ଡିତ ସବାଭାଷା ଏବଂ ସଦ୍‌ଗୁଣାନ୍ୱିତ ବିଶେଷରୂପେ ଉଲ୍ଲିଖିତ ହୋଇଅଛନ୍ତି ଏବଂ ବାଲେଶ୍ୱରର ବାବୁ ଗୋବିନ୍ଦଚନ୍ଦ୍ର ୧୫

Split by PDF Splitter



ମହାଶୟ ଓ ବାବୁ ତ୍ରୈଲୋକ୍ୟନାଥ ଗୁପ୍ତ ମହାଶୟ କେବଳ ଧନୀ ନ ହେଲେହେଁ ଆଦର୍ଶ ଜମିଦାର ବୋଲି କଥିତ ହୋଇଅଛନ୍ତି । ଏମାନେ ଆପଣା ପ୍ରଜାଙ୍କମଧ୍ୟରେ ନିର୍ଦ୍ଦ୍ୱନ୍ଦ୍ୱରେ ବାସ କରି ସେମାନଙ୍କ ପ୍ରତି ନ୍ୟାଯ୍ୟ ବ୍ୟବହାର କରନ୍ତି ମୂଳରୁ ସାହାଯ୍ୟ କରନ୍ତି ଏବଂ ରାଜଭକ୍ତିର ଉତ୍ତମ ଉଦାହରଣ ଦେଖାଉଅଛନ୍ତି । ପୂର୍ବରେ ସପାଦଦ୍ୱିର ସ୍ଥଳ ଗତବର୍ଷର ଅନାବୃଷ୍ଟି ସମୟରେ ଧାନ ମହାଜନମାନଙ୍କ ଉଚିତମୂଲ୍ୟରେ ପ୍ରଜାଙ୍କୁ ଧାନ କରଜ୍ କରିବା ବିଷୟରେ ପ୍ରବର୍ତ୍ତାଇ ଉପକାର କରିଥିଲେ । କମିଶ୍ନରସାହେବ ଲେଖିଅଛନ୍ତି ଯେ ଜମିଦାରମାନେ ଆପଣା ଏପ୍ରକାରେ ପ୍ରଜାଙ୍କୁ ବିଦନ ଯୋଗାଇବା ଏବଂ ଦୁର୍ଭିକ୍ଷସମୟରେ ନିର୍ବାହ କରିବା ନିମିତ୍ତ ଅଧିକ ଧାନ ଭଣ୍ଡାରରେ ଜମା ରଖନ୍ତି ନାହିଁ । ଯେଉଁ ଦେଶର ବାଣିଜ୍ୟ ଏକମାତ୍ର ଧାନ୍ୟ ଉପରେ ସେଠାରେ ଏପଥରେ କୌଣସି ନ୍ୟାଯ୍ୟ ଅବଲମ୍ବିତ ହୋଇ ନ ଥିବାରୁ ଲେଫ୍ଟେନାଣ୍ଟ ଗବର୍ଣ୍ଣର ଆଶ୍ଚର୍ଯ୍ୟ ହୋଇଅଛନ୍ତି ।

---

ସାଲବର୍ଦ୍ଧ କୋରଡ ଓ ଜଣାଣମାଳିକା— ଏହାର ରଚୟିତ୍ରୀ ଶ୍ରୀମତୀ ସୁଲକ୍ଷଣାଦେବୀ ତେଙ୍କାନାଳ ଦୂର୍ଗ ଦକ୍ଷାଂଶ ବରଣଗୃହ ସଂଲଗ୍ନ ଭୂପତିଙ୍କ ଯୁବରାଜ ୬/ଶ୍ରୀଲବଙ୍କ ମହାନ୍ ବାହାଦୁରଙ୍କ ଲସ କରି ସାଲବର୍ଦ୍ଧ ହୋଇ ରଚିତ ହୋଇଅଛି ଅଭ ଆପଣାର ଦେବଭକ୍ତି ପରିଚୟରେ କେତେକ ଜଣାଣ ରଚନା କରିଯାଇ ଅଛି । ରଚନାସବୁ ସରଳ ସ୍ୱାଭାବିକ ଏବଂ ହୃଦୟଗ୍ରାହୀ ହୋଇଅଛି, ଅଭ ମଧ୍ୟ ଅତିଶ୍ରେଷ୍ଠ ନ ହେଲେ ହେଁ ଏକ ସ୍ତ୍ରୀବ୍ୟକ୍ତି ଏପରି ରଚନା କରିଥିବାରୁ ଅବଶ୍ୟ ଅଧିକ ପ୍ରଶଂସା କରିବାକୁ ହେବ । ଏଦେଶରେ ସ୍ତ୍ରୀମାନଙ୍କୁ ବାଲ୍ୟାବସ୍ଥାରେ ଶିକ୍ଷା ଦେବାର ଅଧିକ ପରିମାଣରେ ଯତ୍ନ ହେଉଥିଲେ ବୋଧ ହୁଏ ସ୍ତ୍ରୀମାନଙ୍କର ଉତ୍ତମ ରଚନାସବୁ ଦେଖି ଥାନ୍ତୁ । ସର୍ବସାଧାରଣରେ ଏହି ପ୍ରାର୍ଥନା ଯେ ଭକ୍ତିବୋଲି ପ୍ରତ୍ୟେକ ପଲ୍ଲି ସ୍ତ୍ରୀଲୋକମାନଙ୍କୁ ପୁସ୍ତିକା କରିବା ବିଷୟରେ ସମସ୍ତେ ମନୋଯୋଗୀ ହେବେ । ଇତି ।

# ସାପ୍ତାହିକସମ୍ବାଦ ।

ଏ ସପ୍ତାହରେ ଅଦ୍ୟୋ ବୃଷ୍ଟି ନାହିଁ । ସ୍ତ୍ରୀମାନଙ୍କ ପ୍ରତିଭ ଏବ ଭଗ୍ନଅନୁଯାୟୀ ଦେବାକୁ ଯେତେ ଆନନ୍ଦ ଅଛନ୍ତି କୌଣସି ସେପର ଆବଶ୍ୟକ ନାହିଁ ।

ଅସ୍ମାନଙ୍କର ଏକଷ୍ଟ୍ରା ଏଲେକ୍ଟ୍ରର ସାହେବ ମୋଫସଲ ଗସ୍ତ କରିବାରେ ବଡ ଉତ୍ସୁକ । କେତେକଦିନ ତଳେ ବାଙ୍କୀ ଯାଇଥିଲେ ସେଠା ଅଲକ୍ଷ୍ମୀର ସାହାଯ୍ୟ କାର୍ଯ୍ୟ ଇତ୍ୟାଦି ଦେଖି ଏ ମାସ ତା ୫ ଋଣରେ ଫେରି ଆସି ପୁଣି ଏ ମାସ ତା ୯ ଋଣରେ କେନ୍ଦ୍ରାପଡା ଗଲେ ସେଠାରେ ଛନ୍ଦିକ ରହି କଟେସ ଇତ୍ୟାଦି ଦେଖି ଗତକାଲି ପ୍ରତ୍ୟାଗମନ କରିବାର କଥା ଥିଲା ।

ଅସ୍ମାନଙ୍କ ମାଜିଷ୍ଟ୍ରେଟ ମାକ୍ଫର୍ସନ ସାହେବ ଯେଉଁ ଦଣ୍ଡ ଖାସ୍ତଲେଖକଙ୍କୁ ବିଶ୍ୱାସଘାତକତା ଅପରାଧରେ ଏକମାସ କଏଦ କରିଥିଲେ । ତାହା କେଶଉନ ଥିବାରୁ ଜଜ ସାହେବଙ୍କ ଅନୁମୋଦନରେ ହାଇକୋର୍ଟ ତାହାକୁ ଖଲାସ ଦେଇଅଛନ୍ତି ।

ଏବର୍ଷ ଏଠାରେ ଜଣେ ମାତ୍ର କାନୁନଗୋଇ ପରୀକ୍ଷା ଦେଇଥିଲେ ଉତ୍ତୀର୍ଣ୍ଣ ହୋଇଅଛି ବୋଲି ଶୁଣାଯାଏ । ତାହାର ନାମ ଚନ୍ଦ୍ରଶେଖର ମହାନ୍ତି । ଗତ ଅନେକବର୍ଷରେ ବର୍ଷକରେ ଜଣେ ନାମ ଲେଖାଏଁ ଛାତ୍ରଗଣ ମାତ୍ର ପାସ କରୁଛନ୍ତି । ଏହା ପ୍ରଶଂସାର ନୁହେ । ଏ ବର୍ଷର ରେଭେନ୍ୟୁ ଏକେଣ୍ଟ ପରୀକ୍ଷାର ଫଳ ମଧ୍ୟ ଏହିପରି ଅସନ୍ତୋଷଜନକ ଅଟେ । ଅନେକ ଗୁଡିଏ ପରୀକ୍ଷା ଦେଇଥିବା ପ୍ରତ୍ୟେକେ କେବଳ ଜଣେ ପାସ କରିବାର ଶୁଣା ଦେଖାଯାଏ ।

ପୁରୀର ପୁଲିସ ସୁପରିଣ୍ଟେଣ୍ଡେଣ୍ଟର ବାବୁ କଳମାଳୀ ମହାପାତ୍ର ହାଇକୋର୍ଟରେ ଅପିଲ କରି ଖଲାସ ହୋଇଅଛନ୍ତି ।

ଗତ ମଙ୍ଗଳବାର ଭକ୍ତିକ ସଭାର ଅଧିବେଶନରେ ଅସାମ ପ୍ରଦେଶୀୟ ସମିତି ଏବଂ ଜାତୀୟ ସମ୍ମିଳନ ଦ୍ୱାରା ପ୍ରେରିତ ନିଯୁକ୍ତ ହୋଇଅଛନ୍ତି । ପ୍ରତ୍ୟେକଙ୍କ ନାମ ଆଗାମୀ ସପ୍ତାହରେ ପ୍ରକାଶିତ ହେବ ।

## କଲିକତା-ଗେଜେଟ୍ ।

ମୃତ ଶ୍ରୀଯୁକ୍ତ ଉମାକାନ୍ତ ଭଡପାଣ୍ଡଙ୍କ ପଦବର୍ଗରେ ଅଧିକାର ଲକ୍ଷ୍ମଣଦାସ ରାଜପୁର ଗାଙ୍ଗପୋର୍ଡର ସଭାପତିରେ ନିଯୁକ୍ତ ହୋଇଅଛନ୍ତି ।

କାଲେକ୍ଟରଙ୍କ ସ୍କୁଲର ୨ୟ ଶିକ୍ଷକ ବାବୁ ଯଦୁନାଥପ୍ରସାଦ ପାଇନ ତୃତୀୟମାସର ଛୁଟିଗ୍ରହଣ କରିଅଛନ୍ତି ।

ଓଡ଼ିଶାବିଭାଗର କମିଶ୍ନରଙ୍କ ପର୍ସୋନାଲ ଆସିଷ୍ଟାଣ୍ଟ ବାବୁ ପୂର୍ଣ୍ଣଚନ୍ଦ୍ର ବସୁ ପୁଣି ତିନିମାସର ଛୁଟିଗ୍ରହଣ କରିଛନ୍ତି ।

---

ଗତ ଅଗଷ୍ଟ ତା ୨୬ରିଖ ମଙ୍ଗଳବାର ସନ୍ଧ୍ୟା ସମୟରେ ଜୟପୁର ଷ୍ଟେସନରାଜାଧିରାଜ ଶ୍ରୀ ଜୟପୁର ଶ୍ରୀ ଶ୍ରୀ ଶ୍ରୀ ସମଚନ୍ଦ୍ର ଦେବ ମହାରାଜା ସ୍ୱର୍ଗଗାମୀ ହେବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ।

ସମ୍ବଲପୁରର ଟେଲିଗ୍ରାଫ୍‌ର ଏକ ହଲଦର ନେତ୍ର ସାଚ କରୁ ୨ ଜଣ ମରଣିବାକୁ ଗୋଚନା ଲଗିଅଛି । ସ. ପୁ. ଉକ୍ତ ସହର ଚଳଷ୍ଟରେ ନଷ ବୃଦ୍ଧି ହେବୁ ଏବଂ ଘ ୫ ଟୋବା ବୃଷ୍ଟିର ଏବଂ ତହିଁରେ ଥିବା ୩୪ ଜଣ ଅଭେଦ୍ୟ ମଧ୍ୟରୁ ନ ୯ ଣ ବୁଡ଼ିମଲେ । ସ. ପୁ.

ବାଣିଜ୍ୟ ସମ୍ପର୍କରେ ଅସ୍ମାନଙ୍କ ଉଦ୍ଦେଶ୍ୟେଣ ଯେଉଁ ବାର୍ତ୍ତା ରଖିଅଛନ୍ତି ତାହା ପାଠକମାନଙ୍କୁ ଜଣାଉଛୁ । ବ୍ରିଟିଶ ସମ୍ବାଦପତ୍ରମାନେ କହନ୍ତି ଯେ ଇଂଲଣ୍ଡ ଆପଣା କାର୍ଯ୍ୟଦ୍ୱାରା ଏକପ୍ରକାର କାବୁଲଷ୍ଟାନକୁ ସ୍ୱାଧୀନରେ ମିଶାଇଦେଇ-ଛନ୍ତି ଅଫଗାନିସ୍ଥାନ ଓ ଭାରତର ସୀମାପ୍ରଦେଶର ରୁଷୀୟ ମାନଙ୍କ ଅପଗାନିସ୍ଥାନ ଓ ଭାରତର ସୀମାପ୍ରଦେଶ ରକ୍ଷା କରିବାକୁ ବ୍ରିଟିଶ ବାଧ୍ୟ ହୋଇଅଛି —ଏବେକ ସ୍ୱତନ୍ତ୍ରତା ନ ରହିଲେ ରକ୍ଷା ।

କ୍ରିଷ୍ଟପ୍ରଦେଶରୁ ବଂଶସ୍ତମ୍ଭ ଜର୍ଜିଆନା ଯାଉଥିବାର ସମ୍ବାଦ ମିଳଇ ।—ଏପ୍ରକାରେ ବହୁ ବଂଶ ଲଗା ପଡ଼ ନାହିଁ ।

କେମ୍ବ୍ରିଜ୍‌ପ୍ରଣାଳୀ ଯେଉ ଇଂଲଣ୍ଡ ଅଭ ଆମେରିକା ମଧ୍ୟରେ ବିବାଦ ଉତ୍ପନ୍ନ ହେଉଥିବାର ଦେଖାଯାଏ । ଇଙ୍ଗଲଣ୍ଡ ବିଗତ ଏକ ଜାହାଜ ଅନେକ ଆପତ୍ତି ଅଟକ ହୋଇଥିଲା କର୍ତ୍ତମାନ ଆଉ ଏକଖୋଟ ଜାହାଜ ଓ ତହିଁର ମାଲମାନ ଅଟକ ହୋଇଥିବାର ସମ୍ବାଦ ମିଳଇ ।

ଅଦ୍ୟ ତା ୧୩ ଋଣରେ କଲିକତା ଠାରେ ଏକ ନୂତନ ଅଗ୍ନିକପ୍ରଦର୍ଶନ ହେବାର ଦିନ ଧାର୍ଯ୍ୟ ହୋଇଅଛି । ଇତିପୂର୍ବେ ଷ୍ଟେନ୍‌ସନସାହେବ ବ୍ୟୋମଯାନଯୋଗେ ଆକାଶମାର୍ଗରେ ଉତ୍ଥିତ ହୋଇ ଛତ୍ରିଯୋଗେ ଅବତରଣ କରିଥିଲେ । ବର୍ତ୍ତମାନ କଲିକତାର ଏକବଙ୍ଗାଳୀ ଏକଘୋଡାକୁ ବ୍ୟୋମଯାନଯୋଗେ ଆକାଶମାର୍ଗକୁ ଉଠାଇ ଛତ୍ରିଯୋଗେ ଅବତରଣ କରାଇବାର ପ୍ରଦର୍ଶନ ଦେଖାଇବେ ।—ଫଳ ଓ ହେବ ଶୀଘ୍ର ଜଣାପଡ଼ିବ ।

ସୁଦାନର ଦରବେଶମାନେ ଧଂସକାରୀ ପରାଜିତ ହୋଇ ନିରସ୍ତ ହୋଇ ନାହାନ୍ତି । ସେମାନେ ଘରମଧ୍ୟରେ ପୁଣି ଦଳ ସଜାଇ ଇଂରେଜଙ୍କ ମିତ୍ରଜାତିମାନଙ୍କର ଏକଦଳ ସେନାକୁ ପ୍ରବଳେ ପରାଜୟ କରିଅଛନ୍ତି । ବାଣିଜ୍ୟ ବ୍ୟାପାର ଏକପ୍ରକାର ବନ୍ଦ ହୋଇଅଛି ଏବଂ କି ଗୁଣରେ ଚଳନ୍ତି ତେଣୁ ଦରବେଶମାନେ ମାତିଉଠିଅଛନ୍ତି ଧନ୍ୟ ମାଧବ ଜଗନ୍ନାଥ ।

କଲିକତାରେ ଏକ ପ୍ରଧାନଡାକ୍ତର ସର୍ଜନଜେନେରଲ କେ, ପି, ଗୁପ୍ତଙ୍କ ଭାର୍ଯ୍ୟା ଦୃଷ୍ଟିହୀନ ହୋଇ ବ୍ୟାକୁଳ ହେଲେ ମନ ବହୁଳ ହୋଇଯାଇଥିଲେ ଏବଂ ଅନେକଦିନ ହେଲା ଅବସାଦଗ୍ରସ୍ତ ହେବାର ମଉଳିବା କରିଥିବାରୁ ତାଙ୍କୁ ସଦାସର୍ବଦା ଲୋକେ ଜଗିଥିଲେହେଁ ସେ ଅବସ୍ଥାରେ ଘରରେ, ଏକଦିନ ମାତ୍ର ସମୟ ପାଇ ୧୫ଇଞ୍ଚଟେଲରେ ଶାଢ଼ୀ ବାନ୍ଧି ଓହ୍ଲାଇପଡ଼ି ଅପଘାତ ମୃତ୍ୟୁ ହୋଇଥିବାର ସମ୍ବାଦ ମିଳଇ ।

ବମ୍ବେରେ ମଜୁରିଆମାନେ ଧର୍ମଘଟ କରିଥିବାର ପାଠକମାନଙ୍କୁ ଜଣାଅଛି । ଏ ଧର୍ମଘଟ ଅତି ପ୍ରକାଣ୍ଡରୂପ ଧାରଣ କରିଥିଲା । କାହାକୁହେଲେ ତର୍କ ଏବଂ ମୂଲ୍ୟବୃଦ୍ଧିର କର୍ତ୍ତୃପକ୍ଷ ଏ ମେଳରେ ଯୋଗ ଦେଇଥିଲେ ଏମନ୍ତ କି ଏମାନଙ୍କର ଏକ୧ ସଭାରେ ଲକ୍ଷାଧିକ ଲୋକ ସମବେତ ହେଉଥିଲେ । ବର୍ତ୍ତମାନ ଏ ମେଳ ଭଙ୍ଗି ମଜୁରିଆମାନେ କର୍ମ କରିବାକୁ ଯାଉଥିବାର ସମ୍ବାଦ ମିଳଇ । ସମସ୍ତେ ମଜୁରିଭଡ଼ା କେତେ ବଢ଼ ହେଉଅଛନ୍ତି ।

## ଢେଙ୍କାନାଳ-ସମ୍ବାଦ ।

ଗଡଜାତର ପିଲମାନେ ଉପରକୁ ମାଇନରକୁ ପଢ଼ିବାକୁ ଯିବା ଅସୁବିଧା ଥିବାରୁ ଆପଣାଆପଣ ମଧ୍ୟରେ ଚାନ୍ଦା ତୋଳି ଏକ ମାଇନର ସ୍କୁଲ ଖୋଲିବା ପାଇଁ ଉଦ୍ୟୋଗ ହୋଇଥିଲା । ପୂର୍ବର ଉଦ୍ଧାର କାର୍ଯ୍ୟ ନବିମାଙ୍କ ପ୍ରଭୁ ହୋଇଥିଲା, ପ୍ରତିଷ୍ଠାନ ପୂର୍ବଟ ଅନୁ ଚୋଷଣ ଏବଂ ଫଳରେ ଲୁପ୍ତ ହୋଇ ଗ୍ରାହକଙ୍କରେ, ସ୍କୁଲପିଲାମାନଙ୍କର ବୃଦ୍ଧିଲାଭ ଜନ୍ମାଇବାରେ ପୂର୍ଣ୍ଣ ହୋଇଥିଲା । ଏହି ମହତ୍କାର୍ଯ୍ୟ ନିମନ୍ତେ ଆମ୍ଭେମାନେ ମହିମାଙ୍କୁ କୋଟିଏ ଧନ୍ୟବାଦ ଦେଉଅଛୁଁ । ତାଙ୍କର ଶର୍ତ୍ତ ଅନୁସାରେ ନ ଥିଲେ ସ୍କୁଲର ସମସ୍ତ ବ୍ୟୟଭାର ସେ ବହନ କରୁଥାନ୍ତି । ବର୍ତ୍ତମାନ ଏହି ସ୍କୁଲରେ ଛ ୭୨ ଜଣ ଛାତ୍ର ଉପସ୍ଥିତ ହୋଇଅଛନ୍ତି । ଆମ୍ଭେ ବଣ୍ଡିପରୀମାନଙ୍କୁ ବିନୀତ ପ୍ରାର୍ଥନା ଯେ ଏହି ସ୍କୁଲଟିକୁ ଦେଖିବେ ଉପକାର ହୋଇ ପାରେ ତ ନା ତାହା କରିବା ଏହାର ଚିରସ୍ଥାୟୀ ହେବା ନିମନ୍ତେ ସତ୍ୱ କରି ସାଧାରଣଙ୍କର ପ୍ରଶଂସାଭାଜନ ହେଉନ୍ତୁ ।

Digitized by srujanika@gmail.com

Split by PDF Splitter
326



ଏ ସ୍ଥଳରେ ଇନ୍ଦ୍ରଦେବତାଙ୍କ ଅମୃତବୃଷ୍ଟି ପଡ଼ିଥିବାରୁ ଧାନକ୍ଷେତ୍ର ଏପର୍ଯ୍ୟନ୍ତ ସନ୍ତୋଷଜନକ ହୋଇ ଅଛିଅଛି। ଜଳବୃଷ୍ଟି ଯୋଗେ ସବୁ ନୂଆଅଞ୍ଚଳର ଗାଁପଦାର ବୁଢ଼ା-ପଣରେ ଲୋକବାଟ ହୋଇଅଛି, ତହିଁରେ ପଡ଼ୁ ପଡ଼ିଯାଉ-ଥିବା ଯୋଗେ ଉଭୟଙ୍କରେ ଭରପଥରବାସ ଅଚପୂରଣ ହେବାର ଆଶାଅଛି। ଅତ୍ୟଧିକ ବର୍ଷା ହେତୁ କୌଣସି ଜାଗାରେ ହୈଞ୍ଜା ଅଳ୍ପ ସ୍ୱଳ୍ପ ଆମରେ ଏକପ୍ରକାର ଯୋଗ ଅଛି ଧାନଗଛ ନଷ୍ଟ କରୁଥିବାର ଶୁଣାଯାଏ।

ଗଜଙ୍କୁ ଅନେକ ଦିନ ହେଲା ଗୋଟାଏ ବଡ଼ ମହା-କାଳସାପ ମାରି ଗୁଳିଛି କରି ସୁଲଅଙ୍କେ ପଶୁଙ୍କୁ ମନୁଷ୍ୟ ହାତରେ ପଡ଼ିଲେ ମନୁଷ୍ୟଙ୍କୁ ମଧ୍ୟ ଅଧାର କରୁ-ଅଛି। କିନ୍ତୁ ଅସ୍ମାନଙ୍କର ମେଜେଜର ମହାଶୟ ବହୁସହ ଏବଂ ଉଗାପ୍ରହାର ଶେଷରେ ଏହାକୁ ବଧ କରିଅଛନ୍ତି। ଏହାର ଲମ୍ବ ସାଢେ ୭ଫୁଟ ଅଟେ। ବାବୁ ମହାଶ-ୟଙ୍କର ଏହାକୁ ନେଇ ଦୋଡ଼ିଏ ଗୋଟା ହେଲ। ଏଅ-ନ୍ୟରୁ ସେ ୧୮ ଟି କେଉଁଅ ଓ ବୁଢ଼ଗୋଟି ମରାଗଲ ହେଲ। ବାବୁ ମହାଶୟଙ୍କର ଏପ୍ରକାର ସାହସ ଏବଂ ଧୈର୍ଯ୍ୟାବଲମ୍ବନ କାର୍ଯ୍ୟକୁ ଅମ୍ଭେମାନେ ପ୍ରଶଂସାର ସହିତ କୋଟି ୨ ଧନ୍ୟବାଦ ଦେଉଅଛୁଁ।

ଅଦ୍ୟ ଅମ୍ଭେ ଆନନ୍ଦର ସହିତ ଶୁଣିଲୁଁ ଯେ ଏ ବନ୍ଦରେ ଯେଉଁ ଲଟବନ ପ୍ରଥା ଅନୁସାରେ ପ୍ରତିବର୍ଷ ଗଣନା ଓ ଲିଲାମ ହେଉଅଛି କେବଳ ଗତ ବର୍ଷ ଇନିଷ୍ଟପେକ୍ଟର ଶ୍ରୀଯୁକ୍ତ ଭାବରେ କରିବାର ଅତେଣ ଦେବାରୁ ଲୋକମାନେ ପ୍ରଶଂସାର ସହିତ ଧନ୍ୟବାଦ ଦେଉଅଛନ୍ତି।

ପୂର୍ବେ ଏପରି ବନ୍ଦୋବସ୍ତ ଥିଲା ଯେ ଖାସବାମୁଣ୍ଡା ଲୋକ କେବେଁ ଲଭ ଭୁଞ୍ଜି ନାହିଁ। କିନ୍ତୁ ଅସ୍ମାନଙ୍କର ସୁଖ-ଶ୍ରୁତ ଭାବର ବାବୁ ଶ୍ୟାମାଚରଣ ଘୋଷ ଅନ୍ତରେ ସହ ଓ ପରିଶ୍ରମ ସହିତ ଉକ୍ତ ଗୋଟି ଜଣ ବାସବାମୁଣ୍ଡା ଲୋକ ଲଭ କରି ସେ ଭ୍ରମ ଦୂର କରିଅଛନ୍ତି। ଏତତ୍ପର ସର୍ବ ବୁଝି ପୀଡ଼ିତ ଲୋକଙ୍କର ଉନ୍ନତି କରିବାରେ ମଧ୍ୟ ତ୍ରୁଟି ଦେଉ ନାହାନ୍ତି।

ଗତ ସପ୍ତାହରେ ସମ୍ବଲପୁରର ସମ୍ବାଦପତ୍ରରୁ ଅବର୍ଗତ-ସହିତ ଅବଗତ ହେଲୁଁ ଯେ ବାଳୀ ଲକ୍ଷ୍ମୀର ଏକଟିଙ୍ଗ କଲସ ଜାଣିରୁ ବଗୁଚାଥ ପାନାପ୍ରିୟ ଗଡ଼କରୁ ୫୦ ଣ କଲସ ଲେଖା ଅପେକ୍ଷ୍ୟ କରିଅଛନ୍ତି। ଏଥି ନିମିତ୍ତ ଜଣେ କେହି ଅଜାଣିକ ପତ୍ରପ୍ରେରକ ତାହାଙ୍କୁ ପ୍ରଶଂସାର ସହିତ ବହୁତ ଧନ୍ୟବାଦ ଦେଉଅଛନ୍ତି। ଏଥିରୁ ବୋଧ ହୁଏ ପତ୍ରପ୍ରେରକ ମହାଶୟ କଲସକର ଜାତିକୁ କହନ୍ତୁ ଅଛୋ ତହିଁ ନାହାନ୍ତି।

ଅନ୍ୟାନ୍ୟ ବର୍ଷ ଅପେକ୍ଷା ଏବର୍ଷ ଏଠା ମୁସଲମାନମାନ-ଙ୍କର ମହରମ ଯାତ୍ରା ଉତ୍କୃଷ୍ଟ ହୋଇଥିଲା। ମଧ୍ୟ ଅନେକ ତକନ ତମାସା ବାହାର ଥିଲା। ତହିଁ ମଧ୍ୟରେ ଲୋକ, ବଗ୍ଘର, ବାଘ ଏବଂ ସାହେବ ତମାସା ସନ୍ତୋଷ ଅଟେ। ଆଶା କରୁଁ ଏମାନେ ଆଶା କର୍ତ୍ତିତ କର ଯାତ୍ରାର ଅଙ୍ଗ ବୃଦ୍ଧି କରିବେ।

## ପତ୍ରପ୍ରେରକଙ୍କ ପ୍ରତି।

ହରି କଥା—ଏ ବିଷୟରେ ଯଥେଷ୍ଟ ହୋଇଅଛି। ବୃଥାବାଦାନୁବାଦର ପ୍ରୟୋଜନ ନାହିଁ।

ସ୍ଥାନାଭାବ ହେତୁରୁ ଅନ୍ୟାନ୍ୟ କେତେକ ପତ୍ର ଏ ସପ୍ତାହରେ ସ୍ଥଗିତରେ ରହିଅଛି।

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ।

ବସ୍ତଲକୋଣ୍ଡା ତାଲୁକ ବୋର୍ଡ଼ର ମେମ୍ବର ବାବୁ ପୀଳବନ୍ଧୁ ପଟ୍ଟନାୟକ ବାହାଦୁର ପରଲୋକ ଗମନ କରିବାରୁ ତାହାଙ୍କ ସ୍ଥାନରେ ଜଣେ ତେଲଙ୍ଗା ବ୍ୟକ୍ତିକ ନିଯୁକ୍ତ କରିବା କାରଣ ଉକ୍ତ ବୋର୍ଡ଼ର ପ୍ରେସିଡେଣ୍ଟ କଲେକ୍ଟର ସାହେବଙ୍କୁ ଅନୁରୋଧ କରିଅଛନ୍ତି। ଅମ୍ଭେ ପଚାରୁଁ ବସ୍ତଲକୋଣ୍ଡାରେ କୌଣସି ଉପଯୁକ୍ତ ଓଡ଼ିଆ ଲୋକ କି ମିଳୁ ନ ଥିଲେ? ସମଗ୍ର ତାଲୁକାଟି କି ତେଲଙ୍ଗାମୟ ଅଟେ? ତାଲୁକାର ଅଧିକାଂଶ ଲୋକେ ଓଡ଼ିଆ ଅଟନ୍ତି। ପଟ୍ଟନାୟକ ବାବୁ ମଧ୍ୟ ଜଣେ ପ୍ରକୃତ ଓଡ଼ିଆ ଥିଲେ। ସେ ଓଡ଼ିଆମାନଙ୍କ ପ୍ରତିନିଧି ସ୍ୱରୂପ ବୋର୍ଡ଼ରେ କାର୍ଯ୍ୟ ଚଳାଉଥିଲେ। ତାହାଙ୍କ ପଦରେ ଅନ୍ୟ ଜଣେ ଓଡ଼ିଆ ନିଯୁକ୍ତ ହେବା ନିତାନ୍ତ ଆବଶ୍ୟକ। ସେ ସ୍ଥଳେ ଯଦି ଜଣେ ତେଲଙ୍ଗା ବ୍ୟକ୍ତିକ ନିଯୁକ୍ତ କରିବା ଜନ୍ୟ ଅନୁରୋଧ କରାଯାଉଅଛି, ତେବେ ଏହାର ମାନେ କଣ? ପ୍ରେସିଡେଣ୍ଟ ମହାଶୟଙ୍କର ଉଦ୍ଦେଶ୍ୟ କି? ଅମ୍ଭେ ଶୁଣିପାରୁଅଛୁଁ ଏଥିର ରହସ୍ୟ ଏହି; ଯେଉଁ ସମୟରେ ଅମ୍ଭମାନଙ୍କ ଗବର୍ଣ୍ଣର ଲର୍ଡ଼ ୱେନଲକ ଗଞ୍ଜାମ ଭ୍ରମଣ କରି ଏ ଅଞ୍ଚଳକୁ ଆସିଥିଲେ ସେତେବେଳେ ସାହେବ ବାହାଦୁର ପ୍ରେସିଡେଣ୍ଟ ମହାଶୟଙ୍କୁ ଅନେକ କଟୂକ୍ତି ପ୍ରୟୋଗ କରି ଭର୍ତ୍ସନା କରି-ଥିଲେ। ତାହା ସେ ଭାବନା କରୁଅଛନ୍ତି କେବଳ ଓଡ଼ିଆମାନେ ତାହାଙ୍କ ବିପକ୍ଷରେ କିଛି କହିଥିବାରୁ ଗବର୍ଣ୍ଣରସାହେବ ଏପରି ଅପମାନ କଲେ। ଅତଏବ ଓଡ଼ିଆମାନଙ୍କୁ କୌଣସିରୂପେ ସ୍ଥାନ ଦାନ ଦେବା ତାହାଙ୍କ ଅନୁଚିତ କର୍ମ। ସେମାନେ କାଳେ ଅପଦ ଘଟାଇ ପାରନ୍ତି। ଏହା ମନେ କରି ସେ ଜଣେ ତେଲଙ୍ଗା ଲୋକଙ୍କୁ ମେମ୍ବର କରିବାର ପ୍ରସ୍ତାବ କରିଅଛନ୍ତି। ଅମ୍ଭେ କହୁଁ ଏହା ତାହାଙ୍କର କେବଳ ଭ୍ରମ ଅଟେ। କାରଣ କି ଅମ୍ଭେ ନିଶ୍ଚୟରେ ଜାଣୁ ଓଡ଼ିଆମାନେ ତାହାଙ୍କ ବିପକ୍ଷରେ ସାହେବ ମହୋଦୟଙ୍କ ନିକଟରେ କଦାପି କିଛି କହି ନାହାନ୍ତି। ଯାହା କହି-ଅଛନ୍ତି ତାହା କେବଳ ଆପଣାର କଷ୍ଟ ଦୁଃଖ ଭିନ୍ନ ଅନ୍ୟ କିଛି ନୁହେ। ପୂର୍ବ୍ବକାର୍ଯ୍ୟରେ ସେ ଅନେକ ତ୍ରୁଟି କରିଥିବାର ଜାଣି ପାର ଗବର୍ଣ୍ଣରସାହେବ ସ୍ୱଜାନ୍ତିତ ହୋଇ କେତେକ କଟୂବଚନ ପ୍ରକାଶ କରିଥିଲେ। ଜାଣିବାରୁ ହେବ ଯେ କେବଳ ସ୍ୱକୃତାପରାଧରୁ ଦଣ୍ଡ ପସ୍ତାବ ପାଇଅଛନ୍ତି। ଏଥିଲାଗି କି ଓଡ଼ିଆମାନେ ଦୋଷୀ? ଅମ୍ଭେ କହୁଁ ପ୍ରେସିଡେଣ୍ଟ ମହାଶ-ୟଙ୍କର ଏହା କିଛି ଭଲ ବିଚାର ନୁହେ। ତେଲଙ୍ଗା ହେଲେ ମଧ୍ୟ ସେ ଜଣେ ଦେଶୀୟ ହାକିମ ଥିବା ସ୍ଥଳେ ଓଡ଼ିଆମାନଙ୍କ ପ୍ରତି କଳା କାରଣରେ ଏହିପରି ହିଂସା ପ୍ରକାଶ କରିବା ତାହାଙ୍କ ପକ୍ଷରେ କଦାପି ନ୍ୟାୟସଙ୍ଗତ ନୁହେ। ବିଶେଷତଃ ତାଲୁକାର ପ୍ରାୟ ସମସ୍ତ ଲୋକେ ଓଡ଼ିଆ ଥିବା ସ୍ଥଳେ ଜଣେ ତେଲଙ୍ଗାବ୍ୟକ୍ତିକୁ ନିଯୁକ୍ତ କରିବା ଅସ୍ୱାଭାବିକ ପ୍ରଣାଳୀର ଧାରନ୍ତ-ଯାୟୀ ନୁହେ।

ଅତଏବ ଅମ୍ଭେ ପ୍ରେସିଡେଣ୍ଟ ମହାଶୟଙ୍କୁ ପ୍ରାର୍ଥନା କରୁଁ କୌଣସି ତେଲଙ୍ଗା ବ୍ୟକ୍ତିକ ନିଯୁକ୍ତ ନ କରିଲେ ବସ୍ତଲକୋଣ୍ଡର ପ୍ରଧାନ ଭଦ୍ର-ବ୍ୟକ୍ତି ବାବୁ ବାସୁଦେବ ପାଟ୍ଟଯୋଷି ମହାପାତ୍ରଙ୍କୁ ମେମ୍ବର ସ୍ୱରୂପ ନିଯୁକ୍ତ କରି ଓଡ଼ିଆମାନଙ୍କୁ ଚରିତାର୍ଥ କରିବେ।

ସେ ଜଣେ ପ୍ରଧାନ ଗଭର୍ଣ୍ଣମେଣ୍ଟ ରଯ୍ୟତ ଅଟନ୍ତି। ତାଲୁକାର ସମସ୍ତ ବିଷୟ ବିଶେଷରୂପେ ଜାଣନ୍ତି। ସେହି ବ୍ୟକ୍ତି ଯଦି ମେମ୍ବର ହୁଅନ୍ତି ତେବେ ଓଡ଼ିଆମାନଙ୍କର ଓ ବୋର୍ଡ଼ର ବିଶେଷ ମଙ୍ଗଳ ହେବ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ। ଇତି।

ଶ୍ରୀ——

## ମୂଲ୍ୟପ୍ରାପ୍ତି।

| | | |
|---|---|---|
| ବାବୁ ସନବନ୍ଧ ମହାନ୍ତି | ବାହାଲପଡ଼ା | ଅଗ୍ରିମ ଟ ୨୮ |
| ଶ୍ରୀବାବତ ଚକ୍ରଧର ବାବୁ | | କଲାସ୍ଥ ଟ ୩୮ |
| " | " | ଅଗ୍ରିମ ଟ ୩୮ |
| ବାବୁ କ୍ଷେତ୍ରଗୋପାଳ ମିତ୍ର | କଟକ | ଅଗ୍ରିମ ଟ ୧୮ |


# ବିଜ୍ଞାପନ।

## ଦ୍ୱିଭାଷୀ।

ପ୍ରାୟ ଦୁଇସହସ୍ର ଅବଶ୍ୟକୀୟ ଓ ନାନାବିଷ-ୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ ଲେଖାଏଁ


Digitized by srujanika@gmail.com

Split by PDF Splitter



ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ସହିତ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ୧୦ । ଅଣା ମାତ୍ର ।

---

## NOTICE.

**ORISSA GRADUATES AND UNDER-GRADUATES ASSOCIATION.**

Lecturer—Babu Ganapati Das B L.
Subject—Young Orissa.
Time—4½ P. M. Sunday the 15th Inst.
Place—Printing Company's Hall.

Gentlemen are respectfully invited to attend.

Cuttack 12—9—89. — Akshoy Kumar Ghose, *Honorary Secretary.*

---

NOTICE.

Wanted an English Teacher for the Kalyanpur school. Salary Rs. 15 a month. None need apply that has not passed the Entrance examination. Applications will be received by the undersigned up to the 28th Instant.

Cuttack District Board's office The 10th Septr. 1889. — W. H. LEE, *Vice Chairman.* District Board Cuttack.

---

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

ସଙ୍ଗୀତ ସାଗର ।

ପ୍ରଥମତରଙ୍ଗ ।

ଭଦ୍ରସୁର୍ଯ୍ୟ ସମ୍ବନ୍ଧ, ବନମାଳୀ, ଉପେନ୍ଦ୍ରଭଞ୍ଜ, ରାମକୃଷ୍ଣ, ଗୋପାଳକୃଷ୍ଣ ଓ ବହୁ ପ୍ରଭୃତି କବିମାନଙ୍କ ରଚିତ ଉତ୍କୃଷ୍ଟ ଏକଶତ ସଙ୍ଗୀତ ସୂଚିପତ୍ର ଓ କଠିନ ଅର୍ଥ ସହିତ ଏକତ୍ରେ ସନ୍ନିବେଶିତ । ଏପ୍ରକାର ପୁସ୍ତକ ସୁଲଭ ମୂଲ୍ୟରେ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିଲା । ମୂଲ୍ୟ ୧୦ । ମାତ୍ର । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟ ଓ ଅନ୍ୟାନ୍ୟ ପୁସ୍ତକାଳୟରେ ପ୍ରାପ୍ୟ ।

---

ଅଲମଗାଁ ବଜାର ପୁରାତନ ଏକାଡମୀ ସ୍କୁଲ ନିକଟ ଆମ୍ଭ ବସାରେ ଅନେକ ଦିନ ହେଲା ଗୋଟିଏ କଢ଼ାଇକାରଖାନା ଖୋଲିଅଛୁ ସେଥିରେ ପଲଙ୍କ, କୁରୁଚୀ, ଅଲମାରୀ, ଟେବୁଲ ଇତ୍ୟାଦି କାଠପଦାର୍ଥ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମଧ୍ୟ କେତେକ

ପଦାର୍ଥ ପ୍ରସ୍ତୁତ ହୋଇ ବିକ୍ରୟାର୍ଥେ ରଖାଯାଇଅଛି । ଯେଉଁ ବ୍ୟକ୍ତି କିଛି ପଦାର୍ଥ ନେବା ଇଚ୍ଛୁକ ହେବେ ସେ ସ୍ଥାନକୁ ଯାଇ ପଦାର୍ଥ ଦେଖି ମୂଲ୍ୟ ସ୍ଥିର କରିପାରିବେ ଆଉ ଯେବେ କେହି କିଛି ପଦାର୍ଥ ନେବାକୁ ଫରମାସ ଦେବେ ତେବେ ସେ ଫରମାସି ପଦାର୍ଥର ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଦେଇ ଫରମାସ ଦେଲେ ଅଚିରାତ୍ ପାଇପାରିବେ । ଇତି ।

କଟକ    ୨୯-୮-୮୯

ଅଲମଗାଁବଜାର    ଶ୍ରୀ ଲମ୍ବୋଦର ନନ୍ଦ ।—

---

# ମେହରୋଗ ।

ଘ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଲ୍ଲିଖିତ ରୋଗ ଅପହରଣ ନିମନ୍ତେ ସାମାନ୍ୟ ଅର୍ଥବ୍ୟୟ ସହକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏହାର ଉପସ୍ଥିତିରେ ପରୀକ୍ଷା ନ ହେଲେ ଆଉ କିଛି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନେ ପୁସ୍ତକାକାରେ ପ୍ରକାଶିତ ହେବ ଭଉବଖା ଅବେହଟୋଲ ଡଙ୍ଗମ୍ବର ବଜାରରେ ସ, କେ, ଘଡ କମ୍ପାନିଙ୍କଠାରେ ଏବଂ କଟକ ବରଣ୍ଡାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ୧୨ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

---

ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ୧୦ । ଡାକମାସୁଲ ୧୦୨ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ବନମାଳୀଦାସଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତି
ଡାକ୍ତର, ବାଲୁବଜାର କଟକ

---

କଟକଷ୍ଟୋର ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଲଣା, ଜଳ-ଗାଡ଼ି, କାମିଜ, କୋଟ, ଟୋପି ଓ ବନାତଯୋଡ଼ା, ନାନାପ୍ରକାରଲୁଗା, ଖେଳିବାର ତାସ, ବଲ, ଛାତ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଏ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅଚିରାତ୍ ଓ ବିଶେଷ ସାବଧାନତା ସହିତ ପଠାଇବୁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ସେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର କ୍ରୟିତ ଦର ଉପରେ କଣ ପଠାଇବାର ପରିଶ୍ରମ ହିସାବରେ ଘଇକଡ଼ା ୫ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି କେତେ ଦିନ ହେଲା, ରୋଗି ପୁରୁଷ ବା ସ୍ତ୍ରୀ, ରୋଗୀର ଆଚରଣ, ବୟକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲ୍ୟୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ଅନାବଶ୍ୟକ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ତେବେ ଏତିକି ମାତ୍ର କହୁଅଛୁଁ କି ଅନ୍ୟଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ ଯଦ୍ୟପି କେହି ପ୍ରତାରିତ ହେବେ ତାହିଁ ଆଉଥରେ ହେଲେ ଅଭିଲଷିତ ପଦାର୍ଥମାନ ଅଳ୍ପ ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଚିଠି ଟଙ୍କା ଓ ପତ୍ରାଦି ଆମ୍ଭ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ବହଷଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Digitized by srujanika@gmail.com

Split by PDF Splitter



# ଯାଦୁର ଅବ୍ୟର୍ଥ ମହୌଷଧ।

( ପରୀକ୍ଷିତ )

ଏହା ଗୋଟିଏ ଯାଦୁର ଉତ୍କୃଷ୍ଟ ମହୌଷଧ। ଏହାର ଉପକାରିତା ଗୁଣ ଅତି ଅଶ୍ଚର୍ଯ୍ୟ। ଏହା ଦ୍ୱାରା ଯାଦୁ, ଅଳଣ୍ଡା ଯାଦୁ, ଚାଉଁଅ ଯାଦୁ, କମଳ ଯାଦୁ, ପିଣ୍ଡୁଳିଅ ଯାଦୁ, ରଙ୍ଗ ଯାଦୁ, ଚର୍ମରୋଗ ପ୍ରଭୃତି ସର୍ବପ୍ରକାର ଯାଦୁ ଆରୋଗ୍ୟ ହୁଏ। ସାହସ କରି କହୁଅଛୁଁ ଯେ, ଏପରି ନିର୍ଦ୍ଦୋଷ ଅଥଚ ଉପକାରୀ ଔଷଧ ଦ୍ୱିତୀୟ ନାହିଁ ଏଣୁ ଏହା ଦୁଇ ତିନଥରରୁ ଅଧିକ ବ୍ୟବହାର କରିବାକୁ ହୁଅଇ ନାହିଁ। ମାତ୍ର ଥରେ ଆରୋଗ୍ୟ ହେଲେ ଆଉ କଦାପି ସେ ସ୍ଥାନରେ ଯାଦୁ ହୁଅଇ ନାହିଁ। ଯାଦୁର ଯେତେ ପ୍ରକାର ଔଷଧ ଅଦ୍ୟାପର୍ଯ୍ୟନ୍ତ ପ୍ରକାଶିତ ହୋଇ ଅଛି, ସେଥି ମଧ୍ୟରୁ କେହି ଔଷଧର ଏପରି ଉତ୍କୃଷ୍ଟ ଗୁଣ ଦେଖାଯାଇ ନାହିଁ। ଏହି ଔଷଧ ବ୍ୟବହାର ସମୟରେ କିଛି ଜ୍ୱାଳା ବା ଯନ୍ତ୍ରଣା କରେ ନାହିଁ। ଔଷଧଟି ମଲମାକାରରେ ଦେଖାଯିବା ବ୍ୟବହାରର ଅଧିକ ସୁବିଧା ହୋଇଅଛି।

ଏକ ଡିବିର ମୂଲ୍ୟ ୦। ୮

ଶ୍ରୀ ସୀମଚାରଣ ସେନ
ଦେଶ ଉତ୍କଳପ୍ରେସ ବାଲେଶ୍ୱର।

---

ନୂତନ ପୁସ୍ତକ! ନୂତନ ପୁସ୍ତକ!!

ବର୍ଣ୍ଣବିନ୍ୟାସ।

ଶ୍ରୀ ମଧୁସୂଦନ ମିଶ୍ରଙ୍କଦ୍ୱାରା ସଙ୍କଳିତ।

ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀ ବାଳକମାନଙ୍କର ପ୍ରଥମ ପାଠ୍ୟପୁସ୍ତକ। ଏହା ପାଠ କଲେ ବାଳକମାନେ ସ୍ୱଳ୍ପାୟାସରେ ଏବଂ ଅଳ୍ପ ବୟସ ମଧ୍ୟରେ ସୁନ୍ଦରରୂପେ ଉଚ୍ଚାରଣଶୁଦ୍ଧି ଲାଭ କରି ପାରିବେ। ଏଥିରେ ସରଳ ଫଳା ଉଚ୍ଚାରଣ ଅନୁଯାୟୀ ପଦ ଲେଖିବାର ପ୍ରଣାଳୀ, ସଙ୍ଖ୍ୟାଙ୍କ, ସାମାନ୍ୟ ଲଘୁପାଠ, କୋଷଳ, ବଣ୍ଣବିକାର ଓ ବର୍ଣ୍ଣନୀୟ ବିଷୟ ସରଳ ବିଷୟରୂପେ ସନ୍ନିବେଶିତ ହୋଇଅଛି। ମୂଲ୍ୟ ୦/ ଡାକମାସୁଲ ୦।୦୬ ମାତ୍ର। ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପ୍ରେସରେ, ବାବୁ ରାମପ୍ରସନ୍ନ ମହାପାତ୍ରଙ୍କ ପୁସ୍ତକଦୋକାନରେ ଏବଂ ଭାଲଚେରଙ୍କ ହେଡ଼ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ।

---

# ବାଲିକାଗଜ।

ଚୈତନ୍ୟ ଶସ୍ତା ଦରରେ ଉତ୍ତମ କଟକ ଚୌଧୁରୀ ବଜାର ବାବୁ ଗୌରାଙ୍ଗଙ୍କର ସ୍ନୁଦ୍ଧ ବଡ଼ ବଜାରଟ ବାବୁ ଅର୍ଜ୍ଜୁନ୍ଧର ବସ୍ତ୍ର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୨ ପଟି ଖାଇ | ଟ ୧।୬ ଟ ୨୦୬ | ଟ ୧।୬ ଟ ୦ ।୬ |
| ୧୪ ପଟି " | " ଟ ୨୫ | " ଟ ୦ ।୬ |
| ୧୬ ପଟି " | " ଟ ୨୧ | " ଟ ୦ ।୬ |
| ୨୨ ପଟି ଡବଲଫୁଲସ୍କେପ୍, ଟ ୩। | | " ଟ ୦ ।୬ |

ଶ୍ରୀଯୁକ୍ତ ବାବୁ ଗୌରାଙ୍ଗଙ୍କର ସ୍ନୁଦ୍ଧର ଚଉଧୁରୀବଜାର ବଡ଼ ବଜାରସ୍ଥ ଅମ୍ଭମାନଙ୍କ ଦୋକାନରେ ତସର ତୋଣା ଓ କଲମ ଓ ରେଶମୀ ଓ ଗେଲ୍ ଲୁଗା ଓ ସ୍କେବଲସା ଓ କଲମ ବଗ ଇମାଣ୍ଡି ପଥରର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି! ଉପରୋକ୍ତ ଅନ୍ୟ କେତେକ ଜିନିଷ ଜନସାଧାରଣ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଏତଦ୍ଭିନ୍ନ ଅମ୍ଭେମାନେ କଲେଜ ଖାତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ। କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ। ଏବଂ ଉକ୍ତ ଖାତାମାନ ବିକ୍ରୟ ହେବା ଏବଂ ଅପଣା ମଫସଲ ସକାଶେ ଯେଉଁମାନେ କେତେ ଏକ ପ୍ରକାରକୁ ଟି କରି ୦୨। ହିସାବରେ ନେବା ଦେଲେ ପାଇ ପାରିବେ! ମାତ୍ର ତାହାର ଖର୍ଚ୍ଚ ଖରିଦକାରଙ୍କ ଭାର ତାଙ୍କ ଉପରେ ଥିବ। ଏକ ଦେଲେ ଖାତାର ପଣ୍ଡ ମୂଲ୍ୟ ଲାଗି ହେବାକୁ ହେବ।

ତାଲିକା।

| | |
|---|---|
| ଉଲର ରେଶମ ୦ | ଜର୍ଦ୍ଦି ଓଡ଼ି। |
| ଉଚ୍ଚରେ ସୁତ ଲେଲେ | ବ୍ରୋକେଡ଼ାଲନ୍। |
| ଶ୍ୱେତ। | ଖାତ ଚିଠି ଓ |
| ଅଲେଟାରେ | ତତ କଣିକ ଓ ସ୍ୱାଦ |
| ଡକୋଲିନ୍ ରେଲ ଉତ୍ତମ | ବଗି |
| ଗେଞ୍ଜ ସାବୁ ଓ ଗୋଲ | ଉଲନ୍ କୁଞ୍ଚଳପାଞ୍ଜ |
| ସହିତ। | ଏକଲ ବ୍ରସ |
| ରୂପ ଅର୍ଥର ବଢ଼ା | ରେଲଗ ଉପରେ ଏ |
| ବଡ଼ିବା ବାକସ ପେନ୍ | କେବଳ ଅଛ |
| ସିଲ ଓ କଲମ। | ୧ ଗୋଖଳ ଷ୍ଟେଟ୍ |
| ପେନସିଲ କାଟିବା ଛୁରୀ। | କାଗଜ ଓ ଡ୍ରଇଂ। |
| ଖାତା ପ୍ରକାରର ଅଠା | ଚସମା ଆବଶ୍ୟକ |
| ଖାତା ଓ ଉପାୟ | ଏକତ ଡାଲା। |
| ରେଶମ ଦଶ | ଅଲେଡିଂ ପେନ୍ସିଲ୍ |
| ଟିକେଟ ବହି। | ସିଲ ଓ ପେନ୍ସିଲ୍ ରେ |
| ଡବଡ ଖାତା। | ଲେଡ଼ି ଜାଦା ପେନ |
| ଡାକାର ଆକାରରେ | ସବ ସ୍ୱାଲ କେନ୍ଦ୍ର |
| ଲୁଗା ପତ୍ର ଘର୍ଷ | ପେନ୍ସିଲ୍ ଲେଣ ଗ |
| ଅଯୋଗ୍ୟ ଷ୍ଟେ—ଅର୍ଥାତ୍ | ଉରେ ଦେଲ ଉପର |
| ସୁରଣୀ ଗୁଣ। | ତେଲୋଡି, ଉତ |
| ଅଙ୍କ ଗୁଣ। | ଓ ଉଦେ। |
| ଓଲକାଷ୍ଟ୍ୟୁକ ଉତ୍ତ।। | |

| | |
|---|---|
| ଗୋଲାପୁଷ୍ପ ଓ ଫିଲଡର | ଲଗ ଓ ଘାଉକଲରୋଡ଼ |
| ହେଣ୍ଡଲ ରେଡ ଓ ଉଦ୍ଦତ | ଚିଠା |
| ଭଲେ ସରେ | କଣ୍ଡିଡ୍‌ଡେଲରେ ଲତ |
| ହୁଡ଼ାଭ ଖାତ ଘରାକ୍ | ଛାତାର ଶାଡ଼ |
| ଲେଟିଲେରେ ସତ | ମସ୍ତଘାମା |
| ଓ ଶୁଟିଲେ ବଗା | ରେବ ଟ୍ରୁ ପେନ୍ସିଲ |
| ଡେଲ। | କାଳପତ୍ତୀ ଶାଢ଼ୀ ଓ ରୋଷ |
| ଅଲିକା ଡଙ୍ଗ୍ରା | ଓ ତତ |
| ୧୨ x ୧୦ ଇଞ୍ଚ | ମରସୁଗନ୍ଧ ଓ ଡିଟଂ |
| ୧୪ x ୧୨ ଇଞ୍ଚ | ପାଇ ଗାମଲୋଡ ଓ |
| ୧୬ x ୧୪ " | ଶାଢ଼ୀ। |
| ମୋଜା ଓ ମୋଜାକତ | ଟ୍ରିଙ୍ଗ ଖାତ |
| ଉତ୍ତମ ଦୁଧ ତଟକଳ | ଏଣ୍ଟିମୋଲ ଅଥାତ୍ ପରା- |
| କଟଡ୍‌ସାଟିନ୍ ବଲା ଓ | ଟିକ ଗ୍ଲାସର ଅକ୍ଷର |
| ସ୍ୱବର୍ଣ୍ଣ | ଡଣ୍ଡର କଢ଼ିବା ଜମରେ |
| ରେମେଣ୍ଟରେଡ। | ଦରକାର ହୁଏ! |

# ପିଚଥାର।

ଏ ଥାରକୁ ବେଉଁଣସି ଘରରେ ଭିତି ଛାଉଁରେ ଲଗାଇ କୋଠାଘରର ଛାତରେ ଦେଲେ ପାଣିଗଳା ବନ୍ଦ ହେବ, ଘରର ମଝିଁ ଅରେ ଲେପିଦେଲେ ମଞ୍ଜୁର ଓ ଘୁଣ ଧରନ୍ତି ନାହିଁ।

କଟକ ତନଡ଼ା ଓ ବାଟରେ ଲଗାଇବାର ଛାନ ମଧ୍ୟ ଅଛି।

ଅଲ୍ଲନବାଟିର ଲଭ କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୬ |
| ଅର୍ଦ୍ଧସ୍ତମ୍ଭକୁ | ଟ ୩ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୬। |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଖର୍ଚ୍ଚ ଟ ୦୫ ରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥର ହାରର ଅର୍ଦ୍ଧ ଓ ଦ୍ୱିଗୁଣ ଯଥାକ୍ରମେ ହେବ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କୁ ପଠାଇବାକୁ ହେବ।

---

ଏହି ଉତ୍କଳଦୀପିକା କଟକ ନଗର ଉତ୍କଳଖଣ୍ଡର କଟକ ପ୍ରିଣ୍ଟିଂ କମ୍ପାନୀର ମ୍ୟାନେଜରଙ୍କଦ୍ୱାରା ମୁଦ୍ରିତ ହେଲ

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୦ ଶ
ସଂ ୩୮ ଖ୍ୟା

ତା ୨୧ ଦିନ ମାହେ ଡିସେମ୍ବର ସନ ୧୮୮୫ ମସିହା । ମୁ। ଅଗ୍ରହାୟଣ ୭ ୨ ନ ଖ ୧୨୯୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୨୲

## ବିଜ୍ଞାପନ ।

ଯେଉଁମାନେ ଉତ୍କଳଦୀପିକାର ଗ୍ରାହକ ହୋଇ ଏକବର୍ଷରୁ ଅଧିକ ହେବ କିଛି ମୂଲ୍ୟ ଦେଇ ନାହାନ୍ତି ଏବଂ ବିଲ ପଠାଯିବାବେଳେ ସୁଦ୍ଧା ମନୋଯୋଗୀ ହୋଇ ନାହାନ୍ତି ସେମାନଙ୍କୁ ପ୍ରାର୍ଥନା କରୁଅଛୁଁ କି ଅନୁଗ୍ରହ ପୂର୍ବକ ଏହି ମାସ ମଧ୍ୟରେ ମୂଲ୍ୟଟଙ୍କା ପଠାଇଦେବେ । ଯେଉଁ ଗ୍ରାହକ ଏଥି ମଧ୍ୟରେ କିଛି ନ ପଠାଇବେ ତାହାଙ୍କ ନିକଟକୁ ଆଗାମିମାସ ଆରମ୍ଭରୁ ଉତ୍କଳଦୀପିକା ପ୍ରେରିତ ହେବ ନାହିଁ ଏବଂ ପାଉଣା ଆଦାୟର ଅନ୍ୟ ବନ୍ଦୋବସ୍ତ ହେବ । ଇତି ।

୨୧।୧୨।୮୫ ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ ।

---

ବଙ୍ଗବାସୀ ଲେଖିଅଛନ୍ତି କି ତ ୩° ର୍ଥ ତି-ଥ୍ୟର ତାରିଖରୁ କେହି ମୁନସଫପଦରେ ନିଯୁକ୍ତ ନ ହେବାର ଯେଉଁ ନିୟମ ଥିଲା ତାହା ଉଠି ଯାଇଅଛି । ଯୋଗ୍ୟଉକିଲଙ୍କମଧ୍ୟରୁ ମୁନସଫ ମନୋନୀତ ହେଉଥିବାସ୍ଥଳେ ବୟସର ନିୟମ ଉଠିଯିବା ମନ୍ଦ ହୋଇ ନାହିଁ ବରଂ ଏଥିରେ ପ୍ରବୀଣଲୋକମାନେ ମୁନସଫ ହେବେ ।

---

ଗତଭମାସ ତା ୭ ଖରେ ଶେଷହେବା ସାପ୍ତାହିକ ରିପୋର୍ଟରୁ ଚଷାମାନଙ୍କ ଅବସ୍ଥା ଭଲ ହେବାର ଜଣାଯାଏ । ଖାଦ୍ୟଦ୍ରବ୍ୟର ମୂଲ୍ୟ ଊଣା ହେଉଅଛି । ଗୋଟିଏ ବଡ଼ ସାହାଯ୍ୟକାର୍ଯ୍ୟରେ ୧୩ ହଜାରଲୋକ ମଜୁରି ସାହାଯ୍ୟ ପାଉଥିଲେ ଏବଂ ୩୬ ହଜାରକଙ୍ଗାଳ ଖଇରାତ ପାଉ ଥିଲେ । ଓଲ୍ଲରଠାରେ ଏସପ୍ତାହରେ କେବଳ ୮୬ ମୃତ୍ୟୁ ହୋଇଥିଲା ।

---

ମାନ୍ଦ୍ରାଜପ୍ରଦେଶରେ ଜଣେ ବ୍ରାହ୍ମଣ ଖ୍ରୀଷ୍ଟୀୟାନ ହେଲ ହେତୁରୁ ଆପଣାର ହିନ୍ଦୁ ସ୍ତ୍ରୀକି ପାଇବା ଅଥବା ହିନ୍ଦୁ ସ୍ତ୍ରୀ ସହିତ ବିବାହସମ୍ବନ୍ଧ ରହିତହେବା ପ୍ରାର୍ଥନାରେ ନାଲିସ କରିଥିଲା । ମୋକଦ୍ଦମା ହାଇକୋର୍ଟ ପର୍ଯ୍ୟନ୍ତ ଯିବାରେ ହାଇକୋର୍ଟର ଜଜମାନେ ସ୍ତ୍ରୀକି ପାଇବାର ପ୍ରାର୍ଥନା ଅଗ୍ରାହ୍ୟ କରି ତାହାସହିତ ବିବାହସମ୍ବନ୍ଧ ରହିତ ହେବାର ଡିକ୍ରୀ ଦେଲେ । ଏ ବିଚାର ଯଥାର୍ଥ ହୋଇଅଛି । ଏଥିରେ ହିନ୍ଦୁ ସ୍ତ୍ରୀର ଧର୍ମ ରକ୍ଷାହେଲା ଏବଂ ଖ୍ରୀଷ୍ଟିୟାନସ୍ୱାମୀ ଇଚ୍ଛାମତେ ଅନ୍ୟକନ୍ୟା ବିବାହ କରିବାକୁ ଅଧିକାର ପାଇଲେ ।

---

ଆଗାମି ଅପ୍ରେଲଠାରୁ ଅଦାଲତମାନଙ୍କର ନକଲଖର୍ଚ୍ଚା ଶତକରା ଟ ୨୫୲ ଲେଖାଏ ଊଣା ହେବ ଅର୍ଥାତ୍ ଯେଉଁ ନକଲ ଷ୍ଟାମ୍ପର ମୂଲ୍ୟ ବର୍ତ୍ତମାନ ୪ ୦ । ଅଣା ଅଛି ତାହା ଟ ୦୲୩ ହେବ । ଏଥିରେ ମାମଲତକାରଙ୍କର କିଛି ଉପକାର ହେବ ସନ୍ଦେହ ନାହିଁ ମାତ୍ର ଯେବେ ନକଲନବିସମାନେ ବର୍ତ୍ତମାନପରି ଖର୍ଚ୍ଚାରୁ ଅର୍ଦ୍ଧେ ପାଇବେ ଓ ବାକି ଅର୍ଦ୍ଧେ ସରକାରରେ ରହିବ ତେବେ ସେମାନଙ୍କପ୍ରତି ଅନ୍ୟାୟ ହେବ ନକଲନବିସଙ୍କୁ ତୃତୀୟାଂଶ ଖର୍ଚ୍ଚା ଦେଇ ସରକାର ଏକଭାଗ ରଖିଲେ ସରକାରଙ୍କର କ୍ଷତି ହେବ ନାହିଁ ଅଥଚ ଗରିବନକଲନବିସମାନେ ଯେପରି ଖର୍ଚ୍ଚା ପାଉଅଛନ୍ତି ସେହିପରି ପାଇବେ ।

---

ଗତଭମାସ ତା ୧୬ ରଖର ସମ୍ବାଦବାହିକାରେ ଅତ୍ୟନ୍ତ ଦୁଃଖସହିତ ଅବଗତ ହେଲୁଁ ଯେ ସେହିଦିନପର୍ଯ୍ୟନ୍ତ ବାଲେଶ୍ୱରରେ ପ୍ରୟୋଜନମତେ ବୃଷ୍ଟି ନ ହେବାରୁ କୃଷିପକ୍ଷରେ ଲୋକେ ଏପରି ହତାଶ ହୋଇଅଛନ୍ତି ଯେ ଏଥିମଧ୍ୟରେ ଧାନ ଗୃହଲିର ଡକାଇତି ଓ ଘରପୋଡ଼ି ଆରମ୍ଭ ହୋଇଅଛି । ବାଲେଶ୍ୱର ଓ ସୋରଥାନାରେ ଏପରି କେତେଗୁଡ଼ିଏ ମାମଲା ଘଟିଥିବାର ବିବରଣ ସହଯୋଗୀ ହସ୍ତାନ୍ତରୂପେ ଲେଖିଅଛନ୍ତି ଏବଂ ତହିଁମଧ୍ୟରୁ କେତେକ ମାମଲାର ତଦନ୍ତ ପୁଲିସଦ୍ୱାରା ହେଉଅଛି । ଆମ୍ଭେମାନେ ଆଶା କରୁଁ କି ବାଲେଶ୍ୱରର ମାଜିଷ୍ଟ୍ରେଟ ଏ ସବୁସ୍ଥାନର ଅବସ୍ଥା ଅନୁସନ୍ଧାନପୂର୍ବକ ଶୀଘ୍ର ରହିତପ୍ରତୀକାରର ବନ୍ଦୋବସ୍ତ କରିବେ ।

---

ମୁରସିଦାବାଦରେ ଯେପରି ଦସ୍ୟୁମାନଙ୍କ ଉପଦ୍ରବ ବୃଦ୍ଧି ହୋଇଥିଲା ନବାବଙ୍କ ଭାଗିବାର ପ୍ରତିମୂର୍ତ୍ତି ଭଗ୍ନ ହୋଇଥିଲା । ସେ କିଛି ଭାଙ୍ଗିଥିଲେ ପାଖୋଟିକିଆ ଖୋଲି ଯାଇଥାନ୍ତା । ତତ୍‌-

Digitized by srujanika@gmail.com

Split by PDF Splitter

330



ଭଙ୍କ କୃପାରୁ ସେ ଦୁର୍ଘଟଣା ହୋଇ ନାହିଁ । କିନ୍ତୁ ଅନ୍ୟଗୋଟିଏ ବଡ଼ ଭଙ୍ଗି ମୁନିସିପାଲିଟିର ଅମନୋଯୋଗ ଯୋଗୁଁ ଘଟିଅଛି ଏବଂ ଲୋକଙ୍କ ଦୁଃଖର ସୀମା ନାହିଁ । ଯଥା ସମୟରେ ସେଠାରେ ନବାବ ଓ ମହାରାଣୀ ସ୍ୱର୍ଣ୍ଣମୟୀ ସାହାଯ୍ୟଦାନ ଆରମ୍ଭ କରିଥିଲେ । ସମ୍ପ୍ରତି ଅନେକମାନଙ୍କ କଲେକ୍ଟରଙ୍କ ଜାଗୀୟ କମିଶ୍ନର ଓ ଡାକ୍ତର ଲକ୍ଟେଙ୍କ ସଙ୍ଗେ ଧୋଇସ୍ଥାନମାନ ବୁଲି ଦେଖି ପ୍ରୟୋଜନାନୁସାରେ ସାହାଯ୍ୟର ବ୍ୟବସ୍ଥା କରୁଅଛନ୍ତି । ଏଣୁ ଭରସା ହେଉଅଛି ଯେ ସମ୍ବଲହୀନ ଲୋକଙ୍କ ସାହାଯ୍ୟବିଷୟରେ ତ୍ରୁଟି ହେବ ନାହିଁ । ସର ଷ୍ଟିଵାର୍ଟବେଲିଙ୍କ ଏହି କାର୍ଯ୍ୟନିମିତ୍ତ ଆମ୍ଭେମାନେ ବିଶେଷ ଧନ୍ୟବାଦ ଦେଉଅଛୁଁ । ଏସମୟରେ ବଙ୍ଗଳାର ନାନାସ୍ଥାନରେ ମଡ଼କ ଅଥବା ଧୋଇଦ୍ୱାରା ଲୋକଙ୍କର କଷ୍ଟ ହେଉଥିବାସ୍ଥଳେ ଲେପ୍ଟେଲଟ ଯାହା ସବଙ୍କ ବୁଲି ଦେଖି ପ୍ରୟୋଜନାନୁ ସାହାଯ୍ୟର ବନ୍ଦୋବସ୍ତ କରୁଅଛନ୍ତି ଏହା ସାମାନ୍ୟ ପ୍ରଶଂସାର ବିଷୟ ନୁହଇ ।

---

ଦୁର୍ଗାପୂଜା ଛୁଟି ଜଲ୍‌ହଡାର ଅମଲ୍‌ମାନଙ୍କର ଗୋଟିଏ କାର୍ଯ୍ୟିକ ଦୁଃଖର କଥା ହୋଇଅଛି ଏହାକେଲେ ତ ୧୬ ନ ତାରେଖ ବନ୍ଦହେଲେ ବାଣିଜ୍ୟର ବଡ଼ ଅସୁବିଧା ହେବବୋଲି କଲିକତାର ବଣିକସଭା ଏଥିପୂର୍ବେ ପୁନଃ ଆପତ୍ତି କରି କଷ୍ଟମ ହାଉସ ଓ ବନ୍ଦରଗାହ ତ ୧୬ ନ ଛୁଟିମଧ୍ୟରେ କେବେଳ ଫିଟିବାର ନିୟମ କରାଇଦେଇଁ ଅହିଁରେଶୁଦ୍ଧା ଶାନ୍ତ ନ ହୋଇ ଏବର୍ଷ କଷ୍ଟମସ ଅଫିସକୁ ସେହିପରି ମୁକ୍ତ ରଖିବାର ପ୍ରାର୍ଥନା କରିଅଛନ୍ତି । ଏଥିରେ କଷ୍ଟମ ଅମଲଙ୍କର ଭାରି ମନସ୍ତାପ ହୋଇଅଛି ଏବଂ ଉକ୍ତସଭା ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କଠାରେ ଆବେଦନ କରୁଅଛନ୍ତି । ଆମ୍ଭେମାନେ ଏକାନ୍ତ ଅନୁରୋଧ କରୁଁ ଯେ ଦୁର୍ଗାପୂଜା ଛୁଟିରେ ବନ୍ଦ କ୍ଷେପ କରିବାରୁ ଶାନ୍ତ ହେବାକାରଣ ସର ଷ୍ଟିଵାର୍ଟ ବେଲି ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କ ଅନୁରୋଧ କରନ୍ତୁ । ପ୍ରତିବର୍ଷ ପୂଜାସମୟରେ ଏପରି ଗୋଲମାଲ ବାହାରି କରିବା ବଡ଼ କଷ୍ଟକର ଅଟଇ । ଏପରି ଆଦେଶ ବାହାରିବା ଉଚିତ ଯେମନ୍ତ କି ଭବିଷ୍ୟତରେ ଏ ବିଷୟ ସେହି ଅମଲମାନେ ବ୍ୟସ୍ତ ନ ହେବେ । ବର୍ଷକେ ଥରେ ଏହି ସମୟରେ ଦୀର୍ଘ ଛୁଟି ହେବା ନିତାନ୍ତ ପ୍ରୟୋଜନ ବୋଲି ପୂର୍ବରୁ ଗବର୍ଣ୍ଣମେଣ୍ଟ ସିଦ୍ଧାନ୍ତ କରିଅଛନ୍ତି । କେବଳ ସେହିଥିରୁ ଦୃଢ଼ରୂପେ ପ୍ରତିପାଳିତ ହେବା ଉଚିତ ।

---

ମାନ୍ଦ୍ରାଜ ଅଞ୍ଚଳର ତିରୁପତି ମଠର ମହନ୍ତଙ୍କ ନାମରେ ସଦାବର୍ତ୍ତ ଧନ ଚୁରି କରିବା ଟଙ୍କା ଅପ୍ରମାଣ କରିଥିବାର ଫଉଜଦାରୀ ମାମଲା ଚଳୁଥିବା ପ୍ରସଙ୍ଗ ପାଠକମାନେ ଜାଣନ୍ତି । ଶ୍ରୀରଙ୍ଗଗଲ୍ ନାମକ ମନ୍ଦିରର ବଡ଼ପଣ୍ଡା ଏ ନାଲିସ କରିଥିଲେ । ସେହି ଅଭିଯୋଗରେ ଉକ୍ତ ମହନ୍ତ ଅନେକଲୋକଙ୍କ ସାକ୍ଷାତରେ ଅପଣା ଖଡ଼ଉଦ୍ୱାରା ବଡ଼ପଣ୍ଡାଙ୍କୁ ବଲେ ଚର୍ମପାଦୁକାରେ ସମ୍ମାନ କରାଇ ଦେଲେ । ସେ ଏଥିର ନାଲିସ କରିବାରୁ ଅପରାଧ ପ୍ରମାଣ ହେଲା ଓ ମେଜିଷ୍ଟ୍ରର ସାହେବ ମହନ୍ତଙ୍କପ୍ରତି ଏକଦିନ କାରାବାସ ଓ ସହସ୍ର ଟଙ୍କା ଜରିମାନା ଓ ଶୂଦ୍ରର ପ୍ରତି ଛସପ୍ତାହ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡବିଧାନ କଲେ ଓ ଅପିଲରେ ଏଦଣ୍ଡ ବାହାଲ ରହିଲା । ଏ ମୋକଦମାରେ ଉଭୟ ପକ୍ଷରୁ ଇଂରେଜୀ ବାରିଷ୍ଟର ନିଯୁକ୍ତ ହୋଇଥିଲେ ଓ ଅନେକ ଟଙ୍କା ବୁଡ଼ିଗଲା । ଏହିପ୍ରକାରରେ ସଦାବର୍ତ୍ତ ଧନ ଯେ କେତେ ଅପବ୍ୟୟ ହେଉଅଛି ତହିଁର ସୀମା ନାହିଁ । ଉନବୃତ ବର୍ଷ ମଧ୍ୟରେ ପୁରୀର ଦୁଇ ପ୍ରଧାନ ମଠସମ୍ବନ୍ଧରେ ହେବାକୁ ମକଦ୍ଦମା ହୋଇ ପ୍ରାୟ ଲକ୍ଷେ ଟଙ୍କା ଉଡ଼ିଯାଇଅଛି । ସାଧାରଣଙ୍କ ବିଶେଷତଃ ଦୁଃଖି ଦରିଦ୍ରଙ୍କ ଉପକାରାର୍ଥେ ଯେ ସମ୍ପତ୍ତି ପ୍ରଦତ୍ତ ହୋଇଥିଲା ତହିଁର ଏପରି ଅପବ୍ୟୟ ପ୍ରତି କି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟିପାତ ହେବ ନାହିଁ ? ଏଥିର ନିବାରଣର କି କିଛି ଉପାୟ ହେବ ନାହିଁ ।

---

ଜାତୀୟ ସମିତି ।

ଆଗାମି ଜାତୀୟ ସମିତି ଉତ୍ସବର ମାସ ଶେଷଭାଗରେ ବମ୍ବେଇରେ ବସିବ ଏବଂ ତହିଁପୂର୍ବରୁ ପ୍ରାଦେଶୀୟ ସମିତିମାନଙ୍କର ଅଧିବେଶନ ହେବାର ଆବଶ୍ୟକ । ବମ୍ବେଇ ଓ ମାନ୍ଦ୍ରାଜ ପ୍ରଭୃତିର ପ୍ରାଦେଶୀୟ ସମିତିମାନ କାର୍ଯ୍ୟ ଶେଷ କରିଅଛନ୍ତି । ବଙ୍ଗଳାର ପ୍ରାଦେଶୀୟ ସମିତି ଆସନ୍ନା ଅକ୍ଟୋବରମାସ ତା ୧୭।୧୮ ଓ ୧୯ ତାରିଖରେ କଲିକତାଠାରେ ବସିବ ଏବଂ ତହିଁରେ ନିମ୍ନଲିଖିତ ବିଷୟମାନ ବିବେଚିତ ହେବ । ଯଥା— ୧— ଲୁଣବ୍ୟାପାର, ୨—ଅବକାରୀ ପ୍ରଥା, ୩—ପୁଲିସ, ୪—ସ୍ୱାସ୍ଥ୍ୟ ବିଧାନ, ୫—ସ୍ଥାନୀୟ ଆତ୍ମଶାସନ, ୬—ପଥ ଓ ପ୍ରାଦେଶୀୟକର ଅନୁସାରେ ହେବା କାର୍ଯ୍ୟ, ୭—ଇନକମ ଟାକସ, ୮—ଶିଳ୍ପାଦ ଶିକ୍ଷା, ୯—ଦୋକାନ କର, ୧୦—ଜାତୀୟ ସମିତି,

ଉପରିଲିଖିତ ଟାଇଷ ଓ ବିଷୟମାନଙ୍କ ସମ୍ବନ୍ଧରେ ମୋଫସଲର ସଭାସମିତିମାନଙ୍କର ମତାମତ ଜାଣିବା କାରଣ ପତ୍ର ଆସିବାରେ ଏଠା ଉତ୍କଳସଭା ଗତ ସପ୍ତାହ ମଙ୍ଗଳବାର ସଭା କରି ସ୍ଥିର କଲେ କି ପ୍ରାଦେଶୀୟ ସମିତି ବସିବାର ଯେଉଁଦିନ ଧାର୍ଯ୍ୟ ହୋଇଅଛି ତହିଁରେ ଆପତ୍ତି ନାହିଁ ଏବଂ ତହିଁର ବିଷୟମାନ ମଧ୍ୟ ଉତ୍ତମ ଅଟଇ କେବଳ ଦୁର୍ଭିକ୍ଷରୁ ରକ୍ଷାପାଇବା ନିମିତ୍ତ ଓଡ଼ିଶାକୁ ରେଲବାଟ ବିସ୍ତାର କରିବା ନିତାନ୍ତ ଆବଶ୍ୟକ ଏକଥାଟି ଯୋଗହେବ । ତହିଁଉତ୍ତାରୁ ଉତ୍କଳସଭାର ପ୍ରତିନିଧିସ୍ୱରୂପ ବଙ୍ଗଳାର ପ୍ରାଦେଶୀୟ ସମିତିରେ ଉପସ୍ଥିତ ହେବାକାରଣ ବାବୁ ହରିଚରଣ ବସୁ ରାୟବାହାଦୁର, ବାବୁ ଲଲକିହାରୀ ଘୋଷ, ବାବୁ ମଧୁସୂଦନ ଦାସ ଏବଂ ବାବୁ ବିପିନ ବିହାରୀ ମିତ୍ର ମନୋନୀତ ହେଲେ ଏବଂ ଆଗାମି ଦିସମ୍ବରମାସରେ ବମ୍ବେଠାରେ ଜାତୀୟ ସମିତିରେ ଯେଉଁ ଅଧିବେଶନ ହେବ ତହିଁରେ ଉପସ୍ଥିତ ହେବା କାରଣ ବାବୁ ହରିଚରଣ ବସୁ ରାୟବାହାଦୁର, ବାବୁ ରାଧାବିନୋଦ ବସୁ, ବାବୁ ମଧୁସୂଦନ ଦାସ ଓ ବାବୁ ଜାନକୀନାଥ ବସୁ ପ୍ରତିନିଧିସ୍ୱରୂପ ମନୋନୀତ ହେଲେ । ଯୋଗ୍ୟ ସ୍ୱାଧୀନ ଓ ସମ୍ଭ୍ରାନ୍ତ ଲୋକମାନଙ୍କୁ ପ୍ରତିନିଧି ନିଯୁକ୍ତ କରି ସଭା ଆପଣା କର୍ତ୍ତବ୍ୟ ଯଥାରୂପେ ନିର୍ବାହ କରିଅଛନ୍ତି ଏବଂ ଆମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ପ୍ରତିନିଧିମାନେ ସଭାର ଅନୁରୋଧ ରକ୍ଷାକରି ସ୍ୱଦେଶର ମୁଖୋଜ୍ଜ୍ୱଳ କରିବେ ଏବଂ ସର୍ବସାଧାରଣଙ୍କର କୃତଜ୍ଞତାଭାଜନ ହେବେ । ଏ ପ୍ରଦେଶର ଅବସ୍ଥା ଗତବର୍ଷରି ହେବାର ଯଥାମାଣ ଦୃଷ୍ଟିରେ ପ୍ରତିନିଧିଙ୍କ ପାଥେୟ ବ୍ୟୟ ନିର୍ବାହ ହେବାପାଇଁ ଅର୍ଥସଂଗ୍ରହ କରିବା କିମ୍ବା କେତେକ ପ୍ରତିନିଧିମାନଙ୍କ ଆପ୍ତ କ୍ଲେଶ ଉପରେ ନିଜବ୍ୟୟରେ ଯାଇ ଯିବା କାରଣ ସଭା ଅତ୍ୟନ୍ତ ଦୁଃଖର ସହିତ ଅନୁରୋଧ କରିବାକୁ ବାଧ୍ୟ ହୋଇଅଛନ୍ତି କିନ୍ତୁ ସଭାର ଏକାନ୍ତ ବିଶ୍ୱାସ ଯେ ଯେଉଁମାନେ ପ୍ରତିନିଧି ମନୋନୀତ ହୋଇଅଛନ୍ତି ସେମାନେ ଅନ୍ୟ ଅନିବାର୍ଯ୍ୟ କାରଣବଶତଃ ଯିବାକୁ ଅକ୍ଷମ ନ ହେଲେ ବ୍ୟୟ ଭାରହେତୁ

Digitized by srujanika@gmail.com

ଏହି ମତରୁ କାର୍ଯ୍ୟ ସମାଧା କରିବାକୁ ତ୍ରୁଟି କରିବେ ନାହିଁ ।

---

### ଓଡ଼ିଶାର ଯୁବାମାନେ ।

ଗତ ବୁଧବାର ଏଠା ଷ୍ଟୁଡେଣ୍ଟସଭାର ଏକ ଅଧିବେଶନ ହୋଇଥିଲା ଏବଂ ତହିଁରେ ବାବୁ ଗଣପତି ଦାସ ଶୀର୍ଷାଙ୍କିତ ବିଷୟରେ ଖଣ୍ଡିଏ ଇଂରାଜୀରଚନା ପାଠ କରିଥିଲେ । ଏଥିପୂର୍ବେ ଆମ୍ଭେମାନେ ଏହି ସଭାର ଏକ୨ ଅଧିବେଶନରେ ବାଲ୍ୟବିବାହ ଜାତିନିୟମ ପ୍ରଭୃତି କେତେକ ବିଷୟରେ ରଚନା ପଠିତ ହେବାର ଶୁଣିଥିଲୁଁ ଏବଂ ବକ୍ତାମାନେ ସାଧ୍ୟାନୁସାରେ ଯୁକ୍ତିର ଅନୁକୂଳ ଓ ପ୍ରତିକୂଳ ମତମାନ ନାନାସ୍ଥାନରୁ ସଂଗ୍ରହପୂର୍ବକ ଶ୍ରୋତାମାନଙ୍କ ସମ୍ମୁଖରେ ଉପସ୍ଥିତ କରିଥିଲେ ଏବଂ ସାବଧାନତା ସହିତ ତହିଁର ମୀମାଂସା କରିବାରେ ଯୋଗ୍ୟତା ଦେଖାଇଥିଲେ । ମାତ୍ର ସେ ବିଷୟମାନ ଅତ୍ୟନ୍ତ ଗୁରୁତର ଓ ପ୍ରବୀଣମାନଙ୍କର ବିଚାର ସାପେକ୍ଷ ଥିବାରୁ ଶିକ୍ଷିତଯୁବାଙ୍କ ସକାଶେ ପ୍ରତି ବଡ଼ ଉପଯୋଗୀ ହୋଇ ନ ଥିଲା । ଗଣପତିବାବୁଙ୍କ ରଚନା ଯେମନ୍ତ ଏ ସଭାର ଉପଯୋଗୀ ହୋଇଥିଲା ତହିଁର ଭାଷା ଭାବ ଓ ବର୍ଣ୍ଣନପ୍ରଣାଳୀ ତେମନ୍ତ ସରସ ଓ ସୁନ୍ଦର ହୋଇଥିଲା । ରଚନାର ସାରମର୍ମ ଏହି କି ଶିକ୍ଷିତ ଯୁବାମାନେ ଓଡ଼ିଶାର ଆଶା ଭରସା ଅଟନ୍ତି ମାତ୍ର ଏମାନେ ଆପଣା ଜୀବନରେ ଶିକ୍ଷାର ଫଳ ଦେଖାଇ ନାହାନ୍ତି ବିଦ୍ୟାଳୟରୁ ବାହାର ହେଲେ ବା ଚାକିରି କଲେ ଯଥେଷ୍ଟ ହେଲା । ଧନଅର୍ଜନ ଏକମାତ୍ର ଲକ୍ଷ୍ୟସ୍ଥଳ ହେଲା । ସଚ୍ଚରିତ୍ରତା କର୍ତ୍ତବ୍ୟପରାୟଣତା ସ୍ୱଦେଶାନୁରାଗ ଉନ୍ନତି ତତ୍ତ୍ୱାନୁସନ୍ଧାନ ଧର୍ମଚର୍ଚ୍ଚା ଇତ୍ୟାଦି ପ୍ରତି ସେମାନଙ୍କର ଆଦୌ ଦୃଷ୍ଟି ନାହିଁ । ଆଳସ୍ୟ ବୃଥାଗଳ୍ପ ଓ ଆମୋଦ ପ୍ରମୋଦରେ ଆପଣାର ଅବକାଶକାଳକୁ ନଷ୍ଟ କରନ୍ତି । ଏ କଥାଗୁଡ଼ିକ ଯେ ଯଥାର୍ଥ ଏଥିରେ ସନ୍ଦେହ ନାହିଁ ଏବଂ ଜଣେ ଶିକ୍ଷିତ ଯୁବାଠାରୁ ଏପ୍ରକାର ଆତ୍ମଦୋଷଗ୍ରାହକ କଥା ଶୁଣି ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । କାରଣ ଆପଣାର ଦୋଷ ଅନୁସନ୍ଧାନବିନା ଉନ୍ନତିର ଅନ୍ୟଉପାୟ ନାହିଁ । ଦୁଃଖର ବିଷୟ ଯେ କେବଳ ଦଶବାରଜଣ ସଭ୍ୟ ଏ ସଭାରେ ଉପସ୍ଥିତ ଥିବାରୁ ଏ କଥାଗୁଡ଼ିକ ଶୁଣିଲେ ଅଧିକାଂଶ ସଭ୍ୟ ଅନୁପସ୍ଥିତହେତୁ ତାହା ଶୁଣିପାରିଲେ ନାହିଁ । ଆମ୍ଭମାନଙ୍କର ଇଚ୍ଛା ଯେ ଏହି ରଚନା ମୁଦ୍ରିତହୋଇ ଖଣ୍ଡେ୨ ପ୍ରତ୍ୟେକ ଶିକ୍ଷିତଯୁବାଙ୍କ ନିକଟରେ ରହିବାର ଉଚିତ ଯେ ପ୍ରତିଦିନ ଦର୍ପଣପରି ତାହାକୁ ଦେଖୁଥିଲେ ଅବଶ୍ୟ କିଛି ଉପକାର ହେବ । ବିଦ୍ୟାଶିକ୍ଷାର ପ୍ରୟୋଜନ ମନୁଷ୍ୟତା ଲାଭକରିବା ଓ ମନୁଷ୍ୟତା କାର୍ଯ୍ୟଉପରେ ନିର୍ଭର କରେ । ବିଦ୍ୟାଳୟରେ ଯେ ସମସ୍ତ ସୁମତି ଶିକ୍ଷା କରିବ ସଂସାରରେ ପ୍ରବେଶକରି ସେ ସତ୍କାର୍ଯ୍ୟରେ ପରିଣତ ହେଲେ ମନୁଷ୍ୟ ହେବ ଆପଣା ପେଟପୋଷଣ ସକାଶେ କିଏ ଧନ ଅର୍ଜ୍ଜନ କରୁ ନାହିଁ କି ? ଶିକ୍ଷିତ ଅଶିକ୍ଷିତର ପ୍ରଭେଦ ଧନଅର୍ଜନର ନ୍ୟୁନାଧିକଦ୍ୱାରା ଜଣାଯାଏ ନାହିଁ । କିନ୍ତୁ ଚରିତ୍ର ଓ କାର୍ଯ୍ୟଦ୍ୱାରା ଜଣାଯାଏ । ଆମ୍ଭେମାନେ ଆଶା କରୁଁ କି ଉତ୍କଳର ଯୁବାବୃନ୍ଦ ସର୍ବଦା ଆପଣା କାର୍ଯ୍ୟପ୍ରତି ଦୃଷ୍ଟି ରଖିବେ ଏବଂ ପରସ୍ପରର ଉନ୍ନତିନିମିତ୍ତ ଆପଣା ଆପଣାର ସଙ୍ଗରେ ସର୍ବଦା ଏହି ବିଷୟର ଚର୍ଚ୍ଚା କରିବେ । ତାହା ହେଲେ ଆପଣା୨ କର୍ତ୍ତବ୍ୟଜ୍ଞାନ ସେମାନଙ୍କ ମନରେ ସର୍ବଦା ଜାଗରୂକ ଥିବ । ପାରସ୍ୟକବି ସେଖସାଦି କହିଅଛନ୍ତି କି ବିଦ୍ୟା ଯେତେ ପଢ଼ିଲେ କି ହେବ ଯେବେ ତାହା କାର୍ଯ୍ୟରେ ପରିଣତ ନ କଲ ତେବେ ତୁମ୍ଭେ ମୂର୍ଖ । ଗୋଟାଏ ବଳଦଉପରେ କେତେଗୁଡ଼ାଏ ପୁସ୍ତକ ଲଦିଦେଲେ ଯେମନ୍ତ ମଧ୍ୟ ତୁମ୍ଭର ପୁସ୍ତକପଢ଼ିବା, ତେମନ୍ତ ହେବ । ଅର୍ଥାତ ସେପରି ପଢ଼ାରେ ତୁମ୍ଭେ ବିବେକୀ ବା ତତ୍ତ୍ୱଦର୍ଶୀ ହୋଇ ପାରିବ ନାହିଁ ।

---

## ସାପ୍ତାହିକସମ୍ବାଦ ।

ଅଠଦିନ ମେଘ ଛାଡ଼ିଯିବାରୁ ମୋଫସଲରେ କୃଷକର ଦୁଃଖ ହୋଇଥିଲେହେଁ ଏ ନଗରରେ ଗୃହଜଳ ଦର କମିବା ବୃଷ୍ଟି ହୋଇ ଲୋକଙ୍କ ଭରସା ଥିବ ।

ଗତ ମଙ୍ଗଳବାରଠାରୁ ଝଡ଼ି ବର୍ଷା ହେବାରୁ ସମସ୍ତଙ୍କର ମନ ଆନନ୍ଦ ହୋଇଅଛି ।

ଗତ ଶୁକ୍ରବାର ଏଠା ମେଡ଼ିକେଲସ୍କୁଲର ବାର୍ଷିକ ପୁରସ୍କାର ବଣ୍ଟାଗଲା । ଅତି ଅଳ୍ପ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ ।

### କଲିକତା-ଗେଜେଟ ।

ପୁରୀର ମାଜିଷ୍ଟ୍ରେଟ ଅଲେନ ସାହେବ ମେଦନୀପୁରର ମାଜିଷ୍ଟ୍ରେଟ ଓ କଲେକ୍ଟର ନିଯୁକ୍ତ ହେଲେ ।

ତରଣ ପ୍ରଗନାର ସବ୍‌ଜଜ ବାବୁ ଯଥାବୃଷ୍ଟ ସେନ ଦ୍ୱିତୀୟ ଶ୍ରେଣୀକୁ ଉନ୍ନୀତ ହୋଇଅଛନ୍ତି ।

କଟକର ସବ୍‌ଜଜ ବାବୁ ଯୋଗେଶଚନ୍ଦ୍ର ମିତ୍ର ପାଟନାକୁ ଓ ପାଟନାର ସବ୍‌ଜଜ ବାବୁ ବଳରାମ ମଲ୍ଲିକ କଟକକୁ ବଦଳି ହେଲେ ।

ସାହାବାଦର ମୁନସଫ ବାବୁ ଯୋଗେନ୍ଦ୍ରଲାଲ ଚୌଧୁରି କଟକକୁ ଓ କଟକର ମୁନସଫ ବାବୁ ମୋହନଲାଲ ସିଂହ ଯଶହର ଜିଲ୍ଲାର ବନଗାଁକୁ ବଦଳି ହେଲେ ।

ଉତ୍ତରପଡ଼ା କଲେଜର ଗଣିତଶିକ୍ଷକ ବାବୁ ମୋହନମୋହନ ଚୌଧୁରି ଏଠା ରେଭେନ୍ସା କଲେଜର ଗଣିତଶାସ୍ତ୍ର ଅଧ୍ୟାପକକାର୍ଯ୍ୟରେ ନିଯୁକ୍ତ ହେଲେ ।

ପୁରୀର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ କ୍ଷେତ୍ରମୋହନ ମିତ୍ର ଫୌଜଦାରି କାର୍ଯ୍ୟ ପ୍ରଣାଳୀର ୨୬୦ ଧାରାନୁଯାୟୀ ଅପରାଧୀମାନଙ୍କର ସରସରି ବିଚାର କ୍ଷମତାପ୍ରାପ୍ତ ହେଲେ ।

---

ଲକ୍ଷ୍ନୌର ଜଣେ ଧନୀ ବେଗମ ଅମିରଜାନ ଲାହୋରକୁ ଆସିଥିଲେ । ତାଙ୍କର ଜଣେ ଭୃତ୍ୟ ଲକ୍ଷ୍ନୌକୁ ଫେରିଯାଇ ବ୍ୟକ୍ତ କଲା କି ରାଉଲପିଣ୍ଡି, ପେଶାବରଇତ୍ୟାଦି ସ୍ଥାନକୁ ଯିବାର ବେଗମଙ୍କର ଇଚ୍ଛା ଅଛି । ଏ ହେତୁ ଲକ୍ଷ୍ନୌର ପୁଲିସ ତାଙ୍କ ଧନରକ୍ଷା ବେଗମଙ୍କପ୍ରତି ଦୃଷ୍ଟି ରଖିବାକାରଣ ଲାହୋର ପୁଲିସକୁ ଉପଦେଶ ପଠାଇଲେ ମାତ୍ର ଏହିମଧ୍ୟରେ ବେଗମ ଅନ୍ତର୍ଦ୍ଧାନ ହେବାରୁ ପୁଲିସ ବଡ଼ ବ୍ୟସ୍ତ ହୋଇ ତାଙ୍କୁ ଖୋଜୁଅଛନ୍ତି । ଏଣେ ଲକ୍ଷ୍ନୌରେ ବେଗମଙ୍କ ଘରେ ସିଲମୋହର ହୋଇ ଧନେକମାଲ ଅଟକ ହୋଇଅଛି ।

ମୋଏଲନ ସାହେବ ଜଣେ ବ୍ରହ୍ମଦେଶୀୟ ଲୋକ ନାମରେ ରଙ୍ଗୁନର ଦେୱାନି ଅଦାଲତରେ ମୋକଦ୍ଦମା କରିଥିଲେ ତହିଁରେ ପ୍ରକାଶହେଲା ଯେ ସାହେବ ବାଦୀ ବର୍ମାର ଓ ଭାରତବର୍ଷର ସମ୍ବାଦପତ୍ରମାନଙ୍କରେ ପ୍ରତିବାଦର ସ୍ୱତ୍ୱାଧିକାର ବିଷୟ ସୂତ୍ର ଲେଖି ତହିଁପ୍ରତି ଗବର୍ଣ୍ଣମେଣ୍ଟର ମନ ଆକର୍ଷଣ କରିବା କାରଣ ୫୦୦ଟଙ୍କା ପାଇବାର ଚୁକ୍ତି ହୋଇଥିଲା । ଟଙ୍କାର ମହାତ୍ମ୍ୟ ସର୍ବତ୍ର !!

ସେକେନ୍ଦ୍ରାବାଦରେ କେତେକ ଯୁବକ ଅଣ୍ଡାଖେଳ ( billiards ) ଖେଳୁଥିଲେ । ଉକ୍ତଖେଳରେ ପେଣ୍ଡୁ ଅଧିକ ଖୋଲ ମୁଖରେ ପ୍ରବେଶକରାଇବା କାମ ହେବାରୁ ଜଣେ ଯୁବକ ଗୋଟାଏ ଖୋଲ କୌଣସିପ୍ରକାରେ ଆପଣା ମୁଖମଧ୍ୟରେ ପ୍ରବେଶ କରାଇଲେ ମାତ୍ର ଆଉ ବାହାରକରି ପାରିଲେ ନାହିଁ । କିଛିକ୍ଷଣରେ ଅତି ବ୍ୟସ୍ତ ହେବାରୁ ଡାକ୍ତରଖାନାକୁ ଗଲେ ଓ ଡାକ୍ତର ଅନେକକଷ୍ଟରେ ଅସ୍ତ୍ରଚାଳନଦ୍ୱାରା ପେଣ୍ଡୁକୁ ବାହାରକଲେ । ସେ କହିଲେ କି ଅତି ଅଳ୍ପସମୟ ପେଣ୍ଡୁ ମୁଖମଧ୍ୟରେ ରହିଥିଲେ ନିଶ୍ୱାସ ରୁଦ୍ଧହୋଇ ମୃତ୍ୟୁ ଘଟିଥାନ୍ତା । ସେ ଯୁବକ ଜଣେ ଅନନ୍ୟ ଅଟନ୍ତି ତଥାପି ଅନ୍ୟଲୋକର ଖେଳରେ ଏପରି ଅପଦସ୍ଥ ହୋଇଥିଲେ । ଖେଳ କେତେ ପ୍ରମାଦର ମୂଳ !

ଜବଲପୁର ରାଜକୁମାର ସ୍କୁଲର ବ୍ୟାୟାମଶିକ୍ଷକ ମହମ୍ମଦଖାଁଙ୍କ ନାମରେ ସେହି ସ୍କୁଲର ଅନ୍ୟଜଣେ ଶିକ୍ଷକ ଅବଦୁଲସଲାମ ଲୋକର ଅପବାଦ ଦେବାରୁ ସେହି ସଭାରେ ମହମ୍ମଦ ଖାଁ ତାଙ୍କୁ ପ୍ରତିଫଳଦେବାକୁ ଗୁଳିକରି ହତକଲେ ଓ ତହିଁଉତ୍ତାରେ ସେହି ଅସ୍ତ୍ରଦ୍ୱାରା ଆପଣାର ମସ୍ତିଷ୍କକୁ ଛେଦନ କରି ପ୍ରାଣତ୍ୟାଗ କଲେ । କ ଦୁଃଖର ବିଷୟ । ସାମାନ୍ୟ କେତେକ କଥାରେ ଓ ହତ୍ୟାକାରକ ନାଶ ହୋଇଗଲା !

ଏଥର ପାର୍ଲିମେଣ୍ଟରେ ଆମ୍ଭମାନଙ୍କର ନମ୍ର ସେକ୍ରେଟରୀ ବ୍ୟକ୍ତ କରିଅଛନ୍ତି ଯେ ଭାରତ ଦୁର୍ଭିକ୍ଷ ପାଣ୍ଠିର ଟଙ୍କା ରେଲ ବାଟ; ଖାଲ, ଋଣ ପରିଶୋଧ ଓ ଦୁର୍ଭିକ୍ଷଙ୍କା ନିବାରଣାର୍ଥ ସମ୍ବାଦ ପଠାଇବାରେ ବ୍ୟୟିତ ହୋଇଅଛି । ମାତ୍ର ତହିଁର ସବିଶେଷ ବିବରଣ ଅଦ୍ୟ ପ୍ରକାଶ କରି ନାହାନ୍ତି ।—କେତେବେଳେ କେଉଁପ୍ରକାର ବୈଠିଫିୟତ ଶୁଣିବାକୁ ହେଉଅଛି ମାତ୍ର ଭୁଖ ବୈଠିଫିୟତରେ ପେଟ ପୂରିବ କି ?

ସମ୍ବଲପୁର ଡ଼ିଭିଜନର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ପାଟଣା ଜିଲ୍ଲାର ଏକସ୍ଥଳରେ ଭଲ ଫସଲ ହୋଇଅଛି ଅନ୍ୟସ୍ଥଳରେ ବୃଷ୍ଟି ଅଭାବରୁ ଫସଲ ହେବାର ଦେଖିବାଅ ଲୋକେ ନିତାନ୍ତ କ୍ଳେଶ କରୁଅଛନ୍ତି ।

ଉକ୍ତ ସମ୍ପାଦକଙ୍କର ଅନ୍ୟଜଣେ ପତ୍ରପ୍ରେରକ ଲେଖି-ଅଛନ୍ତି ଯେ ଗତ ମାସ ତା ୧୬ ରିଖ ସକାଳ ଅଠଘଣ୍ଟା ସମ-ୟରେ କରପାର ଏକାକାର ଏକ କ୍ଷୁଦ୍ର ନଗରୁ ଏକ ସୂର୍ଯ୍ୟାକାର ଦର୍ଶି ଶବ୍ଦ କାହାର ପୂର୍ଣ୍ଣିମାସୂଚକ ଶବ୍ଦ କରି ତ୍ରୁଟବେଗରେ ପୂର୍ବାଭିମୁଖେ ପ୍ରାୟ * ମାଇଲ ଯାଇ ଅକାଶରେ ସ୍ଥିର ହୋଇଗଲା । ଏହାର ସେପ୍ରାର୍ଥିତ୍ର ବୃଦଲଭାବ ବର୍ଣ୍ଣାରୂଢ଼ ହେବାର ଦେଖାଗଲା । ଉଲ୍କାପ୍ରାର କଥା ପ୍ରାୟ ସମସ୍ତେ ଜାଣନ୍ତି କିନ୍ତୁ ଅଗ୍ନିସ୍ତମ୍ଭ ନଭୁକ ଘଟଣା ଅଟଇ । ଏହାର ଉତ୍ତର କିଛି ଜଣା ଯାଇ ନାହିଁ ।

ବେଲଜିୟମ ଦେଶରେ ପାଗଲ ଗାର୍ଡ଼ରେ ବନ୍ଧ ଥିବା ଏକ ପାଗଲ ଉନ୍ମତ୍ତ ହୋଇ ଯିବା ସମୟରେ ତାହା ହାତ-ରେ ପଟେ ଛୁରୀ ପଡ଼ିବାରୁ ସେ ଛଅଜଣ ଲୋକଙ୍କ ପ୍ରାଣରେ ମାର ପକାଇ ଅଛି ଏବଂ ଅନ୍ୟ ତ୍ରିଂଶ ଜଣ ଲୋକଙ୍କୁ ଗୁରୁ ଆଘାତ କରଇଅଛି ।

ଗତ ଅଗଷ୍ଟମାସ ତା ୨୬ ଦିନରେ ବ୍ରୁଷିୟାର ଅନ୍ତର୍ଗତ ସେଣ୍ଟୋରିକ ଠାରେ ଭୟାନକ ଭୂମିକମ୍ପ ହୋଇଯାଇ ଅବାର ସମ୍ବାଦ ମିଳଇ । ଅନେକ ଘରଦ୍ୱାର ଭାଙ୍ଗି ପଡ଼ି-ଥିବାର ଓ ଶତ୨ ଲୋକ ମୃତ୍ୟୁ ଲଭିଥିବାର ଜଣାଯାଏ ।

ଅଏର୍ଲଣ୍ଡ କାଣ୍ଡ ଅଦ୍ୟାପି ଶେଷ ହୋଇ ନାହିଁ । ପୁଣି ପାର୍ଲିମେଣ୍ଟ ମେମ୍ବର ଓ ବ୍ରାଏନ ସାହେବ ଓ ଅନ୍ୟ ଏକଜଣ ସାହେବ କାରାଦଣ୍ଡର ଆଦେଶ ପାଇଅଛନ୍ତି । ପ୍ରଥମ କୀର୍ତ୍ତିମା ୨ ସ ଓ ଶେଷୋକ୍ତବ୍ୟକ୍ତି ୧୦ ମାସ କାରାବାସ କରିବେ ।

ଉଣ୍ଡିଆବାଲକ୍‌ହିଲ ସମ୍ବନ୍ଧରେ ଯେଉଁ ଅଧିକ ବଳଦପା-ର୍ଲିଆମେଣ୍ଟରେ ଅଗ୍ରତ ହୋଇଥିଲା ତାହା ପାସ ହୋଇଅଛି-ବାର ସମ୍ବାଦ ମିଳଇ ।

## ସୁକ୍ଷ୍ମି-ସମ୍ବାଦ ।

ପୁର ଉକ୍ତ ସପ୍ତାହ ଦେଇ ବୃଷ୍ଟି ନ ହେବା ଯୋଗେ ଲୋକମାନେ ପୂର୍ବବର୍ଷପରି ମେଘ ଲଭିବାର ଅପେକ୍ଷା କରୁ-ଥିଲେ, କିନ୍ତୁ ଗତ ସପ୍ତାହରେ ପୁର ଏକଅସ୍ତ୍ର ବୃଷ୍ଟି ହୋଇଥିବାରୁ ଲୋକଙ୍କ ମନରୁ ସେ ଭୟ ଦୂରୀଭୂତ ହୋଇଅଛି । ସୁତରାଂ ଫସଲର ଅବସ୍ଥା ଭଲ ଅଛି ।

ଅସ୍ମମାନଙ୍କର ଏ଼ ମାଜିଷ୍ଟ୍ରେଟ ମହୋଦୟ ବାୟୁସେବନମନ୍ତ୍ରେ ଏଠାରେ ଆସିଲ ହେଲେ ବୋଲି ଶୁଣି ପାରି ଲୋକେ ଆନନ୍ଦିତ ଅଛନ୍ତି ।

ଅତ୍ରସ୍ଥ ମିଉନିସିପାଲ ସେକ୍ରେଟରୀ ବାବୁ ଗୋପାଳଚନ୍ଦ୍ର ମୂର୍ଦ୍ଧ୍ୟୋ ଅଷ୍ଟାବିଂଶତିତା ସହିତ ପୋଟକ ଦରବାର ଥିବାରୁ ଏକବ୍ୟକ୍ତି ଗୁରୁତରରୂପେ ଆଘାତ ପାଇଅଛି ବାବୁ ମହା-ଶୟଙ୍କ ନାମରେ ମୋକଦମା ଏଠା ଫୌଜଦାରୀ ଅଦାଲ-ତରେ ଦାଏର ଅଛି ।

ପୁରି ମଠାଧିପମାନଙ୍କମଧ୍ୟରେ ଅଧିକାଂଶ ଯୁବକପ୍ରେମରେ ରତ, ଓଡ଼ିଆ ସମ୍ବାଦପତ୍ରରେ ଯାହା ଲେଖା ହୋଇଥିଲା ତାହା ଯଥାର୍ଥ କାରଣ ଯେହେତୁ ଏଠାରେ କୌଣସି ମଠର ଅଧିକାରୀ ଏକନାରୀକୁ ଗର୍ଭରୁ ସନ୍ତାନ ଉତ୍ପାଦନ କରାଇ ଭରଣପୋଷଣ କରାଇବାକୁ ଅସମ୍ମତ ହେବାରୁ ମାତାଙ୍କ ପକ୍ଷରୁ ମୋକଦମା ଦାଏର ହୋଇ-ଅଛି । ଏପରି କେତେକ ଓ କେତେସ୍ଥାନ ଅଛି ।

ଅତ୍ରସ୍ଥ ଜେଲଖାନାରୁ ଏକ ନାମଧାରୀ ପୁରୁ ବୟସାଙ୍କ ମଧ୍ୟରୁ କେତେଜଣଙ୍କ ଅସାବଧାନତାରେ ଅସମ୍ପୂର୍ଣ୍ଣ ମିଆଦର ସକଳଏକ ଖଲାସ ହୋଇ ଯାଇଥିବା ସୁତରାଂ ସେ ପୁନର୍ବାର

ଧୃତ ହୋଇଅଛି; ପ୍ରକୃତ ପୂର୍ବନିର୍ଦ୍ଦିଷ୍ଟ କଏଦୀ ଖଲାସ ହୋଇ-ଅଛି ।

ଅତ୍ରସ୍ଥ ଜିଲ୍ଲାସ୍କୁଲର ହେଡ଼ମାଷ୍ଟର ମହୋଦୟଙ୍କର ବସା-ଘର ତାଲା ଭାଙ୍ଗି ସିନ୍ଧୁ ପାତକ ଓ ଘରର କୌଣସି ବାକ୍ସ ସେମାନଙ୍କ ନେଇ ଥିଲେ ସେଥିରେ ନଗଦ ଟ ୬୦ ଙ୍କା ଓ ଅନ୍ୟାନ୍ୟ କେତେକ ସାମଗ୍ରୀ ଥିଲା ସମସ୍ତ ମାଲ ପ୍ରାପ୍ତ ହୋଇଅଛି ଅଗ୍ନିମାନେ ହାକିମାଧୀନ । ଏ ପ୍ରିୟ ପୁଲିସଟିକ୍ ବାବୁ ମହୋଦୟ ବଳେଶ୍ୱରଠାରୁ ସ୍ୱଦେଶ ଆସିଅଛନ୍ତି ।

କ୍ରମାଗତ ମା ୪ ସ ଗତ ହେଲା ଦସ୍ୟୁର୍ଦ୍ଦତର ଗବର୍ଣ୍ଣ-ମେଣ୍ଟଙ୍କର ନାନା ସ୍ଥାନର ବାଙ୍ଗ ଲଙ୍କପ୍ରଦ ଦୃଷ୍ଟି ପଡ଼ଥି-ଲେହେଁ ସୁଦ୍ଧା କଟାଲମାନେ ଦସ୍ୟୁର ତତ୍ତ୍ୱ ଦେଖି ପାରିଲେ ନାହିଁ । ଏହା ସାମାନ୍ୟ କ୍ଷୋଭର ବିଷୟ ନୁହେ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ କଲମ ଧରିଥିଲା ପରି ବୋଧ ହେଉ ନାହିଁ ଯାହା ହେଉ ଉପରଲ୍ଲିଖିତ ନାନା ସ୍ଥାନରୁ ଆଗତ ନଗର ବାସିନ୍ଦାମାନେ ଜଗନ୍ନାଥ ମହାପ୍ରଭୁଙ୍କର ଅଗ୍ର ହେଉ ଏହି ଦୁଃଖ ସମୟ ତ୍ରାହି ଫେରି ଗଲେ ସମ୍ପ୍ରତି ପ୍ରାୟ ୫ ୨୦୦ ଜ କାଙ୍ଗାଲ ଏଠାରେ ଅଛନ୍ତି; ଜଗନ୍ନାଥଙ୍କ କୃପାରୁ ଏମାନେ ମଧ୍ୟ ଅଳ୍ପଦିନ ମଧ୍ୟରେ ଏଠାରୁ ବିଦାୟ ହୋଇ ଯିବେ ।

ପୁରି ଜିଲ୍ଲାସ୍କୁଲ ସମ୍ପୃକ୍ତ ଡେପୁଟି ଇନ୍‌ସ୍ପେକ୍ଟର ଶ୍ରୀଯୁକ୍ତ ବାବୁ ପ୍ୟାରୀମୋହନ ସେନ ଶୋର୍ଦ୍ଦୀ ଓ ପିପିଲି ଅଞ୍ଚଳ ଗସ୍ତରୁ ଯାଇ ଅଛନ୍ତି ଶୁଣା ଯାଏ କେତେକ ସ୍କୁଲର ସାହାଯ୍ୟ କମା-ଇବା ଏ ଗସ୍ତର ଗୋଟିଏ ଉଦ୍ଦେଶ୍ୟ ।

## ପତ୍ରପ୍ରେରକଙ୍କ ପ୍ରତି ।

ବୁଲଜଣ ଭ୍ରମଣକାରୀ—ଅନେକଲୋକଙ୍କ ସାକ୍ଷାତରେ ପୁଲିସ ସ୍ୱେରକୁ ଗାଡ଼ି ଦେଇଥିଲେ ମୃତେଇ ମାଜିଷ୍ଟ୍ରେଟଙ୍କୁ ଜଣାଇ ପ୍ରତୀକାର ପାଇ-ପାରେ । ସମ୍ବାଦପତ୍ରରେ ପ୍ରକାଶଦ୍ୱାର ଅଧିକ ଫଳ ହେବନାହିଁ ।

ସ୍ଥାନାଭାବରୁ ଅନ୍ୟାନ୍ୟ କେତେକଖଣ୍ଡ ପତ୍ର ଅପ୍ରାକାଶିତ ରହିଲା ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ ମାନେ ଦାୟୀ ନୋହୁଁ ।

ଶୀଳ ଶ୍ରୀଯୁକ୍ତ. ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ନିମ୍ନ-ଲିଖିତ କେତେକ ପଂକ୍ତିକୁ ସ୍ଥାନ ଦାନ କରି ବାଧିତ କରିବା ହେବେ । ଯେଉଁମାନେ ବଧର୍ମି ହେବେ ବା ସ୍ୱଦରୁ ବାହାର ଯିବେ ସେମାନେ ପୈତୃକ ସମ୍ପତ୍ତିବା ଠାକୁର ସେବା ପ୍ରଭୃତିରେ ଅଧିକାରୀ ହୋଇ ପାରବେ କି ନାହିଁ । ଇତି

ଦେଷଭାର }
୧୬।୯।୮୯ } । ନ । କେନ ।

ଶ୍ରୀ ଧର୍ମପରିବର୍ତ୍ତନରେ ଉତ୍ତରାଧିକାରକୁ ନଷ୍ଟ ହେବ ନାହି ଦେଇ ଅଧିକ ଅଛି ବୋଇ ଅସ୍ମମାନଙ୍କର ମୂଳଶ ଦେଉଅଛି ମାତ୍ର ଠାକୁର ସେବା ପ୍ରଭୃତି ଅବଶ୍ୟ ନିଷେଧ ହେବ—
ସ. ଉ. ଦୀ

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ପତ୍ରିକାର କୌଣସି ଅଂଶରେ ସ୍ଥାନ ଦେଇ ସର୍ବସାଧାରଣଙ୍କୁ ଜ୍ଞାତ କରାଇଲେ ଅମ୍ଭେମାନେ ବିଶେଷ ବାଧିତ ହେବୁଁ ।

ଅସ୍ମମାନଙ୍କ ଗ୍ରାମ । ମୌ । କୁତ୍ରି ଓ । ମୌ । ଲପନ୍ଥୁଆ । ପ୍ର । ଜଏପୁର । ମୌ । ମହମଦ-ନଗର । ପ୍ର । ଅଲତି । ମୌ । ଝରଭାଙ୍ଗ । ପ୍ର । ସୁପ ଡ଼ାପ୍ରଭୃତି ଗ୍ରାମମାନଙ୍କରେ ଏହି ଗତ ଜୁନ ଓ ଜୁଲାଇମାସରେ ମାରୀଭୟ ଉପ-ସ୍ଥିତ ହୋଇଥିଲା ଅମ୍ଭେମାନେ ଡାକ୍ତରୀ ଔଷ-ଧାଦି ବ୍ୟବହାର କରିଥିଲୁଁ କିନ୍ତୁ କୌଣସି ଉପକାର ଦର୍ଶିଲା ନାହିଁ ଅବଶେଷରେ ଅମ୍ଭେ-ମାନେ । ମୌ । ଅଲଲେଖାନ । ପ୍ର । ଯଯପୁର-ନିବାସୀ ଶ୍ରୀ ଗୋପୀନାଥ ଅଗ୍ନିର୍ଯ୍ୟନାମକ ବ୍ରାହ୍ମ-ଣଙ୍କୁ ଡକାଇଲୁଁ ସେ ଆସି ହୋମ, ଜପାଦି କରି ହଳିତ ରୋଗୀମାନଙ୍କୁ ଆରୋଗ୍ୟ କଲେ ଯେଉଁମାନେ ପ୍ରପୀଡ଼ିତ ଥିଲେ ସେମାନଙ୍କମଧ୍ୟରୁ କେତେ୨ ନଷ୍ଟ ହେଲେ ଓ ଅବଶିଷ୍ଟ ବିଶେଷ ଲୋକ ଆରୋଗ୍ୟ ହେଲେ । ପ୍ରକାରାନ୍ତ କୁତ୍ରଗ୍ରେଗ ସେ ଗ୍ରାମମାନଙ୍କରେ ଦାହାରକୁ ଆକ୍ରମଣକଲା ନାହିଁ, ଅତଏବ ଅସ୍ମମାନଙ୍କର ସର୍ବସାଧାର-ଣରେ ଏହି ପ୍ରାର୍ଥନା ଯେ ଯେଉଁ ଗ୍ରାମରେ ହଳିତରୋଗ ପ୍ରବେଶ ହେବ ସେହି ଗ୍ରାମବାସି-ମାନେ ଉକ୍ତ ବ୍ରାହ୍ମଣଙ୍କୁ ଡକାଇ ନେଲେ ସେମାନଙ୍କର ବିଶେଷ ଉପକାର ହେବାର ସମ୍ଭାବନା ।

୨୨।୮।୮୯

ଶ୍ରୀ ବ୍ରଜକିଶୋର ଦାସ
ଶ୍ରୀ ଲକ୍ଷ୍ମୀଧର ମହାପାତ୍ର
ଶ୍ରୀ ମାଧବଧର ଦାସ
ଶ୍ରୀ ଦଇପଣ୍ଡା
ଶ୍ରୀ ବାବୁ ବ୍ୟାଧିତରଣ ମହାନ୍ତି
ଶ୍ରୀ ଚନ୍ଦ୍ରଧ୍ୱଜ ଶ୍ୟାମଚରଣ ମହାନ୍ତି
ଶ୍ରୀ କାଶୀନାଥ ନାୟକ

ମହାଶୟ !

ସଂଶୋଧନ ପୂର୍ବକ ନିମ୍ନଲିଖିତ ବିଷୟଟିକୁ ପ୍ରକାଶିତ କରିବେ । ସାଲେପୁର ଥାନା ଅନ୍ତର୍ଗତ ସାମନ୍ତସୁର ଗ୍ରାମରେ ଗୋଟିଏ ମଧ୍ୟମଶ୍ରେଣୀ ବିଦ୍ୟାଳୟ ଅନେକ ଦିନରୁ ସ୍ଥାପିତ ହୋଇଅଛି

Split by PDF Splitter



ଏହିଗ୍ରାମର ଓ ଅନ୍ୟାନ୍ୟ ଗ୍ରାମମାନଙ୍କର ଅଧିକାଂଶ ଗରିବ ପିଲ୍ଲମାନେ ଏଠାରେ ଅଧ୍ୟୟନ କରନ୍ତି । ଏ ବିଦ୍ୟାଳୟରୁ ପ୍ରତିବର୍ଷ ପ୍ରାୟ ୪ ।୫ ଣ ଛାତ୍ର ବର୍ଣ୍ଣାକ୍ୟୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଅଛନ୍ତି । ଏହିବିଦ୍ୟାଳୟଟି ପ୍ରତିବର୍ଷ ସନ୍ତୋଷଜନକ ଫଳ ଦେଖାଇ ଆସୁଅଛି । କଲିକତା ନିବାସୀ ସୁପ୍ରସିଦ୍ଧ ଜମିଦାର ଦେବେନ୍ଦ୍ରନାଥ ଠାକୁର ଏହିଗ୍ରାମର ଜମିଦାର ଅଟନ୍ତି । ଏ ମହାତ୍ମା ପ୍ରାୟ ୬୦ ବର୍ଷ ହେବ ଏହିବିଦ୍ୟାଳୟ ବ୍ୟୟ ନିମିତ୍ତ ମାସିକ ଟ ୧୦ ଙ୍କା ସାହାଯ୍ୟ ପ୍ରଦାନ କରି ଆସୁଅଛନ୍ତି । ବିଶ୍ୱସ୍ତସୂତ୍ରରୁ ଅବଗତ ହେଲୁ ଯେ ଅରକ୍ଷେଲ କଟେଗ ଜାଏବ ଉକ୍ତ ମହାତ୍ମାଙ୍କ ନିକଟକୁ ରିପୋର୍ଟଦ୍ୱାରା ଜଣାଇ ଅଛନ୍ତି କି ସାମନ୍ତସପୁର ସ୍କୁଲ ସାହାଯ୍ୟରୁ ବର୍ଦ୍ଧିତାଂଶ ବର୍ଜ୍ଜନ କରି ଜାଏବ ମହୋଦୟଙ୍କର ନିଜସ୍ଥାପିତ ଅରକ୍ଷେଲ-ସ୍କୁଲକୁ ସାହାଯ୍ୟ ପ୍ରଦାନ କରିବେ । ତହିଁର କି ଆଦେଶ ହୋଇଅଛି ଅମ୍ଭେମାନେ ଅଦ୍ୟାବଧି ଶୁଣି ନାହୁଁ । ଉପରୋକ୍ତବାବୁ ମହୋଦୟ ୪ମାସ ହେଲା ବିଦ୍ୟାଳୟର ନିର୍ଦ୍ଦିଷ୍ଟ ଟଙ୍କା ପ୍ରଦାନ କରି ନ ଥିବାରୁ ଶିକ୍ଷକମାନେ ବେତନ ପାଇ ନାହାନ୍ତି । ଅଳ୍ପବେତନଭୋଗୀ କର୍ମଚାରୀମାନେ ଚାରିମାସର ବେତନ ନ ପାଇଲେ ଯେପ୍ରକାର କଷ୍ଟ ଭୋଗ କରନ୍ତି ତାହା କାହାରିକୁ ଅବିଦିତ ନାହିଁ । ୧୦ ଟଙ୍କା ଟଙ୍କାରୁ ଊଣା ହେଲେ ସେଠାରେ ବିଦ୍ୟାଳୟଟି ରହିପାରିବ ନାହିଁ । ଗରିବ ପିଲ୍ଲମାନେ ମୂର୍ଖରୁ ରହିବେ ।

ଅମ୍ଭେମାନେ ବିନୀତଭାବରେ ଉପରୋକ୍ତ ମହାଶୟମାନଙ୍କୁ କୃତାଞ୍ଜଳିପୂର୍ବକରେ ଅନୁରୋଧ କରୁଅଛୁଁ ଯେ ମହୋଦୟମାନେ ଅମ୍ଭମାନଙ୍କ ଅବସ୍ଥା ଦେଖି କରୁଣାର୍ଦ୍ର ହୋଇ ଏହି ବିଦ୍ୟାଳୟଟିର ସ୍ଥାୟିତ୍ୱ ପ୍ରତି ଦୃଷ୍ଟି ନିକ୍ଷେପ କରିବେ । ଗତ ୪ମାସର ଟଙ୍କା ସେମାନଙ୍କୁ ଅତିଶୀଘ୍ର ପ୍ରଦାନ କରି ସେମାନଙ୍କର କଷ୍ଟ ମୋଚନ କରିବେ । ତାହା ହେଲେ ଅମ୍ଭମାନଙ୍କର ଓ ସାଧାରଣଙ୍କର ପ୍ରୀତିଭାଜନ ହେବେ । ଇତି ।

୧୧।୯।୮୯ ଶ୍ରୀ ଚିନ୍ତାମଣି ମହାନ୍ତି ।

---

ମହାଶୟ !

ନିମ୍ନଲିଖିତ ବିଷୟମାନ ପତ୍ରସ୍ଥ କରି ବାଧିତ କରିବା ହେବେ ।

ବର୍ତ୍ତମାନ ଏଠାରେ ଶୁଣାଯାଏ ଯେ ଏତଦ୍ଦେଶର ଦୁର୍ଭିକ୍ଷ ଲୁଚାଇଥିବା ଦୋଷରୁ ତହସିଲଦାର ବାବୁ ଓ ତାଙ୍କ ଅଧୀନସ୍ଥ ଅମଲବର୍ଗ ବଦଳି ହେବେ । ଏହା ପ୍ରକୃତ ସତ୍ୟ ହେଲେ ବୋଧହୁଏ ଏ ଡିଷ୍ଟ୍ରିକ୍ଟର ଜାନକ୍ୟାୟ୍ୟ ହେବ କି ?

ଏଠାକାର ବନ୍ଦୋବସ୍ତର କାଗଜାତ ରହିବା ନିମନ୍ତେ ଟ ୫୦୦୦ ଙ୍କା ବ୍ୟୟରେ ଗୋଟିଏ ପକ୍କାଗୃହ ଗତବର୍ଷ ପ୍ରସ୍ତୁତ ହୋଇଥିଲା । ମାଷ୍ଟ୍ରାହିଲ ପରିବର୍ତ୍ତେ କାଠପଟା ପଡ଼ ଛାତରେ ସୁରୁକି ପିଟା ନ ହୋଇ କେବଳ ବନ୍ଧ ହୋଇ ଥିବାରୁ ସାମାନ୍ୟ ବର୍ଷାରେ ଉପର ଛାତର ପାଣି ସୁରୁକିଗୁଣ୍ଡ ମିଶ୍ରିତ ହୋଇ ଉର୍ଦ୍ଦମାନରେ ସ୍ରୋତରୂପେ ପଟା ମଧ ଦେଇ ନିମ୍ନକୁ ପ୍ରବାହିତ ହୋଇ କାଗଜାତ ନଷ୍ଟ କରିବା ଓ କାନ୍ଥମାନ ବଙ୍କା ଥିବାରୁ ଖଣ୍ଡ ଖଣ୍ଡ ହୋଇ ଖଙ୍ଗଖଡ଼ି ପଡ଼ୁଥିବାରୁ ବର୍ତ୍ତମାନ ତହିଁରୁ କାଗଜାତମାନ ତହସିଲଖାନା ଭିତରକୁ ଅଣାଯାଇ ଉକ୍ତ ମାହାଫିଜଖାନା ଶୂନ୍ୟ ହୋଇଅଛି । ପକ୍କାଗୃହ କି ପର୍ଣ୍ଣକୁଟୀରରୁ କମ୍ ? ଏଥି ପ୍ରତି ଉଦାରଚିତ୍ତ ହାକମମାନଙ୍କର ଚକ୍ଷୁପତନ ହେବାକୁ ମୁଖଲଜ୍ଜା ହୁଏ କି ?

ସମ୍ପ୍ରତି ବନ୍ଦୋବସ୍ତ ଇଲାକାର ଉଦାରଚିତ୍ତ କର୍ମଚାରୀମାନେ ମଫସଲ ଯାଇ ପ୍ରଜାଙ୍କୁ ଜମି ଜମା ବୁଝାଇ ବନ୍ଦୋବସ୍ତ ଶେଷ ହୋଇଥିବାର ବିଜ୍ଞାପନ ଜାରି କରି ପ୍ରଜାଙ୍କ ଜମି, ଜମା, ବନ୍ଦୋବସ୍ତ ବିଷୟର ଆପତ୍ତିମାନ ଗ୍ରହଣ କରୁ ନ ଥିବାରୁ ପ୍ରଜାମାନେ ଦୁର୍ଭିକ୍ଷହେତୁ ତାଙ୍କୁ ବୋଧ କରି ଆପେ ଭବିଷ୍ୟତକୁ ସୁଖୀ ହେବାକୁ ସାହସୀ ହୋଇ ପାରୁ ନାହାନ୍ତି । ମଧ୍ୟ କେହି କେହି କର୍ମଚାରୀମାନେ କହୁ ଅଛନ୍ତି କି "କର ମୁଣ୍ଡରେ ଦେବା ତା ମାହାଲି ମୁଣ୍ଡରେ ଠେକି" ଏହା ଶୁଣି ପ୍ରଜାମାନେ ନିରୁପାୟ ହୋଇ କପାଳକୁ ଠୁଙ୍କୁଅଛନ୍ତି । ସୁତରାଂ ଦୁର୍ଭିକ୍ଷ ସମୟରେ ବନ୍ଦୋବସ୍ତ ହେଲେ ପ୍ରଜାଙ୍କୁ ଅସୀମକଷ୍ଟ ହେବ । ସରକାର ସୁବିଚାର କରି ବନ୍ଦୋବସ୍ତ କାର୍ଯ୍ୟ ସ୍ଥଗିତ ରଖିବାର ଉଚିତ ।

ଉଲଫ ନଗ୍ରାର ଶ୍ରୀଯୁତ ଓର୍ଲୀଅର ସାହେବ ମହୋଦୟ ନୀଳଗିରିପୁର ଅଭିଟପୋଷ୍ଟର ସଞ୍ଚଟର କନେଷ୍ଟବଲ ରଘୁନାଥ ପଟ୍ଟନାୟକ ଓ ଚଉକିଦାର ସରବରାହକାରଙ୍କୁ ବହୁ ଜିନିଷ ତଲବ କରିବାରେ ତାହା ଏ କାଳରେ ଅପ୍ରାପ୍ୟ ଥିବାର ସେମାନେ କହିବାରୁ ସାହେବ ତାଙ୍କୁ ବାଡ଼ି ଓ ଯୋତା ଅଦହାଙ୍କ ଅନେକ ଅସାତପୁରସ୍କାର ପ୍ରଦାନ କରି ଅଛନ୍ତି । ଏପରି ଅତ୍ୟାଚାର ଓ ଅନ୍ୟାନ୍ୟ କାର୍ଯ୍ୟ ଇଂରାଜ କର୍ମଚାରୀଙ୍କର ଦେଖି ବଡ଼ଦୁଃଖିତ ହେଲୁଁ ।

ଏ ଜିଲ୍ଲାରୁ କେତେକ ଜଣ ସରବରାହକାରଙ୍କୁ ସାମାନ୍ୟ ସାମାନ୍ୟ କଥାରେ ଓ ବିନା ଦୋଷରେ ଅନ୍ୟାୟରୂପେ ସସପେଣ୍ଡ କରା ଯାଇଅଛି । ମାତ୍ର ମାତ୍ରମାନ ଗରିବ୍ ଅଙ୍ଗିଲେ ବାହାଦୂରୀ ହୁଏ ନାହିଁ ।

ଛାତ ହେବା ସକାଶେ କଟକରୁ ଆସିଥିବା ଗୃହଲ ସବୁ ଏ ପୁରୁଣାଗଡ଼ସ୍ଥ ସ୍କୁଲ ଗୃହରେ ଜମା ହୋଇ ଥିବାରୁ ବାଳକମାନଙ୍କର ପଢ଼ାପ୍ରତି ବିଶେଷ ଅସୁବିଧା ହୋଇଅଛି ।

ଏବର୍ଷ ପୋଲିସକର୍ମଚାରୀଙ୍କ ହେଲା ପ୍ରପ୍ରନ୍ତ ପ୍ରଜାମାନଙ୍କର ଫସଲ ସବୁ ନଷ୍ଟ ହେଉଅଛି । ଏଥି ପାଇଁ ପ୍ରଜାମାନେ ବିଶେଷ କ୍ଷତିଗ୍ରସ୍ତ ହେଉଅଛନ୍ତି । ଭବିଷ୍ୟତକୁ ସାବଧାନ ହେବା ଉଚିତ । ଇତି ।

ଅନଗୁଳ } ବଶମ୍ବଦ
୧୦।୯।୮୯ } ଶ୍ରୀ କେହି ଦେଶହିତୈଷୀ

---

ମହାଶୟ,

ଅନୁଗ୍ରହପୂର୍ବକ ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କର ବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ କିଞ୍ଚିତ ସ୍ଥାନ ଦାନ କଲେ ସାଧାରଣ ଦରିଦ୍ର ଛାତ୍ରମାନଙ୍କର ବିଶେଷ ଉପକାର ହେବ ଏବଂ ଶିକ୍ଷା ବିଧାୟିନୀସଭାର ସଭ୍ୟମାନେ ବିଶେଷ କୃତଜ୍ଞ ମଣିବେ ।

ଦରିଦ୍ର ଶିକ୍ଷାପ୍ରୟାସୀ ଛାତ୍ରମାନଙ୍କୁ ଅର୍ଥଦାନଦ୍ୱାରା ଶିକ୍ଷା ପ୍ରଦାନ କରିବା ନିମନ୍ତେ ସନ ୧୮୮୩ ସାଲ ଅପ୍ରେଲମାସରେ ଶିକ୍ଷାବିଧାୟିନୀ (ବର୍ତ୍ତମାନ ଶିକ୍ଷା ବିଧାୟିନୀ) ସଭାର ସଭ୍ୟମହୋଦୟମାନେ "ଦରିଦ୍ରକୋଷ" ନାମକ ଗୋଟିଏ କୋଷ ସ୍ଥାପନ କରନ୍ତି । ଛାତ୍ରମାନଙ୍କୁ ଗ୍ରାସାଚ୍ଛାଦନ, ସ୍କୁଲର ବେତନ ଏବଂ ପୁସ୍ତକାଦି ଦାନ କରିବା ଏ କୋଷର ଉଦ୍ଦେଶ୍ୟ ଥିଲେହେଁ ପ୍ରଥମରେ ଅର୍ଥାଭାବରୁ ସମସ୍ତ ଏକାବେଳକେ କରିବାର ଅସମ୍ଭବ ଜାଣି ସଭ୍ୟ ମହୋଦୟମାନେ କେବଳ ଛାତ୍ରମାନଙ୍କର ସ୍କୁଲର ବେତନ ଦେବାର ସ୍ଥିର କରି ବ୍ୟୟ ନିର୍ବାହାର୍ଥ ଚାନ୍ଦା ସଂଗ୍ରହ କରିବାକୁ ଆରମ୍ଭ କରନ୍ତି । କୌଣସି କାର୍ଯ୍ୟ ନ କରି ବଡ଼ାଠାରୁ ସାଧାରଣଙ୍କଠାରୁ ଚାନ୍ଦା ପ୍ରାର୍ଥନା କଲେ କାହେଁ କେହି ଚାନ୍ଦା ଦେବାକୁ କୁଣ୍ଠିତ ହେବେ ଏହି ଭୟରେ ସଭ୍ୟମାନେ ପ୍ରଥମେ ଆପଣାମାନଙ୍କରୁ ଚାନ୍ଦା (ଦୁଇ ପଇସା ବା ତତୋଧିକ) ଆଦାୟ କରି ଦରିଦ୍ର

Digitized by srujanika@gmail.com

Split by PDF Splitter



କୋଷର କାର୍ଯ୍ୟ ଆରମ୍ଭ କଲେ । ଦରିଦ୍ରକୋଷରୁ ସାହାଯ୍ୟ ପ୍ରାପ୍ତ ହୋଇ ପ୍ରାୟ ଏକ ବର୍ଷକାଳ ପନ୍ଦରୋଟି ଦରିଦ୍ରଛାତ୍ର ଅଧ୍ୟୟନ କଲା ପରେ ସଭ୍ୟମାନେ ଏହି ନଗରସ୍ଥ ଭଦ୍ରବ୍ୟକ୍ତିମାନଙ୍କଠାରୁ ଚାନ୍ଦା ପ୍ରାର୍ଥନା କରିବାକୁ ସାହସ କଲେ ଛତ୍ରିବର୍ଷରେ ୭ଟି ଛାତ୍ରଙ୍କର ବେତନଭାର ସଭା ବହନ କରିଥିଲା ଏବଂ ଛାତ୍ରମାନେ ମଧ୍ୟ ଦରିଦ୍ରକୋଷର ସାହାଯ୍ୟ ପାଇ ଆପଣା୨ ସାଧ୍ୟାନୁସାରେ ପରିଶ୍ରମ କରିବାଦ୍ୱାରା ସୁଫଳ ଦେଖାଇଥିଲେ । ବହୁତ୍ରରେ ସେହିପରି ଚାନ୍ଦାସଂଗ୍ରହଦ୍ୱାରା କୋଷର ବ୍ୟୟ ଏକପ୍ରକାର ସୁଚାରୁଭାବରେ ଚାଲୁଥିଲା ।

ଶିକ୍ଷାବିଧାୟିନୀ ସଭାର ବାର୍ଷିକ ଓ ଅର୍ଦ୍ଧବାର୍ଷିକ ଅଧିବେଶନମାନଙ୍କରେ ଦରିଦ୍ରକୋଷର ଆୟବ୍ୟୟ ଓ ଯେଉଁ୨ ବାଳକମାନେ ସାହାଯ୍ୟ ପାଆନ୍ତି ସେମାନଙ୍କର ନାମ, ଓ ସେମାନେ ଯେପରି ଭାବରେ ଉନ୍ନତି କରୁଥାନ୍ତି ତାହା ସବୁ ରିପୋର୍ଟଦ୍ୱାରା ସାଧାରଣଙ୍କୁ ଜଣାଇ ଦିଆଯାଏ । ପରେ ଯେଉଁମାନେ ସଭାସ୍ଥଳରେ ଉପସ୍ଥିତ ନ ଥାନ୍ତି ସେମାନଙ୍କର ଜାଣିବା କାରଣ ଉକ୍ତ ରିପୋର୍ଟସବୁ ଉତ୍କଳଦୀପିକାରେ ପ୍ରକାଶିତ ହୁଏ । ଏଥିରୁ ସନ ୧୮୮୬ ସାଲଠାରୁ ଶିକ୍ଷାବିଧାୟିନୀ ସଭାର ବାର୍ଷିକ ଅଥବା ଷାଣ୍ମାସିକ ଅଧିବେଶନ ହୋଇ ନ ଥିବାରୁ ଦରିଦ୍ରକୋଷର ଆୟ ବ୍ୟୟର ଚାନ୍ଦାଦାତା ଅଥବା ଜନ ସାଧାରଣଙ୍କୁ ଜଣା କରା ଯାଇ ନାହିଁ । ସନ ୧୮୮୬ ମସିହା ନବେମ୍ବରମାସ ତା ୧୮ ଦିନରେ ଶିକ୍ଷାବିଧାୟିନୀ ସଭାର ବାର୍ଷିକ ଅଧିବେଶନରେ ଦରିଦ୍ରକୋଷର ଆୟ ବ୍ୟୟ ସମ୍ବନ୍ଧରେ ଯେଉଁ ରିପୋର୍ଟ ଦିଆ ହୋଇଥିଲା ସେଥିରେ ସମସ୍ତ ଖରଚବାଦେ କୋଷରେ ଟ ୧୧୬ ।୵ ୬ ମହଜୁଦ ଥିଲା । ଏ ରିପୋର୍ଟ ଉତ୍କଳଦୀପିକାରେ ପ୍ରକାଶ ହୋଇ ଅଛି । ତତ୍ପରେ ଯେଉଁ ଆୟ ବ୍ୟୟ ହୋଇଅଛି ତାହା ନିମ୍ନରେ ପ୍ରଦର୍ଶିତ ହେଉଅଛି ।

| | ଆୟ | ବ୍ୟୟ |
|---|---|---|
| ସନ ୧୮୮୭ ମସିହା | ଟ ୨୧ ।୵ ୬ | ଟ ୪୮ ୩ |
| ସନ ୧୮୮୮ ମସିହା | ଟ ୫୦ ।୵ | ଟ ୪୨ ୯ ୬ |
| ସନ ୧୮୮୯ ଜୁଲାଇ ଶେଷ | ଟ ୧୯ | ଟ ୨୦ ୪ |
| | ଟ ୭୧ ୵ ୬ | ଟ ୧୪୦ । ୬ |
| ସାବକ | ଟ ୧୧୬ ।୵ ୬ | |

ମୋଟ ଆୟ ଟ ୧୮୮
ମୋଟ ଖରଚ ଟ ୧୪୦ । ୬

ଏଥିରୁ ଦେଖାଯାଏ ଯେ ସଭାର ଆୟ ସନ ୧୮୮୮ ସାଲ ଅକ୍ଟୋବର ମାସରୁ ଏକାବେଳକେ ବନ୍ଦ ହୋଇ କେବଳ ଉଦ୍ବୃତ୍ତ ଟଙ୍କାରୁ ଏଥିର ଖରଚ ଚାଲୁଅଛି ।

ଏ କୋଷର ସାହାଯ୍ୟ ନେଇ ସର୍ବସମେତ ମୋଟ ୨୫ ଟି ଛାତ୍ର ଅଧ୍ୟୟନ କରିଅଛନ୍ତି । ଏମାନଙ୍କମଧ୍ୟରୁ ଦୁଇଗୋଟି ଏଣ୍ଟ୍ରେନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । କେହି୨ ଥିବା ମାଇନର, ଛାତ୍ରବୃତ୍ତି କେହି୨ ଅବା ସର୍ଭେ ପାସ କରିବାଦ୍ୱାରା ଆପଣା୨ ଜୀବିକା ନିର୍ବାହ କରୁ ଅଛନ୍ତି । ଏଥିରୁ ଯେବେ ସାହାଯ୍ୟ ପାଇ ନ ଥାନ୍ତେ ତେବେ ଏମାନେ ବିଦ୍ୟା ଉପାର୍ଜନଦ୍ୱାରା ଆପଣା ଜୀବିକା ନିର୍ବାହ କରିବାକୁ ସକ୍ଷମ ହୋଇ ପାରି ଥାନ୍ତେ କି ନା ତାହା କେବଳ ଜଗତ୍ପିତା ପରମେଶ୍ୱର ଜାଣନ୍ତି ।

କାଳର କଠିନ ଗତିଉପରେ ମନୁଷ୍ୟମାନଙ୍କର କୌଣସି କର୍ତ୍ତୃତ୍ୱ ନ ଥିବାରୁ ଯେତେ ସାବଧାନ ହୋଇ ପୂର୍ବରୁ ନାନାବିଧ ଉପାୟ ଅବଲମ୍ବନ କରିଥିଲେହେଁ ଅକସ୍ମାତ୍ ଅଚିନ୍ତିତ ପୂର୍ବ ବିପଦରେ ପଡିବାକୁ ହୁଏ । ଦରିଦ୍ରକୋଷକୁ ମଧ୍ୟ ତଦ୍ରୂପ ବିପଦରେ ପଡିବାକୁ ହୋଇଅଛି । ଦୁର୍ଭାଗ୍ୟବଶତଃ ଏଥିର ଉଦ୍ୟୋଗୀ ଏବଂ କାର୍ଯ୍ୟସମ୍ପାଦନକାରୀ ସଭ୍ୟମାନେ ସ୍ଥାନାନ୍ତରିତ ହୋଇଥିବାରୁ ଚାନ୍ଦା ଆଦାୟ ଏବଂ ସଭାର ଅନ୍ୟାନ୍ୟ କାର୍ଯ୍ୟରେ ଶୈଥିଲ୍ୟ ହେବାକୁ ଲାଗିଥିଲା ଏଥିର ବାର୍ଷିକ ଏବଂ ଷାଣ୍ମାସିକ ଅଧିବେଶନ ଏକାବେଳକେ ବନ୍ଦ ହୋଇଯିବାରୁ ଚାନ୍ଦାଦାତାମାନେ ଆପଣା୨ ପ୍ରଦତ୍ତ ଅର୍ଥର କି ଖର୍ଚ୍ଚ ହେଲା ତାହା ଜାଣି ପାରିଲେ ନାହିଁ ଚାନ୍ଦା ଆଦାୟରେ ବାଧା ପଡିବାରୁ ଚାନ୍ଦାଦାତାମାନଙ୍କଠାରେ ଏକବର୍ଷ ଦେଢ଼ବର୍ଷର ଚାନ୍ଦା ବାକି ପଡି ରହିଲା ସେମାନେ ମଧ୍ୟ ସଭାର ପ୍ରକୃତକାର୍ଯ୍ୟ ଉପରେ ସନ୍ଦେହ କରି କ୍ରମେ୨ ସାହାଯ୍ୟ ପ୍ରଦାନ ବନ୍ଦ କରି ଦେଲେ ଏଣୁ କରି ସଭାର ଆୟ ଏକାବେଳକେ ବନ୍ଦ ହୋଇ ଯିବାରୁ ଗୋଟିଏ ମହତ୍ ଅନୁଷ୍ଠାନର ଲୋପ ହେବାକୁ ବସିବାର ଦେଖି ନିମ୍ନଲିଖିତ ବ୍ୟକ୍ତିମାନେ ଏସଭାର କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ଓ ଯଦ୍ଦ୍ୱାରା ଏଥିର ସୁବନ୍ଦୋବସ୍ତ ହୁଏ ସେଥିପକ୍ଷେ ଯଥାସାଧ୍ୟ ଯତ୍ନ ଓ ପରିଶ୍ରମ କରିବାକୁ ସ୍ୱୀକୃତ ହୋଇ ବିନୀତଭାବରେ ପୂର୍ବର ଚାନ୍ଦାଦାତା ଓ ଅନ୍ୟାନ୍ୟ ସାଧାରଣବ୍ୟକ୍ତିଙ୍କ ନିକଟରେ ପ୍ରାର୍ଥନା କରୁଅଛନ୍ତି ଯେ ସେମାନେ ଆପଣା୨ ବଦାନ୍ୟତା ଗୁଣରେ ମାସିକ, ବାର୍ଷିକ ଅଥବା ଏକକାଳୀନ ଯଥାଶକ୍ତି ସାହାଯ୍ୟ ପ୍ରଦାନ କରି ନିଃସହାୟ ଦରିଦ୍ର ଛାତ୍ରବୃନ୍ଦଙ୍କର ଦୁଃଖମୋଚନ କରିବେ । ଏପରି ସାହାଯ୍ୟରେ ଏକଜଣର ଉପକାର ହେବ ଏପରି ନୁହେ ଏଥିଦ୍ୱାରା ଦେଶର ଅଥଚ ସମାଜର ଚିରଉପକାର ସାଧିତ ହେବ । ସାଧାରଣଙ୍କର ଅନୁଗ୍ରହ ହୋଇ ନ ଥିଲେ ଆଜ ଆମ୍ଭେମାନେ କି ୨୫ ଜଣଙ୍କୁ ନିଃସହାୟ ହୋଇ କାଳ କଟାଇବାର ଦେଖନ୍ତୁ । ଏପରି ସୁମହତ୍ କାର୍ଯ୍ୟରେ ଯଥାଶକ୍ତି ଦାନଦ୍ୱାରା ଦାତାର କୌଣସି କଷ୍ଟ ହୁଏ ନାହିଁ ଅଥଚ କେତେକ ନିଃସହାୟ ବ୍ୟକ୍ତି ସାହାଯ୍ୟ ପାଇ ଜୀବନ ସୁଖରେ କଟାଇବାକୁ ସକ୍ଷମ ହୁଅନ୍ତି ।

ସଭାର କାର୍ଯ୍ୟଭାର ଗ୍ରହଣ କରିଥିବା ବ୍ୟକ୍ତିଙ୍କର ନାମ ।

ଶ୍ରୀ ବାବୁ ଗଣପତି ଦାସ ବି, ଏଲ
" ବୈକୁଣ୍ଠନାଥ ଦତ୍ତ ବି, ଏ
" ବନବିହାରୀ ପାଲିତ ବି, ଏ
" ଅକ୍ଷୟକୁମାର ଘୋଷ
" ଲଳିତମୋହନ ଚକ୍ରବର୍ତ୍ତୀ
" ହାରାଣଚନ୍ଦ୍ର ଘୋଷ

(ଇତ୍ୟାଦି)

ଯେଉଁମାନେ ଦରିଦ୍ରକୋଷକୁ ଏତେକାଳ ପୋଷଣ କରିଥିଲେ ଓ କରୁ ଅଛନ୍ତି ଦରିଦ୍ରକୋଷ ସେମାନଙ୍କଠାରେ ଚିରକୃତଜ୍ଞ ରହି ଜଗଦୀଶ୍ୱରଙ୍କଠାରେ ସେମାନଙ୍କର ମଙ୍ଗଳକାମନା କରୁଅଛି ।

କଟକ ୨୧।୮।୮୯ }
ଏକାନ୍ତ ବଶମ୍ବଦ
ଶ୍ରୀ ହାରାଣଚନ୍ଦ୍ର ଘୋଷ
ସହ ସମ୍ପାଦକ

## ମୂଲ୍ୟପ୍ରାପ୍ତି ।

ବାବୁ ଦୀନବନ୍ଧୁ ମହାନ୍ତି ମୋକ୍ତାର କଟକ ଅଗ୍ରିମ ଟ ୧
" ରାମଗୋବିନ୍ଦ ଜଗଦେବ କେନ୍ଦ୍ରାପଡ଼ା " ଟ ୩
" ନାଥାନିଏଲ ପାଟନାୟକ ଅନୁଗୁଳ " ଟ ୧୪
" ଦଇତାରି ... ଖାଲିଶି " ଟ ୩
ଜମା ଟ ୧

## ବିଜ୍ଞାପନ ।

## ଦ୍ୱିଭାଷୀ ।

ପ୍ରାୟ ଦୁଇସହସ୍ର ଆବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ ଲେଖାଏଁ

Digitized by srujanika@gmail.com

ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ସହିତ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ୦ । ଅଣା ମାତ୍ର ।

## ହିନ୍ଦୁ ବାଲ୍ୟାଶ୍ରମ ।

ଆଗାମୀ ରବିବାର ଅପରାହ୍ନ ୫ ଟା ସମୟରେ ଶ୍ରୀ ଗୋପାଳଜିଉଙ୍କ ମନ୍ଦିରରେ ବାଲ୍ୟାଶ୍ରମର ୧୫ ଶ ଅଧିବେଶନ ହେବ । ପଣ୍ଡିତ ଶ୍ରୀ ନରହରି ଷଡ଼ଙ୍ଗୀ ମହାଶୟ "ଉଦ୍ୟାଗ୍ର" ବିଷୟରେ ଉପଦେଶ ପ୍ରଦାନ କରିବେ । ହିନ୍ଦୁସାଧାରଣଙ୍କର ଶୁଭାଗମନ ପ୍ରାର୍ଥନୀୟ ।

୨୨।୯।୮୯ } ଶ୍ରୀ କୃଷ୍ଣ ମହାପାତ୍ର, ସହ, ସମ୍ପାଦକ ।

## NOTICE.

**ORISSA GRADUATES AND UNDER-GRADUATES ASSOCIATION.**

Lecturer—Babu Ganapati Das B L.
Subject—Young Orissa.
Time—4½ P. M. Sunday the 15th Inst.
Place—Printing Company's Hall.
Gentlemen are respectfully invited to attend.

Cuttack 12—9—89. } Aks y Kumar Ghose, *Honorary Secretary.*

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

ସଙ୍ଗୀତ ସାଗର ।

ପ୍ରଥମତରଙ୍ଗ ।

ଜଗଦ୍ପୂଜ୍ୟ ଯଦୁସ୍ତବ, ବନମାଳୀ, ହରେକୃଷ୍ଣ ଦାସ, ରାମକୃଷ୍ଣ, ଗୋପାଳକୃଷ୍ଣ ଓ ବୃନ୍ଦ ପ୍ରଭୃତି କବିମାନଙ୍କ ରଚିତ ଉତ୍କୃଷ୍ଟ ୨ ଏ ଶତ ସଙ୍ଗୀତ ସଂଗୃହୀତ ଓ କଠିନ ଅର୍ଥ ସହିତ ଏକତ୍ରେ ପ୍ରକାଶିତ ହୋଇଅଛି । ଏପରି ପୁସ୍ତକ ସୁଲଭ ମୂଲ୍ୟରେ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିଲା । ମୂଲ୍ୟ ୦ । ମାତ୍ର । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟ ଓ ଅନ୍ୟାନ୍ୟ ପୁସ୍ତକାଳୟରେ ପ୍ରାପ୍ୟ ।

ଆଲମଗୀର ବଜାର ପୂର୍ବତନ ଏକାଡେମୀସ୍କୁଲ ନିକଟ ଆମ୍ଭ ବସାରେ ଅନେକ ଦିନ ହେଲା ଗୋଟିଏ ବଢ଼ାଇ କାରଖାନା ହୋଇଅଛି ସେ ଛନ୍ଦରେ ପଲଙ୍କ, ଖଟୁଲି, ଆଲମାରି, ବେଞ୍ଚ ଇତ୍ୟାଦି ନାନାପଦାର୍ଥ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମଧ୍ୟ ହେବେକ ପଦାର୍ଥ ପ୍ରସ୍ତୁତ ହୋଇ ବିକ୍ରୟାର୍ଥେ ରଖାଯାଉଅଛି । ଯେଉଁ ବ୍ୟକ୍ତି ଯାହା ପଦାର୍ଥ ନେବା ଇଚ୍ଛା କରିବେ ଉକ୍ତ ସ୍ଥାନକୁ ଯାଇ ପଦାର୍ଥ ଦେଖି ମୂଲ୍ୟ ଜାଣିପାରିବେ ଆଉ ଯେବେ କେହି ଉକ୍ତ ପଦାର୍ଥ ନେବାକୁ ଫରମାସ ଦେବେ ତେବେ ସେ ଫରମାସି ପଦାର୍ଥର ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଦେଇ ଫରମାସ ଦେଲେ ଅତିସତ୍ୱର ପାଇପାରିବେ । ଇତି ।

କଟକ ୨୧-୮-୮୯
ଆଲମଗୀରବଜାର ଶ୍ରୀ ହଟିକେଶର ନନ୍ଦ ।—

## ମେହରୋଗ ।

ଏହି ଔଷଧରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚ୍ଚାର୍ଥ ରୋଗମୁକ୍ତିବାର ଉପାୟ ନୁହେ ସାମାନ୍ୟ ଅର୍ଥବ୍ୟୟ ସ୍ୱୀକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହ ସେବା କଲେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ଶରୀରରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶାସ୍ତ୍ରର ଉପଦେଶରେ ପ୍ରତ୍ୟୟ ନ ହେଲେ ଆଉ କିଛି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ର ମାନ ଦେଇଅଛନ୍ତି ସେ ସମସ୍ତ ଅଭ୍ୟନ୍ତରେ ପୁସ୍ତିକାରେ ପ୍ରକାଶିତ ହେବ କଲିକତା ଅହିରିଟୋଲା ୧୫ ନମ୍ବର ଭବନରେ ଶ୍ରୀ, କେ, ଏନ ବନ୍ଦ୍ୟୋପାଧ୍ୟାୟଙ୍କଠାରେ ଏବଂ କଟକ କାଠଯୋଡ଼ି ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୧।୵ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ ।

ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ୦ । ଡାକମାଶୁଲ ୦ ।୵ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମଚନ୍ଦ୍ର ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍ସିଲ, ଚିଠିକାଗଜ, ଲେଖିବାର ପଦାର୍ଥ, ବାଳକମାନଙ୍କ ଖେଳଣା, ବଲ-ବାଡ଼ି, କାମିଜ, କୋଟ, ଟୋପି ଓ ବିଲାତିପୋଷାକ, ନାନାପ୍ରକାରଲୁଗା, କ୍ଷୌରକାର ବାକ୍ସ, କଲ୍, ଚାମ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଏ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭ ନିକଟ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ କିଣି ଓ ସରବରାହ କରୁଁ ମଧ୍ୟ ଅଧିକ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କିଣି କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କିଣି ପଠାଇବାର ପରିଶ୍ରମ ନିମନ୍ତେ ଶତକରା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ନା, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମ ମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପଚାଶ ଟଙ୍କାରୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବଳ ଏତେ ମାତ୍ର କହୁଅଛୁଁ ଯେ ଆମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ସମ୍ବାଦ ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଦରଜିପଟ୍ଟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Split by PDF Splitter
Digitized by srujanika@gmail.com

Split by PDF Splitter



# ଯାଦୁର ଅବ୍ୟର୍ଥ ମହୌଷଧ ।

( ପରୀକ୍ଷିତ )

ଏହା ଗୋଟିଏ ଯାଦୁର ଉତ୍କୃଷ୍ଟ ମହୌଷଧ । ଏହାର ଉପକାରିତା ଗୁଣ ଅତି ଆଶ୍ଚର୍ଯ୍ୟ । ଏହାଦ୍ୱାରା ଯାଦୁ, ଅଲଣା ଯାଦୁ, ଚାଉଳ ଯାଦୁ, କମର ଯାଦୁ, ପିମ୍ପୁଡ଼ି ଯାଦୁ, ରଙ୍ଗ ଯାଦୁ, ଚର୍ମ୍ମରୋଗ ପ୍ରଭୃତି ସର୍ବପ୍ରକାର ଯାଦୁ ଆରୋଗ୍ୟ ହୁଏ । ସାହସ କରି କହିପାରୁଁ ଯେ, ଏପରି ନିର୍ଦ୍ଦୋଷ ଅଥଚ ଉପକାରୀ ଔଷଧ ଦ୍ୱିତୀୟ ନାହିଁ ଏବଂ ଏହା ଦୁଇ ତିନଥରରୁ ଅଧିକ ବ୍ୟବହାର କରିବାକୁ ହୁଅଇ ନାହିଁ । ମାତ୍ର ଥରେ ଆରୋଗ୍ୟ ହେଲେ ଆଉ କଦାଚ ସେ ସ୍ଥାନରେ ଯାଦୁ ହୁଅଇ ନାହିଁ । ଯାଦୁର ଯେତେ ପ୍ରକାର ଔଷଧ ଅଦ୍ୟାପର୍ଯ୍ୟନ୍ତ ପ୍ରକାଶିତ ହୋଇ ଅଛି, ସେଥି ମଧ୍ୟରୁ କେହି ଔଷଧର ଏପରି ଉତ୍କୃଷ୍ଟ ଗୁଣ ଦେଖାଯାଇ ନାହିଁ । ଏହି ଔଷଧ ବ୍ୟବହାର ସମୟରେ କିଛି ଜ୍ୱାଳା ବା ଯନ୍ତ୍ରଣା କରେ ନାହିଁ । ଔଷଧଟି ମଲମାକାରରେ ହେବାରୁ ବ୍ୟବହାରର ଅଧିକ ସୁବିଧା ହୋଇଅଛି ।

ଏକ ଡିବିକାର ମୂଲ୍ୟ ଟ° ।୵

ଶ୍ରୀ ରାମଚନ୍ଦ୍ର ସେନ

ଠେକ ଉତ୍କଳପ୍ରେସ ବାଲେଶ୍ୱର ।

---

## ନୂତନ ପୁସ୍ତକ ! ନୂତନ ପୁସ୍ତକ ! !

ବର୍ଣ୍ଣନିର୍ଣ୍ଣୟ ।

ଶ୍ରୀ ମଧୁସୂଦନ ମିଶ୍ରଙ୍କକର୍ତ୍ତୃକ ସଙ୍କଳିତ ।

ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀ ବାଳକମାନଙ୍କର ପ୍ରଥମ ପାଠ୍ୟପୁସ୍ତକ । ଏହା ପାଠ କଲେ ବାଳକମାନେ ସ୍ୱଳ୍ପାୟାସରେ ଏବଂ ଅଳ୍ପ ଦିବସ ମଧ୍ୟରେ ସୁନ୍ଦରରୂପେ ଉତ୍କଳବର୍ଣ୍ଣ ପରିଚୟ କରି ପାରିବେ । ଏଥିରେ ସଚିତ୍ରଫଳା ଚିହ୍ନସ୍ଥାୟୀ ଶବ୍ଦ ଲେଖିବାର ପ୍ରଣାଳୀ, ସପ୍ତାଙ୍ଗ, ସାମାନ୍ୟ ଲଘୁପାଠ, କୋଇଲି, ବଣଅବଧାର ଓ ବର୍ଣ୍ଣନିର୍ଣ୍ଣୟ ବିଷୟ ସକଳ ବିଶଦରୂପେ ସନ୍ନିବେଶିତ ହୋଇଅଛି । ମୂଲ୍ୟ ଟ°୵ ଡାକମାସୁଲ ଟ '୦୬ ମାତ୍ର । ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପ୍ରେସରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ଭାଳଚେରସ୍କୁଲ ହେଡ଼ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ

---

## ବାଲିକାଗଜ ।

ଛି ଉଇନ୍ଶିତ ଷ୍ଟ୍ରା ଦଳରେ ଅବଲ କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟସ୍ଥ ବାବୁ ଅର୍ଦ୍ଧେନ୍ଦୁ ଦତ୍ତ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୭ ପତି ବାଲି ଦ ୧୬ ଟ ୨୵୵ | ଓ ୧୬ ଟ ୦ ।୵୨ |
| ୧୪ ପତି .. .. ଟ ୨୩ | .. ଟ ୦ ।୵୦ |
| ୧୨ ପତି .. .. ଟ ୨। | .. ଟ ୦ ।୵ |
| ୨୨ ପତି ଉକଲସ୍ଇପ୍ଟେପ୍.. ଟ ୩। | .. ଟ ୦ ।୵୨ |

---

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତସରକୋଣା ଓ ଖଲଗ ଓ ରେସମୀଓଗେର ଲୁଗା ଓ ଷ୍ଟୋପଲଗ୍ସ ଓ ଛଳ ଭଙ୍ଗ ଇମାଖ ସଉଘରର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନ୍ୟ କେତେକ ଫେନ୍ସି ଜିନିସାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବଲେଇ ଛାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ସବ ଉକ୍ତ ଛାଡ଼ିମାନ ବିକ୍ରୟ ହେବା ଫଳ ଆପଣା ମଫସଲ ସକାଶେ ବଡ଼ା କୁହାଣ୍ଡି ତେବେ ଏକ ଗୁଣ୍ଡିକୁ ଫି ବଗ ଟ°।୵୨ ହିସାବରେ ନିଆଁ ଦେଲେ ଯାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦ୍ଦାରର ଭାର ତାଙ୍କ ଉପରେ ଥିବ । ଷଡ ବେଳେ ଛାଡ଼ିର ପଣ୍ଡ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ତପସିଲ ।

ଜଳର ପେଲଣା ବା
  ଉତ୍ସରେ ଘୃତ ଦେଲେ
  ଖେଳେ ।
ନପେସନାଭ
ଜର୍ମ୍ମାନୀ ତେଲ ଲଠା
  ସେତ ଷ୍ଟୋଭ ଓ ଲୋକ
  ଷ୍ଟୋଭ ।
ଡଡ଼° ଅର୍ଥାତ୍ ଜଳଖା
  ବଉଳ ଦାଗର ପେନ୍-
  ସିଲ ଓ କଲମ ।
ପେନ୍ସିଲ କାଟିବା କଳ ।
ନାନା ପ୍ରକାରର ଷଠିଂ
  କାଗଜ ଓ ଲଫାଫା
  ନେଟ ବହି
ଦୈନିକ ହିସ ।
ଶଲଗ ସାବୁନ ।
ଚାକାଲି ସାବାଡ଼ ସର ରେ
  ଲୁଗା ପରିଷ୍କାର ହୁଏ ।
ଅଶୋକ ଲେଡ଼—ଅର୍ଥାତ୍
  ସୁଗନ୍ଧି ଦ୍ରବ୍ୟ ।
ଅବଲ ଟୁଥ ।
ଓଷ୍ଟ୍ରେଲିଅନ୍ ଛତା ।
କର୍ଦ୍ଦଟୀ ଅଷ୍ଟ ।
କ୍ୱୋରେଡଆଇଡ୍ ।
କାଚ ଫ୍ଲାସ୍ଚ ଓ
  କଡ଼ ଭଟିଷ ଓ ସ୍ଥାପ
ଘଡ଼ି
ଉଦର୍ଦ୍ଧ ଦୁଇଫାଲ୍ଟକ
  ଏକଫଳ ତୁଣ୍ଡ
କେଲସିନ ଛତ୍ରପୋଷ ଦ୍ୱାର
  କେବଳ ଥରେ
ଏ, ସୋଖଲ ଷ୍ଟ୍ରେଡ
ଦାମୀକ ଓ ବନ୍ଧୁକ ।
  ଦିଯାଶ ଷଡଲୋଷ
  ଏକତ ଦାଉପ ।
  ଅଟମେଟିକ ପେନ୍ସିଲ
  ଥାଇ ଏ ପେନ୍ସିଲରେ
  ଲେଡ଼ ଭରଂପ ପେଣ
  ଛତ୍ର ଇନ୍ଧାଇ ସେହି
  ପେନ୍ସିଲ ଲେଖା ହ
  ଉଲେ ଦେଇ ଉପାଇ
  ବେଲୋଟିଙ୍ଗ୍, ତବ
  ଲ ରଙ୍ଗେ ।
ସୋର୍ଷ୍ଣବୃତ୍ତର ଓ ପିତ୍ତଳର
କେଷ୍ଟର ନେଜ ଓ ଟଙ୍ଗ
  ରଖେ ଯାରେ
ଟୁଥିବ କାଚ ପଥର
  ଲେଣ୍ଡିଭାବେବେ ସଜ
  ଓ ଶୁଖିଲେ କରା
  ହେବ ।
ଅଲକା ଚନ୍ଦ୍ର
  ୧୨ × ୧୦ ଇଞ୍ଚ
  ୧୪ × ୧୨ ଇଞ୍ଚ
  ୧୭ × ୧୪ ..
ମୋଜା ଓ ମୋଜାବନ୍ଧ
ଛତ୍ରମ ୪ଅ କଳଙ୍କଙ୍କ
ରବର୍ଷ୍ଟାମ୍ପ ତରା ଓ
ସ୍ୱବତା
କେମେନ୍ତ୍ରଲେକ ।
ଭତ ଓ ପାଷଣଚଟୋକ
  ପିତା
କବ୍ରିଟ୍ ଟେବଲ ଭଡ଼
  ଛାଇବାର ଛାଲ
  ମୟଯାମା
  ଟେକ ଟୁ ପେନ୍ସିଲ
ଭଡ଼ାଉଷୀ ଖାଣ୍ଡି ଓ ଲୋଭ
ଓ ଭତ
ନବଦ୍ୱାରାଭାଷ ଓ ଡିତିଂ
  ଗାଇ ପାଉଷୋଲ ଓ
  ଶାଲା ।
ଡିସିଂ କାଚ
ଏଣ୍ଟିମୋନି ଅର୍ଥାତ୍ ରସା-
  ଯନ ସ୍ତପାଇ ଅକ୍ଷର
  ଚକ୍ଷୁର ବଦଳା କମରେ
  ତରକାର ହୁଏ ।

## ପିଚଗାର ।

ଏ ଗାରକୁ ଦେଖିଣୀ ଯାଜରେ ରଖି ଲଞ୍ଚି ଚରି ଭରିଲାଇ ବୋଠାକୃତର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ, ପରେ ମସ୍ତିଂ ଅଳେ ଲେପିଦେଲେ ମଜବୁତ ଓ ଜଳ ଧରିବ ନାହିଁ ।

କରିର ଟମଡ଼ାସ୍ତିଓ ସାଙ୍ଗରେ ଲଗାଇବାର କାମ ମଧ୍ୟ ଅଛି ।

ଅର୍ଦ୍ଧେନ୍ଦୁ ଦତ୍ତ କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦।୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୬୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ସହର ଭଗବାନ ବାଜାର ବାବୁ ଗୌରୀଶଙ୍କର ରାୟଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହେଲା

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୨୧ ରଖ ମାହେ ସେପ୍ତେମ୍ବର ସନ ୧୮୮୯ ମସିହା

# ଯାହା ହୋଇଥିଲା ତାହା କାହିଁକି ନ ହେବ !

(ସପ୍ତମଖଣ୍ଡ ।)

ମୋ ପ୍ରବନ୍ଧମାନଙ୍କର ଶୀର୍ଷାଙ୍କିତ ନାମ ମାତ୍ର ଅବଲମ୍ବନ କରି କେହି୨ ଆପତ୍ତି ଉତ୍ଥାପନ କରିଅଛନ୍ତି ଯେ—ଯାହା ହୋଇଥିଲା ତାହା କାହିଁକି ନ ହେବ—ଏପରି ଶିରୋନାମା ହେବା ଦୂଷ୍ୟ କର୍ଯାଁ କି ଯେଉଁ ସବୁ ଅନିଷ୍ଟକର ବିଷୟ ପୂର୍ବେ ପ୍ରଚଳିତ ଥିଲା କିନ୍ତୁ ବର୍ତ୍ତମାନ ରହିତ ହୋଇ ଯାଇଅଛି ସେମାନଙ୍କର ପୁନର୍ଜୀବନ କରିବାର ପଡ଼ୁଅଛି । ଏହି ଯୁକ୍ତିରେ ମୋପ୍ରତି ଯେଉଁମାନେ ତିରସ୍କାର ବର୍ଷଣ କରୁଅଛନ୍ତି ତାଙ୍କଠାରେ ମୋର ବକ୍ତବ୍ୟ ଏହି ଯେ ଶିରୋନାମାରେ କିଛି ସବୁ ବିଷୟ ପ୍ରକାଶ କରି ଯାଇ ନ ପାରେ । ପ୍ରବନ୍ଧନିହିତ ବିଷୟାବଳୀର ଯୁକ୍ତାଯୁକ୍ତତ୍ୱ ସେମାନେ ବିଚାର କରନ୍ତୁ । ମଦୁକ୍ତ ଶିରୋନାମାର ତାତ୍ପର୍ଯ୍ୟ ଏହି ଯେ ଯେଉଁସବୁ ପରମୋତ୍କୃଷ୍ଟ ପ୍ରଥାମାନ ପୂର୍ବେ ଆର୍ଯ୍ୟସମାଜରେ ପ୍ରଚଳିତ ଥିଲା ଓ ଲୋକମାନଙ୍କ ଅବସ୍ଥାନ୍ତର ଅଥବା ଅପର କାରଣମାନଙ୍କରୁ ସ୍ଥଗିତ ହୋଇଅଛି ସେ ସବୁ କର୍ଯାଁଇ ହିନ୍ଦୁ ସମାଜରେ ଅବଶ୍ୟକ ହେଲେ ପୁନଃ ପ୍ରଚଳିତ ନ ହେବ ।

ହିନ୍ଦୁମାନଙ୍କ ମଧ୍ୟରେ ଜାତିବିଭାଗ ଥିବାରୁ ସେମାନେ ନିଜର ପ୍ରାଚୀନ ସଭ୍ୟତା ଓ ଜାତୀୟତା nationality ରକ୍ଷା କରିବାକୁ ସମର୍ଥ ହୋଇ ଅଛନ୍ତି ଏହା Birdwood ସାହେବଙ୍କ ମତ ହୋଇ କେହି୨ ତାଙ୍କ ଦୋହି ଦେଇ ଆମ୍ଭର ଦୋଷାବିଷ୍କାର କରିବାରେ ପ୍ରୟାସୀ ହୋଇ ଅଛନ୍ତି । ମାତ୍ର ପ୍ରକୃତ ବିଷୟର ଯୁକ୍ତତ୍ୱ ବିଚାର ନ କରି କେବଳ ଗୁଣପୂର୍ଣ୍ଣ ସ୍ୱଜାତୀୟ ବ୍ୟକ୍ତି ବିଶେଷର ମତ ଆମ୍ଭର ଉଦ୍ଧାର କରିବା ଅନାବଶ୍ୟକ । " ବାସ୍ତଗଣେବ ନୃପଣୀତବନେକରୂପା " । ପରନ୍ତୁ ହିନ୍ଦୁମାନଙ୍କ ମଧ୍ୟରେ ଜାତିବିଭାଗ ଥିବାରୁ ସେମାନେ ନିଜର ଜାତୀୟତା ରକ୍ଷା କରିବାକୁ ସମର୍ଥ ହୋଇ ଅଛନ୍ତି ଓ ଆଉ କେହି ସେପରି କରି ପାରି ନାହାନ୍ତି ଏତଦ୍ବିଷୟର ବିଚାର ଯଥା ସମୟରେ କରାଯିବ ।

୧ । ଜାତି କାହିଁରେ ନଷ୍ଟ ହୁଏ—ମନୁସଂହିତା ଭାରତବର୍ଷରେ ସର୍ବତ୍ର ସମାଦୃତ । ସେ ଲେଖିଅଛନ୍ତି ।

"ବ୍ରାହ୍ମଣସ୍ୟ ରୁଜଃ କୃତ୍ୱା ଘ୍ରାତିରଘ୍ରେୟମଦ୍ୟୟୋଃ ।
ଜୈହ୍ମ୍ୟଂ ମୈଥୁନଂ ପୁଂସି ଜାତିଭ୍ରଂଶକରଂ ସ୍ମୃତଂ ॥"

୧୧ ଅଧ୍ୟାୟ ୬୮ ଶ୍ଳୋକ ।

ଜୀବମାନଙ୍କୁ ଲଗୁଡ଼ାଦିଦ୍ୱାରା ଗୁରୁତର ପ୍ରହାର କଲେ ମଦ୍ୟ ପ୍ରଭୃତି ଆଘ୍ରାଣ କଲେ କୁଟିଳାଚରଣ କଲେ ବ୍ରାହ୍ମଣଜାତି ଭ୍ରଷ୍ଟ ହୁଅଇ । କିନ୍ତୁ ବ୍ରାହ୍ମଣ କ୍ଷତ୍ରିୟଘରେ କି ବୈଶ୍ୟଘରେ ଅଥବା ଦ୍ୱିଜଙ୍କ ମଧ୍ୟରେ ଅନୁଲୋମଗତିରେ ବିବାହୋତ୍ପନ୍ନ ବର୍ଣ୍ଣଘରେ ଅନ୍ନ ଭକ୍ଷଣରେ ଜାତି ନଷ୍ଟ ହୁଏ ଏପରି ବ୍ୟବସ୍ଥା ପୂର୍ବେ ଥିଲେ 'ସଦାଗ୍ନିର' ବିରୋଧୀ ହୋଇ ମନ୍ୱାଦିଶାସ୍ତ୍ରକାରମାନେ ନିଜ୨ ଗ୍ରନ୍ଥରେ ସେ ବିଷୟର ଉଲ୍ଲେଖ କରି ଥାନ୍ତେ । ଅପରନ୍ତୁ ମହାଭାରତରେ ପ୍ରମାଣ ଅଛି ଯେ ଦ୍ୱିଜମାନଙ୍କ ମଧ୍ୟରେ ଅନ୍ନଗତ ଜାତିର ବିଚାର ନ ଥିଲା ।

ଅଦ୍ଭୁତ ଦେଖା ଯାଉଅଛି ଯାହା କଲେ ଶାସ୍ତ୍ରାନୁସାରେ ଜାତିଭ୍ରଷ୍ଟ ହେବାର କଥା ତାହାର ଅନ୍ୟତମ ଘଟନା ପ୍ରାୟ ପ୍ରତ୍ୟେକ ବ୍ରାହ୍ମଣପରିବାରରେ ଘଟୁଅଛି କିନ୍ତୁ ତହିଁରେ କେହି ଅଜାତି ହେବାକୁ ନାହାନ୍ତି । ଶ୍ଳୋକ ଶେଷୋକ୍ତ ଦୋଷତ ପୁରୁଷୋତ୍ତମ ଓ ଅଯୋଧ୍ୟା ପ୍ରଭୃତି ପ୍ରଧାନ କ୍ଷେତ୍ରସ୍ଥାନରେ ପ୍ରସିଦ୍ଧ । ତହିଁରେ ଜାତି ଯାଉ ନାହିଁ । କିନ୍ତୁ ଜଣେ ବ୍ୟକ୍ତି ଅପର ନିମ୍ନବ୍ୟକ୍ତି ଘରେ ଭୋଜନ କଲେ ଜାତିଭ୍ରଷ୍ଟ ହେଲା । ଏଥିରେ ପୁଣି ତମଛାର ଏହିଯେ ସେ ଆହାର କରି ମୁହଁ ପୋଛି ଦେଲେ ସେ ଉତ୍ତମ କିନ୍ତୁ ଯେ ଅକପଟରେ ପ୍ରକୃତ ବ୍ରାହ୍ମଣର କାର୍ଯ୍ୟ କରି ଦେଖାଇ ଭୋଜନ କଲେ ତାଙ୍କଉପରେ ସମସ୍ତେ ଖଡ୍ଗହସ୍ତ । ଏହିପରି ବୃଥାମଶାପତ ଯେଉଁ କାଳ ପର୍ଯ୍ୟନ୍ତ ଲୋକେ ପକ୍ଷପାତୀ ହୋଇ ଥିବେ ସେପର୍ଯ୍ୟନ୍ତ ଦେଶର ଶ୍ରୀବୃଦ୍ଧିର କଦାପି ସମ୍ଭାବନା ନାହିଁ ।

୨ । ଅଭକ୍ଷାନ୍ନ କଅଣ ? ଯେଉଁ ଅନ୍ନରୁ କେଶ କୀଟ ବାହାରେ ଯାହାକୁ ଗୋଡ଼ରେ ମାଡ଼ି ଥାନ୍ତି, ଯାହାକୁ ରଜସ୍ୱଳା ସ୍ପର୍ଶ କରି ଥାନ୍ତି, ଯହିଁରେ ପକ୍ଷୀ କୁକ୍କୁର ଗୋରୁ ମୁହଁ ମାରି ଥାନ୍ତି, କିଏ ଖାଇବ କିଏ ଖାଇବ ବୋଲି ଯେଉଁ ଅନ୍ନ ଦିଆହୁଏ । ତାଡ଼ୀ ପର୍ଯ୍ୟୁଷିତ ଅର୍ଥାତ୍ ବାସି, ଉଚ୍ଛିଷ୍ଟ ଅଶୌଚାନ୍ନ ଏମାନେ ଅଭକ୍ଷାନ୍ନ ଅଖାଦ୍ୟ ।

ପୁନରପି ମତ୍ତ, କ୍ରୁଦ୍ଧ, ଆତୁର, ଭ୍ରୂଣଘ୍ନ, ମଠବ୍ରାହ୍ମଣ, ଗଣିକା, ଚୋର, ଗାୟକ, ବଢ଼େଇ, ବାର୍ଦ୍ଧୁଷିକ ଅର୍ଥାତ୍ ଯେଉଁମାନେ ଟଙ୍କା କମା ଧାନ ଦେଇ ସୁଧ ନେଇ ଜୀବିକା ନିର୍ବାହ କରନ୍ତି । ସଙ୍ଗରେ ଦୀକ୍ଷିତ, କଦର୍ଯ୍ୟ, କୃପଣ, ନିଗଡ଼ ବଦ୍ଧ, ଅଭିଶପ୍ତ, ନପୁଂସକ, ପୁଂଶ୍ଚଳୀ, ଦାମ୍ଭିକ, ଶତ୍ରୁ, ଚିକିତ୍ସକ, ବ୍ୟାଧ, କ୍ରୂର, ଉଚ୍ଛିଷ୍ଟଭୋଜୀ, ଉଗ୍ର, ନର୍ତ୍ତକ, ଦରଜି, କୃତଘ୍ନ, କମାର, ନିଷାଦ, ରଙ୍ଗାବତାର, ସ୍ୱର୍ଣ୍ଣକାର, ଡମ, ଶସ୍ତ୍ରବିକ୍ରୟୀ, ଚଣ୍ଡାଳ, ଶୁଣ୍ଡି, ଧୋବା, ରଞ୍ଜକ ଏହି ବ୍ୟକ୍ତିମାନଙ୍କ ଘରେ ଖାଇବ ନାହିଁ ।

୩ । ଅଭକ୍ଷାନ୍ନ ଜାତିଭ୍ରଂଶକର ନୁହେ । ଉପପାତକ ମଧ୍ୟରେ ଗଣ୍ୟ ତହିଁର ପ୍ରାୟଶ୍ଚିତ୍ତ ବର୍ତ୍ତମାନଯୁଗରେ ଅନାବଶ୍ୟକ ।—ମନୁସଂହିତାର ୧୧ ଅଧ୍ୟାୟ ୬୫ ଶ୍ଳୋକରେ ଅଭକ୍ଷାନ୍ନ ଭୋଜନ ଉପପାତକ ମଧ୍ୟରେ ପରିଗଣିତ ଅର୍ଥାତ୍ ସେପରି ପାପ-ସମାଜମଧ୍ୟରେ ବିଶେଷ ଧର୍ତ୍ତବ୍ୟ ନୁହଇ । ନାସ୍ତିକ୍ୟ ମଧ୍ୟ ଉପପାତକ ଓ ଜାଳିବା ନିମିତ୍ତ କଞ୍ଚା ବୃକ୍ଷ ଛେଦନ ମଧ୍ୟ ଗୋଟିଏ ଉପପାତକ । ଏ ସବୁ ଏକଶ୍ରେଣୀ ମଧ୍ୟରେ ଏକତ୍ର ସନ୍ନିବିଷ୍ଟ ହୋଇଅଛି । ଅତଏବ ଦେଖା ଯାଉ କେଉଁ ବ୍ରାହ୍ମଣ ପଣ୍ଡିତ କି ଧର୍ମିକ ଜାଳିବା ନିମିତ୍ତ ଜୀବିତ ତରୁ ଛେଦନ କରୁ ନାହାନ୍ତି । କେତେ ଅବା ତର୍କଶାସ୍ତ୍ର ପଢ଼ି ନାସ୍ତିକ ହେଉ ନାହାନ୍ତି । ଏଥିରେ ବର୍ତ୍ତମାନ ସମୟରେ ତାଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ କୁହଇ ନାହିଁ । ତେବେ ଅଭକ୍ଷାନ୍ନ ଭକ୍ଷଣରେ କିପାଇଁ ପ୍ରାୟଶ୍ଚିତ୍ତ ବିଧି ହେବ ? ସମାଜପ୍ରକାଶ୍ୟରେ ଏହା ଅନୁମୋଦନ କଲେ

Digitized by srujanika@gmail.com

Split by PDF Splitter



ଅନେକ ଉପକାର ଦର୍ଶିବ । ଗୋପନରେ ଯେପରି ବର୍ତ୍ତମାନ ଅନୁମୋଦନ କରୁ ଅଛନ୍ତି ସେଟି ପ୍ରଶଂସନୀୟ ସ୍ଥିତ ନୁହେ ।

୪ । ଆପତ୍କାଳରେ ନିଷିଦ୍ଧାନ୍ନ ଭକ୍ଷଣରେ ଦୋଷ ନାହିଁ । ବିପଦ ପଡ଼ିବା ବେଳେ ଯେ ଯାହା ଘରେ ଆହାର କରୁ କି ସେ ଯେଉଁ ଦ୍ରବ୍ୟ ଆହାର କରୁ ତହିଁରେ ତାହାର ଜାତି ନଷ୍ଟ ହୁଅଇ ନାହିଁ । ଇତି ବିଷୟରେ ମନୁ ।

ଜୀବିତାତ୍ୟୟମାପନ୍ନୋ ଯୋଽନ୍ନମତ୍ତି ଯତସ୍ତତଃ ।
ଆକାଶମିବ ପଙ୍କେନ ନ ସ ପାପେନ ଲିପ୍ୟତେ । ୧୦୪ ।
ଶ୍ୱମାଂସମିଚ୍ଛନ୍ନାର୍ତ୍ତୋଽତ୍ତୁଂ ଧର୍ମାଧର୍ମବିଚକ୍ଷଣଃ ।
ପ୍ରାଣାନାଂ ପରିରକ୍ଷାର୍ଥଂ ବାମଦେବୋ ନ ଲିପ୍ତବାନ୍ ।୧୦୬
କ୍ଷୁଧାର୍ତ୍ତଶ୍ଚାତ୍ତୁମଭ୍ୟାଗାଦ୍ ବିଶ୍ୱାମିତ୍ରଃ ଶ୍ୱଜାଘନୀଂ ।
ଚଣ୍ଡାଳହସ୍ତାଦାଦାୟ ଧର୍ମାଧର୍ମବିଚକ୍ଷଣଃ । ୧୦୮ ।

ଯେପରି ଆକାଶରେ ପଙ୍କ ଲେପାଯାଇ ନ ପାରେ ସେହିପରି ପ୍ରାଣରକ୍ଷା ନିମନ୍ତେ ଯାହା ତାହା ଘରେ ଆହାର କଲେ ମନୁଷ୍ୟଠାରେ ପାପ ସ୍ପର୍ଶ କରି ନ ପାରେ । ବାମଦେବ ନାମକ ଋଷି ପ୍ରାଣରକ୍ଷା ନିମନ୍ତେ କୁକ୍କୁର ମାଂସ ଭକ୍ଷଣ କରିବାରେ ପ୍ରବୃତ୍ତ ହୋଇଥିଲେ, ସେହିପରି ଧର୍ମାଧର୍ମଜ୍ଞାତା ବିଶ୍ୱାମିତ୍ର ଚଣ୍ଡାଳହସ୍ତରୁ କୁକ୍କୁର ମାଂସ ନେଇ ଭକ୍ଷିବାରେ ଉଦ୍ୟତ ହୋଇଥିଲେ ।

ଅତଏବ ଏଥିରୁ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ ଶାସ୍ତ୍ରକାରମାନେ ଦେଶ କାଳ ପାତ୍ର ବିବେଚନା କରି ପ୍ରାଣିମାନଙ୍କ ସୁବିଧା ନିମନ୍ତେ ବ୍ୟବସ୍ଥା କରିଅଛନ୍ତି । ସାଧାରଣ ଲୋକେ ତାହା ବୁଝିବାକୁ ଚେଷ୍ଟା କରନ୍ତି ନାହିଁ, କି କେହି କହିଲେ ବୁଝନ୍ତି ନାହିଁ । ଯେଉଁ କୁକ୍କୁରକୁ ସ୍ପର୍ଶ କଲେ ସ୍ନାନ । ଜଣେ ପ୍ରଧାନ ଋଷି ତାହାର ମାଂସ ନିର୍ବିରୋଧରେ ଭକ୍ଷଣ କଲେ, ଏ କଥା ଶୁଣିଲେ ଲୋକେ ଚମତ୍କୃତ ହେବେ, କିନ୍ତୁ ମୁକ୍ତିର ଏହି ନିୟମ, କାର୍ଯ୍ୟର ଗୁରୁତା ବୁଝି ମନୁଷ୍ୟକୁ ପ୍ରବର୍ତ୍ତିବାକୁ ହୁଅଇ ।

୫ । କାର୍ଯ୍ୟାର୍ଥିର ଆପଦ୍ଧର୍ମ । ମ୍ଲେଚ୍ଛ ଓ ଚଣ୍ଡାଳସ୍ପୃଷ୍ଟ ଅନ୍ନ ଭକ୍ଷଣ କଲେ ଜାତିପାତକ ଘଟଇ । କିନ୍ତୁ ଯେତେବେଳେ ମନୁଷ୍ୟ ବାଲ୍ୟକାଳ ଅତିକ୍ରମ କରି ବିଦ୍ୟାଧ୍ୟୟନ ନିମନ୍ତେ ବ୍ରତୀ ବ୍ରହ୍ମଚାରୀ ହୁଅଇ ସେତେବେଳେ ସେ ବିଦ୍ୟା ପରିଷ୍କାର ସମ୍ପୂର୍ଣ୍ଣ ନୋହିବାପର୍ଯ୍ୟନ୍ତ ଯେତେବେଳେ ଅନ୍ୟାନ୍ୟ ଦେଶ ଭ୍ରମଣ କରୁଥାନ୍ତି ଓ ଜୀବନଧାରଣ ନିମନ୍ତେ ଦେଶ କାଳାଧୀନ ହୋଇ ହିନ୍ଦୁର ପ୍ରଧାନ ନିଷିଦ୍ଧାହାର ଗୋମାଂସ ଭକ୍ଷଣ ନ କରି ଅପର ଦ୍ରବ୍ୟାଦି ଆହାର କରୁଥାନ୍ତି ତାହାର ସେ ବିଷୟରେ ଦୋଷ ଧରାଯାଇ ନ ପାରେ । ଯହିଁକି ସେ ତାହାର ଆପଦ୍ଧର୍ମ । ୧୮୯୧ ସିତମ୍ବର ତା ୯ ରିଖ ଇଣ୍ଡିଅନ ନେସନ ପତ୍ରିକାରେ ପାଠ କରିଗଲୁ ଯେ ଉକ୍ତ ମାସ ତା ୩ ରିଖରେ ମୁଙ୍ଗେରଠାରେ କାୟସ୍ଥଙ୍କର ଗୋଟିଏ ମହାସଭା ହୋଇ ସ୍ଥିର ହେଲା ଯେ ଅଧ୍ୟୟନାର୍ଥ ଯେଉଁମାନେ ବିଲାତ ଯିବେ ସେମାନେ ଜାତିଭ୍ରଷ୍ଟ ହେବେ ନାହିଁ ।

ପୁନରପି ଆପଣାର ଓ ଆପଣା ଦେଶର ଓ ଜାତିର ଶ୍ରୀବୃଦ୍ଧି ନିମନ୍ତେ ଜାହାଜରେ ବସି ଯେ ଯେଉଁ ଦେଶକୁ ଗମନ କରୁ ପଛକେ ଓ ପଥରେ ଅଗତ୍ୟା ବିଜାତୀୟ ବ୍ୟକ୍ତିଙ୍କ ପାକରେ ଅନ୍ନଭକ୍ଷଣ କରୁ ସୁଦ୍ଧା ପୁନରପି ସ୍ୱଦେଶକୁ ଆଗମନ କରିବାପର୍ଯ୍ୟନ୍ତ ଓ ସ୍ୱଜାତିର ବର୍ଗ ମଧ୍ୟରେ ମିଳିତ ନ ହେବାଅବଧି ତାହାର ସ୍ୱଜାତି ପଦ୍ଧତିର—ନିୟତାନ୍ନ ଭକ୍ଷଣମାତ୍ର—ବହିର୍ବ୍ୟାଚରଣରେ କୌଣସି ଦୋଷ ଘଟି ନ ପାରେ । ଯହିଁକି ସେ ତାଙ୍କର ଆପଦ୍ଧର୍ମ ମଧ୍ୟରେ ଗଣ୍ୟ ହେଲା ।

ଇଥା ସ୍ୱଦେଶ ସ୍ୱଧର୍ମ ପ୍ରଭୃତି ରକ୍ଷା ନିମନ୍ତେ ଯେବେ ଅଗ୍ରଶୀଳ ବ୍ରାହ୍ମଣ ସମସ୍ତେ ଯତ୍ନରେ ନିଯୁକ୍ତ ହୁଅନ୍ତି ଓ ସମସ୍ତେ ହୁଅଁ ହୁଅଁ ହୁଅନ୍ତି ଏକତ୍ର ଆହାର ଓ ଶୟନ କରନ୍ତି ତେବେ ଏଠାରେ ମଧ୍ୟ କୌଣସି ଦୋଷ ଧରାଯାଇ ନ ପାରେ, ଏ ଗୋଟିଏ ଆପଦ୍ଧର୍ମ, ପରନ୍ତୁ ବର୍ତ୍ତମାନ କାଳରେ ପୃଥିବୀର ସମସ୍ତ ପ୍ରଧାନ ଜାତି ସମର ବିଦ୍ୟା ଶିକ୍ଷା କରୁଅଛନ୍ତି, ଆମ୍ଭମାନଙ୍କ କୃପାମୟୀ ରାଜ୍ଞୀ ଭାରତେଶ୍ୱରୀ ଯେବେ ଆମ୍ଭମାନଙ୍କୁ ନିଜନିଜ ଦେଶ ରକ୍ଷା ନିମନ୍ତେ ଯୁଦ୍ଧବିଦ୍ୟା ଶିକ୍ଷା କରିବାକୁ ଆହ୍ୱାନ କରନ୍ତି, ତେବେ ଆମ୍ଭେମାନେ ସମସ୍ତେ ଅଗ୍ରଶୀଳ ବ୍ରାହ୍ମଣ ଏକତ୍ର ହୋଇ ଯେବେ ଯୁଦ୍ଧ ଶିକ୍ଷା କରି ଏକତ୍ର ଆହାର କରୁ ତେବେ ଏଥିରେ କି ଆମ୍ଭର ପାପ ହେବାର ସମ୍ଭାବନା ? ଏ ମଧ୍ୟ ଆପଦ୍ଧର୍ମ ।

ଉପର୍ଯ୍ୟୁକ୍ତ ଅବସ୍ଥାମାନଙ୍କୁ ଆପଦ୍ଧର୍ମାଚରଣର ଅବସ୍ଥା ବୋଲିବା ମୋର କପୋଳକଳ୍ପିତ ବୋଲି ଯେଉଁମାନେ କହିବେ ତାଙ୍କଠାରେ ମୋର ନିବେଦନ ଏହି ଯେ ବର୍ତ୍ତମାନ କାଳରେ ହିନ୍ଦୁଧର୍ମଶାସ୍ତ୍ର ନିରପେକ୍ଷ ଅଭାବରେ ସମସ୍ତ ହିନ୍ଦୁ ସମାଜକୁ ବିଫଳ ବୋଲିବାକୁ ହେବ, ଅତଏବ ଇନ୍ଧରୁ କେହି ଜଣେ ବିଳାତ ଫେରନ୍ତା ବ୍ୟକ୍ତିପର ବା କୌଣସି ସମ୍ପ୍ରଦାୟ, ବ୍ରାହ୍ମଧର୍ମାବଲମ୍ବିଙ୍କ ପରିସ୍ଫୁଟିତ ସହିତ ଯେବେ ଜାତୀୟ ଉନ୍ନତିସାଧନରେ ବ୍ରତୀ ହୁଅନ୍ତି ତେବେ ହିନ୍ଦୁସମାଜର କର୍ତ୍ତବ୍ୟ ଯେ ସେପରି ବ୍ୟକ୍ତିଙ୍କୁ ଆପଦ୍ଧର୍ମର ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିବେ ।

୬ । ଶୂଦ୍ର ବ୍ରାହ୍ମଣ ହୋଇ ପାରେ ଓ ବ୍ରାହ୍ମଣ ଶୂଦ୍ର ହୋଇ ପାରେ ।

ଶୂଦ୍ରାୟାଂ ବ୍ରାହ୍ମଣାଜ୍ଜାତଃ ଶ୍ରେୟସା ଚେତ୍ ପ୍ରଜାୟତେ ।
ଅଶ୍ରେୟାନ୍ ଶ୍ରେୟସୀଂ ଜାତିଂ ଗଚ୍ଛତ୍ୟାସପ୍ତମାଦ୍ ଯୁଗାତ୍ ।୬୪।
ଶୂଦ୍ରୋ ବ୍ରାହ୍ମଣତାମେତି ବ୍ରାହ୍ମଣଶ୍ଚୈତି ଶୂଦ୍ରତାଂ ।
କ୍ଷତ୍ରିୟାଜ୍ଜାତମେବନ୍ତୁ ବିଦ୍ୟାଦ୍ ବୈଶ୍ୟାତ୍ତଥୈବ ଚ । ୬୫ ।

ମନୁସଂହିତାର ୧୦ମାଧ୍ୟାୟରେ ଉକ୍ତ ଶ୍ଳୋକଦ୍ୱୟ ବର୍ଣ୍ଣିତ ଅଛି, ତାହାର ତାତ୍ପର୍ଯ୍ୟାର୍ଥ ଏହି ଯେ ଯୌନସମ୍ବନ୍ଧରେ ସାତ ଜନ୍ମରେ ଶୂଦ୍ର ବ୍ରାହ୍ମଣ ହୋଇ ପାରେ ଓ ବ୍ରାହ୍ମଣ ଶୂଦ୍ରତ୍ୱ ପ୍ରାପ୍ତ ହୋଇ ପାରେ । ବ୍ରାହ୍ମଣଠାରୁ ଶୂଦ୍ରାଗର୍ଭଜାତ କନ୍ୟା କ୍ରମାନ୍ୱୟରେ ସାତପୁରୁଷ ପର୍ଯ୍ୟନ୍ତ ବ୍ରାହ୍ମଣ ପୁରୁଷ ବିବାହ କରି ବ୍ରାହ୍ମଣତ୍ୱ ଲାଭ କରି ପାରେ । ଅଥଚ ବ୍ରାହ୍ମଣ ଶୂଦ୍ରାର ପୁତ୍ର କ୍ରମଶଃ ଯେବେ ଶୂଦ୍ରାକୁ ସାତପୁରୁଷ ପର୍ଯ୍ୟନ୍ତ ବିବାହ କରେ ତେବେ ତାହାର ବ୍ରାହ୍ମଣତ୍ୱ ଲୋପ ହୁଅଇ ।

ଏଥିରୁ ହେ ହିନ୍ଦୁଭ୍ରାତଃ ଦେଖିବା ହେଉନ୍ତୁ ଯେ ଜାତିବିଭାଗ କେବଳ ଜନ୍ମ ପ୍ରତି ନିର୍ଭର କରେ ନାହିଁ । ଗୁଣପ୍ରତି ସମ୍ପୂର୍ଣ୍ଣ ନିର୍ଭର କରଇ । କ୍ରମଶଃ ଉତ୍ତମାଚରଣ କରି ଉତ୍ତମବର୍ଣ୍ଣରେ ବିବାହ କଲେ ଶୂଦ୍ର ବ୍ରାହ୍ମଣ ହୁଅଇ ଓ ତଦ୍ୱିପରୀତରେ କ୍ରମଶଃ ମନ୍ଦାଚରଣ କରି ନିକୃଷ୍ଟ ବର୍ଣ୍ଣରେ ବିବାହ ଓ ସଂସର୍ଗ କଲେ ବ୍ରାହ୍ମଣ ଶୂଦ୍ରତ୍ୱ ଲଭେ ।

ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ଓ ସଙ୍କରବର୍ଣ୍ଣ ସମସ୍ତେ ପ୍ରାଚୀନ କାଳରେ ଥିଲେ ପ୍ରମାଣ ଏବଂ ସେମାନଙ୍କ ମଧ୍ୟରେ ପରସ୍ପର ସ୍ପର୍ଶରେ ଆହାରୀୟ ଦ୍ରବ୍ୟ ବର୍ତ୍ତମାନକାଳପରି ଅପବିତ୍ର ହୋଇ ଯାଉ ନ ଥିଲା । ଯେଉଁ ଶୂଦ୍ର ସାତଜନ୍ମରେ ବ୍ରାହ୍ମଣ ହୋଇ ପାରେ ସେ ଶୂଦ୍ର ସ୍ପୃଷ୍ଟାନ୍ନ ବ୍ରାହ୍ମଣ ଆହାର କଲେ କି ଜାତିଭ୍ରଷ୍ଟ ହେବ ?

୭ । ଅନ୍ନାହାରକୁ ପ୍ରତି ବିବାହ ଗୁରୁତର ବିଷୟ ।

ଶୂଦ୍ରୈବ ଭାର୍ଯ୍ୟା ଶୂଦ୍ରସ୍ୟ ସା ଚ ସ୍ୱା ଚ ବିଶଃ ସ୍ମୃତେ ।
ତେ ଚ ସ୍ୱା ଚୈବ ରାଜ୍ଞଶ୍ଚ ତାଶ୍ଚ ସ୍ୱା ଚାଗ୍ରଜନ୍ମନଃ । ୧୩ ।

ତୃତୀୟ ଅଧ୍ୟାୟରେ ମନୁ ଉକ୍ତ ସଦାଗ୍ରହ ଲେଖି ଯାଇଅଛନ୍ତି । ଦ୍ୱିଜଙ୍କ ସହିତ ଶୂଦ୍ରଙ୍କର ବିବାହ ଯଦି ଅନୁଲୋମ ରୀତିରେ ପ୍ରଚଳିତ ଥିଲା ତେବେ ବ୍ରାହ୍ମଣ ଅଦ୍ୟ ଶୂଦ୍ର ଘରେ ଭକ୍ଷଣ ନ କରୁ ଶୂଦ୍ରାଣୀ ଯେ ବ୍ରାହ୍ମଣପତିର ଆହାରଦ୍ରବ୍ୟ ସ୍ପର୍ଶ କରୁ ନ ଥିଲା ଏହା କଦାପି ସମ୍ଭବପର ନୁହେ । ଅତଏବ ଦୋଷ ବର୍ତ୍ତମାନସମୟରେ ଯେପରି ଧର୍ତ୍ତବ୍ୟ ହେଉଅଛି ପ୍ରାଚୀନକାଳରେ ସେପରି ହେଉ ନ ଥିଲା ।

ବୁଦ୍ଧିମାନ୍ ବ୍ୟକ୍ତିମାତ୍ରେ ସ୍ୱୀକାର କରିବେ ଯେ ଯାହାଙ୍କ ସହିତ ପରିଣୀୟ ହୋଇପାରେ ତାଙ୍କ ପାକରୁ ଅନ୍ନାହାର କଲେ କି ଜାତିଭ୍ରଷ୍ଟ ହେବାକୁ ହୁଏ ? ଶାସ୍ତ୍ରରେ ବ୍ରାହ୍ମଣ ସୈନିକ ହେବେ ଆପତ୍କାଳରେ

Digitized by srujanika@gmail.com

Split by PDF Splitter



ଜାତିଭ୍ରଷ୍ଟ ହେବ ଏପରି ବିଧି ନ ଥିଲା। ତେବେ ଏହିପରି ବିଧି ଥିଲା ଯେ ବ୍ରାହ୍ମଣମାନେ ସର୍ବଦ ଶୁଦ୍ଧାଚାରୀ ସେମାନେ ଅପରିଷ୍କାର ଶୂଦ୍ରାନ୍ନ ସର୍ବଦା ବ୍ୟବହାର କଲେ ଓ ଶୂଦ୍ରଙ୍କ ସଙ୍ଗ ସର୍ବଦା କଲେ ତାଙ୍କର ପବିତ୍ରତା ହ୍ରାସ ହୋଇ ଯିବାର ସମ୍ଭାବନା ଏହି କାରଣରୁ ମନୁ ଶୂଦ୍ରାନ୍ନକୁ ନିଷିଦ୍ଧ ମଧ୍ୟରେ ପରିଗଣିତ କରିଅଛନ୍ତି। କିନ୍ତୁ ଶୂଦ୍ରାନ୍ନ ଦେଖାଇ ଭକ୍ଷଣ କଲେ ଅଧୁନା ଯେପରି ଜାତିଭ୍ରଷ୍ଟ ହେବାର ଧୁମଧାମ ଦେଖାଯାଏ ପ୍ରାଚୀନ ସମୟରେ ତାହା ନ ଥିଲା।

ଆମ୍ଭର ଉତ୍କଳଦେଶ ବର୍ତ୍ତମାନ ଅବସ୍ଥାନରେ ବଙ୍ଗଦେଶାପେକ୍ଷା ଅନେକକ୍ଷୁଦ୍ର। ସୁତରାଂ କୌଣସି ଅଂଶରେ ଦୋଷଜନକ ହେଲେହେଁ କେତେକ ବିଷୟରେ ଗୁଣକାରୀ ମଧ୍ୟ ହୋଇପାରେ। ଜାତି-ସଂସ୍କାର ସମାଲୋଚନା ଓ କାର୍ଯ୍ୟରେ ପରିଣତ କରିବା ନିମିତ୍ତ କ୍ଷୁଦ୍ରଦେଶ ଯେତେ ଉପଯୋଗୀ ବଡ଼ଦେଶ ତାଦୃଶ ଉପଯୋଗୀ ବୋଲି ଯାଇ ନ ପାରେ। ଏହିଦେଶର ମହାରାଜା, ରାଜା, ବଡ଼ ଜମିଦାର ପଣ୍ଡିତ ଓ ଭଦ୍ରବ୍ୟକ୍ତିମାନେ ସମବେତ ହୋଇ ଯେବେ ସର୍ବୋନ୍ନତିବ୍ୟାଘାତକାରିଣୀ ଅନ୍ଧ-ଗତକାଳର ବୃଥାଭିମାନକୁ ବିଦୂରିତ କରନ୍ତି ତେବେ ବୃହତ୍ତରସ୍ୱତନ୍ତ୍ରଦେଶ ଆମ୍ଭର ଅନୁକାରୀ ହେବେ।

ବୋଧ ହୁଏ ଭଗବାନଙ୍କ ଇଚ୍ଛା ଯେ ଉତ୍କଳ-ଦେଶ ଏଥିରେ ଅଗ୍ରଣୀ ହେଉ। ଆମ୍ଭର ପରମ-ଦେବତା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପ୍ରସାଦକୁ ପାଖକେ କୁକୁର ଖାଉଥିଲେ ମଧ୍ୟ ଆରପାଖରେ ବ୍ରାହ୍ମଣ ଖାଉଥିବେ। ଏଦେଶର ବ୍ରାହ୍ମଣ ଅତି ପବିତ୍ର। ଏମାନେ ଯାହା ବ୍ୟବସ୍ଥିତ ଜ୍ଞାନ କରିବେ ଅପରଦେଶୀୟମାନେ ଏହାଙ୍କର ଅନୁସରଣୀ ହେବେ।

ଆମ୍ଭ ଦେଶର ମହାପ୍ରସାଦ ସ୍ପର୍ଶରେ ଅନ୍ୟଜାତି ନାହିଁ। ଓ ପ୍ରସାଦ ସ୍ଥାନସଂଖ୍ୟାର ବୃଦ୍ଧି ଦିନକୁଦିନ ସୁବିଧା ବୃଦ୍ଧି କରୁଅଛି। କିନ୍ତୁ ଏହି ଜାହାଜ ଓ ରେଲଗାଡ଼ି ସମୟରେ ସୁବିଧାକୁ ଅଧିକ ବିଶେଷରେ ବୃଦ୍ଧି କରିବାର ଆବଶ୍ୟକ ହୋଇଅଛି।

ଚାନ୍ଦବାଲିଠାରେ ବନ୍ଦର ହେବାପୂର୍ବରୁ ଜାହାଜରେ ଚଢ଼ିଲେ ଜାତି ଯାଉଥିଲା। ତତ୍ପରେ ସେ ଭ୍ରମ ଦୂରିତ ହୋଇ ଜାହାଜରେ ଜଳାହାରରେ ଜାତି ନଷ୍ଟ ହେବା କଥା ଶୁଣା ଗଲା। ଦୁଇ ଏକ ବର୍ଷମଧ୍ୟରେ ଚୂଡ଼ା ପୂର ଉର୍କାଇ ଓ ଜାହାଜ-ଜଳପାନ ଇତ୍ୟାଦିରେ ସୁଦ୍ଧା ଜାତି ନଷ୍ଟ ନ ହେଲା। ଏହି କାରଣମାନଙ୍କରୁ ଆମ୍ଭର ହିନ୍ଦୁସମାଜନେତାମାନଙ୍କୁ ଦୂରଦର୍ଶୀ ହୋଇ କାର୍ଯ୍ୟ କରିବାର ଉଚିତ।

ପୂର୍ବେ ମୁଁ ଅନେକ ଯୁକ୍ତି ଓ ପ୍ରମାଣ ଦେଖାଇ କହିଅଛି ଓ ବର୍ତ୍ତମାନ ଏ ପତ୍ରିକାରେ ବିଶେଷ ପ୍ରମାଣ ଦେଖାଇ ଆପଣମାନଙ୍କୁ ଜଣାଉଅଛି ଯେ ହେ ହିନ୍ଦୁଭ୍ରାତଃ ଆପଣମାନେ ଜାତୀୟ ଉନ୍ନତିକୁ ଲକ୍ଷ୍ୟ କରି ମୋ ମତର ଗୁରୁତା ହୃଦୟଙ୍ଗମ କରି ନିଜ ମତ ବ୍ୟକ୍ତ କରନ୍ତୁ। ମତେ ଯେଉଁମାନେ ଅଧୁନା ତିରସ୍କାର କରୁଅଛନ୍ତି ଆଉ ବିଂଶତିବର୍ଷ ପରେ ବୋଧ ହୁଏ ସେମାନେ ଆପଣା କାର୍ଯ୍ୟପ୍ରଣାଳୀ ନିମନ୍ତେ ଅନୁତାପ କରିବେ।

ଆଜକୁ ଚାଳିଶବର୍ଷ ପୂର୍ବେ ମୋର ଅଗ୍ରଜ ପ୍ରଥିତନାମା ଶ୍ରୀ ବିଶ୍ୱମ୍ଭର ବିଦ୍ୟାଭୂଷଣ ଯେଉଁ ସମୟରେ କଟକରେ ଉପନୀତ ହୋଇ କୁସଂସ୍କାରବଦ୍ଧ ବ୍ରାହ୍ମଣମାନଙ୍କର ଅଯୋଗତାରେ ଓ ମୂର୍ଖମାନଙ୍କର ପ୍ରାଦୁର୍ଭାବରେ ଦୁଃଖିତ ହୋଇ ବ୍ରାହ୍ମଣସନ୍ତାନମାନଙ୍କୁ କାଳୋଚିତ ବିଦ୍ୟାଧ୍ୟୟନରେ ପ୍ରବୃତ୍ତ କଲେ ସେତେବେଳେ ସେହି ବ୍ରାହ୍ମଣପୁଙ୍ଗବମାନେ ନିଜ କୁଟୁମ୍ବବର୍ଗରେ କେତେ ତିରସ୍କାର ସହ୍ୟ କରୁଥିଲେ। ଖଣ୍ଡେ ଲୁଗା ଓ ପୋଡ଼େ ଜୋତା ମାଡିଲେ ତାଙ୍କର ମସ୍ତକ ଜ୍ଞାତିମାନେ ଅଯଥା ତିରସ୍କାର କରୁଥିଲେ। କିନ୍ତୁ ସେ କାଳ କି ରହିଲା? ବିଦ୍ୟାଭୂଷଣଙ୍କୁ ଯେଉଁମାନେ ତିରସ୍କାର କରୁଥିଲେ ତାଙ୍କ ବଂଶ ପରମ୍ପରା ଏବେ ତାଙ୍କର ଯଶୋରାଶି କୀର୍ତ୍ତନ କରୁଅଛନ୍ତି।

ମୁଁ ସ୍ୱୟଂ ଯେଉଁ ସମୟରେ ଶ୍ରୀକ୍ଷେତ୍ରରେ ଡେପୁଟୀଇନସ୍‌ପେକ୍ଟର ନିଯୁକ୍ତ ହୋଇଥିଲି ଓ ପୌରାଣିକପ୍ରବର ଶ୍ରୀ ଗୋପୀନାଥ ମିଶ୍ରଙ୍କ ପରାମର୍ଶରେ ଦାମୋଦରପୁର ଶାସନରେ ନିଜ ବ୍ୟୟରେ ଗୋଟିଏ ସଂସ୍କୃତ ଟୋଲ୍ ସ୍ଥାପନ କରିଥିଲି ସେ ସମୟରେ ସେହି ଶାସନବାସୀ ଶ୍ରୀଧରମିଶ୍ର ନାମକ ପଣ୍ଡିତ ମୋପ୍ରତି ଘୋର କ୍ରୋଧାନ୍ୱିତ ହୋଇ ଶିକ୍ଷକ ଓ ଛାତ୍ରଙ୍କୁ ଗୋଡ଼ ଲମ୍ବାଇ ବେଞ୍ଚରେ ବସିବା ଅପରାଧ ବ୍ୟାଜରେ ଲଗୁଡ଼ ପ୍ରହାର କରିବାକୁ ଉଦ୍ୟତ ହୋଇଥିଲେ ସେହି ଶ୍ରୀଧର ମିଶ୍ରଙ୍କପୁତ୍ର ଏବେ ଦୁଇମାସ ତଳେ ଅନୁସରଣ କରି ରାଧାନାଥ-ବାବୁଙ୍କଠାରୁ ପୁରୀସ୍କୁଲ ପଣ୍ଡିତକାର୍ଯ୍ୟ ଗ୍ରହଣ କରି କୃତ କୃତ୍ୟ ହେଲେ।

ଅତଏବ ହେ ହିନ୍ଦୁ ଭାଇ ଆପଣମାନେ କେ-ବଳ ବିବାହରେ ଜାତିଭେଦ ରଖନ୍ତୁ। ନିଜବର୍ଣ୍ଣର ସନ୍ଧ୍ୟା ପୂଜା ବିଧି ପ୍ରତିପାଳନ କରନ୍ତୁ। ସେ ଅବଶ୍ୟ କରଣୀୟ। କିନ୍ତୁ ଅନ୍ୟଗତ ଜାତିକୁ ଆପଣମାନେ ପ୍ରକାଶ୍ୟରେ ବିସର୍ଜନ କରନ୍ତୁ। ଏତଦ୍ୟତିରେକେ ଜାତୀୟ ଉନ୍ନତି ଓ ଏକତା ସାଧିତ ଓ ସମ୍ପାଦିତ ହେବାର ଦୁରୂହ। ଶ୍ରୀହରିଃ

ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମା।

Digitized by srujanika@gmail.com

Split by PDF Splitter

340

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

ଭାଗ ୨୪ ଶ | ସଂଖ୍ୟା ୩୯ | ତା ୨୫ ଶେ ସେପ୍ଟେମ୍ବର ସନ ୧୮୮୯ ସାଲ । ମୁ । ଅଶ୍ୱିନ ତା ୧୩ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪ ୩୯ | ପଶ୍ଚାଦେୟ ୪ ୬୯



## ବିଜ୍ଞାପନ ।

ଯେଉଁମାନେ ଉତ୍କଳଦୀପିକାର ଗ୍ରାହକ ହୋଇ ଏକବର୍ଷରୁ ଅଧିକ ହେବ ଏହାର ମୂଲ୍ୟ ଦେଇ ନାହାନ୍ତି ଏବଂ ବିଲ୍ ପଠାଯିବାରେ ମଧ୍ୟ ମନୋଯୋଗୀ ହୋଇ ନାହାନ୍ତି ସେମାନଙ୍କୁ ପ୍ରାର୍ଥନା କରୁଅଛୁଁ କି ଅନୁଗ୍ରହ ପୂର୍ବକ ଏହି ମାସ ମଧ୍ୟରେ ମୂଲ୍ୟଟଙ୍କା ପଠାଇଦେବେ । ଯେଉଁ ଗ୍ରାହକ ଏଥି ମଧ୍ୟରେ ଟଙ୍କା ନ ପଠାଇବେ ତାହାଙ୍କ ନିକଟକୁ ଆଗାମି ମାସ ଆରମ୍ଭରୁ ଉତ୍କଳଦୀପିକା ପ୍ରେରିତ ହେବ ନାହିଁ ଏବଂ ପାଉଣା ଆଦାୟର ଅନ୍ୟ ବନ୍ଦୋବସ୍ତ ହେବ ଇତି ।

୨୧।୯।୮୯ ଶ୍ରୀ ଗୌରୀଶଙ୍କର ରାୟ
ମେନେଜର ।


ଏପ୍ରଦେଶୀୟ ହିନ୍ଦୁମାନଙ୍କର ସର୍ବୋତ୍କୃଷ୍ଟ ଉତ୍ସବ ବାର୍ଷିକ ଶାରଦୀୟ ପୂଜା ଉପସ୍ଥିତ । ଏଥିପାଇଁ ଗତ ମଙ୍ଗଳବାରଠାରୁ ଆଗାମି ଅକ୍ଟୋବରମାସ ତା ୨୨ ରଖ ପର୍ଯ୍ୟନ୍ତ ଦେବାଣି ଅଦାଲତମାନ ବନ୍ଦ ହୋଇଅଛି । ଆଗାମି କାଲିଠାରୁ ସରକାରି ଅନ୍ୟାନ୍ୟ କାର୍ଯ୍ୟାଳୟମାନ ଦ ୧୨ ଦିନ ବନ୍ଦ ହେବ । କଲେଜ ଓ ସ୍କୁଲମାନ ବନ୍ଦ ହୋଇଅଛି । ଏତେବେଳେ

ପ୍ରତିବର୍ଷର ନିୟମାନୁସାରେ ଆମ୍ଭମାନଙ୍କର କର୍ମଚାରୀମାନେ ମଧ୍ୟ କାଳଠାରୁ ଦୁଇ ସପ୍ତାହ ଛୁଟି ଅବସର ପାଇବେ । ସୁତରାଂ ଆଗାମୀ ଦୁଇସପ୍ତାହରେ ଉତ୍କଳଦୀପିକା ବାହାରିବ ନାହିଁ । ଭରସା କରୁଁ ଗ୍ରାହକମାନେ ଅନୁଗ୍ରହପୂର୍ବକ କ୍ଷମା କରିବେ ।

---

ବାଲେଶ୍ୱରର ସମ୍ବାଦଦାତାମାନଙ୍କଠାରୁ ଦୁଃଖର ସହିତ ଅବଗତ ହେଲୁଁ ଯେ ଉକ୍ତ ଜିଲ୍ଲାର ଯେଉଁ ସବୁ ସ୍ଥାନରେ ଜଳର ଅଭାବ ଥିଲା ତହିଁ ମଧ୍ୟରୁ କେତେକ ଅଂଶରେ ସାମାନ୍ୟ ବୃଷ୍ଟିଦ୍ୱାରା କିଛି ଫସଲ ରକ୍ଷା ହୋଇଅଛି । ଅବଶିଷ୍ଟ ଅଂଶର ଧାନଗଛ ସବୁ ମରି ଗଲାଣି । ଏଣିକି ବୃଷ୍ଟି ହେଲେ ମଧ୍ୟ ଉପକାର ହେବ ନାହିଁ ।

---

ଗଞ୍ଜାମର ଅବସ୍ଥା ସମ୍ବନ୍ଧରେ ଚଳିତମାସ ତା ୧୪ ରଖର ସାପ୍ତାହିକ ବିବରଣ ଅନୁସାରେ ମଙ୍ଗଳଜନକ ଅଟଇ । ବଡ଼ ଓ ଛୋଟ ପୂର୍ତ୍ତକାର୍ଯ୍ୟରେ ୧୬୩୦୦ ଲୋକ କାର୍ଯ୍ୟ କରୁଅଛନ୍ତି ଏବଂ ୫୮୧୭୦ ଲୋକ ଦାତବ୍ୟ ସାହାଯ୍ୟ ପାଉଅଛନ୍ତି । ଶେଷଲିଖିତ ବ୍ୟକ୍ତିଙ୍କ ମଧ୍ୟରେ ୩୬୭୮୭ ପିଲା ଏବଂ ୧୩୭୯୨ ସ୍ତ୍ରୀ ଅଟନ୍ତି । ଓଲାଉଠା ରୋଗରେ କେବଳ ୨୦ ମୃତ୍ୟୁ

---

ଗତ ଜୁଲାଇ ମାସରେ ଓଡ଼ିଶାର ନାନା ଜିଲ୍ଲାରେ ନାନା ରୋଗରେ ଯେତେ ମୃତ୍ୟୁ ଘଟିଅଛି ତହିଁର ତାଲିକା ନିମ୍ନେ ପ୍ରକାଶିତ ହେଲା । ଯଥା ।—

| | କଟକ | ପୁରୀ | ବାଲେଶ୍ୱର |
|---|---|---|---|
| ଓଲାଉଠା | ୩୬୭୭ | ୩୬୮୭ | ୧୮୭୯ |
| ବସନ୍ତ | ୭୩ | ୮୧ | ୪ |
| ଜ୍ୱର | ୧୦୬୪ | ୧୮୦ | ୭୫୨ |
| ଅନ୍ୟାନ୍ୟରୋଗ | ୧୮୦୨ | ୧୬୮୦ | ୧୨୩୮ |
| ମୋଟ | ୬୫୫୬ | ୫୫୯୪ | ୩୮୭୩ |

---

ଏଥିମଧ୍ୟରେ ଗୋଟାଏ ଜନରବ ଉଠିଥିଲା ଯେ କାଶ୍ମୀରର ମହାରାଜା ପ୍ରତାପସିଂହଙ୍କ ସହିତ ତାହାଙ୍କ ଭାଇ ଅମରସିଂହଙ୍କର ମେଳ ହୋଇଅଛି । ମାତ୍ର ସଞ୍ଜୀବନୀର ଜଣେ ପତ୍ରପ୍ରେରକ କାଶ୍ମୀରରୁ ଲେଖିଅଛନ୍ତି କି ମେଳ ହେବା କଥା ସତ୍ୟ ନୁହେ ମହାରାଜାଙ୍କ ଶତ୍ରୁମାନେ ଲୋକଙ୍କୁ ପ୍ରବୋଧ ଦେବା ଉଦ୍ଦେଶ୍ୟରେ ଏ କଥା ରଟାଇ ଅଛନ୍ତି । ପ୍ରକୃତକଥା ଏହି କି ମହାରାଜାଙ୍କର ସମସ୍ତ ବିପଦର ମୂଳ ଅମରସିଂହ ହେଉଥିବାରୁ ତାହାଙ୍କ ସଙ୍ଗେ କେବେ ସଦ୍ଭାବ ହେବ ନାହିଁ ବୋଲି ମହାରାଜା ତାହାଙ୍କୁ ଶତ୍ରୁ ଭାବୁଅଛନ୍ତି । ଖଲଲୋକଙ୍କ ପ୍ରବଞ୍ଚନାର

Digitized by srujanika@gmail.com

Split by PDF Splitter

342



ବାଲେଶ୍ୱର ନିବାସୀ ମୟୂରଭଞ୍ଜ ରାଜବଂଶୀୟ ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ସରକାରଙ୍କୁ ମାସିକ ଟ୧୬୦ ଲେଖାଏଁ ପେନସନ୍ ପାଉଅଛନ୍ତି । ଏହି ପେନ୍‌ସନ ତାହାଙ୍କର ଜ ୪୦ ଣ କୁଟୁମ୍ବଙ୍କର ଭରଣପୋଷଣକୁ ନିଅଣ୍ଟ ହେବାରୁ ସ୍କୁଲରେ ପଢୁଥିବା ଜ ୫ଣ ପିଲଙ୍କର ସ୍କୁଲ ବେତନ ଦେବାକୁ ସେ ନିତାନ୍ତ ଅକ୍ଷମ । ତାହାଙ୍କର ଏପରି ଅବସ୍ଥା ଦେଖି ବାଲେଶ୍ୱର ସ୍କୁଲର ହେଡ୍‌ମାଷ୍ଟର ବାବୁ ମୁକୁନ୍ଦଚନ୍ଦ୍ର ବିଦ୍ୟାବାଗୀଶ ଅନୁରୋଧ କରିବାରୁ ଶ୍ରୀଯୁକ୍ତ ଜଏଣ୍ଟଇନ୍‌ସ୍ପେକ୍ଟର ସେ ପିଲାମାନଙ୍କୁ ବିନାବେତନରେ ସ୍କୁଲରେ ପଢିବାର ଅନୁମତି ଦେଇଅଛନ୍ତି । ଏଥିପାଇଁ ଭଞ୍ଜ ମହାଶୟ ହେଡ୍‌ମାଷ୍ଟର ପ୍ରଭୃତିଙ୍କଠାରେ କୃତଜ୍ଞତା ପ୍ରକାଶକରି ଏକ ପତ୍ର ଲେଖିଅଛନ୍ତି ।

---

ଏଠା ସବ୍ ଜଜ ବାବୁ ଯୋଗେଶଚନ୍ଦ୍ର ମିତ୍ର ଏବଂ ମୁନସଫ ବାବୁ ମୋହନଲାଲ ସିଂହ ସ୍ଥାନାନ୍ତରକୁ ବଦଳ ହେବାରୁ ପ୍ରଥମ ବ୍ୟକ୍ତି ଗତ ସୋମବାର ଏବଂ ୨ୟବ୍ୟକ୍ତି ଗତବୁଧବାର ଏନଗରରୁ ପ୍ରସ୍ଥାନ କଲେ । ଉଭୟଙ୍କର ଅନେକ ବନ୍ଧୁମାନେ ସେମାନଙ୍କୁ ସମ୍ମାନପୂର୍ବକ ବିଦାୟ ଦେଇଥିଲେ ସର୍ବସାଧାରଣ ବାବୁ ମୋହନଲାଲ ସିଂହଙ୍କ ବଦଳରେ ଅତ୍ୟନ୍ତ ଦୁଃଖିତ ହେବାର ପ୍ରକାଶ ପାଉଅଛନ୍ତି ଏବଂ ସମସ୍ତେ ଏକବାକ୍ୟରେ ତାହାଙ୍କର ଗୁଣ ଗାଉଅଛନ୍ତି । ବାସ୍ତବରେ ମୋହନବାବୁଙ୍କ ପରି ଧୀର ଶାନ୍ତ ଅଥଚ ବିଚକ୍ଷଣ ଓ ନିରପେକ୍ଷ ବିଚାରକ ଅତି ବିରଳ । ମେସଲରେ ବସିଲେ ଏହାଙ୍କୁ ଅଶାନ୍ତି ବା ବିରକ୍ତ ହେବାର ଦେଖା ଯାଇ ନାହିଁ ଏବଂ ସମାଜରେ ବିନୟ ଓ ସରଳ ବ୍ୟବହାରଦ୍ୱାରା ସମସ୍ତଙ୍କ ବଶ କରିଥିଲେ ।

---

କଲିକତା ପେପରକରେନସି ଅଫିସ ଦୁର୍ଗାପୂଜା ସମୟରେ ଖୋଲା ରଖିବା ପ୍ରସ୍ତାବ ବିରୁଦ୍ଧରେ ଭାରତସଭା ଯେଉଁ ଆବେଦନ କରିଥିଲେ ତାହା ସଫଳ ହୋଇଅଛି । ମହାମାନ୍ୟ ଗବର୍ଣ୍ଣର ଜେନରଲ ତାରଯୋଗେ ଉକ୍ତ ସଭାକୁ ଜଣାଇ ଅଛନ୍ତିକି ପୂଜାଛୁଟି ସମୟରେ ପେପରକରେନସି ଅଫିସ ବନ୍ଦ ରହିବାର ଆଦେଶ ହୋଇଅଛି । କେବଳ ସଉଦାଗରମାନଙ୍କର ସୁବିଧା ନିମିତ୍ତ ନିତାନ୍ତ ପ୍ରୟୋଜନୀୟ ବନ୍ଦୋବସ୍ତ ହେବ । ଏଥିରୁ ଦେଖାଯାଏ ଯେ କେବଳ ତା ୩୦ ଋଖ ସେପ୍ଟମ୍ବର ଏବଂ ଅକ୍ଟୋବର ମାସ ତା ୮ ଋଖଠାରୁ ତା ୧୦ ଋଖ ପର୍ଯ୍ୟନ୍ତ ବଣିକମାନଙ୍କରେ ଉକ୍ତ ଅଫିସ ଦୁଇପ୍ରହର ଏକଘଣ୍ଟା ପର୍ଯ୍ୟନ୍ତ ମୁକୁଲା ରହିବ । ଲର୍ଡ଼ ଲାନ୍‌ସଡାଉନ୍ ଏହି ସୁବିଚାର ହେତୁ ଦେଶୀୟ ଲୋକଙ୍କର ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି ଏକଥା ବୋଲିବା ଅଧିକ ଅଟଇ ।

---

ସ୍ୱର୍ଗୀୟ ବାବୁ ମଦନମୋହନ ଦାସଙ୍କ ଅଦ୍ୟଶ୍ରାଦ୍ଧ ଯଥାସମାରୋହରେ ଗତ ସପ୍ତାହରେ ସମାପ୍ତ ହେଲା । ଓଡ଼ିଆଙ୍କ ଅନୁମାନମତେ ୫ ହଜାର ବ୍ରାହ୍ମଣ ଓ ୨ହଜାର କଙ୍ଗାଳ ହୋଇଥିଲେ କିନ୍ତୁ ବାହିକା ଲେଖିଅଛନ୍ତି ଯେ ୯୮୧୮ ବ୍ରାହ୍ମଣ ବୈଷ୍ଣବ ଏବଂ ୨୬୬୦ କଙ୍ଗାଳ ଓ ଯାଚକ ହୋଇଥିଲେ । ଟିକଟଦ୍ୱାରା ବିଦାୟ ହୋଇଥିବା ଓ ଶେଷଲିଖିତ ତାଲିକା ଉକ୍ତ ଋ ଗୃହୀତ ହୋଇ ଥିବାରୁ ଏହାକୁ ଠିକ ବୋଲିବାକୁ ହେବ । ଏମାନେ ସମସ୍ତେ ପକ୍ୱ ପକାନ ଭୋଜନ କରିଥିଲେ ବ୍ରାହ୍ମଣମାନେ ଟ ୦।୵ ଲେଖାଏଁ ଓ କଙ୍ଗାଳମାନେ ଟ ୦।୬ ଲେଖାଏଁ ବିଦାୟ ପାଇ ଥିଲେ । ତିନମାନଙ୍କୁ ଅନେକ ଦରରେ ଭଡାର ଦିଆଯାଇ ଥିଲା । ଶ୍ରାଦ୍ଧରେ ବୃଷ ଷୋଡ଼ଶ ସହିତ ବୃଷୋତ୍ସର୍ଗ ହୋଇଥିଲା । କେତେକ ଅମନ୍ତ୍ରିତ ବ୍ରାହ୍ମଣଙ୍କର ଦର୍ଗାରେ ବସ୍ତ୍ର ବିଳମ୍ବ ହେବାରୁ ରୁଷି ବସିଥିଲେ ମାତ୍ର କ୍ଷମା ପ୍ରାର୍ଥନା ହେବାରୁ ପ୍ରସନ୍ନ ହୋଇ ସେବା ଗ୍ରହଣ କଲେ ।

---

ଅଳ୍ପଦିନ ହେଲା ଜଣେ ଦକ୍ଷିଣୀ ବ୍ରାହ୍ମଣ ଯ ତାହାର ବୟସ ୫୦ ର୍ଦ୍ଧ ହେବ ଏ ନଗରକୁ ଆସି ପ୍ରକାଶ କଲା ଯେ ସେ ଦେବୀସାଧନା କରିବାରୁ ଭବିଷ୍ୟତ କଥା କହି ପାରେ ଓ ଯେ ଯାହା ମନରେ ପାଞ୍ଚିବ ଖଣ୍ଡେକାଗଜରେ ନିର୍ଜ୍ଜନ ଘର ମଧ୍ୟରେ ଦେବୀ ତାହା ଲେଖି ଦେବେ । ବାବୁ ଜଗନ୍ନାଥ ରାୟଙ୍କ ବସାରେ ଅନେକ ଭଦ୍ରଲୋକ ଉପସ୍ଥିତ ଥାଇ ଏହିଦିନ ଏବ୍ୟକ୍ତିର ପରୀକ୍ଷା କରିବାରେ ଜଣାଗଲା ଯେ କେବଳ ଠକ କୌଣସି କୌଶଳରେ ଆପେ ଅଶୁଦ୍ଧଭାଷରେ ବହୁ ଲେଖି ଦେଇ ଦେବୀ ଲେଖିଅଛନ୍ତି ବୋଲି ମୂର୍ଖଲୋକଙ୍କୁ ଭୁଲାଇ ଦେଇ କଣ୍ଠିଏ ଅର୍ଜନ କରଇ । ଉତ୍ତର ଲୋକଙ୍କଠାରେ ଧରାପଡି ଅପଦସ୍ଥ ହୋଇଗଲା । ଜଣେ ପତ୍ରପ୍ରେରକ ଏଥିର ବିସ୍ତାରିତ ବିବରଣ ଲେଖିଅଛନ୍ତି । ସ୍ଥାନାଭାବ ହେତୁ ତାହା ପ୍ରକାଶ ହେଲା ନାହିଁ ଏବଂ ପ୍ରକାଶ କରିବାର ପ୍ରୟୋଜନ ନାହିଁ । ଯେ ପର୍ଯ୍ୟନ୍ତ ମୂର୍ଖତା ଓ କୁସଂସ୍କାର ଥିବ ଏପରି ଠକ ବାହାରୁଥିବେ । କେବଳ ବୁଦ୍ଧିମାନ ଲୋକେ ଯେ ଏପରି ଠକଙ୍କଠାରେ ବଞ୍ଚିତ ହୁଅନ୍ତି ଏହିବ ଅଦ୍ଭୁତ ।

---

ପ୍ରେସିଡେନ୍‌ସି ବିଭାଗର କମିଶନର ଶ୍ରୀଯୁକ୍ତ ସ୍ମିଥ ସାହେବ ଜଣେ ବହୁଦର୍ଶୀ ଓ ଧୀରବୁଦ୍ଧିମାନ କର୍ମଚାରୀ ଅଟନ୍ତି ଏହାଙ୍କର ବାର୍ଷିକ ରିପୋର୍ଟମାନ ବଙ୍ଗଳର ଗବର୍ଣ୍ଣମେଣ୍ଟରୁ ପ୍ରଶଂସା ପାଇ ଆସୁଅଛି । ଗତବର୍ଷର ରିପୋର୍ଟରେ ସେ ଲୋକଙ୍କ ଅବସ୍ଥା ସମ୍ବନ୍ଧରେ ଲେଖିଅଛନ୍ତି ଯେ ତନ୍ତୀଙ୍କର ଅବସ୍ଥା ଭଲ । ମୂଲିଆଙ୍କ ଅବସ୍ଥା ଫସଲର ଭଲ ମନ୍ଦ ସଙ୍ଗେ ସମ୍ପର୍କ ରଖେ କିନ୍ତୁ ମଧ୍ୟବିତ୍ତ ଲୋକ ଏବଂ ପୁରୁଣା ଜମିଦାର ବଂଶ କ୍ରମଶଃ ହୀନତାକୁ ଯାଉଅଛି । ଏମାନଙ୍କ ଅବସ୍ଥା ସୁଧାରିବା ବଡ଼ କଠିନ ସମସ୍ୟା ଅଟଇ । ଏ ବିଷୟରେ ଦେଶୀୟଲୋକେ ସ୍ୱତଃ ଚେଷ୍ଟିତ ହେବା ଆବଶ୍ୟକ, ସେ କାରଣ ଏଠାରେ ଯେଉଁଠାରେ ସାମାନ୍ୟ ସାହାଯ୍ୟ ହିଁ ଅଧିକ କିଛି କରି ନ ପାରନ୍ତି । ପୂର୍ବେ ଯେଉଁ ବ୍ୟବସାୟ ଇତର ବୋଲି ପରିଗଣିତ ଥିଲା ସେସବୁ ଅବଲମ୍ବନ କରିବାକୁ ଏମାନଙ୍କ ମଧ୍ୟରୁ କେହି ଅଗ୍ରସର ହୋଇଅଛନ୍ତି ଏବଂ ଭରସାହେତୁ ଜଣାଯାଏ ଯେ ଅବସ୍ଥାର ଦାୟରେ ପଡ଼ି ଏମାନେ କଷ୍ଟଶ୍ରମସାଧ୍ୟ କାର୍ଯ୍ୟ ଏବଂ ନିମ୍ନବ୍ୟବସାୟ କରିବାକୁ କ୍ରମଶଃ ବାଧ୍ୟ ହେବେ । ଯେଉଁମାନେ ଜାତୀୟ ସଂସ୍କାର ପ୍ରସଙ୍ଗରେ ଅବିଶ୍ରାନ୍ତ ବିସ୍ତର ବାକ୍ୟ ବ୍ୟୟ କରୁଅଛନ୍ତି ସ୍ମିଥ ସାହେବଙ୍କ ଉପରଲିଖିତ ସାରକଥାମାନ ମନୋଯୋଗପୂର୍ବକ ଚିନ୍ତା କରିବାକୁ ସେମାନଙ୍କୁ ଅନୁରୋଧ କରୁଅଛୁ ।

---

ଦେଶୀୟ ଲୋକଙ୍କୁ ଶିଳ୍ପଶିକ୍ଷା ପ୍ରଦାନର ବ୍ୟବସ୍ଥା କରିବାପ୍ରତି ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଏବେଦିନେ ମନୋଯୋଗ ହୋଇଅଛି ଏବଂ ଏ ବ୍ୟବସ୍ଥା କରିବା ପୂର୍ବରୁ ଦେଶୀୟ ଶିଳ୍ପର ଅବସ୍ଥା ଅନୁସନ୍ଧାନପୂର୍ବକ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାକାରଣ ଶ୍ରୀଯୁକ୍ତ ଜ, ଡବଲ୍ୟୁ କଲିନ ସାହେବ ନିଯୁକ୍ତ ହୋଇଅଛନ୍ତି । ସାହେବ ପ୍ରଶଂସିତ ଏଥିମଧ୍ୟରେ ଅନୁସନ୍ଧାନକାର୍ଯ୍ୟ ଆରମ୍ଭ କରି ଏ ପ୍ରଦେଶର କଳ କାରଖାନାର ଅଧି-

Digitized by srujanika@gmail.com

ସାହେବଙ୍କଠାରୁ କାହା ଅଧୀନରେ ଯେତେ ଶିଳ୍ପକର ଅଛନ୍ତି ସେମାନେ କେଉଁଠାରେ ଶିକ୍ଷା ପାଇଅଛନ୍ତି ଓ ଦେଶୀୟ ଲୋକମାନେ କେତେ ଶିକ୍ଷିତ ହେଲେ ସେମାନଙ୍କ କାର୍ଯ୍ୟରେ ରଖିବେ କି ନାହିଁ ଇତ୍ୟାଦି ବିଷୟର ତାଲିକା ଓ ମତାମତ ଗ୍ରହଅଛନ୍ତି ଏବଂ ବଙ୍ଗଳାର କେଉଁଠାରେ କିପ୍ରକାର ଶିଳ୍ପକାର୍ଯ୍ୟ କି ପରିମାଣରେ ହୁଅନ୍ତି ଏବଂ ତହିଁର ଉନ୍ନତି ବା ଅବନତି ହେଉଅଛି ଇତ୍ୟାଦି ବିଷୟରେ ପ୍ରତ୍ୟେକ ଜିଲ୍ଲାର କାଲେକ୍ଟରଙ୍କଠାରୁ ରିପୋର୍ଟ ପ୍ରାର୍ଥନା କରିଅଛନ୍ତି । କଲିନ ସାହେବ ଆଗାମୀ ନବମ୍ବର ମାସରେ ଅନୁସନ୍ଧାନକାର୍ଯ୍ୟ ଶେଷ କରି ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ ଦେବେ ଓ ତହିଁପରଠାରୁ ଆବଶ୍ୟକୀୟ ବ୍ୟବସ୍ଥା ହେବ । ସର ଷ୍ଟୁଆର୍ଟ ବେଲି ବାହାଦୂର ଯେତେବେଳେ ଦେଶୀୟ ଲୋକଙ୍କୁ ଶିଳ୍ପଶିକ୍ଷା ଦେବାର ଉପଯୁକ୍ତ ବ୍ୟବସ୍ଥା କରି ତାହା କାର୍ଯ୍ୟରେ ପରିଣତ କରିବେ ସେତେବେଳେ ତାହାଙ୍କର ନାମ ଚିରକାଳକୁ ଉଦ୍ଦୀପିତ ଏଥିରେ ସନ୍ଦେହ ନାହିଁ କାରଣ ଏଥିରୁ ଦେଶର ଅନେକ ଉପକାର ହେବ ।

---

ଏଠା କଟକ ମଡେଲ ପାଠଶାଳା ଉଠାଇଦେବା ବିଷୟରେ ଏକ୍‌ଟିଂ ମାଜିଷ୍ଟ୍ରେଟ ମାଗ୍‌ଫର ସାହେବ ମିଉନିସିପାଲିଟି ସହିତ ଯେପରି ବ୍ୟବହାର କରିଥିଲେ ପାଠକମାନଙ୍କୁ ଜଣା ଅଛି । ଉପଯୁକ୍ତ କ୍ଷତିପୂରଣ ପାଇଲେ ମିଉନିସିପଲ କମିଶନରମାନେ ପାଠଶାଳା ଉଠାଇ ଦେବେ ବୋଲି ପ୍ରଥମରୁ ସ୍ୱୀକାର କରିଥିଲେ ମାତ୍ର ମାଜିଷ୍ଟ୍ରେଟ ଓ କମିଶନର ସେ କଥା ବିଚାର ବିବେଚନା କଲେ ନାହିଁ । ସମ୍ପ୍ରତି ବଙ୍ଗୀୟ ଗବର୍ଣ୍ଣମେଣ୍ଟ ମିଉନିସିପାଲିଟିର ଆପତ୍ତି ଯୁକ୍ତିସଙ୍ଗତ ଜ୍ଞାନ କରି କହିଅଛନ୍ତି ଯେ ପାଠଶାଳା ଉଠାଇବାକୁ ହେଲେ ଉଚିତ କ୍ଷତିପୂରଣ ଅବଶ୍ୟ ଦେବାକୁ ହେବ । ଏହି ବିଷୟରେ ସହଯୋଗୀ ସମ୍ବାଦ ଏକ ପ୍ରବନ୍ଧ ଲେଖି ତହିଁର ଶିରୋନାମା "ମିଉନିସିପାଲିଟିର ଜିତ୍ ବଜାଏ" ବୋଲି ଦେଇଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ଏ ଶିରୋନାମା ସମ୍ପୂର୍ଣ୍ଣ ବା ଯୁକ୍ତିସଙ୍ଗତ ହୋଇ ନାହିଁ । ବାସ୍ତବରେ ମିଉନିସିପାଲିଟି ଜିଲ୍ଲା ହାକିମଙ୍କ ସଙ୍ଗେ କଳହ କରି ବା ହଟି ଯାଇ ନ ଥିଲେ ଓ ହଟିଯାଇବା କୌଣସି ଧର୍ମକ୍ଷେତ୍ର ପକ୍ଷରେ ଶୋଭନୀୟ ନୁହଇ । ମିଉନିସିପାଲିଟି ଯୁକ୍ତିସଙ୍ଗତରୂପେ କ୍ଷତିପୂରଣ ମାଗିଥିଲେ ମାଜିଷ୍ଟ୍ରେଟ ହଠକାରିତା ବା ଭ୍ରମବଶତଃ ତାହା ବୁଝି ପାରିଲେ ନାହିଁ ସୁତରାଂ ଗବର୍ଣ୍ଣମେଣ୍ଟଙ୍କଠାରେ ପରାସ୍ତ ହେଲେ । ଏଥିରେ ମିଉନିସିପଲ କମିଶନରମାନେ ସେମାନଙ୍କର ଜିତ୍ ବଜାଏ ରହିଲା ବୋଲି ଯେବେ ପ୍ରକୃତରେ ଅସ୍ଫାଳନ କରୁଥିବେ ତେବେ ତାହା ମହତ୍‌ପଣିଆର ପରିଚାୟକ ହେବ ନାହିଁ ।

---

ଲବଣସ୍ୱତ୍ୱର ଗତ ବାର୍ଷିକ ବିବରଣ ସମାଲୋଚନା କରି ଏକସ୍ଥଳରେ ବଙ୍ଗଦେଶର ମାନ୍ୟବର ଲେଫ୍ଟେନାଣ୍ଟ ଚବିଶ ପରଗନ୍ନାର କଲେକ୍ଟରଙ୍କ ସଙ୍ଗେ ଐକ୍ୟ ହୋଇ ଲେଖିଅଛନ୍ତି କି ଗେରଲୁଣ ପୋଲ୍ଲାନ ସମ୍ବନ୍ଧରେ ଖେତ୍ ମହଲ ପ୍ରତି ଦୃଷ୍ଟି ନ ରଖି ପୁଲିସକର୍ମଚାରୀଙ୍କର କର୍ତ୍ତବ୍ୟ ଯେ ଯେଉଁମାନେ ବେଆଇନ୍ ରୂପେ ଗେର ପୋଲ୍ଲାନ କରିବେ ସେମାନଙ୍କୁ ଧରିବାକୁ ଚେଷ୍ଟା କରିବେ କାରଣ ସେହିପ୍ରକାର ଗୁପ୍ତ କାରବାରରେ ଏକ ଲବଣକର ନଷ୍ଟ ହେବାର ସମ୍ଭାବନା । ଏଥିର ମର୍ମ ଏହି କି ଯେଉଁ ଗରିବ ଲୋକମାନେ ଲୁଣ କିଣି ନ ପାରି ଲୁଣମାଟି ବା ଲୁଣଜଳ ଭିନ୍ନ ସାଗପଙ୍କରେ ହିଁ ଏ ଲୁଣ ମିଶାଇ ଖାନ୍ତି ସେମାନଙ୍କୁ ପୁଲିସ ଗିରଫ କରି ହାଜତରେ ଓ ଇନାମ ନେବାପାଇଁ କନଷ୍ଟେବଲମାନେ ସାବଧାନ । ଗେରଲୁଣ ପୋଲ୍ଲାନକର ଯେଉଁମାନେ ଧରିବେ ସେମାନେ ବଣ୍ଡପାଇବାର ଯୋଗ୍ୟ ତେବେ ପ୍ରଶଂସାର ସାମାନ୍ୟ ଗେରଲୁଣ ଗୁଲାନ ମୋକଦ୍ଦମା ପାର୍ଲିମେଣ୍ଟରେ ଉଠାଇବାରୁ ଏହି ଶୁଭଫଳ ଫଳିଅଛି ଏବଂ ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ଏହି ଉପଦେଶ ଜିଲ୍ଲାହାକିମମାନେ ମାନି କାର୍ଯ୍ୟ କଲେ ଅନିଷ୍ଟସମ୍ଭବନାହିଁ । କିନ୍ତୁ ଓଡ଼ିଶାର ଲବଣମହଲମାନ ମାନ୍ଦ୍ରାଜବାଲାଙ୍କ ହାତର ଯାଇଥିବାରୁ ଓଡ଼ିଶାର ମାଜିଷ୍ଟ୍ରେଟମାନେ ଏହି ଉପଦେଶ ଅନୁସାରେ କାର୍ଯ୍ୟ କରିବେ କି ନାହିଁ ବଙ୍ଗୀୟ ଲାଟଙ୍କର ତାହା ଜାଣିବାର ସୁତରାଂ ଏ ପ୍ରଦେଶୀୟ ଗରିବଲୋକଙ୍କ ରକ୍ଷାର ଉପାୟ ନାହିଁ । ଦୁଇବଲାକାର ଅଧୀନ ହେବା ଓଡ଼ିଶା ପକ୍ଷରେ ଭଲ ନୁହଇ ।

---

ଅନୁଗୁଳରୁ ଜଣେ ଲେଖିଅଛନ୍ତି କି ବନ୍ଦୋବସ୍ତ ଅଫିସରୁ ପ୍ରଜାମାନଙ୍କର ଜମି ଜମାର ଖସଡ଼ା ଯୋଖାଯୋଖି ଏକପ୍ରକାର ଶେଷ ହୋଇ ଥିଲେହେଁ ତହିଁ ପ୍ରତି ଆପତ୍ତି ଦର୍ଶାଇବାର ସମୟ ଥ ଯିବାର ଲକ୍ଷଣ ଅଦ୍ୟାପି ଜଣା ହୋଇ ନାହିଁ । ବନ୍ଦୋବସ୍ତ ଏଲକାର ସମସ୍ତ ମୋହରର ମାନେ ଗ୍ରାମରେ ଜମିର କିସମ ଓ ଦର ଲଗାଇ ଅଛନ୍ତି ଓ ବର୍ଷା ଅପତ୍ତିରେ ତାହା ସବୁ ଗୁପ୍ତ ହେଉଅଛି । ଏଥିରେ ପ୍ରଜାଙ୍କର ମଙ୍ଗଳ କାହିଁ ? ଆପତ୍ତିର ସମୟ ଧାର୍ଯ୍ୟ ହୋଇଥିଲେ ସୁଦ୍ଧା ଯେଉଁଠାରେ ଗତ ମାର୍ଚ୍ଚମାସଠାରୁ ଅଗଷ୍ଟ ପର୍ଯ୍ୟନ୍ତ ଓଲଉଠା ବସନ୍ତ ରୋଗରେ ଲଣ୍ଡଭଣ୍ଡ କରି ଅଛି ଏବଂ ଦୁର୍ଭିକ୍ଷର କବଳରୁ ଅବଧି ଲୋକଙ୍କର ନିସ୍ତାର ନାହିଁ, ସେ ସ୍ଥଳେ ପ୍ରଜାମାନେ ବନ୍ଦୋବସ୍ତର ଆପତ୍ତି କରିବାକୁ କିପରି ଅସିବାକୁ ସମର୍ଥ । ପୁଣି ଆପତ୍ତି କରିବା କେବଳ ମୁହଁର କଥା ନୁହଇ । ମଲ ମକଦ୍ଦମା ମାଗି କରି ସଦର ମୋକାମରେ ପଡ଼ି ରହିବା ଏବଂ ଅଫିସମାନଙ୍କର ପୂଜା କରିବାନିମନ୍ତେ ଅର୍ଥର ପ୍ରୟୋଜନ, ତାହା ଅବା ପ୍ରଜାମାନେ ଏ ସମୟରେ କେଉଁଠାରୁ ପାଇବେ ? ଏପରି ଅବସ୍ଥାରେ ତମାଦି ଅଇନ ଖଟାଇବା ଅବଶ୍ୟ ଅନୁଚିତ ଅଟଇ ଏବଂ ପତ୍ରପ୍ରେରକ ଯେ ଲେଖିଅଛନ୍ତି କି ତମାଦି ପ୍ରତି ଦୃଷ୍ଟି ଅଛି ଖଟୁଅଛି ତାହାର ପ୍ରତି ନାହିଁ ଏ କଥା ସତ୍ୟ ହେଲେ ଅମ୍ଭର ମନ ଶୁଣିବାରେ ଏ, ଜେ, ରେ ସାହେବ ଅନୁଗୁଳକୁ ବନ୍ଦୋବସ୍ତ କାର୍ଯ୍ୟରେ ଆସିଅଛନ୍ତି ଭରସା କରୁଁ ବର୍ତ୍ତମାନର ଅବସ୍ଥା ବିବେଚନାରେ ସୁକାଳ ହେବାପର୍ଯ୍ୟନ୍ତ ଆପତ୍ତିର ସମୟ ବଢ଼ାଇ ଦେବାକୁ ପ୍ରବୃତ୍ତ ହେବେ ।

---

ବଙ୍ଗପ୍ରଦେଶର ଲବଣସ୍ୱତ୍ୱର ଗତ ବାର୍ଷିକ ବିବରଣରୁ ପ୍ରକାଶ ଯେ ତହିଁ ପୂର୍ବବର୍ଷାପେକ୍ଷା ଆୟ ବୃଦ୍ଧି ହୋଇଅଛି ଯଥା ସନ ୧୮୮୭।୮୮ ରେ ୫୧,୮୯,୧୩,୮୦୪ ରୁ ସନ ୧୮୮୮।୮୯ ରେ ୬,୩୧,୩୮,୭୬୧ ଟା ଆୟ ହୋଇଅଛି ସୁତରାଂ ଆୟ ବୃଦ୍ଧି ଟ ୪୧,୪୨,୭୪୯ ଟା । ଉକ୍ତ ଦୁଇବର୍ଷର ବ୍ୟୟ ଯଥାକ୍ରମେ ୨ ଲକ୍ଷ ୩୪ ହଜାର ଓ ୨ ଲକ୍ଷ ୬୬ ହଜାର ଟଙ୍କା ଅଟଇ ଅର୍ଥାତ୍ ପ୍ରାୟ ୩୩ ହଜାର ଟଙ୍କା ବ୍ୟୟବୃଦ୍ଧି ହୋଇଅଛି । ଫଳତଃ ଆୟବୃଦ୍ଧି ତୁଳନାରେ ବ୍ୟୟ ବୃଦ୍ଧି ସାମାନ୍ୟ ଅଟଇ । ମାନ୍ୟବର ଲେଫ୍ଟେନାଣ୍ଟ ଏଥିରେ ସନ୍ତୁଷ୍ଟ ହୋଇ କହିଅଛନ୍ତି ଲବଣକର ମହଣପ୍ରତି ଟ ୨ ଟା ରୁ ଟ ୨୲ ରୁ ବୃଦ୍ଧି ହେବାରୁ ଆୟ ବୃଦ୍ଧି ହୋଇଅଛି ଅଥଚ ସ୍ଥାନୀୟକର୍ମଚାରୀମାନେ ଏକବାକ୍ୟରେ କହିଅଛନ୍ତି କି କର

Split by PDF Splitter

Digitized by srujanika@gmail.com

Split by PDF Splitter

344



ଲୁଣହ୍ରାସ ଲବଣଶୁଳ୍କର ବ୍ୟତିକ୍ରମ ଦୃଷ୍ଟ ନାହିଁ କିମ୍ବା କୌଣସି କଷ୍ଟ ହୋଇ ନାହିଁ ।

ଏ ପ୍ରଦେଶର ପୋକ୍ତାନି ଲବଣର ପରିମାଣ ପୂର୍ବବର୍ଷ ମ ୧୦,୩୬,୫୧୯ ମହଣ ଥିଲା ଏବର୍ଷ ମ ୨,୪୬,୫୧୨ ମହଣ ହୋଇଅଛି । ଏଥିରୁ ଏବା ଓଡ଼ିଶାରେ ଲବଣପୋକ୍ତାନ ହେଉଥିବା ଏବଂ ଓଡ଼ିଶାର ଲବଣବିଭାଗ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ହୋଇଥିବାରୁ ବଙ୍ଗଳାର ରେଭିନ୍ୟୁ ବୋର୍ଡ ଏହି ହ୍ରାସର କାରଣ ଅନୁସନ୍ଧାନ କରି ନାହାନ୍ତି । ସୁତରାଂ ଏ ପ୍ରଦେଶୀୟ ଲୋକଙ୍କର ସେକଥା ଜାଣିବାର କୌଣସି ଉପାୟ ନାହିଁ । ମହାଭୂମାନ୍ଟା ମାନ୍ଦ୍ରାଜକୁ ଜାଣାଇଗଲେ ବୋଲି ଯେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ କରୁ ଭୁଲିବେ ନାହିଁ ଏହାକୁ ଆମ୍ଭେମାନେ ଯୁକ୍ତିସଙ୍ଗତ ବୋଲି ନ ପାରୁଁ ଓ ଏପରି ହେବା ଦୁଃଖର ବିଷୟ ଅଟଇ ।

---

ଶିକ୍ଷା ବିଷୟରେ ମଧ୍ୟପ୍ରଦେଶର ଶାସନକର୍ତ୍ତାଙ୍କୁ ବହୁ ଅଧିକ ତତ୍ପର ଦେଖାଯାଏ । ସ୍କୁଲର ଶାସନ ଓ ବ୍ୟୟାଦି ବିଷୟରେ ଇଣ୍ଡିଆ-ଗବର୍ଣ୍ଣମେଣ୍ଟଙ୍କର ଶେଷ ଆଦେଶ ସେଦିନ ମାତ୍ର ବାହାରି ଅଛି । କିନ୍ତୁ ପ୍ରଥମ ପ୍ରସ୍ତାବ ସମୟରୁ ମଧ୍ୟପ୍ରଦେଶରେ ତାହା କାର୍ଯ୍ୟରେ ପରିଣତ ହୋଇଥିଲା । ଅତଏବ ଉକ୍ତ ପ୍ରଦେଶୀୟ ଶିକ୍ଷା-ବିଭାଗର ଗତବାର୍ଷିକ ବିବରଣରେ ଲେଖାଅଛି କି ଶିକ୍ଷକମାନଙ୍କର ଉପଯୁକ୍ତ ଶିକ୍ଷା ନିମିତ୍ତ ଦ୍ୱିତୀୟ ଶ୍ରେଣୀର ବିଦ୍ୟାଳୟମାନଙ୍କରେ ଗୋଟିଏ ନର୍ମାଲ ଶ୍ରେଣୀ ଫିଟିବାର ମଞ୍ଜୁର ହୋଇଅଛି ଏବଂ ତହିଁ ବିଶେଷରୂପେ ଯୋଗ୍ୟଶିକ୍ଷକ ଆଣିବାର ବନ୍ଦୋବସ୍ତ ହେଉଅଛି ଶିକ୍ଷକଙ୍କ ପରୀକ୍ଷା ବିଷୟରେ ଗୋଟିଏ ନିୟମାବଳୀ ପ୍ରସ୍ତୁତ ହୋଇଅଛି । ଛାତ୍ରବୃତ୍ତି ନିୟମ ଏପରି ସଂଶୋଧିତ ହୋଇଅଛି ଯେ ଯେଉଁ ଛାତ୍ର ବ୍ୟାୟାମର ସବାଙ୍ଗର ନ ଦେଖାଇବ ସେ ବୃତ୍ତି ପାଇବ ନାହିଁ ଏବଂ ବୃତ୍ତି ପାଇବାର ପ୍ରାର୍ଥୀମାନେ ବ୍ୟାୟାମ ଏବଂ ଡ୍ରିଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକ । ପ୍ରଧାନ କମିସନରଙ୍କ ଆଦେଶ ମତେ ଡ୍ରିଲ ଓ ବ୍ୟାୟାମ ଶିକ୍ଷା ଦେବା-ନିମନ୍ତେ ପେନସନ୍‌ପ୍ରାପ୍ତ ସିପାହୀମାନେ ଯୋଗା ହେଉଅଛନ୍ତି ଏବଂ ଏ ବିଷୟରେ ଖଣ୍ଡେ ପୁସ୍ତକ ପ୍ରଣୀତ ହେଉଅଛି । ଛାତ୍ର ସ୍କୁଲମାନଙ୍କରେ ସ୍ୱାସ୍ଥ୍ୟ-ରକ୍ଷା ସ୍ଥାପନ ବିଷୟ ସ୍ୱାସ୍ଥ୍ୟ ସମିତିଙ୍କୁ ବିଶେଷରୂପେ ବୁଝାଇ ଦିଆଯାଇଅଛି । ବାଳକ, ଉପୁରତା ଏବଂ ସଫା, ସୁତରାଂ ଛାତ୍ରମାନଙ୍କ ମନରେ ସର୍ବଦା ମୁଦ୍ରିତ କରିବା ବିଷୟରେ ଶିକ୍ଷକମାନଙ୍କୁ ତାଗିଦ ହୋଇଅଛି । ଚରିତ୍ର ରେଜିଷ୍ଟ୍ରୀବହି ସବୁଠାରେ ରଖାଯାଇ ଅଛି ଏବଂ ଶିକ୍ଷକ ଓ ଛାତ୍ରଙ୍କର ସଭାମାନ ପ୍ରତ୍ୟେକ ସ୍ଥାନରେ ବସିଅଛି ଏବଂ ଇହାର ସୁଫଳ ଫଳୁଅଛି ।

---

ଗତ ନବମ୍ବର ମାସରେ ବଙ୍ଗଦେଶର ମାନ୍ୟବର ଲେଫ୍‌ଟେନାଣ୍ଟ ବାହାଦୁର ଏ ନଗରରେ ବିଜୟମାନ ହେବା କାଳରେ ଏଠା ମୁସଲମାନସମ୍ପ୍ରଦାୟ ତାହାଙ୍କ ନିକଟରେ ଯେଉଁ ଅଭିନନ୍ଦନପତ୍ର ଉପସ୍ଥିତ କରିଥିଲେ ତହିଁରେ ଯୋଡିଏ ପ୍ରାର୍ଥନା ଥିଲା, ଯଥା ।—୧ମ, ମାଟ୍ରିକ ଓ ଭର୍ଣ୍ଣାକ୍ୟୁଲର ପରୀକ୍ଷାରେ ପାରସି ଅଥବା ଉର୍ଦ୍ଦୁ ଇଚ୍ଛାମତେ ୨ୟ ଭାଷା ସ୍ୱରୂପ ଗଣ୍ୟ ହେଉ । ୨ୟ, କଟକ ଜିଲ୍ଲା ନିମିତ୍ତ ଜଣେ ମୁସଲମାନ ସବ୍‌ଇନ୍‌ସ୍ପେକ୍ଟର ନିଯୁକ୍ତ ହେଉ । ଏଥିରୁ ମାନ୍ୟବର ଲେଫ୍‌ଟେନାଣ୍ଟ ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ସହିତ ପରାମର୍ଶ କରି ଆଦେଶ ଦେଇଅଛନ୍ତି କି ଓଡ଼ିଶାର ଯେସବୁ ସ୍କୁଲରେ ଉର୍ଦ୍ଦୁ ଶିକ୍ଷକ ନିଯୁକ୍ତ ହୋଇପାରିବ ତହିଁର ଛାତ୍ରମାନେ କେବଳ ଭାଷାସ୍ୱରୂପ ଉର୍ଦ୍ଦୁରେ ପରୀକ୍ଷା ଦେଇପାରିବେ ଅର୍ଥାତ୍ ଇତିହାସ ଭୂଗୋଳ ପ୍ରଭୃତି ଓଡ଼ିଆରେ ପରୀକ୍ଷା ଦେବେ କେବଳ ଭାଷା ପରୀକ୍ଷା ଓଡ଼ିଆରେ ନ ଦେଇ ଉର୍ଦ୍ଦୁରେ ଦେବେ । ଅବଶ୍ୟ ଉର୍ଦ୍ଦୁଶିକ୍ଷକ ନିଯୋଗର ଭାର ମୁସଲମାନମାନଙ୍କ ଉପରେ ରହିବ ଓ ତହିଁ ନିମିତ୍ତ ଯାହା ଅଧିକା ଖର୍ଚ୍ଚ ପଡିବ ଗବର୍ଣ୍ଣମେଣ୍ଟରୁ ଅଧିକା ସାହାଯ୍ୟ ପାଇପାରିବେ ।

ମୁସଲମାନ ସବ୍‌ଇନ୍‌ସ୍ପେକ୍ଟର ନିଯୋଗ ବିଷୟରେ ଡାଇରେକ୍ଟର ଲେଖିଅଛନ୍ତି କି କଟକ ଜିଲ୍ଲାରେ ଗୋଟିଏ ମଧ୍ୟମ ଶ୍ରେଣୀର ଏବଂ ୫୦ ପ୍ରାଥମିକ ସ୍କୁଲ ଥିବାରୁ ଜଣେ ସ୍ୱତନ୍ତ୍ର ସବ୍‌ଇନ୍‌ସ୍ପେକ୍ଟର ନିଯୁକ୍ତ ହୋଇ ନ ପାରେ କେବେ ବର୍ତ୍ତମାନ ନିଯୁକ୍ତ ଥିବା ପାଞ୍ଚଜଣ ସବ୍‌ଇନ୍‌ସ୍ପେକ୍ଟରଙ୍କ ମଧ୍ୟରୁ କାହାର ପଦ ଖାଲି ହେଲେ ଜଣେ ମୁସଲମାନଙ୍କୁ ନିଯୁକ୍ତ କରାଯାଇପାରେ । ଗବର୍ଣ୍ଣମେଣ୍ଟ ଏ ପ୍ରସ୍ତାବ ମଞ୍ଜୁର କରିଅଛନ୍ତି ।

---

## ଅନରେରି ମାଜିଷ୍ଟ୍ରେଟ ।

ସାଧାରଣ ଲୋକଙ୍କୁ ଆପଣା ବିଷୟକାର୍ଯ୍ୟ ନିର୍ବାହ କରିବାକୁ ଶିକ୍ଷା ଦେବା ନାନାଶ୍ରେଣୀର ଲୋକଙ୍କୁ ବିଚାର କାର୍ଯ୍ୟରେ ଏକତ୍ରିତ କରିବା ଏବଂ ବେତନଭୋଗୀ ମାଜିଷ୍ଟ୍ରେଟଙ୍କୁ ଫୁରସତ ଦେବା ଅଭିପ୍ରାୟରେ ସନ ୧୮୭୨।୭୩ ସାଲରେ ଅନରେରି ବା ଅବୈତନିକ ମାଜିଷ୍ଟ୍ରେଟ-ପ୍ରଥାର ସୃଷ୍ଟି ହୋଇଥିଲା । ଏହି ପ୍ରଥାକୁ ବିସ୍ତାର କରିବା ଉଦ୍ଦେଶରେ ବଙ୍ଗଦେଶର ଲେଫ୍‌ଟେନାଣ୍ଟ ସରକାରୀ ଓ ବେସରକାରୀ ଅନେକ ଲୋକଙ୍କ ସହିତ ପରାମର୍ଶ କରି ଉକ୍ତ ପ୍ରଥା ବିସ୍ତାର କରିବାନିମିତ୍ତ ନିମ୍ନଲିଖିତ ନିୟମଗୁଡ଼ିକ ଧାର୍ଯ୍ୟ କରିଅଛନ୍ତି ।

ପ୍ରଥମତଃ ଅନରେରି ମାଜିଷ୍ଟ୍ରେଟ ନିମିତ୍ତ ଯୋଗ୍ୟଲୋକ ବାଛିବା ପ୍ରଧାନକଥା ଅଟଇ । ଏ ବିଷୟରେ କୌଣସି କଠିନନିୟମ କରାଯାଇ ନ ପାରେ । ଯେଉଁମାନେ ଯୋଗ୍ୟ ଓ କାର୍ଯ୍ୟ କରିବାକୁ ଇଚ୍ଛୁକ ସେହିମାନଙ୍କୁ ନିଯୁକ୍ତ କରିବ ମାତ୍ର ସରକାରୀ କର୍ମଚାରୀଙ୍କୁ ନିଯୁକ୍ତ କରିବା ଉଚିତ ନୁହେ କାରଣ ତହିଁରେ ସେମାନଙ୍କର ନିଜକାର୍ଯ୍ୟର ବ୍ୟାଘାତ ହେବ କେବଳ ଡାକ୍ତର ଓ ଧର୍ମଯାଜକୀୟ କର୍ମଚାରୀ ଓ ଖାସମହାଲ ଓ ନାବାଳଗ ମହାଲର ମ୍ୟାନେଜର ଓ ଗ୍ରାମ୍ୟ ସବରେଜିଷ୍ଟ୍ରରମାନେ ଉକ୍ତ କ୍ଷମତା ପାଇପାରନ୍ତି ଓ ତହିଁରେ ଉପକାର ଅଛି । ଫୌଜଦାରୀ ଅଦାଲତରେ ସର୍ବଦା କାର୍ଯ୍ୟ କରୁଥିବା ଉକିଲମାନଙ୍କୁ ଉକ୍ତ ପଦ ଦେବା ଉଚିତ ନୁହେ । ଉତ୍ତମ ଜମିଦାର ଓ ପେନସନ ପ୍ରାପ୍ତ ସରକାରୀ କର୍ମଚାରୀମାନେ ଏ କାର୍ଯ୍ୟପାଇଁ ବଡ଼ ଉପଯୋଗୀ ହେବେ ଏବଂ ଉକିଲ ଓ ମହାଜନମାନଙ୍କୁ କେବଳ ଯୋଗ୍ୟତା ଦେଖି ନିଯୁକ୍ତ କରିବାର ହେବ ନାହିଁ ମାତ୍ର ଅବକାଶ ଅଛି କି ନାହିଁ ଦେଖିବାକୁ ହେବ । ମ୍ୟୁନିସିପାଲ କମିଶନରମାନେ ସେହି ଅଧିକ ଲୋକ ମୋକଦ୍ଦମାରେ ନିଯୁକ୍ତ ହେବେ ସେମାନଙ୍କୁ ଅନରେରି ମାଜିଷ୍ଟ୍ରେଟ କରିବାର ନୁହେ । ସରକାରୀ ମାଜିଷ୍ଟ୍ରେଟଙ୍କୁ ଅନରେରି ମାଜିଷ୍ଟ୍ରେଟଙ୍କ ବେଞ୍ଚରେ ନିଯୁକ୍ତ କରିବାକୁ ହେବ ନାହିଁ । କେବଳ ପ୍ରଥମଶ୍ରେଣୀର କ୍ଷମତା ସାବଧାନପୂର୍ବକ ଦିଆଯିବ । ସ୍ଥଳବିଶେଷରେ ଯୋଗ୍ୟତା ଦେଖି କୌଣସି ମାନ୍ୟମାନ ଜମିଦାର କିମ୍ବା ଅଧିକ ଓ ବିଚାର କାର୍ଯ୍ୟରେ ଦକ୍ଷତା ଲାଭ କରିଥିବା ବ୍ୟକ୍ତିକୁ ସ୍ୱାଧୀନଭାବରେ ଅନରେରି ମାଜିଷ୍ଟ୍ରେଟ କରାଯିବ । ଯେପ୍ରକାର ମୋକଦ୍ଦମାମାନ ଏମାନେ ବିଚାର କରିବେ ତହିଁର କେତେକ ସାଧାରଣ ନିୟମ

Digitized by srujanika@gmail.com

ଲେଖାଅଛୁ ଏବଂ ସେସବୁ ବିଷୟରେ ପୁନର୍ବାର ନୂତନ ପ୍ରସ୍ତାବ ହୋଇଛିବାରୁ ଏଠାରେ ଉଲ୍ଲେଖର ଆବଶ୍ୟକ ନାହିଁ । କେବଳ ଏତିକି କୋହିଯାଇପାରେ ଯେ ଫଉଜଦାରୀ ମୋକଦ୍ଦମା ବିଗୁଡ଼ିବା ଅନ୍ୟାନ୍ୟ କେତେକ ବିଷୟ ତଦନ୍ତ କରି ରିପୋର୍ଟ କରିବାର କ୍ଷମତା ଏମାନଙ୍କୁ ଦିଆଯାଇ ଅଛି ।

ଅନରେରି ମାଜିଷ୍ଟ୍ରେଟଙ୍କ ମର୍ଯ୍ୟାଦା ବୃଦ୍ଧି ବିଷୟରେ ନୂତନ ହୋଇଅଛି ଯେ ସରକାର ଇତ୍ୟାଦି ସରକାରୀ କମ୍ପୁମନରେ ଏମାନେ ସରକାର କାର୍ଯ୍ୟରେ ଯେଉଁ କଷ୍ଟ । ଅନ୍ୟାନ୍ୟ ସ୍ୱାର୍ଥତ୍ୟାଗୀ ବ୍ୟକ୍ତିଙ୍କଠାରୁ ଅଗ୍ରଗଣ୍ୟ ହେବେ । ଏ ନିୟମ ଭଲ ହୋଇଅଛି । ଇଂରେଜ ଗ୍ଲାଡଷ୍ଟୋନଙ୍କ ଦରବାରରୁ ଅନରେରି ମାଜିଷ୍ଟ୍ରେଟଙ୍କୁ ବଞ୍ଚିତ କର ଆମ୍ଭମାନଙ୍କ ମାଜିଷ୍ଟ୍ରେଟ ପାଇବେ ଯେପରି ଅନ୍ୟାୟ କରଥିଲେ ସେପରି ଅତି ସହିବ ନାହିଁ ଏବଂ ଅନରେରି ମାଜିଷ୍ଟ୍ରେଟମାନେ ଅପଣା କର୍ତ୍ତବ୍ୟକାର୍ଯ୍ୟ ଯୋଗ୍ୟତା ଅପେକ୍ଷା ଏବଂ ଶ୍ରଦ୍ଧାସହିତ ସମ୍ପାଦ କଲେ ସେମାନଙ୍କର ମର୍ଯ୍ୟାଦା ବୃଦ୍ଧି ହେବ ସନ୍ଦେହ ନାହିଁ । ଅଦ୍ୟାବଧି ଭଲ ହେବ ସନ୍ଦେହ ନାହିଁ । ଅଦ୍ଭୁତ ନିୟମ ଏହି ହୋଇଅଛି ଯେ ଯେଉଁ ଅନରେରି ମାଜିଷ୍ଟ୍ରେଟ ବିନା ଉପଯୁକ୍ତ କାରଣରେ କେଶର ବୈଠକରେ ଉପସ୍ଥିତ ହେବେ ନାହିଁ ତାହାଙ୍କୁ ବରଖାସ୍ତ କରିବା ସକାଶେ ଜିଲ୍ଲାର ମାଜିଷ୍ଟ୍ରେଟ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିବେ । ଏଥିରେ ଏହି ଉପକାର ହେବ ଯେ କୌଣସି ବ୍ୟକ୍ତି କାର୍ଯ୍ୟ ନ କରି କେବଳ ନାମ ଓ ଛବି ପଦରେ ରହିପାରିବ ନାହିଁ ।

---

ଡକାଏତ ଚାଲିଅଭଲ ।

ଏ ବ୍ୟକ୍ତି ଧରାଦେଇ କିପରି ହୋଇଥିବାର ପାଠକମାନେ ଜାଣନ୍ତି । ସେ ବର୍ତ୍ତମାନ ଜବଲପୁର ଜେଲରେ ଅଛି ଓ ପୁଲିସ ନିକଟରେ ଆପଣାର ସମସ୍ତ ବୃତ୍ତାନ୍ତ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛି । ତାହାର ଏକାଂଶ ଜବାନ ବନ୍ଦି କରୁଅଛୁ । ତାହାର ଏକାଂଶ ନକାରେ ଓ ଦୌଭୁକଜଳକ ଥିବାରୁ ନିମ୍ନେ ସଂକ୍ଷେପରେ ପ୍ରକାଶ କଲୁଁ, ଯଥା;—

ମୋହର ନାମ ଚାନ୍ଦିଅଭଲ ଜନ୍ମସ୍ଥାନ ନମାରୁ ଜିଲ୍ଲାରେ । ମୁଁ ୩୦ ବର୍ଷ ବୟସ ସମୟେ ମୁଁ ଜନ୍ମଭୂମି ତ୍ୟାଗ କରି ପୋଖରରେ ବାସ କଲି ଓ ଗୃହଦ୍ୱାର ପ୍ରତିପୋଷିତ ହେଉଥିଲି । କର୍ତ୍ତବ୍ୟ ଉତ୍ତରରେ କୌଣସି ଦୋଷରେ ବର୍ତ୍ତମାନ ଜାଲ ଜାଗପୁର ଜେଲକୁ କଏଦ ହେଲି । ଖଲାସ ପାଇବାର ମାଷ ଉତ୍ତାରେ ଜସୋଦାସହିତ ମୋହର ଶାଘାଳାପ ହେବାର ରଜପୁତ ମାନେ ରହିବା ଜାଣିବାରୁ ସେମାନଙ୍କ ଭୟରେ ସେଠାରୁ ପଳାଇ ସ୍ୱାସ୍ପୁର ଗ୍ରାମରେ ରହିଲି । ସେଠାରେ ଗୋଟିଏ ଚୋରି ମୋକଦ୍ଦମାରେ ପୁଲିସ ମୋତେ କେବଳ ସନ୍ଦେହରେ ଚାଲାଣ କଲେ ସେଥିରୁ ମୁକ୍ତି ପାଇଲି ମାତ୍ର ମୋତେ ପୁଲିସ ଧରିବା ସମୟେ ମୁଁ ତାଙ୍କୁ ଖଣ୍ଡା ହାଣି ବାଧା ଦେଇଥିବା ଦୋଷରେ ଛଅମାସ କାରାବାସ ଭୋଗିଲି । ମୁଁ ଜବଲପୁର ଜେଲକୁ ପ୍ରେରିତ ହୋଇଥିଲି, ସେ ଜେଲରୁ ମୁକ୍ତ ହୋଇ ପୁଣି ଗୃହ କାର୍ଯ୍ୟ କଲି । କନ୍ଦୁଦନେ ସେଠାରେ ଗୋଟିଏ ଚୋରି ଘଟିଲା, ତହିଁରେ ମୋତେ ପକାଇବାର ରଜପୁତମାନେ ଚେଷ୍ଟା କରିବାର ଜାଣି ବଣକୁ ପଳାଇଲି । ବନରେ କର୍ଣ୍ଣେଲ ବୃନ୍ଦ ସାମାନ୍ୟଚେଷ୍ଟାଦ୍ୱାରା ନିର୍ବାହ ହେଉଥିଲି । ବନରେ ପୋଗର ଗ୍ରାମର ସରଦାରଙ୍କର ପୁଅ ମୋହର ବାବୁଡ଼େ ପଡ଼ନ୍ତେ ତାକୁ ଧରି ନେଇ ଦ ୬ ଦିନରେ ରଖିଲି । ସରଦାର ପଶେଟିବା ମୋହଠାକୁ ପଠାଇଦେବାରୁ ତାକୁ ଛାଡ଼ି ଦେଲି ।

ତଦନନ୍ତର ଦିନେ ସନ୍ଧ୍ୟାସମୟେ ପୋଖର-ଗ୍ରାମକୁ ଆସି ନିହାଲର ଘରେ ରହିଲି । ସେହି ସରଦାର ମୋହର ସନ୍ଧାନ ପାଇ ମୋହଠାକୁ ଆସି ମତେ ଅନେକ ଆଶ୍ୱାସ ଦେବାରୁ ମୁଁ ତାହାସହିତ ତାହାର ଘରଠାକୁ ଗଲି । ପୂର୍ବରୁ ହେଡ଼କନେଷ୍ଟବଲ ତାହା ଘରେ ଲୁଚିଥିଲା । ମୁଁ ପ୍ରବେଶ ହେବାମାତ୍ରେ ସେ ମତେ ଓ ମୋହର ଅନ୍ୟ ଦୁଇଜଣ ସଙ୍ଗୀଙ୍କୁ ଧରିଲା ଆମ୍ଭେ ତିନିଜଣ ହାତରେ ହାତ ଗୁହରନ ରହି ପଳାଇବାର କଲୁଁ । ଜଣେ ସଙ୍ଗୀ ଧୋଇମୋଗେ ଅତି ବଡ ଉପରକୁ ଉଠି ନଗରେ ତାହା ଖୋଳ ଜଣା କରି ସେହି ଜଣାନକୁ ଆମ୍ଭେ ଛନକ ହୋଠରୁ ବାହାର ବରାକୁ ଆସିଲୁଁ । ତହା ପାଟେଦନ୍ତ ଆଗଳ ଜଣେ ଛୁଡ଼ା ଦେଲା, ତାହା ନାକଉପରେ ଦ୍ୱାରାସ୍ଥ ବ୍ୟକ୍ତି ତଡ଼ି ଛୁଡ଼ା ଦେଲା ଓ ତାହା ଜନଟରେ ଦ୍ୱାରସ୍ଥ ବ୍ୟକ୍ତି ତଡ଼ି ପାଡ଼ର ତାକୁ ଉପରକୁ ଉଠିଲା । ସେଠାରେ ସେ କରି ଯୋଗେ ଅନ୍ୟ ଦୁଇଜଣଙ୍କୁ କମନ୍ଦ୍ୱାରେ ଉଠାଇ ନେଲା । ତହୁଁ ତଳକୁ ଲୁଦିପଡ଼ି ପ୍ରସ୍ଥାନ କଲୁଁ । ମୁଁ ପାହାଡ଼ ତାକୁ ଉପରେ ଆଳି ଉଚ୍ଚସ୍ୱରେ ଡାକ ଦେଇ କହି ମୁଁ ଯାଉଛି ସରକାରଙ୍କୁ ଜଣାଇ ଦେବ । ସେଠାରୁ ଆମ୍ଭମାନେ ମାଇନର ଜଙ୍ଗଲକୁ ଯାଇ ଶିଉଣୀ ମଧ୍ୟରେ ପ୍ରବେଶ କଲୁଁ ଓ କ୍ରମେ ୨ ଅମ୍ଭର ଦଳବୃଦ୍ଧି ହେଲା । ଅଳକୁ ପ୍ରାୟ ୧୧ ବର୍ଷ ହେଲା ଜେଲଖାନାରୁ ପଳାଇ ପ୍ରଥମେ ଚୋରି ଉଚ୍ଚପ-ରେ ଦସ୍ୟୁତା ଓ ପରଶେଷେ ଡକାଏତି କାର୍ଯ୍ୟରେ ରହିଲୁଁ ।

ଜରହଟ୍ଟା ସହିତ ଡକାଏତି ପ୍ରଥମେ କମାର ଜିଲ୍ଲାର ଏକଗ୍ରାମରେ କରିଥିଲି । ମୁଁ ୨୮ ଣ ସଙ୍ଗୀସହିତ ଗ୍ରାମରେ ପଶୁଥିବା ସରକାରୀ କର୍ମଚାରୀ ବୋଲ କହି ରସଦ ତଲବ କଲି । ଗ୍ରାମବାସିଏ ପ୍ରଥମେ ନାସ୍ତି କଲେ ପାନ ହୁମଉପେଟଲ ନାମକ ଏକବ୍ୟକ୍ତି ମତେ ଚଉପାର ରସଦ ଯୋଗାଇବାକୁ ସ୍ୱୀକାର ହେଲା । ତନ୍ତୁ ବଞ୍ଚାଅ ନାମକ ଡକାଏତର ଦାଦାପ୍ରସ୍ଥ ପ୍ରକୃତ ଅପାତ୍ର ଥିବାରୁ ସେ ତାକୁ ଗୁରୁକରି ମାରିପକାଇଲା । ଏଥିପାଇଁ ମୁଁ ଦାୟୀ ନୁହେଁ କାରଣ ବଞ୍ଚାଅ ବଡ଼ବଗୀ ଓ ମୋହର କଥା ମାନେ ନାହିଁ । ତହୁଁ ଗ୍ରାମ ପୋଡ଼ିଦେଇ ଲୁଟି ନେଇ ଚାଲିଗଲୁଁ । ବର୍ଗର ଡକାଏତିରେ ମୁଁ ଥିଲି । ଗ୍ରାମ ପୋଡ଼ି ଦେଇ ଲୁଟି କରିବାସମୟେ ମାଲଗୁଜାର କଡରସିଂହ ଦଳବଳ ସହିତ ପ୍ରବେଶ ହୋଇ ଆମ୍ଭମାନଙ୍କୁ ବନ୍ଧୁକ ମାଇଲେ ତନ୍ତୁ ଗୁଳି ତାହାରଠାରେ ବାଜିଲା ନାହିଁ । ତହୁଁ ମୋହ ସଙ୍ଗୀ ତିନିଜଣ ଗୁଳି କରିବାରେ ମାଲଗୁଜାର ମାରିପଡ଼ିଲେ । ଏହାଭିନ୍ନ ଅନେକ ଡକାଏତି କରିଛି ଓ କେତେକସ୍ଥଳେ କନଷ୍ଟବଲଙ୍କ ଠାରୁ ପୋଷାକ ଇତ୍ୟାଦି ଛଡ଼ାଇନେଇ ନାକକାଟି ଛାଡ଼ିଦେଇଛୁ । ଏକସ୍ଥାନରେ ଦୁଇଜଣ ସ୍ତ୍ରୀଠାରୁ ଅଳଙ୍କାର ସବୁ ନେଇ ନାକ କାନ କାଟି ଛାଡ଼ିଦେଲି । ସେମାନଙ୍କ ପ୍ରତି ମୋହର ଅଦାଲତି ଥିଲା । ରେଲଗାଡ଼ି ଚଳନ୍ତି ଥିବା ସମୟରେ ମଧ୍ୟ ତହିଁରୁ ଅନେକମାଲ ଖେଦାଇ ନେଇଅଛୁ । ମୁଁ ଅନେକ ଡକାଏତି କରିଥିଲେ ହେଁ ବୌଲ୍ଲଥ ଓ ତାହାର ଦଳ ମୋହର ଦ୍ୱିଗୁଣ ଡକାଏତି କରିଛନ୍ତି ତାହାଙ୍କଦଳରେ ୧୬ ଜଣ ପୁରୁଷ ଓ ଜଣେ ସ୍ତ୍ରୀ ଅଛନ୍ତି ଓ ମୋହଦଳରେ ୯ ପୁରୁଷ ଓ ଦୁଇଜଣ ସ୍ତ୍ରୀ ଥିଲେ । ତାହାର ମୋହର ବବାଦ ହେବାରୁ ଭିନ୍ନ ହୋଇଗଲୁଁ । ଅନେକ ବଦ-ମାଏସ ମୋହ ନାମ ଧରି ଅନେକ ଡକାଏତି

Split by PDF Splitter
Digitized by srujanika@gmail.com

Split by PDF Splitter

346



କର ଯାଇଅଛନ୍ତି । ହୋଷଙ୍ଗାବାଦ ଜିଲ୍ଲା ଜଙ୍ଗଲରେ, ଛାଉଣି କରିଥିଲୁଁ ପୁଲିସ ଅକସ୍ମାତ୍ ଘେରଯାଇ ଗୁଳି କଲେ ମାତ୍ର କହି କର ଖାଇଲେ ନାହିଁ ଅମ୍ଭେ ସମସ୍ତେ ପଳାଇଗଲୁଁ ।

ପ୍ରଥମେ ମୁଁ ଏକ ଦିନରେ ସାଠିଏ ମାଇଲ ଗୁଲୁଥିଲି ବର୍ତ୍ତମାନ ବୃଦ୍ଧାବସ୍ଥା ଯୋଗୁଁ କୋଡ଼ିଏ ମାଇଲ ଗୁଲିବା କଷ୍ଟ, ଦୃଷ୍ଟି କ୍ଷୀଣ ହେଲା ଓ କଷ୍ଟ ସହ୍ୟ ହେଲା ନାହିଁ । ହୋଲକାର ଓ ସ୍ତ୍ରଲସ ମୋହସଙ୍ଗେ ଏବେ ଲଗିବାରୁ ଧର୍ମ୍ମ-ଦେବାର ଇଚ୍ଛା କଲି । ସରକାରରେ ଜଣାଇ ମନେ କ୍ଷମାପ୍ରଦାନ କରାଇ ଦେବା ସକାଶେ ମୁଁ ଅନେକ ଲୋକଙ୍କୁ ଅନେକ ଟଙ୍କା ଦେଲି ମାତ୍ର କେହି କିଛି କଲେ ନାହିଁ । ମୋହର ଅଭାବୀୟ ଲୋକଙ୍କଠାରୁ ଚିଠି ଆସିବା ଥାଏ ସେମାନେ ମନେ ସାହାଯ୍ୟ କରନ୍ତି ଓ ଖାଦ୍ୟସାମଗ୍ରୀ ଦିଅନ୍ତି କୌଣସିଠାରୁ କିଛି ନ ପାଇଲେ ରେଲଗାଡ଼ିରୁ ଖାଦ୍ୟ ବସ୍ତୁ ନେଇ ପଳାଏଁ । ମା ୬ ସ ପୂର୍ବେ ଗଣପତ ସ୍ୱରୂପ ସଙ୍ଗେ ଆଳାପ ହେଲାରୁ ସେ ମନେ ଖାଦ୍ୟସାମଗ୍ରୀ ବରାବର ଯୋଗାଇଲା । ତାହାଦ୍ୱାରା ବସଲଦାର ମେହେରଙ୍କ ଠାରୁ କ୍ଷମା ପ୍ରାର୍ଥନାର ଖବର ଦେବାରୁ ସ୍ୱୀକାର କେବାର ସ୍ଥିର ହେଲା । ସେ ଉନ୍ନତ ହେବ ସେ ଆସିଲେ ମାଝ ମୁଁ ଉଚ୍ଚଶୃଙ୍ଗଭୂପରେ ଥାଇ ତାଙ୍କ ସହିତ ସାକ୍ଷାତ ଓ କଥାବାର୍ତ୍ତା କଲି ଓ ସେ ମାସକରେ କ୍ଷମା କରାଇଦେବାର କହି ଗୁଲିଗଲେ । ସ୍ୱଶ୍ରୀଜ୍ଞ [illegible] ଗଣପତ ମୋତେ ଡାକପଠାଇବାରୁ ଜଣେ ସଙ୍ଗୀ ସହିତ ତାହା ଘରକୁ ଆସିଲି । ତାହାର ପ୍ରସ୍ତାବାନୁସାରେ ସ୍ନାନ ରସିଦ ଦଳବ ସକାଶେ ଗ୍ରାମଭିତରକୁ ପଠାଇଦେଇ ତାହା ସହିତ ଗପିବାରେ ଲାଗିଲି । ଗଣପତ ଦେଖିବା ଛଳରେ ମୋହବାଇରୁ ବନ୍ଧୁକ ନେଇ ଶବ୍ଦ କଲେ ଲୁଚିଥିବା ଉସଲଦାରଙ୍କ ଲୋକେ ମୋତେ ଓ ମୋହର ସଙ୍ଗୀଙ୍କୁ ଝାମ୍ପିମାରି ନେଇଗଲେ ଓ ସଦାରେ ବନ୍ଧୁକ ଫାଏର କରିବାରୁ ସେ ଗୁଲିକଣ ସଙ୍ଗୀ ହସ୍ତରେ ପଳାଇ ଗଲେ । ଗଣପତ ମୋଠାରୁ ଅନେକ ଟଙ୍କା ନେଇଥିଲା ମାତ୍ର ଶେଷରେ ମନେ ଏପରି ପ୍ରତାରଣା ପୂର୍ବକ ଧରାଇଦେଲା ।

ବର୍ତ୍ତମାନ ବୌଦ୍ଧଅବଳି ସରକାରଙ୍କ ବଡ଼ ଦରଦ୍ର ଓ ବ୍ୟସ୍ତ କରିବେ । ସେ ଭଗ୍ନ କଳସ୍ତୁ ଭୂଷ୍ଟ ଓ ସଙ୍ଗୀ ଅଟେ । ଅଳ୍ପ କଥାରେ ପ୍ରାଣ ବଧ କରେ । କିନ୍ତୁ ମୁଁ ସ୍ୱହସ୍ତେ କାହାର ପ୍ରାଣ ନେଇ ନାହିଁ । ଧନୀଙ୍କର ଧନ ନେଇ ଦରିଦ୍ରଙ୍କୁ ସାହାଯ୍ୟ କରୁଥିଲି । ଗତବର୍ଷ ଇନ୍ଦୋର ନଗରରେ ଛଅହଜାର ଟଙ୍କା ବ୍ରାହ୍ମଣ ବୈଷ୍ଣବଙ୍କୁ ବାଣ୍ଟି ଦେଲି । ଦୁଃଖି କନ୍ୟାମାନଙ୍କୁ ବିବାହ କରିବା ସକାଶେ ଟଙ୍କା ଦେଇଛି ଓ ଅନେକାନେକ ଦୁଃଖିଲୋକଙ୍କୁ ଅନେକ ପ୍ରକାରରେ ସାହାଯ୍ୟ କରିଛି । ସେସବୁ ମୋହର କଷ୍ଟ ହେଉଥିଲା । ଇନ୍ଦରେ ଅବେ ଖାଇବାକୁ ପାଉଥିଲି ଓ ଗଛରେ ବସା ଖାଇ କ୍ଷୁଦ୍ର ସ୍ତେଗସ୍ତ ହୋଇଥିଲି । ସର୍ବଦା ଶୁଣିଲ ସ୍ୱେଟ ଖାଉଥାଏଁ ଚିହ୍ନ ଇଚ୍ଛା କଲେ ସୁଭାଦ ଭୋଜନ ହୁଏ ।

ଏଥିରୁ ପ୍ରକାଶ ଯେ ତାନ୍ତିଆ ଏକପ୍ରକାର ଲୋକ ଥିଲା ଓ ପ୍ରତାରଣାପକାଠ ଧୃତ ହୋଇଛି । ଏଣୁ ଠକାମାନଙ୍କର ସାହସ ପ୍ରକାଶ ହେଉ ନାହିଁ ।

---

# ସାପ୍ତାହିକସମ୍ବାଦ ।

ଅସ୍ମାନଙ୍କର କମିଶନର ଶ୍ରୀଯୁକ୍ତ ଟପଲନ୍ସ ସାହେବ ଢେଙ୍କାନାଳରୁ ଫେରିଅସି ଗତ ମଙ୍ଗଳବାର ଦିବସରେ ଏଠାରେ ପହୁଞ୍ଚିଅଛନ୍ତି ।

ବାବୁ ଜଗନ୍ନାଥ ରାୟ ଗତ ମଙ୍ଗଳବାର ବଣପତ୍ରାରୁ ଫେରିଅସିଲେ । ବଣପତ୍ର ରଜା ଗତ [illegible] ଅପଣା ଦେଶକୁ ପ୍ରସ୍ଥାନ କଲେ ।

## କଲିକତା-ଗେଜେଟ ।

ଓଡ଼ିଶାଡିଭିଜନର କମିଶନର ଶ୍ରୀଯୁକ୍ତ ମେଟକାଫ ସାହେବ ତୃତୀୟମାସର ଅବକାଶ ଗ୍ରହଣ କରିଅଛନ୍ତି ।

ବାବୁ ଜଗନ୍ନାଥସାମନ୍ତରଙ୍କ ସ୍ଥାନରେ ମିଃ ଏ ସି ଷ୍ଟେଟ କେନ୍ଦ୍ରାପଡ଼ା ମହକୁମାର ଡିପୁଟି କମିଶନରପଦରେ ନିଯୁକ୍ତ ହୋଇଅଛନ୍ତି ।

ବାବୁ ଶଶଧର ସ୍ଥାନରେ ବାବୁ [illegible] ପୁରୀ ମିଉନିସିପାଲିଟିର [illegible] ନିର୍ବାଚିତ ହୋଇଅଛନ୍ତି ।

---

ମହାରାଣୀଙ୍କ କନିଷ୍ଠପୁତ୍ର ଡିଉକ ଅଫ କନାଟ ବୋମ୍ବାଇର ସୈନ୍ୟାଧ୍ୟକ୍ଷ ପଦ ପରିତ୍ୟାଗ କରିବାର ଜନରବ ଉଠିଅଛି ।

ପାରସ୍ୟର ସାହା ଦରବାରରେ ବସିବା ବେଳେ ୩୦ ଲକ୍ଷ ଟଙ୍କା ମୂଲ୍ୟର ପରିଚ୍ଛଦ ପରିଧାନ କରନ୍ତି ।

ବମ୍ବଇରେ ବାଟ ଉପରେ ଛିଡ଼ା ହୋଇ ଭିକ୍ଷା କରିବାର ନିୟମ ନାହିଁ । ଗୋଟିଏ ସ୍ତ୍ରୀ ଅପରାହ୍ନର ବାଟରେ ଭିକ୍ଷା କରିବା ଅପରାଧରେ ପୋଲିସ କର୍ତ୍ତୃକ ଧୃତ ହେବାରେ ତାହା ଅଞ୍ଚଳରୁ ନୋଟ ପ୍ରଭୃତି ୬ ହଜାର ଟଙ୍କା ପାଇଗଲା । ଭିକ୍ଷୁକମାନଙ୍କ ମଧ୍ୟରେ ଅନେକ ଧନୀ ଥାଆନ୍ତି କିନ୍ତୁ ଅର୍ଥଲୋଭରେ ଭିକ୍ଷା ବ୍ୟବସାୟ କରନ୍ତି ।

ଢାକାପ୍ରକାଶର ସମ୍ପାଦକ ଅପିଲ ମୋକଦ୍ଦମାରେ ଅର୍ଥଦଣ୍ଡରୁ ଅବ୍ୟାହତି ପାଇଲେ ସତ୍ୟ କିନ୍ତୁ ଏକମାସ ନିଷ୍ଠୁରର ଦଣ୍ଡ ଭୋଗ କରିବେ । ସମ୍ପାଦକ ଏଥିପୂର୍ବରୁ ପୀଡ଼ିତ ଥିଲେ ସୁତରାଂ ପୀଡ଼ିତାବସ୍ଥାରେ ଜେଲଖାନାକୁ ଆଣିତ ହୋଇଥିଲେ । ମୁଣ୍ଡର କଷଦ ସେ ହାଇକୋର୍ଟ ଅପିଲରେ ଜଜମାନେ ଅସମ୍ମତି ଜାହିରରେ ଉଲ୍ଲେଖ ପ୍ରଦାନ କରିଅଛନ୍ତି ।

ସନ ୧୮୮୨ ମସିହାର ସିଭିଲସର୍ଭିସ ପରୀକ୍ଷୋତ୍ତୀର୍ଣ୍ଣ ବଙ୍ଗବାସୀ ମିଃ ବସନ୍ତକୁମାର ମଲ୍ଲିକ ଓ ମିଃ ଅତୁଲଚନ୍ଦ୍ର ଦତ୍ତ ଭାରତରେ କାର୍ଯ୍ୟ କରିବା ସକାଶେ ଆସୁଅଛନ୍ତି ପ୍ରଥମ ବ୍ୟକ୍ତି ବଙ୍ଗଳାରେ ଓ ଶେଷୋକ୍ତ ବ୍ୟକ୍ତି ମାନ୍ଦ୍ରାଜରେ କାର୍ଯ୍ୟ କରିବେ ।

ଇଙ୍ଗ୍ଲଣ୍ଡର ସୈନ୍ୟମାନଙ୍କ ସ୍ୱାସ୍ଥ୍ୟ ଉତ୍ତମ ନାହିଁ । କାଉଣ୍ଟରେ ଶତକଡ଼ା ବତିଶ ଓ ଅଲେକଜାଣ୍ଡ୍ରିଆରେ ଶତକଡ଼ା ଛଅଣ ପୀଡ଼ିତ ଅଛନ୍ତି ।

ଜର୍ମ୍ମାନର ଶତବ ପ୍ରିନ୍ସ ବିସ୍ମାର୍କଙ୍କ ସ୍ୱାସ୍ଥ୍ୟର ଧୀରେ ଉନ୍ନତ ହେଉଅଛି ।

ସମ୍ବଲପୁରର ଡିପୁଟିକମିଶନ ମହାଶୟଙ୍କ ସମ୍ବାଦ ପାଇଅଛନ୍ତି କ ପରଲାଖେମୁଣ୍ଡି ଗଞ୍ଜାମ ରଜାଙ୍କର ଦ୍ୱିଗୁଣ ପୃଥ ବନ୍ଧୁକ ଗୁଡ଼ାକ ଅସ୍ତ୍ରଚର୍ଯ୍ୟା କରୁଅଛନ୍ତି । ଏହାର କାରଣ ଅବଧି ଜଣାଯାଇ ନାହିଁ । ମହତ୍ତ୍ୱ ଓ ସୁରସ ଦତ ଉକନମନ୍ତ୍ରୀ ସେଠକୁ ପାଇଅଛନ୍ତି ।

ସମ୍ବଲପୁର ଜେଲ ଭାକ୍ତର ଜଣେ ଭଲଟକୁ ବେତ ଦଣ୍ଡରେ ମାରିପକାଇବା ଅପରାଧରେ ଫଉଜଦାରୀ ସୁପର୍ଦ୍ଦ ହୋଇଥିବାର ଏଥିପୂର୍ବେ ଲେଖିଥିଲୁଁ । ସମ୍ପ୍ରତି ଅବଗତ ହେଲୁଁ ଯେ ବିଚାରରେ ତାହାଙ୍କର ପ୍ରତି ୫ ୧୦୦୯ ଙ୍କା ଅର୍ଥଦଣ୍ଡ ହୋଇଅଛି ।

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ମଦନମୋହନ ପଟ୍ଟନାୟକ | କଲିକତା | ଅଗ୍ରୀମ | ୫ ୮୯ |
| ପଣ୍ଡିତ ଚକ୍ରଧର ମହାପାତ୍ର | | କଟକ | ୫ ୭୯ |
| ବାବୁ ସୋମନାଥ ମହାନ୍ତି | ଯାଜପୁର | ଅଗ୍ରୀମ | ୫ ୮୯ |
| „ ସଦାନନ୍ଦ କେଉଟ | ଅଣ୍ଟୁଅପଡ଼ା | „ | ୫ ୮୯ |
| „ ଜଗନ୍ନାଥ ଘୋଷ | ଭଦ୍ରକ | „ | ୫ ୧୬ |
| „ କୃଷ୍ଣଚନ୍ଦ୍ର ସାମନ୍ତର | ସୋର୍ଦ୍ଦା | „ | ୫ ୮୯ |
| „ ଭରତ ମହାନ୍ତି ସବ୍‌କାଟାଚ୍ଛ | „ | „ | ୫ ୮୯ |
| ମହନ୍ତ ଭଗବାନ ପଣ୍ଡା | ପୁରୀ | „ | ୫ ୮୯ |

---


# ବିଜ୍ଞାପନ ।

## ଦ୍ୱିଭାଷୀ ।

( ନୂତନ ପୁସ୍ତକ )

ମାଇନର ବର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଆବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟ ୦ । ଅଣା । କଟକ ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।


Digitized by srujanika@gmail.com

Split by PDF Splitter




## ଆୟୁର୍ବେଦୋକ୍ତ
## ନୂତନ
# ଔଷଧାଳୟ ।

ବାଲୁବଜାର. କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

---

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

ସଙ୍ଗୀତ ସାଗର ।

ପ୍ରଥମତରଙ୍ଗ ।

ଅଭିମନ୍ୟୁ ସାମନ୍ତସିଂହାର, ବନମାଳୀ, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଗୋପାଳକୃଷ୍ଣ ଓ ବନ ପ୍ରଭୃତି କବିମାନଙ୍କ ରଚିତ କତିପୟ ଏକଶତ ସଙ୍ଗୀତ ସ୍ୱରଚିହ୍ନ ଓ କଠିନ ଅର୍ଥ ସହିତ ଏକତ୍ରେ ସନ୍ନିବେଶିତ । ଏପ୍ରକାର ପୁସ୍ତକ ସୁଲଭ ମୂଲ୍ୟରେ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିଲା । ମୂଲ୍ୟ ୫୦ । ମାତ୍ର । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟ ଓ ଅନ୍ୟାନ୍ୟ ପୁସ୍ତକାଳୟରେ ପ୍ରାପ୍ୟ ।

---

ଆଲମଚାନ୍ଦ ବଜାର ପୂର୍ବତନ ଏକାଡେମୀସ୍କୁଲ ନିକଟ ଆମ୍ଭ ବସାରେ ଅନେକ ଦିନ ହେଲା ଗୋଟିଏ କାରଖାନା ଖୋଲିଅଛୁ ସେ ତହିଁରେ ପଲଙ୍କ, ଚଉକି, ଆଲମାରୀ, ବେଞ୍ଚ ଇତ୍ୟାଦି ନାନାପଦାର୍ଥ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମଧ୍ୟ କେତେକ ପଦାର୍ଥ ପ୍ରସ୍ତୁତ ହୋଇ ବିକ୍ରୟନିମିତ୍ତ ରଖାଯାଇଅଛି । ଯେଉଁ ବ୍ୟକ୍ତି ଉକ୍ତ ପଦାର୍ଥ ନେବା ନିମନ୍ତେ ଇଚ୍ଛୁକ ହେବେ ତାଙ୍କୁ ସ୍ଥାନକୁ ଯାଇ ପଦାର୍ଥ ଦେଖି ମୂଲ୍ୟ ସ୍ଥିର କରିପାରିବେ ଆଉ ଯେବେ କେହି ଉକ୍ତ ପଦାର୍ଥ ନେବାକୁ ଫରମାସ ଦେବେ ତେବେ ସେ ଫରମାସି ପଦାର୍ଥର ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଦେଇ ଫରମାସ ଦେଲେ ଅତିସତ୍ୱର ପାଇପାରିବେ । ଇତି ।

କଟକ    ୨୧-୮-୮୯

ଆଲମଚାନ୍ଦବଜାର    ଶ୍ରୀ ଭୁବନେଶ୍ୱର ନନ୍ଦ ।—

---

# ମେହରୋଗ ।

ଶରୀରମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଭୟଙ୍କର ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତତ୍କାଳ ରୋଗୀ-ଣତାଭାବ ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସ୍ୱୀକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବନ କଲେ ନୂତନ ରୋଗ ଏବଂ ତିନି ସପ୍ତାହ ସେବନ କଲେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବସ୍ତ୍ରଗୃହରେ ପରିଣତ ନ ହେଲେ ଅନ୍ତି ଶୀଘ୍ର ତାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆବଶ୍ୟକରେ ପୁସ୍ତକାକାରେ ପ୍ରକଟିତ ହେବ । କଲିକତା ଅପେରହୋଲ ନମ୍ବର ଭବନରେ ଛ, କେ, ଘୋଷ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨। ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

---

ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥି ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ୫୦ । ଡାକମାସୁଲ ୫୦୨ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମଚନ୍ଦ୍ର ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଜଗତମୋହନ ଚକ୍ରବର୍ତ୍ତୀ

ଡାକ୍ତର, ବାଲୁବଜାର କଟକ

---

ବିଶେଷ ସୁବିଧା ।

ନଗର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, କଳ-ଗାଡ଼ି, ଟାମିଜ, କୋଟ, ଦେଶୀ ଓ ବିଲାତିଯୋତା, ନାନାପ୍ରକାର ଲୁଗା, ଖେଳବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କିଣି କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କିଣି ପଠାଇବାର ପରିଶ୍ରମ ଜମକେ ଶତକଡ଼ା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ପୁରୁଣା, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପଦ୍ଧତି ସ୍ଥାନକୁ ଭାଲ୍ୟୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବେ ଏତେ ମାତ୍ର କହିପାରୁଁ କି ଆମ୍ଭମାନଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଲଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀ ଜଗତମୋହନ ଚକ୍ରବର୍ତ୍ତୀ
ବିକ୍ରୟଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ


Digitized by srujanika@gmail.com

348



# ଯାଦୁର ଅବ୍ୟର୍ଥ ମହୌଷଧ ।

( ପରୀକ୍ଷିତ )

ଏହା ଶୋଧିତ ଯାଦୁର ଉତ୍କୃଷ୍ଟ ମହୌଷଧ । ଏହାର ଉପକାରିତା ଗୁଣ ଅତି ଆଶ୍ଚର୍ଯ୍ୟ । ଏହା ଦ୍ୱାରା ଯାଦୁ, ଅଉଣ୍ଡୀ ଯାଦୁ, ହାତଅ ଯାଦୁ, କମର ଯାଦୁ, ପେଣ୍ଠଅ ଯାଦୁ, ରସ ଯାଦୁ, ଚର୍ମରୋଗ ଦୁଇଅ ଶରୀର ର ଯାଦୁ ଆରୋଗ୍ୟ ହୁଏ । ସାହସ କରି କହିପାରୁଁ ଯେ, ଏତର ନିର୍ଦ୍ଦୋଷ ଅଥଚ ଉପକାରୀ ଔଷଧ ଦ୍ୱିତୀୟ ନାହିଁ ଏଣୁ ଏହା ଦୁଇ ତିନଥରରୁ ଅଧିକ ବ୍ୟବହାର କରିବାକୁ ହୁଅଇ ନାହିଁ । ମାତ୍ର ଥରେ ଆରୋଗ୍ୟ ହେଲେ ଆଉ କଦାପି ସେ ସ୍ଥାନରେ ଯାଦୁ ହୁଅଇ ନାହିଁ । ଯାଦୁର ଯେତେ ପ୍ରକାର ଔଷଧ ଅଦ୍ୟପର୍ଯ୍ୟନ୍ତ ପ୍ରକାଶିତ ହୋଇ ଅଛି, ସେଥି ମଧ୍ୟରୁ କେହି ଔଷଧର ଏପରି ଉତ୍କୃଷ୍ଟ ଗୁଣ ଦେଖାଯାଇ ନାହିଁ । ଏହି ଔଷଧ ବ୍ୟବହାର ସମୟରେ କଷ୍ଟ ଜ୍ୱାଳା ବା ଯନ୍ତ୍ରଣା ହୁଏ ନାହିଁ । ଔଷଧଟି ମଲମାକାରରେ ହେବାରୁ ବ୍ୟବହାରରେ ଅଧିକ ସୁବିଧା ହୋଇଅଛି ।

ଏକ ଡିବି ର ମୂଲ୍ୟ ୧୦ ।

ଶ୍ରୀ ରାମଚରଣ ଦାସ
ଡାକ୍ତର ଗୌରୀଶଙ୍କର ବାଲେଶ୍ୱର ।

---

ନୂତନ ପୁସ୍ତକ ! ନୂତନ ପୁସ୍ତକ ! !

ବର୍ଣ୍ଣବୋଧ ।

ଶ୍ରୀ ମଧୁସୂଦନ ମିଶ୍ରଙ୍କଦ୍ୱାରା ସଙ୍କଳିତ ।

ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀ ବାଳକମାନଙ୍କର ପ୍ରଥମ ପାଠ୍ୟପୁସ୍ତକ । ଏହା ପାଠ କଲେ ବାଳକମାନେ ସ୍ୱଳ୍ପାୟାସରେ ଏବଂ ଅଳ୍ପ ଦିବସ ମଧ୍ୟରେ ସୁନ୍ଦରରୂପେ ଉତ୍କଳବର୍ଣ୍ଣ ପରିଚୟ କରି ପାରିବେ । ଏଥିରେ ସହଜପାଠ୍ୟ ଉପଯୋଗୀ ପଦ ଲେଖିବାର ପ୍ରଣାଳୀ, ସପ୍ତାଙ୍ଗ, ସାମାନ୍ୟ ଲଘୁପାଠ, କୋଷ, ଦଶଅବତାର ଓ ଦଶବର୍ଣ୍ଣ ବିଷୟ ସକଳ ବିଶଦରୂପେ ସନ୍ନିବେଶିତ ହୋଇଅଛି । ମୂଲ୍ୟ ୦/. ଡାକମାସୁଲ ୦ ମାତ୍ର । ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପ୍ରେସରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ଭାଲଟର ସ୍କୁଲ ହେଡ଼ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ

---

# ବାଲିକାଗଜ ।

ଉତ୍କଳଦୀପିକା ପ୍ରେସ୍ରେ ସମସ୍ତ ରକମ [illegible]

| | | | |
|---|---|---|---|
| ୧୦ ୨୫ ଇଞ୍ଚ | [illegible] | ୧୬ | [illegible] |
| ୧୨ ୨୫ „ | „ | ୧ | „ |
| ୧୨ ୨୫ „ | „ | ୧ | „ |
| ୨୨ ପରି ଡବଲଫୁଲସ୍କେପ.. | ୧ | „ | ୧ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଉତ୍ତର ପ୍ରାନ୍ତ ଭଳି ନାନାପ୍ରକାର ପୁସ୍ତକ ବିକ୍ରୟର ବ୍ୟବସ୍ଥା ଅଛି । ଉତ୍କଳଦୀପିକା ପ୍ରେସ ଓ ଗ୍ରାମ ଓ ରେଭେନ୍ସା କଲେଜ ସ୍କୁଲ ଓ ସ୍କୁଲ ଶିକ୍ଷା ଓ ଗୋଟି ପାଠ ଶିକ୍ଷାର୍ଥୀ ପ୍ରଭୃତିଙ୍କ ନିମନ୍ତେ ଦରକାର ଅଛି ସେହା ସମସ୍ତ ଛାତ୍ରବର୍ଗଙ୍କ ମଧ୍ୟରେ ପ୍ରଚଳିତ ଅଛି । ଉପରୋକ୍ତ ଥିବା ବହିମାନ ଯେପରି ଛାପାଖାନା ବିକ୍ରୟ ସ୍ଥାନରେ ପ୍ରସ୍ତୁତ ଅଛି ତାହା ଭିନ୍ନ ସ୍ଥାନରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ତାହା ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ଉତ୍କଳର ଗ୍ରାମ ବିକ୍ରୟ ସ୍ଥାନରେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ପତ୍ର ଲେଖିବାକୁ ଇଚ୍ଛାକଲେ ତାଙ୍କ ବିକ୍ରୟ ହୋଇପାରିବ । ପତ୍ର ଲେଖି ଆଜ୍ଞାମାନ ବିକ୍ରୟ ହେବା ଏବଂ ଅପଣା ମଫସଲ ସ୍ଥାନରେ ରଖାଯିବ । ଏହାଙ୍କ ଦେବେ ଏକ ଟଙ୍କାରୁ ଅଧିକ ମୂଲ୍ୟ ଡାକମାସୁଲ ଦେବାକୁ ହେବ । ମାତ୍ର ତାହାର ସଙ୍ଗେ ଡାକମାସୁଲ ଦେଇ ତାଙ୍କ ଉପରେ ଥିବ । ଯେଉଁ ଲୋକେ ଆଜ୍ଞାର ପତ୍ର ମୂଲ୍ୟ ଦେବାକୁ ଇଚ୍ଛାକରନ୍ତି ପଠାଇବାକୁ ହେବ ।

ଛପାଇଲ ।

| | |
|---|---|
| ଉଦ୍ଧାର ବେଣୀ ଓ ଉତ୍ସବରେ ସ୍ୱର ଭେଦରେ ସ୍ୱରଲିପି । | ବର୍ଣ୍ଣ ୧୬ । |
| ଉପେନ୍ଦ୍ରଭଞ୍ଜ | ବୋଧୋଦୟ । |
| ବ୍ରଜେଶ୍ୱର ନୃତ୍ୟ ରସିକା ଶୋଭା ଓ ଶୋଭା ସହିତ । | ଶିବ ବିବାହ ଓ ସଙ୍ଗୀତ ଓ ମାତୃ ସଙ୍ଗୀତ |
| ଛନ୍ଦ ଅର୍ଥାତ୍ ନାନା ଛନ୍ଦର ଗୀତ ଓ ଭଜନ । | ଉତ୍କର୍ଷ ପ୍ରଭାସଗୀତ ଏକପଦ ଗୀତ |
| ପେନ୍ସିଲ ରାସ୍ତା ସବୁ । | ନୈଷଧ ଉପୋଦ୍ଘାତ ଏବଂ କେବଳ ଅଧ୍ୟାୟ |
| ନାନା ପ୍ରକାରର ପାଠ ଓ ଗୀତ ଏବଂ ଦେଖିବାର ଛବି । | ଏ. ଗୋଷ୍ଠ ସମ୍ବନ୍ଧୀୟ ବାଣୀ ଓ ବୃତ୍ତ । |
| ଉପରେ ସ୍କୁଲ । | ବିଶେଷ ଅବହୋଷ ଏକ ଭାଗ । |
| ବାଜାର ସାଗର ସବୁ ରେ ସୁଧା ସିନ୍ଧୁ ଶାଖା ହୁଏ । | ଅଙ୍କନୌଚ ପେନ୍ସିଲ ଓ ପେନ୍ସିଲରେ ଲେଖି କାଗଜ ପେନ ସବୁ ଉପାୟ ସେହି ପେନ୍ସିଲ ଲେଖା ର |
| ସନ୍ଧ୍ୟା ଦେବ—ଅର୍ଥାତ୍ | |

ଗୋଷ୍ଠକୁଟଜ ଓ ପତ୍ରରେ ଲେଖା ଦେଖି ଦରକାର ରଖା ଯାଏ ।
ମୁଦ୍ରାୟନ୍ତ୍ର ବଡ ଅକ୍ଷର ରେଖା ଲେଖାଯାଏ ଓ ଲୋହିତ କାଳି ଓ ତରଳ ।
ସାଦା ନୀଳ ଲେଖା ଓ ମୂଲ୍ୟ ।

ରଙ୍ଗିନ କାଳି

୧୬ × ୧୦ ଇଞ୍ଚ
୧୮ × ୧୨ ଇଞ୍ଚ
୧୭ × ୧୪ „

ଦୋକାନ ଓ ଛାପାଖାନା ଦ୍ୱାରା ଶିଖିବା ଓ ଲେଖି ଦେଇ ଏବଂ ପାଇକା ସବୁ ବୁଝିବା ମେଟ୍ରିକୁଲେଶନ ।

ନକ୍ସ ଓ ଗଳା ପାଇଁ ଛାପା ଚିଠି ।
ଷୋଡ଼ଶ ଦୋଷମୁକ୍ତ ଲେଖା ମୂଲ୍ୟ ।
ଲେଖ ମୁ. ପେନ୍ସିଲ ଖାତା ପାତା ଓ ଗୋଟି ଓ ଉତ୍ତ ।
ନବକୁଟାଭାସ ଓ ପଞ୍ଚ ପାଠ ପାଣ୍ଡୁଲିପି ଓ ଖାତା ।
ବୁଟିଂ ବହି
ଏଥିନିମନ୍ତେ ଅର୍ଥାତ୍ ଉତ୍କଳୀୟ ଛାପାଖାନା ପ୍ରସ୍ତୁତ ବୁଝିବା ଆଗରେ ଦରକାର ହୁଏ ।

# ଫିଟଚାଉ ।

ଏ ବାଲିକୁ କେଉଁଠାରେ ପାଣିରେ ରଖି ଦିଅନ୍ତୁ ଅଥବା ବୋତଲରେ ପାଣିରେ ଦେଲେ ପାଣିଗଲା ବେଳେ ହେବ, ସାବୁନ ଅଙ୍ଗରେ ଲଗାଇଦେଲେ ମଇଳା ଓ ଚିକ୍କଣ ଅଧିକ ନାହିଁ ।

ଚର୍ମର ରକ୍ତ ଓ ଖାଇରେ ଲଗାଇବାର ଲାଭ ମଧ୍ୟ ଅଛି ।

ଉତ୍କଳଦୀପିକା ଯନ୍ତ୍ରାଳୟ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ୦ ୦୬
ଅକ୍ଷରମୂଲ୍ୟ ୦ ୮
ଦୃଷ୍ଟି ଏକ ଦ୍ରମ୍ମକୁ ୦ ୮

ମାତ୍ର ଯେଉଁପରି ବିଜ୍ଞାପନ ଯେତେ ଥର ଦେଲେ ଉହିଁର ଖର୍ଚ୍ଚ ୦ ୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

Split by PDF Splitter
Digitized by srujanika@gmail.com

କଟେକସ୍ଥ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଯେଉଁ ବୃଷ୍ଟିବ୍ୟସନୀ ଅଛନ୍ତି ସେମାନଙ୍କର ସଂଖ୍ୟା ଅତି ଶୀଘ୍ର ସହସ୍ର ବୃଦ୍ଧି ହେବାର ଅନୁଭବ ହୋଇଅଛି । ଏହା ଶୁଭସୂଚକ ନୁହଇ ।

ଚୀନ ସମ୍ରାଟଙ୍କ ଏକକୋଟି ମାର୍କ ମୁଦ୍ରା କର୍ଜ ନେବାର ପ୍ରସ୍ତାବ କରିଥିବାରୁ ସେଥି ନିମନ୍ତେ ବର୍ଲିନ ନଗରରେ ମହାଜନ ସ୍ଥିର ହୋଇଅଛି । ପ୍ରତିମାର୍କ ୧ ସିଲିଂ ୪ ପେନ୍ସ ଅର୍ଥାତ୍ ଟଙ୍କାରୁ ଊଣା ନୁହେ ।

ପାରସ୍ୟର ସାହ ଅଷ୍ଟ୍ରିଆ ଦେଶରେ ଥିବା ସମୟରେ ମଧ୍ୟ ଉଭୟ ଭୂପ ଆମୋଦପ୍ରମୋଦ ହୋଇଥିଲା । ରୁଷିଆର ସମ୍ରାଟ୍ ତାଙ୍କ ଜନ୍ମ ଦେଶରୁ ଆଣି ସ୍ୱରାଜ୍ୟରେ ଗଡ଼ ଦେବାକାରଣ ଏକ ବିଶେଷ ରେଳଗାଡ଼ି ପଠାଇଥିଲେ ।

## ପୁରୀ-ସମ୍ବାଦ ।

ଗତ ସପ୍ତାହରେ ବୃଷ୍ଟି ହୋଇ ନାହିଁ ସତ୍ତ୍ୱ ଶେଷରୁ ସାମାନ୍ୟରେ ଶୀତ ଅନୁଭୂତ ହେଉଅଛି, କୌଣସିପ୍ରକାର ରୋଗର ପ୍ରାଦୁର୍ଭାବ ନାହିଁ ।

ଅତ୍ରସ୍ଥ ମାର୍କଣ୍ଡେଶ୍ୱର ସାହିରେ ଏକ ବ୍ୟକ୍ତିର ଦୁଇଗୋଟି ପୁତ୍ର ଏକାବେଳକେ ଭୂମିଷ୍ଠ ହୋଇଅଛନ୍ତି, ସେ ଦୁହିଁଙ୍କର ପ୍ରଥମେ ମୁଣ୍ଡ ଅନ୍ୟଟିର ଗୋଡ଼ ଦୃଷ୍ଟିଗୋଚର ହେଲା ଯୋଡ଼ିଥିବା ଜନ୍ମିଥିବା ବାଳକଟି ପ୍ରାଣତ୍ୟାଗ କରିଅଛି ।

## ଅନୁଗୁଳ ସମ୍ବାଦ ।

ଏ ଜିଲ୍ଲାର ଦୁର୍ଭିକ୍ଷପୀଡ଼ିତ ପ୍ରଜାମାନେ ତା ୨୪ ରିଲ ଦୂରବର୍ତ୍ତୀ ଟିକରପଡ଼ା ଠାରୁ ଜଙ୍ଗଲରୁ ଧାନସ୍କନ୍ଧ ପ୍ରତି ଗୋଟିଏରେ ମ ୪ ତଣ ଲେଖାଁ ଏ ଅଣିସାମାନ୍ୟରେ କେବଳ ଅଠରପଣ୍ଡା ଚାଉଳ ପାଇଥିଲେ । ସମ୍ପ୍ରତି ତାହା କେଉଁଠିରେ ପରିଣତ ହୋଇଥିବାର ଦେଖି ଦୁଃଖିତ ହେଲୁଁ ।

ଉକ୍ତ ଉପକାର ଶ୍ରୀଯୁତ ଓ ଖିଅର ସାହେବ ଯେଉଁ ସମୟରେ କଟ, କଲକ୍ଟ ମାଜିଷ୍ଟ୍ରେଟ କରିଥିଲେ ତାହାକୁ ଅତିକ୍ରମ କରିଥିବା ଲୋକରେ ଫୌଜଦାରୀ ସୁପୋର୍ଦ୍ଦ କରିବାରେ ଡେପୁଟି ପୋଲିସ ସାହେବ ଘଟ, କଟ, ବାଲକୁ ବର୍ଗଜ୍ଞାତ ଶେଷରେ ସମ୍ପ୍ରେଣ୍ଡ କରିଅଛନ୍ତି । ଏପରି ଦୁଷ୍ଟାମଣାକୁ ଧର୍ମ୍ୟ । ମଧ୍ୟ ଶୁଣିବାରେ ଡଗାର ଟଙ୍କା ଦଣ୍ଡରେ ଗୋଟିଏ ମାଲ ଓ ରକ୍ତ ମାଜିଷ୍ଟ୍ରେଟ ଲଇଫୁଦୋଷକୁ ଓ ଖିଅର ସାହେବ ସ୍ୱ ମାନ୍ତ୍ର ଦେବାର ପ୍ରସ୍ତାବ ହୋଇଅଛି । ଅରଣ୍ୟମସ୍ୱ ଦେଶରୁ ଲଲଷ୍ଟାଙ୍କୁ ବଦଳ ହେଲେ ଏ କ ଦଣ୍ଡ ହେବ ?

ଏ ଜିଲ୍ଲାରେ କୋର୍ଟଫିସ ଷ୍ଟାମ୍ପ ଚଡ଼ସିଲଦାର ଜାଙ୍କ ତତ୍ତ୍ୱାବଧାନ ସର୍ବ ବନ୍ଦସ୍ତ କରୁଥିବାରୁ ଖରିଦଦାରମାନେ ମଲ୍ୟ କିବାଏ ପ୍ରତିଟଙ୍କାରେ ଟ ॰ ୵ ଠାରୁ ଟ ॰ । ପର୍ଯ୍ୟନ୍ତ ଅଧିକା ମୂଲ୍ୟ ନ ଦେଲେ ଷ୍ଟାମ୍ପ ପାଉନଥିଲେ ନାହିଁ । ସୁତରାଂ ଏପରି କରିବା ବୃଥା ଜାଣି ଲୋକେ ସମ୍ବାଦପତ୍ରରେ ବାଧ୍ୟ ହୋଇ ଦେଉନ୍ତି ।

ଏ ଜିଲ୍ଲାର ପଲମଲ ସ୍ତମ୍ଭରେ ଏକ ଅଙ୍କୁର ଓ ଉପ୍ସଙ୍ଗର ରୋଗ ଉପସ୍ଥିତ ହୋଇ ତ ୧୦।୧୨ ଜଣର ପ୍ରାଣନାଶ କରିଅଛି । ରୋଗର ଲକ୍ଷଣ ଏମନ୍ତ ଯେ ପେଟ ପୀଡ଼ା ହୋଇ ଶ୍ୱାସ ରୋଧ ପେଟ ଓ କଣ୍ଠଦେଶ ଫୁଲି ବାମ ଓ କାଲ୍‌ଶକ୍ତି ଚତୁର୍ବର ଘଣ୍ଟାମଧ୍ୟରୁ ପ୍ରାୟ ଏ ୮।୧୦ ଘଣ୍ଟାରେ ପ୍ରାଣବାୟୁ ବାହାରିଯାଏ । ଜନ୍ତୁ ରୋଗାକ୍ରାନ୍ତ ବ୍ୟକ୍ତିମାନେ ଉତ୍-

ସ୍ଥାନର ଡାକ୍ତରଖାନା ଅତି ଦୂରରେ ଥିବାରୁ ଅଧ୍ୟ ପ୍ରତି-କାରର ବ୍ୟବସ୍ଥା କରିବା ଉଚିତ ।

## ଢେଙ୍କାନାଳ ସମ୍ବାଦ ।

ଗତବର୍ଷ ଏଠାରେ ଜଙ୍ଗଲସ୍ଥ ଲୋକମାନଙ୍କ ଉପରେ ଜଲଗଦେଶ ଜନିତ ଏତେଦୂର ସଂଗ୍ରାମିତ ହୋଇଅଛନ୍ତି କହି ହୁଆଯାଇ ନାହିଁ । ଅନ୍ୟାନ୍ୟବର୍ଷ ଏ ରୋଗ ଅତବଡ଼ ପଦର ସଇତଡନଙ୍କୁ ଅଧିକ ରହୁ ନ ଥିଲା । ଏଥର ଫଗୁଣ-ମାସରେ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଶାନ୍ତ ହେଲା ନାହିଁ । ଏବ ଆଉ କେତେଦିନ ପରେ ଶାନ୍ତ ହେବେ, ଜଗତ୍‌ପିତା ଜଗଦୀଶ୍ୱର ଜାଣନ୍ତି । ମଧ୍ୟ ମଫସଲର କୌଣସି ଜାଗାରେ ଏହିପ୍ରାୟ ଏପର୍ଯ୍ୟନ୍ତ ସଞ୍ଚିଅଛି । ଯାହା ହେଉ ଅନନ୍ତର ବିଷୟ ଯେ ଡାକ୍ତରମହାଶୟଙ୍କ ନୂତନ ଅବସ୍ଥିତ ବଲଦିପାଳଡର୍ଗ ପୃଥ୍ୱିଅଦ୍ୱାରା ଅଧିକାଂଶ ଉପକାର ଦେଖାଯାଉ ଅଛି । ମଧ୍ୟ ମେନେଜର ମହାଶୟ ମଫସଲିଭ୍ରମଣରେ ଏହି ପାହଡରପ୍ରଭଥ ବଣ୍ଟନଦ୍ୱାରା ଅନେକ କଲଗ୍ରେଗିଙ୍କୁ ମୁକ୍ତ କରିଥିବାରୁ ମଫସଲିଅଙ୍କର ଠାକୁରାଣୀ ଏବଂ ଭୂତ ପ୍ରେତ ଇତ୍ୟାଦି ଜୁହ-ସ୍କାର ଅନେକ ଅଂଶରେ ହ୍ରାସ ହୋଇଅଛି । ମଫସଲର କୌଣସି ଜାଗାରେ କଟଲ ଅଠ ଦଶ ସେରରୁ ଊର୍ଦ୍ଧ ସାଗୁ-ଡାଳା ବିକ୍ରୟ ହୋଇଅଛି । ସାହାର ବ୍ୟବହାର କ ମଫସ-ଲିଅମାନେ ଅବୋ ଜାଣୁ ନ ଥିଲେ ।

ଗଡସପ୍ତାହ ସପିକାରେ ଝିଙ୍କିଡ଼ା ଏବଂ ଫୁଲଗୁଣାପୋକ ଇତ୍ୟାଦି ଲଗି ଧାନଗଛ ନଷ୍ଟକରୁଥିବା ବିଷୟ ଯାହା ଲେଖି-ଥିଲୁଁ ବର୍ତ୍ତମାନ ଶୁଣୁଅଛୁଁ ଯେ ପଲ୍ୟ ହୋଇ ବଣି ଥାନରେ ଲରେ ପଡ଼ି ଝିଙ୍କିକାମାନଙ୍କ ଖାଉଯାଉଅଛନ୍ତି । ଯଦ୍ୟପି ସ୍ଥାନୀୟ ଲୋକମାନେ ଏପରି ଘଟନା କେବେହେଁ ଦେଖି ନ ଥିବା ବ ଶୁଣି ନ ଥିବାର ପ୍ରକାଶ କରନ୍ତି ତଥାପି ଆଶ୍ଚର୍ଯ୍ୟ ହେବାକୁ ହେବ ନାହିଁ । କାରଣ ଇଶ୍ୱରଙ୍କ ରାଜ୍ୟରେ ଏହାଠାରୁ ବଳ ଆହୁରି ଆଶ୍ଚର୍ଯ୍ୟବିଷୟ ଅନେକ ରହିଅଛି ।

ଏବର୍ଷ ଫସଲର ଅବସ୍ଥା ସନ୍ତୋଷଜନକ । କିନ୍ତୁ ବିଶେଷ ବର୍ଷା ବୃଦ୍ଧି ହୋଇ କେତେକ ଭୂତନମ୍ବର ପିଟାଇଦେଇ ଅଛି । ଭବିଷ୍ୟତରୁ ଏତଦ୍ଦ୍ୱାରା ଲୋକଙ୍କର ବିଶେଷ ଅନିଷ୍ଟ ହେବାର ସମ୍ଭାବନା ।

ଅସ୍ମମାନଙ୍କର ପରମପୂଜନୀୟ ଏବଂ ମହାମାନ୍ୟା ମହିମାଙ୍କ ଖମ୍ଭୁ ବିଦେଶୀୟ ବା ସ୍ୱଦେଶୀୟ ଜାତାଡମାନଙ୍କୁ ପ୍ରତିବର୍ଷ ଶୀତବସ୍ତ୍ରରେ କମଳ ଓ ଲୁଗା ବିତରଣ କରନ୍ତି । ଏ ବର୍ଷ ଏହିପ୍ରାୟ ଅବସ୍ଥାର କଙ୍କାଳକଲିଷ୍ଟ ଲୋକମାନଙ୍କୁ ଯଥାସାଧ୍ୟ ଅଲ ବସ୍ତ୍ର ବିତରଣ କରିବ ବିଷୟରେ ତ୍ରୁଟି ଦେଖାଯାଉ ନାହିଁ ।

ଏଠାକାରି ଇଞ୍ଜିନିୟର ସାହେବମହୋଦୟ ପୀଡ଼ିତହୁଁ ନେଇ ବହୁକାଳ ଗତଦେଶ କାର୍ଯ୍ୟରେ ଅନୁପସ୍ଥିତ ଥିଲେହେଁ ତାଙ୍କ ଅଧୀନକାର୍ଯ୍ୟମାନ ମେନେଜର ମହାଶୟଙ୍କ ଅଧୀନରେ ଜଣେ କେବଳ ସର୍ଭେଇରସିପ୍‌କହାର ଯଦବା ନିର୍ବିଘ୍ନ ଏବଂ ନିର୍ବିବାଦରେ କାର୍ଯ୍ୟ ସନ୍ତୋଷଜନକରୂପେ ଚଳୁଅଛି, କିନ୍ତୁ ଇରେଗେସନ୍ ଡୋକଡମ କର୍ମଗୁଣ ଅଭାବରେ କାର୍ଯ୍ୟର ସୁଚାରୁତା ଶୋଭୁ ନାହିଁ ।

ଭୁବୋଲ ମହାରାଜାଙ୍କ ମାରଣାନ୍ତରୁ ଟ ୧୨୦୦୦ ଟଙ୍କା ମୂଲ୍ୟର ସ୍ୱର୍ଣ୍ଣଅଳଙ୍କାର ଯାହା ଚୋରିହୋଇ ଯାଇଥିଲା, ତ ହ,

ଏବେଶ୍ୱା ଲୋକଙ୍କଠାରୁ ସମ୍ବାଦ ପ୍ରାପ୍ତ ହୋଇ ଅନନ୍ତର-ସହିତ ଯେଉଁମାନେ ଏଠା ପୁଲିସକର୍ମଚାରୀଙ୍କୁ ଦୁଇଶତ ମୁଦ୍ରା ପୁରସ୍କାର ଦେଲେଣି ସେମାନଙ୍କୁ ପୁଲିସଙ୍କର ସାହସ ଅଭ ଉତ୍ସାହ ପୂର୍ବାପେକ୍ଷା ଅଧିକ ବୃଦ୍ଧି ହୋଇଥିବାର ଦେଖାଯାଉ ଅଛି । ମେନେଜରଙ୍କ ଯତ୍ନରେ ପାଇଯାଇଥିବା ଏହା ସନ୍ତା-ନହୋଇବସ୍ ଯଦବା କଣଦରୂପେ ଜାଣନ୍ତି, ତଥାତ ଉପଯୁକ୍ତ ପୁରସ୍କାର କେବଳ ପୁଲିସମାନଙ୍କ ସାହସବର୍ଦ୍ଧନାର୍ଥ ମହାରାଜା ଦାନ କରିଅଛନ୍ତି ବୋଲିବାକୁ ହେବ । ରାଜାସାହେବଙ୍କର ଏହି ମହତ୍‌କାର୍ଯ୍ୟନିମିତ୍ତ ଲୋକେ ପ୍ରଶଂସାରସହିତ ଶତ ଧନ୍ୟବାଦ ଦେଉଅଛନ୍ତି ।

ଆଶ୍ଚର୍ଯ୍ୟର ବିଷୟ ଯେ ସେତିକି ଗୋଟିଏ ରୋଗିର କାଳ-ଜା ଉଠାରୁ ଏଠାକାର ଡାକ୍ତରମହାଶୟ ଅସ୍ତ୍ରଚିକିତ୍ସାଦ୍ୱାରା ସାଢ଼େ ନଅ ପାଉଣ୍ଡ ପୂଜ ବାହାରକରି ଲୋକଙ୍କୁ ଚମତ୍କାର କରାଇ ଅଛନ୍ତି । ଏ ଲୋକଟି ବଞ୍ଚିବାର କୌଣସି ଆଶା ଥିଲା ନାହିଁ । ବର୍ତ୍ତମାନ ଏହାର ବଞ୍ଚିବାର ପୂର୍ଣ୍ଣଆଶା ଦେଖାଯାଉ-ଅଛି । ଧନ୍ୟ ଡାକ୍ତରବିଦ୍ୟା ।

ଅସ୍ମମାନଙ୍କର ଶ୍ରଦ୍ଧାସ୍ପଦ ଶ୍ରୀ ସୁଲକ୍ଷଣାଦେବୀଙ୍କର ରଚିତ ଦୀନବନ୍ଧୁବୋଲି ଓ ଜଣାଣମାଳା ନାମକ ଏକଖଣ୍ଡ ପୁସ୍ତକ ଉପହାର ପାଇଅଛୁଁ । ଏସମ୍ବନ୍ଧେ ପୂର୍ବସପିକାମାନଙ୍କରେ ଅନେକ ଲେଖା ହୋଇଥିଲେହେଁ ଅସ୍ମେ ସାମାନ୍ୟରେ ବିଷ ନ ଲେଖି ସ୍ଥିରହୋଇ ପାରିଲୁଁ ନାହିଁ । ଢେଙ୍କାନାଳ ଯେ ଅବହମାନକାଳରୁ ବିଦ୍ୟାଉନ୍ନତିର ସ୍ଥାନ ଅଛି ଏହା ସମସ୍ତେ ଜାଣନ୍ତି । କିନ୍ତୁ ଅବଶିଷ୍ଟ ଅଙ୍ଗ ଏହାଦ୍ୱାରା ପୂର୍ତ୍ତି ହେବାରୁ ସପ୍ରେମାସ୍ତି ଆନନ୍ଦସହିତ ଧନ୍ୟବାଦ ଦେଉଅଛୁଁ ।

ଅସ୍ମମାନଙ୍କର ପ୍ରିୟବାବୁ ଶ୍ରୀ ଦାମୋଦର ପଟ୍ଟନାୟକଙ୍କ-ଠାରୁ ଏକଖଣ୍ଡ ସଙ୍ଗୀତସାରର ଉପହାର ପାଇ ଆନନ୍ଦ-ସହିତ ଗ୍ରହଣ କରିଅଛୁଁ ଏହାଦ୍ୱାରା ପୂର୍ବ କବିଙ୍କ କବିମାନଙ୍କର ମର୍ଯ୍ୟାଦା ଏବଂ ନାମରକ୍ଷା ହୋଇ ସାଧାରଣର ଅନେକ ଅଭାବ ମୋଚନ ହୋଇଅଛି । ଆଶା କରୁଁ ଦ୍ୱିତୀୟଖଣ୍ଡ ଶୀଘ୍ର ପ୍ରକାଶକରି ଚରିତାର୍ଥ କରିବେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ,

ପୁରୀ ଜିଲ୍ଲା ଅନ୍ତର୍ଗତ ଷୋଳଶାସନ ନିବାସି ବ୍ରାହ୍ମଣମାନଙ୍କ ଗୃହରେ ଶାଳଗ୍ରାମ ଓ ଠାକୁରାଣୀ ପ୍ରଭୃତି ଯେଉଁ ଗୃହଦେବତାମାନେ ଅଛନ୍ତି ସେ ସମସ୍ତେ ପଶ୍ଚିମାଭିମୁଖରେ ବସିଅଛନ୍ତି ଏଥିରୁ ଗୃହଦେବତାମାନେ ପଶ୍ଚିମାଭିମୁଖରେ ବସିବାରେ କ ବିଧି ଓ ପୂର୍ବାଭିମୁଖରେ ବସିବାର କ ନିଷେଧ ଅଛି । ଆପଣଙ୍କ ପାଠକମାନଙ୍କ

Split by PDF Splitter

Digitized by srujanika@gmail.com

Split by PDF Splitter



ମଧ୍ୟରୁ କେହି ସ୍ପଷ୍ଟ ସତ୍ୟ ଉତ୍ତର ଲେଖିଲେ ଉପକୃତ ହେବୁଁ । ଇତି । ୧୭।୫।୮୯

। ନ । ଜଣେ ପାଠକ ।

ମହାଶୟ !

ଅତ୍ର ମାହାଙ୍ଗା ଗ୍ରାମରେ ଅଦ୍ୟାବଧି ୧୦ ବର୍ଷ ହେବ ଗୋଟିଏ ବର୍ଣ୍ଣାକ୍ୟୁଲର ସ୍କୁଲ ଥିଲା । ଏଥିରେ ସେ ସମୟରେ ଗ୍ରାମବାସୀମାନେ ସ୍ୱଜାଗତ ହେବାକୁ ଅସ୍ୱୀକୃତ ହେବାରୁ ଓ ଅନ୍ୟାନ୍ୟ କାରଣ ଅସୁବିଧାବଶତଃ ସ୍କୁଲଟି ଅଳ୍ପ ସମୟରେ ଉଠି ଗଲା । ବର୍ତ୍ତମାନ ଉକ୍ତ ଗ୍ରାମରେ ଅର୍ଥସଂଗ୍ରହାର୍ଥ ଅନେକ ବାଳକ ଦୁଃଖରେ ଘରେ ବସିଅଛନ୍ତି । ଓ ଏମାନଙ୍କର ସମସ୍ତଙ୍କର ସଙ୍ଗତି ନାହିଁ ଯେ ସମସ୍ତେ ଆପଣା ପିଲାମାନଙ୍କୁ ନେଇ ଅନ୍ୟସ୍ଥାନରେ ଖର୍ଚ୍ଚ କରି ପଢ଼ାଇବେ । ଏକଥା ଯେ ଦେଖିବେ ଓ ଦେଖୁଅଛନ୍ତି ସେମାନେ ଅନୁଭବ କରୁଅଛନ୍ତି ଓ କରିବେ । ଏନିମିତ୍ତ ଏଠାରେ ଗୋଟିଏ ମାଇନର ସ୍କୁଲ ବସାଇବା-ପାଇଁ ଆମ୍ଭେମାନେ ମନ କରିଅଛୁଁ । ଏ-ଗୋଟିଏ ଗୁରୁତର କାର୍ଯ୍ୟ ଅଟେ ଏଥିରେ ଗ୍ରାମର ସମସ୍ତ ଭଦ୍ରଲୋକ ଓ ଜମିଦାରମାନେ ଉତ୍ସାହ ଓ ମନୋଯୋଗ ନ ଦେଲେ ହେବାର ଦୁଃସାଧ୍ୟ । ଅତଏବ ଆମ୍ଭେମାନେ ବର୍ତ୍ତମାନ ଗ୍ରାମର ସମସ୍ତ ଭଦ୍ରଲୋକ ଓ ଜମିଦାରମାନଙ୍କୁ ବିନୀତଭାବରେ ପ୍ରାର୍ଥନା କରୁଅଛୁଁ କି ସେମାନେ ଏ ପୁଣ୍ୟକାର୍ଯ୍ୟରେ ଉତ୍ସାହ ଓ ସାହାଯ୍ୟ ପ୍ରଦାନ କରି ଶତ ଶତ ଛାତ୍ରମାନଙ୍କୁ ମୂର୍ଖତାରୁ ରକ୍ଷା କରି ସର୍ବସାଧାରଣଙ୍କର ଧନ୍ୟବାଦ ପାତ୍ର ହେଇ ଆପଣା ଗ୍ରାମର ଉନ୍ନତି ଓ ମଙ୍ଗଳଚାହାଁ ହେବାରେ ସହକାର ହେଉନ୍ତୁ । ଇତି ।

୨୦।୫।୮୯ }
ଭିଃ ମାହାଙ୍ଗା }
। କ । କଟକ } ଶ୍ରୀ ନନ୍ଦ

ଆପଣଙ୍କର ଏକାନ୍ତ ବଶମ୍ବଦ

ନୀଳମଣି ବସୁ

ମହାଶୟ !

ବାଲେଶ୍ୱର ଜିଲ୍ଲାଅନ୍ତର୍ଗତ ସୋରବସ୍ତାନ ଥାନା ଅଧୀନ ଅନନ୍ତପୁର ଅଉଟପୋଷ୍ଟ ଶାନ୍ତି ରକ୍ଷା କମିଟି ଅଙ୍କରୁ ପ୍ରାୟ ୨୫ ବର୍ଷ ହେବ ଏସ୍ଥାନରେ ସ୍ଥାୟୀ ହୋଇଥିବା ଏହିଁରେ ଶାନ୍ତି-ରକ୍ଷା ଅନେକାଂଶରେ ହୋଇଥିଲା । ସ୍ୱର୍ଗୀୟ ଦୟାଶୀଳ ଗବର୍ଣ୍ଣମେଣ୍ଟ ବାହାଦୁର ବାଲେଶ୍ୱର ଜିଲ୍ଲାର ନିମନ୍ତେ ନେଇଥିବା ଥିବା କେତେଗୋଟି ଅଉଟପୋଷ୍ଟ ସ୍ଥାନରେ ଥିବା ଲାଗି ସନ ୧୮୮୮ ମସିହାରେ ଉଠାଇ ଦେବା-ଥିଲେ ଏହିଁମଧ୍ୟରେ ଅତ୍ର ଅନନ୍ତପୁର ଅଉଟ-ପୋଷ୍ଟ ମଧ୍ୟ ଉଠି ଯାଇଥିଲା, ଏ ସ୍ଥାନର ଭଦ୍ରଲୋକ ଶ୍ରୀ ବାବୁ ବନମାଳି ଦାସ ପ୍ରଭୃତି ଅତ୍ର ଅଉଟପୋଷ୍ଟକୁ ସ୍ଥାୟୀରୂପରେ ରଖାଇବା କାରଣ ବଙ୍ଗୀୟ କମିଶନର ମହୋଦୟ ଏବଂ ପୋଲିସ ଇନସପେକ୍ଟର ଜେନେରାଲ ଓ ଜିଲ୍ଲାର କଲେକ୍ଟର ଏବଂ ପୋଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟଗଣଙ୍କ ନିକଟକୁ ଦରଖାସ୍ତ କରିଥିଲେ ହେଁ ତହିଁରେ କୌଣସି ହୁକୁମ ନ ଆସିବାରୁ ଏହି ସୋଚମ୍ ଥାନା ସବ୍‌ଇନସ୍ପେ-କ୍ଟର ବାବୁ ସଧାନାଥ ଆଢ୍ୟ ଏଠାରେ ଉପ-ଜନରୂପେ ବେଗ ହେଉଥିବାରୁ ଜିଲ୍ଲାର ସୁପ-ରିଣ୍ଟେଣ୍ଡେଣ୍ଟ, ସ, ପି, ନାଇଡ଼ୁ, ଦତ୍ତଙ୍କ ନିକ-ଟକୁ ଅଉଟପୋଷ୍ଟ ସ୍ଥାୟୀ ରଖାଇବା କାରଣ ରିପୋର୍ଟ କରିଥିବାରୁ ଶ୍ରୀଯୁକ୍ତ ଦୟାଶୀଳ ପ୍ରଜା-ବତ୍ସଳ ଗବର୍ଣ୍ଣମେଣ୍ଟ ବାହାଦୁରଙ୍କ ଆଦେଶ-ମତେ ଅତ୍ର ଅନନ୍ତପୁର ଅଉଟପୋଷ୍ଟ ସ୍ଥାୟୀ ହେବାର ମଞ୍ଜୁରୀ ଆସିବାରୁ ସନ ୧୮୮୯ ମସିହା ନଭେମ୍ବର ମାସ ତା ୧୧ ରିଖ ବୁଧବାର ଗୋଟିଏ ହେଡ଼କନଷ୍ଟେବଲ ଏବଂ ଏକଜଣ ହେଡ଼ କନଷ୍ଟେବଲ ଏସ୍ଥାନରେ ଉପସ୍ଥିତ ହୋଇ ସ୍ଥାୟୀ-ମତ କାର୍ଯ୍ୟନିର୍ବାହ କରୁଅଛନ୍ତି । ଏହା ଅତ୍ୟନ୍ତ ଆନନ୍ଦର ବିଷୟ ଅଟେ ଯଦ୍ୟପି ଏହି ଗବର୍ଣ୍ଣମେଣ୍ଟ ବାହାଦୁର ଯଦି କୌଣସି ବିଷୟରେ ଦୃଷ୍ଟି-ପାତ କରୁ ନ ଥାନ୍ତେ ତେବେ ପ୍ରଜାବର୍ଗଙ୍କର ତିଷ୍ଠିବା ବଡ଼ କଠିନ ହୁଅନ୍ତା ଏହେତୁ ଆମ୍ଭେ-ମାନେ କାୟମନୋବାକ୍ୟରେ ଧନ୍ୟବାଦ ଦେଉଅଛୁଁ ।

ଆପଣଙ୍କର ଏକାନ୍ତ ବଶମ୍ବଦ
B. P. Das.

ମହାଶୟ !

ଅତ୍ୟନ୍ତ ଆନନ୍ଦ ସହିତ ଜଣାଉଅଛୁ ଯେ ଉତ୍କଳର ପାଠକଙ୍କୁ ଯେ ରାଜା ବୈକୁଣ୍ଠନାଥ ପଣ୍ଡିତ ମହୋଦୟ ସାଧାରଣ ହିତକର କାର୍ଯ୍ୟ କରନ୍ତି ତଥା ଗବର୍ଣ୍ଣମେଣ୍ଟ ସ୍ୱୀକାର କରୁଅଛନ୍ତି । ବାସ୍ତବିକ ରାଜାମହୋଦୟ ଓଡ଼ିଶାରେ କେତେ-ଗୁଡ଼ିଏ ପ୍ରଧାନକାର୍ଯ୍ୟ କରିଅଛନ୍ତି ଏବଂ ତାଙ୍କ-ଦ୍ୱାରା ଓଡ଼ିଶାର ଅନେକ ଅଭାବ ପୂରଣ ହେବ ବୋଲି ଆମ୍ଭେମାନେ ଆଶା କରୁଅଛୁଁ । ରାଜା ମହୋଦୟ ଏକପକ୍ଷରେ ଯେମନ୍ତ ଧନୀ ଏବଂ କ୍ଷମତାଶାଳୀ, ଅପରପକ୍ଷରେ ସେହିପରି ଧାର୍ମିକ, ପରୋପକାରୀ, ଦାନଶୀଳ, ସରଳ ଏବଂ ବଦାନ୍ୟ ଅଟନ୍ତି । ଏହି ଗୁଣଗୁଡ଼ିକ ଏକତ୍ର ଅବସ୍ଥିତ କରିବା କ୍ୱଚିତ୍ ଦେଖାଯାଏ । ରାଜା ମହୋଦୟଙ୍କର ସଦ୍‌ଗୁଣମାନ ସାଧାରଣଙ୍କୁ ଅବଗତ ନିମିତ୍ତ ଉଦାହରଣସ୍ୱରୂପ ଅଦ୍ୟ ଆମ୍ଭେମାନେ କତିପୟ ଘଟନା ଉଲ୍ଲେଖ କରୁ-ଅଛୁଁ ।

କେତେକ ଦିନ ଗତ ହେଲା ଜଣେ ଦରିଦ୍ର ବଙ୍ଗୀୟ କାୟସ୍ଥର ପିତୃବିୟୋଗ ହେବାରୁ ସେ ପିତୃକର୍ମ ସମ୍ପାଦନ କରିବାର କୌଣସି ଉପାୟ ନ ଦେଖି ରାଜା ମହୋଦୟଙ୍କର ଆଶ୍ରୟଗ୍ରହଣ କଲା । ରାଜା ମହୋଦୟ ସ୍ୱୀୟ ବଦାନ୍ୟତା-ଗୁଣରେ ତାହାର ପିତୃକର୍ମ ଯାବତୀୟ ବ୍ୟୟ ପ୍ରଦାନ କଲେ । ରାଜା ମହୋଦୟ ଦୟାପ୍ରକାଶ କରି ନ ଥିଲେ ସେ ପିତୃକ୍ରିୟା ସମ୍ପାଦନରୁ ବଞ୍ଚିତ ହୋଇଥାନ୍ତା ।

ଅଳ୍ପଦିନ ପୂର୍ବେ ଆମ୍ଭେମାନେ ଦର୍ଶନୀ ଯାଇଥିଲୁଁ । ରାଜା ମହୋଦୟ ସେ ସମୟରେ ସେଠାରେ ଉପସ୍ଥିତ ଥିଲେ । ରାଜା ମହୋଦ-ୟଙ୍କର ଅବସ୍ଥା ଏବଂ ଆମ୍ଭମାନଙ୍କ ଅବସ୍ଥାମଧ୍ୟରେ ସ୍ୱର୍ଗ ମର୍ତ୍ତ୍ୟର ପ୍ରଭେଦ ଥାଉ ସେ ଆମ୍ଭମାନଙ୍କ ପ୍ରତି ଯେରୂପ ବ୍ୟବହାର କରିଥିଲେ ତହିଁରୁ ତାଙ୍କର ସୌଜନ୍ୟ ଏବଂ ପ୍ରଶସ୍ତହୃଦୟତାର ଭୂରି ଭୂରି ପ୍ରମାଣ ମିଳିଥିଲା । ଆମ୍ଭେମାନେ ଦର୍ଶନୀରେ ଉପସ୍ଥିତ ହେବା ସମୟଠାରୁ ପ୍ରତ୍ୟାଗମନ ସମୟ ପର୍ଯ୍ୟନ୍ତ ଏ ନଗରକୁ ପ୍ରତ୍ୟାଗତ ହେବା ପର୍ଯ୍ୟନ୍ତ ତାଙ୍କର ସୌଜନ୍ୟଦ୍ୱାରେ ମୁଗ୍ଧ ହୋଇଥିଲୁଁ । ଦର୍ଶନୀ କେତ୍ର ଶ୍ରୀମହାବିନାୟକଙ୍କ ନିକଟରେ ପ୍ରତ୍ୟହ ହୋମ, ଏବଂ କୋଟିସଲିତା ନିକଟରେ ପ୍ରତ୍ୟହ ଚଣ୍ଡୀପାଠ ହୁଏ । ଏହି ସବୁ ଅନୁଷ୍ଠା-ନ ଦ୍ୱାରା ରାଜା ମହୋଦୟଙ୍କର ଧର୍ମନିଷ୍ଠାର ବିଶେଷ ପରିଚୟ ପ୍ରାପ୍ତ ହୋଇଥିଲୁଁ । ଉପସ୍ଥିତ ଥିବା କେତେକ ରାଜା ମହୋଦୟ ନିଜେ ଚଣ୍ଡୀପାଠ ଓ ଅଭିଷେକ କରନ୍ତି । ଚଣ୍ଡୀପାଠରେ ତାଙ୍କ ଭକ୍ତିପୂର୍ଣ୍ଣ ଦସ୍ତୁରେ ଅତୀବ ହେଉ ନାହିଁ । କ୍ଷେତ୍ରର ସମସ୍ତ ବ୍ରାହ୍ମଣମାନେ ପର୍ଯ୍ୟାୟକ୍ରମେ ଏ କାର୍ଯ୍ୟ ସମ୍ପାଦନ କରନ୍ତି । ଏହି ସୁବନ୍ଦୋବସ୍ତଦ୍ୱାରା ଏକ ଫଳ ହୋଇଅଛି ଯେ ସ୍ୱୀୟ କାର୍ଯ୍ୟଗତ ବଦଳ କରିବା ବାହାରୁ ସମସ୍ତ ବ୍ରାହ୍ମଣ ଶିକ୍ଷିତ ହୋଇଅଛନ୍ତି । ଏରୂପକାର୍ଯ୍ୟ ଅତୀବ ପ୍ରଶଂସନୀୟ ।

କଟକ }
୧୬।୫।୮୯ }

ଜଣେ ଗୁଣଗ୍ରାହୀ

ଏହା ମୁଦ୍ରିତ ହେଉ ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖଣ୍ଡ ୨୯ ଶ | ତା ୧୧ ଇଙ୍ଗ ମାହେ ଅକ୍ଟୋବର ସନ ୧୮୯୫ ଇସିଦ୍ଧା । ମୁ । କାର୍ତ୍ତିକ ୭ ୪ ସନ ୧୨୬୨ ସାଲ ଶକାବ୍ଦ | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ସଂ ୪୦ ସଂଖ୍ୟା | | ପଶ୍ଚାଦ୍ଦେୟ ଟ ୬

## ବିଜ୍ଞାପନ ।

ଯେଉଁମାନେ ଉତ୍କଳଦୀପିକାର ଗ୍ରାହକ ହୋଇ ଏକବର୍ଷରୁ ଅଧିକ ହେବ କିଛି ମୂଲ୍ୟ ଦେଇ ନାହାନ୍ତି ଏବଂ ଅଳ୍ପ ପଠାଇବାରେ ସୁଦ୍ଧା ମନୋଯୋଗୀ ହୋଇ ନାହାନ୍ତି ସେମାନଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଅନୁଗ୍ରହ ପୂର୍ବକ ଏହି ମାସ ମଧ୍ୟରେ ମୂଲ୍ୟଟଙ୍କା ପଠାଇଦେବେ । ଯେଉଁ ଗ୍ରାହକ ଏଥି ମଧ୍ୟରେ କିଛି ନ ପଠାଇବେ ତାହାଙ୍କ ନିକଟକୁ ଆଗାମିମାସ ଆରମ୍ଭରୁ ଉତ୍କଳଦୀପିକା ପ୍ରେରିତ ହେବ ନାହିଁ ଏବଂ ପାଉଣା ଆଦାୟର ଅନ୍ୟ ବନ୍ଦୋବସ୍ତ ହେବ । ଇତି ।

୨୧।୯।୮୫ ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ ।

---

ବାର୍ଷିକ ଦୁର୍ଗୋତ୍ସବ ପର୍ବ ଶେଷ ହେଲା । ଜଗନ୍ମାତା ଜଗନ୍ମୋହିନୀ ଶ୍ରୀଦୁର୍ଗା ସନ୍ତାନସନ୍ତତିଙ୍କୁ ଶ୍ରୀଚରଣ ଦର୍ଶନ କରାଇ ବର୍ଷକନିମନ୍ତେ ଅନ୍ତର୍ଦ୍ଧାନ ହେଲେ । ଧନୀ ନିର୍ଦ୍ଧନୀ, ବାଳ ବୃଦ୍ଧ ସମସ୍ତ ନର ନାରୀ କିଛିମାତାଙ୍କ ଜଳଯାଣରୁ ଗୃହଗମନ ସୁଖସାଗରରେ ଭାସମାନ ହୋଇ ପୂଜନୀୟ ଯେ ଯାହା କାର୍ଯ୍ୟରେ ନିଯୁକ୍ତ ହେଲେଣି ବା ହେଉଅଛନ୍ତି ଓ ଅମ୍ଭେମାନେ ମଧ୍ୟ ସ୍ୱକାର୍ଯ୍ୟରେ ଉପସ୍ଥିତ ହୋଇ ଗ୍ରାହକ ଅନୁଗ୍ରାହକ ଓ ପାଠକମାନଙ୍କୁ ପ୍ରୀତିପ୍ରଫୁଲ୍ଲମନରେ ସାଦରେ ଯଥାବହିତ ଅଭିବାଦନ କରୁଅଛୁଁ । ଭରସା କରୁଁ ଅମ୍ଭମାନଙ୍କର ସମସ୍ତ ତ୍ରୁଟି ଓ ଅପରାଧ କ୍ଷମା କରି ଉତ୍କଳଦୀପିକାପ୍ରତି ପୂର୍ବାନୁରାଗ ଓ ପ୍ରୀତି ଅକ୍ଷୁଣ୍ଣ ରଖିବେ ।

---

୧୮୯୦ ସାଲର ପ୍ରବେଶିକା ପରୀକ୍ଷା ଓ ୧୮୯୦ ଓ ୧୮୯୨ ସାଲର ଏଲ୍ ଏ ପରୀକ୍ଷା ଓ ୧୮୯୨ ସାଲର ବି ଏ ଓ ଏମ ଏ, ପରୀକ୍ଷାମାନଙ୍କ ନିମନ୍ତେ ନିର୍ଦ୍ଧାରିତ ପୁସ୍ତକର ତାଲିକାମାନ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି ।

---

କଟକ ଓ ପୁରୀରେ ଏପର୍ଯ୍ୟନ୍ତ ଉତ୍ତମବୃଷ୍ଟି ହୋଇ ଆସିବାରୁ ଫସଲପ୍ରତି ଆଉ କୌଣସି ଶଙ୍କା ନାହିଁ ଏବଂ ଏଣିକି ଅଳ୍ପ ବୃଷ୍ଟି ନ ହେଲେ ସୁଦ୍ଧା ପ୍ରଚୁର ଶସ୍ୟଲାଭ ହେବ । କେବଳ ବାଲେଶ୍ୱରର ଅବସ୍ଥା ମନ୍ଦ ଅଟଇ । ଗତମାସ ତା ୭ ରଖର ରିପୋର୍ଟରୁ ପ୍ରକାଶ ଯେ ବାଲେଶ୍ୱରର ସଦର ସବଡିଭିଜନର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଏବଂ ଭଦ୍ରକରେ ସୁଦ୍ଧା ଅଧିକ ବୃଷ୍ଟିର ପ୍ରୟୋଜନ ଥିଲା ।

---

ବୋମ୍ବାଇ ହାଇକୋର୍ଟର ଜଜ ନାନାଭାଇ ହରିଦାସଙ୍କ ମୃତ୍ୟୁବିଷୟ ଯଥାସମୟରେ ପାଠକମାନଙ୍କୁ ଜଣାଇଅଛୁଁ । ଜଣେ ଦେଶୀୟଜଜଙ୍କ ମୃତ୍ୟୁରେ ଭାରତବାସୀ ଅତ୍ୟନ୍ତ ଦୁଃଖିତ ଥିଲେ ଓ ତାଙ୍କ ସ୍ଥାନରେ ଅନ୍ୟଜଣେ ଭାରତବାସିର ନିଯୁକ୍ତିକୁ ଉତ୍କଣ୍ଠା ସହକାରେ ଅପେକ୍ଷା କରୁଥିଲେ । ସେଠାର ଗବର୍ଣ୍ଣରଲର୍ଡ ହେରିସ ଜଣେ ଦେଶୀୟଙ୍କୁ ଉକ୍ତ ସ୍ଥାନରେ ନିଯୁକ୍ତ କରି ଅମ୍ଭମାନଙ୍କ ଉତ୍କଣ୍ଠା ଦୂର କରିଅଛନ୍ତି । ମାନ୍ୟବର କାଶୀନାଥ ତ୍ର୍ୟମ୍ବକ ତେଲଙ୍ଗ ଉକ୍ତକାର୍ଯ୍ୟ ଲଭିଅଛନ୍ତି ।

---

ଏଠା ଏକ୍‌ଟିଂ କଲେକ୍ଟର ଶ୍ରୀ ଯୁକ୍ତ ମାଷ୍ଟର୍ସ ସାହେବ ଅମ୍ଭମାନଙ୍କର ବାଲେଶ୍ୱରକଲେକ୍ଟର ଟ୍ୟୁଟ ସାହେବଙ୍କ ଛୁଟୀ ଶେଷ ହେବାରୁ ତାଙ୍କ କଲିକତା ମୁକାମରେ ଚାର୍ଜ ବୁଝିଦେବାନିମନ୍ତେ କଟକମୁକାମରୁ ବିଦାୟ ଗ୍ରହଣକରି ଗତ ପୂର୍ବବୁଧବାର ଷ୍ଟିମାର ଯୋଗେ ଯାତ୍ରା କରିଥିଲେ । କିନ୍ତୁ ଅଲଗ୍ରାମମୁକାମରେ ଫେରିଆସିବାର ତାରଯୋଗେ ସମ୍ବାଦ ପାଇଲେ । ଶ୍ରୀ ଯୁକ୍ତ ଟ୍ୟୁଟ ସାହେବ ଗୟାରେ ଅବସ୍ଥାପିତ ହୋଇଛନ୍ତି ଓ ଶ୍ରୀ ଯୁକ୍ତ ମାଷ୍ଟର୍ସ ସାହେବ କିଛିକାଳ ନିମନ୍ତେ ଏଠାରେ କଲେକ୍ଟର ହୋଇ ରହିଲେ ।

---

ଷ୍ଟେଟ୍‌ସମାଜକୁ ଜଣେ କଟକର ସମ୍ବାଦଦାତା ଲେଖିଅଛନ୍ତି ଯେ ଅନୁଗୁଳରେ ବର୍ତ୍ତମାନ ଜଳର ଅଭାବ ହେତୁ ମହାକୋଳାହଳ ପଡ଼ିଅଛି । ଗତମାସ ତା ୨୨ ରଖରୁ ବୃଷ୍ଟିର ଅଭାବ ଅନୁଭୂତ ହୋଇଅଛି ଓ ଲୋକମାନଙ୍କ ବିଷୟ ସନ୍ଦେହ

Digitized by srujanika@gmail.com

Split by PDF Splitter



ହୋଇଥିଲେ ବୃଷ୍ଟି ଅଭାବ ହେତୁ ଫସଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହେବ ଓ ଗତ ଭୂତବର୍ଷର ଦୁର୍ଭିକ୍ଷକଷ୍ଟ ଏଥର ଭୟଙ୍କର ଆକାର ଧାରଣ କରନ୍ତା । ଯାହା ହେଉ ଏଥିମଧ୍ୟରେ ଆମ୍ଭେମାନେ ସମ୍ବାଦ ପାଉଅଛୁଁ ଯେ ଅନୁଗୁଳରେ ବର୍ଷା ଉତ୍ତମରୂପେ ହୋଇଅଛି ଓ ମୃତ୍ତିକା କ୍ରମାଗତ ଶସ୍ୟ ହେଉଅଛି ।

---

ଢାକାର ମୁସଲମାନ ବାଳକ ଏବଂ ବାଳକାଙ୍କ ଶିକ୍ଷା ନିମିତ୍ତ ନାଜ ସମ୍ବଦରେଜା ହୋସେନଙ୍କର ସ୍ତ୍ରୀ ମୁସମାତ କାସିମନ ଦୁଇଖଣ୍ଡ ଜମିଦାରୀ ଓ କଫଦସ୍ତାବଜଦ୍ୱାରା ଦାନ କରିଅଛନ୍ତି । ଏକଖଣ୍ଡ ଜମିଦାରୀର ବାର୍ଷିକ ନେଟ ଆୟ ଟ ୯୦୦ ଙ୍କା ଏ ଟଙ୍କା ଢାକାର ମୁସଲମାନ ଛାତ୍ରଙ୍କ ବୃତ୍ତି ନିମିତ୍ତ ଖଞ୍ଜା ହୋଇଅଛି ଏବଂ ଅନ୍ୟ ଜମିଦାରୀର ବାର୍ଷିକ ଆୟ ଟ ୨୫୦ ଙ୍କା ଢାକାର ମୁସଲମାନ ବାଳକାଙ୍କ ଶିକ୍ଷା ନିମିତ୍ତ ଦିଆଯାଇଅଛି । ସରକାରଙ୍କ ତତ୍ତ୍ୱାବଧାନ ଅଧୀନରେ ମାରଫତଦାରମାନେ ଉକ୍ତ ବିଷୟରେ ଜମିଦାରୀର ଆୟବ୍ୟୟ କରିବେ ।

---

କଟକ ଡାକଘରୁ ବିଜ୍ଞାପନ ବାହାରିଅଛି ଯେ ଚଳିତ ଅକ୍ଟୋବରମାସ ତା ୧୫ ରିଖଠାରୁ ଅତ୍ର ସଦର ଡାକଘରର କାର୍ଯ୍ୟ ସକାଳ ଘ ୭ ଟାଠାରୁ ଅପରାହ୍ନ ୬ ଘଣ୍ଟା ପର୍ଯ୍ୟନ୍ତ ନିର୍ବାହ ହେବ । ପୁରୀ ଓ କଲିକତା ଡାକ ସନ୍ଧ୍ୟା ୬ ଘଣ୍ଟା ଓ ରବିବାର ଦିନ ୫ ଘଣ୍ଟା ସମୟରେ ବନ୍ଦ ହେବ । ମନିଅର୍ଡର ଓ ସେଭିଂସବେଙ୍କ କାର୍ଯ୍ୟ ସକାଳ ୧୦ ଘଣ୍ଟାଠାରୁ ଅପରାହ୍ନ ୪ ଘଣ୍ଟା ପର୍ଯ୍ୟନ୍ତ ହେବ । ସହରଭିତର ଡାକ ଏକଘଣ୍ଟା ପୂର୍ବରୁ ବନ୍ଦ ହୋଇ ସଦର ଡାକଘରକୁ ଆସି ପୁରୀ ଓ କଲିକତା ଡାକ ସଙ୍ଗେ ମିଶିବ ।

---

ଛାନ୍ଦ୍ରସ୍ପାଇଲର ଦୌଲତବନ୍ଧୁର ଛବଲପୁର ମୁକାମରେ ସେସହୋଲ ଡାକାଇତ ଓ ଜଣେ ସ୍ତ୍ରୀର ନାକ କାଟିବା ଅପରାଧମାନ ସାବ୍ୟସ୍ତ ହେବାରୁ ଚଳିତମାସ ତା ୭ ରିଖରେ ତାହାପ୍ରତି ଯାବଜ୍ଜୀବନ କାଳାପାଣି ଦଣ୍ଡ ଆଦେଶ ହୋଇଅଛି ତାହାଉଜ୍ ହତ୍ୟା କରିଥିବାର ଅପରାଧ ପ୍ରମାଣ ନ ହେବାରୁ ପ୍ରାଣଦଣ୍ଡ ହେଲା ନାହିଁ । ଭାଗ୍ୟ ଯେମନ୍ତ ଉତ୍ତର ସାହସୀ ଓ ଦୁଷ୍ଟ ଦସ୍ୟୁ ସେମନ୍ତ ତାହାର ବଳ ମନୁଷ୍ୟଣୀୟା ଅଛି ଏବଂ ଏଣିକି ଅକ୍ଷମ ହୋଇ ଅପେକ୍ଷିତ ଦେବାରୁ ଇଚ୍ଛା କରିଥିବାରୁ ତାହାଙ୍କୁ ଯାବଜ୍ଜୀବନ କାଳାପାଣି ବାସ ନ କରି କଣ୍ଟ୍ରାକ୍ଟ କଏଦ କରିଥିଲେ ଭଲ ହୋଇଥାନ୍ତା । ବରଷା ହୁଅନ୍ତି ସେ ଜେଲଖାନାରେ ସଚ୍ଚରିତ୍ରତା ଦେଖାଇ କେତେକବର୍ଷ ପରେ କ୍ଷମା ପାଇପାରନ୍ତା ।

---

ଉତ୍ତର ପଶ୍ଚିମର ଶିକ୍ଷାବିଭାଗର ଡାଇରେକ୍ଟର ସାହେବ ଏହି ମର୍ମରେ ଏକ ସରକ୍ୟୁଲର ଜାରି କରିଅଛନ୍ତି କି ସ୍କୁଲର ଛାତ୍ରମାନେ ନିର୍ଦ୍ଧାରିତ ପାଠ୍ୟପୁସ୍ତକମାନ ପଢିବେ ଏବଂ କୌଣସି ଟୀକା ବା ସଂକ୍ଷେପ ପାଠ ବ୍ୟବହାର କରି ପାରିବେ ନାହିଁ । ଟୀକା ଇତ୍ୟାଦିର ବ୍ୟବହାର ହେଡମାଷ୍ଟରମାନେ ନିଷେଧ କରିବେ ଏବଂ କୌଣସି ପିଲାଠାରେ ଉକ୍ତପ୍ରକାର ପୁସ୍ତକ ଦେଖିଲେ ଛଡ଼ାଇ ନେବେ । ସରକାରୀସ୍କୁଲର ପ୍ରଧାନ ଶିକ୍ଷକ ବା ତାହାଙ୍କ ଅଧୀନସ୍ଥ ଶିକ୍ଷକମାନେ ଟୀକା ଇତ୍ୟାଦି ସଂକ୍ଷିପ୍ତ ପୁସ୍ତକ ପ୍ରକାଶ କରି ପାରିବେ ନାହିଁ । ବାସ୍ତବରେ ଟୀକା ଇତ୍ୟାଦି ପୁସ୍ତକ ପଢି ପିଲା କୌଣସି ପ୍ରକାରେ ପାଶ କରିବାକୁ ସମର୍ଥ ହୁଅନ୍ତି ମାତ୍ର ପଢା ଭଲ ହୁଏ ନାହିଁ । ଏପରି ନିୟମ ସବୁ ସ୍କୁଲରେ ପ୍ରଚଳିତ ହେବା ଉଚିତ ।

---

ପବ୍ଲିକ୍ ସର୍ଭିସ୍ କମିଶନଙ୍କ ରିପୋର୍ଟ ଉପରେ ବିଲାତସ୍ଥ ଷ୍ଟେଟ୍ ସେକ୍ରେଟେରୀଙ୍କ ହୁକୁମ ଭାରତରେ ପହୁଞ୍ଚିଅଛି । କମିଶନ ନିୟୋଗ ପ୍ରାପ୍ତି ତିନିବର୍ଷ ଅତୀତ ହେଲା । ସରକାରୀ କାର୍ଯ୍ୟରେ ନିୟୋଗ ସମ୍ବନ୍ଧରେ ଦେଶୀୟ ଲୋକମାନଙ୍କ ନିମନ୍ତେ କୌଣସି ନିୟମ କରିବାର ଆବଶ୍ୟକ ନାହିଁ । ପୂର୍ବ ନିୟମମାନ ଯଥେଷ୍ଟ ଅଛି । ସେକ୍ରେଟେରୀ ଏହିପରି କହିଅଛନ୍ତି କେବଳ ଇଣ୍ଡିୟାନ ସିଭିଲ୍ ସର୍ଭିସ୍ ପ୍ରାର୍ଥୀଙ୍କ ବୟସ ସମ୍ବନ୍ଧରେ ଅନୁକୂଳମତ ପ୍ରକାଶ କରିଅଛନ୍ତି । ପ୍ରସ୍ତାବ ହୋଇଅଛି ଯେ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ସିଭିଲିୟାନ୍‌ମାନେ ଭାରତବର୍ଷକୁ ଆଗମନ କରିପାରିବେ ଯେବେ ଏହି ପ୍ରସ୍ତାବଟି କାର୍ଯ୍ୟରେ ପରିଣତ ହେବ ତାହା ହେଲେ ଆମ୍ଭେମାନେ ଆପଣାକୁ ଭାଗ୍ୟବାନ୍ ଜ୍ଞାନ କରିବୁଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବାଙ୍କୀମହଲ ଅନ୍ତର୍ଗତ ମଣ୍ଡସାର ମହାରାଜା ଚଳିତମାସ ତା ୫ ରିଖ ରାତ୍ରରେ ଏସଂସାରରୁ ବିଦାୟ ହୋଇ ଗଲେ । ଏ ମହାରାଜା ଜଣେ ବିଦ୍ୱାନ୍ ବିଚକ୍ଷଣ ସୁସଭ୍ୟ ଓ ସଦାଳାପୀ ଲୋକ ଥିଲେ ଏବଂ ସାଧାରଣ ହିତ... ଓ ପ୍ରଜାବତ୍ସଳତା ହେତୁ ସରକାରରୁ ପୁରସ୍କାରସ୍ୱରୂପ ସି, ଆଇ, ଇ, ଉପାଧି ପାଇଥିଲେ । ରାଜାଙ୍କର ବୟସ ପ୍ରାୟ ୬୦ ବର୍ଷ ହୋଇଥିଲେହେଁ ତାହାଙ୍କର ସ୍ୱାସ୍ଥ୍ୟ ଭଲ ଥିଲା କାରଣ ସେ ନବେମ୍ବର ତା ୧୫ ର ପୂର୍ବେ ଆପଣା ପୁତ୍ରେହିତଙ୍କ ଏକଣସ୍ୱରୂପ ଏ ନଗରବାସି ଭଦ୍ରଲୋକଙ୍କ ନିକଟକୁ କୁଶଳ ସମ୍ଭାଷଣ ଏବଂ ପ୍ରୀତିଗ୍ରହଣ ସ୍ଥାପନ ନିମିତ୍ତ ପଠାଇଥିଲେ । ଏଜଣ୍ଟ ଏଠାରେ ସମ୍ବାଦ ମାତ୍ର ରହି ଫେରିବା ସେଠାରେ ପହଞ୍ଚିଥିବା ପୂର୍ବେ ଏ ଦୁର୍ଘଟଣା ହେବାରୁ ସାଧାରଣ ଦୁଃଖ ସଙ୍ଗେ ସଙ୍ଗେ ଏନଗରବାସି ତାହାଙ୍କର ବନ୍ଧୁମାନଙ୍କର ବିଶେଷ ଦୁଃଖ ହୋଇଅଛି ଏକଥା ବୋଲିବା ବାହୁଲ୍ୟ । ପରମେଶ୍ୱର ଏହାଙ୍କ ଆତ୍ମାର ଶାନ୍ତିବିଧାନ କରନ୍ତୁ ଏବଂ ଏହାଙ୍କ ପରିବାରବର୍ଗଙ୍କୁ ଏ ଦାରୁଣକଷ୍ଟ ସହିବାକୁ ଧୈର୍ଯ୍ୟ ଓ ବଳ ପ୍ରଦାନ କରନ୍ତୁ ।

---

ଗତମାସ ତା ୨୨ ରିଖ ରବିବାର "ହିନ୍ଦୁ-ବାଲ୍ୟାଶ୍ରମ"ର ଯେଉଁ ଅଧିବେଶନ ହୋଇଥିଲା ତହିଁରେ ରାଜା ଶ୍ରୀ ବୈଦ୍ୟନାଥ ପଣ୍ଡିତ ମହୋଦୟ ଉପସ୍ଥିତ ହୋଇଥିଲେ । ଯେଉଁମାନେ ଏ ପ୍ରଦେଶର ଅଧିବାସୀ ଏବଂ ଯେଉଁମାନେ କର୍ମୋପଲକ୍ଷେ ବର୍ତ୍ତମାନ ଏ ପ୍ରଦେଶରେ ବାସ କରୁଅଛନ୍ତି ସେମାନେ ସମସ୍ତେ ଏକତ୍ରିତ ହୋଇ ଏ ପ୍ରଦେଶର ବାଳକମାନଙ୍କର ଧର୍ମୋନ୍ନତି ବିଷୟରେ କିରୂପ ଯତ୍ନବାନ୍ ହେବା ଉଚିତ, ଏ ବିଷୟରେ ରାଜା ମହୋଦୟ ଅନେକ ଗୁଡିଏ ସୁନ୍ଦର ଓ ସାରଗର୍ଭ ଉପଦେଶ ପ୍ରଦାନ କରିଥିଲେ । ବାଲ୍ୟାଶ୍ରମ ଦ୍ୱାରା ହିନ୍ଦୁସମାଜର ଅଶେଷ ଉପକାର ସାଧିତ ହେବାର ଆଶା ଥିଲେହେଁ ଏଥିର ଆଧୁନିକ ଦୁରବସ୍ଥା ଦେଖି ଏହା ଦୀର୍ଘକାଳ ସ୍ଥାୟୀ ହେବ ବୋଲି କେହି ଭରସା କରି ପାରୁ ନାହାନ୍ତି । ଅତଏବ ସୁଖର ବିଷୟ ଯେ ରାଜା ମହୋଦୟ ବାଲ୍ୟାଶ୍ରମର ନିୟମର ଭାର ସ୍ୱହସ୍ତରେ ଗ୍ରହଣ କରିବା ନିମିତ୍ତ ପ୍ରସ୍ତୁତ ହୋଇଅଛନ୍ତି । ରାଜା ମହୋଦୟ ଏହି ଶୁଭକାର୍ଯ୍ୟରେ ହସ୍ତକ୍ଷେପ କଲେ ଏହାର ସହାନୁଭୂତିର ସଂଖ୍ୟା ଯେମନ୍ତ ବୃଦ୍ଧି ପାଇବ, ସେହିପରି

Digitized by srujanika@gmail.com

... ଉତ୍କଳର ମଙ୍ଗଳରେ ତାଙ୍କର ନାମ ଚିରସ୍ମରଣୀୟ ହେବ ।

---

କେନ୍ଦୁଝରରୁ ଆସିଥିବା ଏକ ପ୍ରେରିତପତ୍ରରେ ସେଠାର ନାୟେବ ବାବୁ ବ୍ରଜବନ୍ଧୁ ଦାସଙ୍କ ନାନା ପ୍ରଶଂସନୀୟ କାର୍ଯ୍ୟର ବିବରଣ ଲେଖାଅଛି । ତହିଁର ସଂକ୍ଷେପ ମର୍ମ ଏହି କି ବ୍ରଜବନ୍ଧୁ ବାବୁ ସାମାନ୍ୟ ଅବସ୍ଥାର ଲୋକ ଥାଇଁ ସୁଦ୍ଧା ବିଦ୍ୟାଶିକ୍ଷା ଏବଂ ପୀଡ଼ାର ଚିକିତ୍ସା ବିଷୟରେ ସାଧ୍ୟାନୁସାରେ ବିଶେଷ ଯତ୍ନବାନ୍ । ଅଭିଭାବକଙ୍କୁ ବୁଝାଇ ସୁଝାଇ ଓ ସ୍ଲେଟ ପୁସ୍ତକାଦି ସାହାଯ୍ୟ ଦେଇ ଅନେକପିଲାଙ୍କୁ ଏକତ୍ରିତ କରି ସ୍କୁଲ ସ୍ଥାପନ କରିଥିଲେ ଓ ତାହା ଉଠିଯିବାରୁ ପୁଣି ଗୋଟିଏ ନୂତନ ସ୍କୁଲ କରିଅଛନ୍ତି । ଓଲଉଠା ସମୟରେ ଘରେ ଘରେ ବୁଲି ପୀଡ଼ିତମାନଙ୍କୁ ଡାକ୍ତରୀଔଷଧ ଦେଇ ଭଲ କରିବାରେ ବିଶେଷ ପରିଶ୍ରମ ଓ ଯତ୍ନ କରନ୍ତି ଏବଂ ଆପେ କେତେକ ପ୍ରକାର ଔଷଧ ପ୍ରସ୍ତୁତ କରି ଗରିବମାନଙ୍କୁ ବିତରଣ କରନ୍ତି । ପତ୍ରପ୍ରେରକ ଲେଖିଅଛନ୍ତି କି ଏ ରାଜ୍ୟର ପୂର୍ବ ଓ ବର୍ତ୍ତମାନ ମେନେଜରମାନେ ଏବଂ ଅଫିସିଏଟିଙ୍ଗ ପଲିଟିକାଲ ଏଜେଣ୍ଟ ଏହାଙ୍କୁ ପ୍ରଶଂସାପତ୍ରମାନ ଦେଇଅଛନ୍ତି ମାତ୍ର ଗଡ଼ଜାତୀୟଙ୍କ ଉତ୍ସାହବର୍ଦ୍ଧନାର୍ଥ ଶୁଦ୍ଧା ପ୍ରଶଂସାପତ୍ର ଯଥେଷ୍ଟ ନୁହଇ । ଅତଏବ ଏହାଙ୍କୁ ଆର୍ଥିକ ପୁରସ୍କାର ଦେବା ବିଷୟ ବିବେଚନା କରିବାକାରଣ ପତ୍ରପ୍ରେରକ କର୍ତ୍ତୃପକ୍ଷୀୟମାନଙ୍କୁ ଅନୁରୋଧ କରିଅଛନ୍ତି ।

---

କାଶ୍ମୀର ମହାରାଜାଙ୍କ ପଦଚ୍ୟୁତିର ଯଥାର୍ଥ କାରଣ ବିଷୟରେ ଆମ୍ଭମାନଙ୍କର ସହଯୋଗୀ ଅମୃତବଜାରପତ୍ରିକା ଆଶ୍ଚର୍ଯ୍ୟ ବୃତ୍ତାନ୍ତ ପ୍ରକାଶ କରିଅଛନ୍ତି । ଏଥିରୁ ପ୍ରକାଶ ଯେ ମିଃ ପ୍ଲାଉଡେନ କାଶ୍ମୀରରେ ରେସିଡେଣ୍ଟ ଥିବା ସମୟରେ ଗିଲଗିଟକୁ ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ କରିଥିଲେ ଓ ଏହି ପ୍ରକାରରେ ସନ୍ନିକଟସ୍ଥ କ୍ଷୁଦ୍ରରାଜ୍ୟର କ୍ଷମତା ଅବରୋଧ କରିବାର ଚେଷ୍ଟା ପାଇଥିଲେ ଉପରୋକ୍ତ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବା ନିମନ୍ତେ କାଶ୍ମୀରସୀମାର ସୁରକ୍ଷା କରିବା ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ । ଭାରତ ଗବର୍ଣ୍ମେଣ୍ଟଙ୍କ ନିକଟରେ ଉକ୍ତ ପ୍ରସ୍ତାବ ଆସିବା ହେଲାରୁ ଓ ଫରେନ ବୈଦେଶୀୟ ସେକ୍ରେଟରୀ ସର, ମର୍ଟିମର ଡୁରାଣ୍ଡଙ୍କ ନିକଟରେ ଉପସ୍ଥିତ ହେଲାରୁ ସେକ୍ରେଟରୀ ମହୋଦୟ ଗିଲଗିଟକୁ ଅନ୍ତର୍ଭୁକ୍ତ କରିବା କଥାକୁ ପରୋକ୍ଷରେ ପସନ୍ଦ କରି ମିଃ ପ୍ଲାଉଡେନଙ୍କ ପ୍ରସ୍ତାବିତ ଉପାୟକୁ ନାପସନ୍ଦ କଲେ । କିନ୍ତୁ ତାଙ୍କର ଅଭିପ୍ରାୟ ପରାମର୍ଶ ଲର୍ଡ଼ ଡଫରିନଙ୍କ ମନୋନୀତ ହୋଇଥିଲା । ଫଳତଃ ସୀମା ଦୃଢ଼ କରିବା ପ୍ରୟୋଜନରେ କୌଶଳକ୍ରମେ କାଶ୍ମୀର ଗ୍ରହଣ କରିବାକୁ ଇଂରାଜ ବସିଅଛନ୍ତି ଏହି କଥା ସାଧାରଣ ବିଶ୍ୱାସ ।

---

ଏଠା ପୁଲିସକଚେରୀର ହେଡ଼କ୍ଲର୍କ ବାବୁ କାନ୍ତିଚନ୍ଦ୍ର ରାୟ ବଦଳର ହୁକୁମ ପାଇ ସୂର୍ଯ୍ୟ ବୁଝାଇଦେବା ଉତ୍ତାରୁ ତାହାଙ୍କନାମରେ ଉତ୍କୋଚ ନେବାର ଗୁଜବ ହେବାରୁ ପୁଲିସସାହେବ ସନ୍ଦେହକରି ମୋକଦ୍ଦମାର ତଦନ୍ତପୂର୍ବକ ଫୌଜଦାରୀ ସୁପର୍ଦ୍ଦ କରିଅଛନ୍ତି ଓ ତାହାଙ୍କସହିତ ସବଇନ୍‌ସ୍ପେକ୍ଟର ନବକୁମାର ଦାସ ମଧ୍ୟ ସନ୍ଦେହ ହୋଇ ଫୌଜଦାରୀ ସୁପର୍ଦ୍ଦ ହୋଇଅଛନ୍ତି । ଆପାତତଃ ଦୁଇନମ୍ବର ମୋକଦ୍ଦମା ସ୍ୱୟଂ ମାଜିଷ୍ଟ୍ରେଟଙ୍କ ଫାଇଲରେ ଦାଏର ଅଛି ଏବଂ ଆସାମିମାନଙ୍କଠାରୁ ପାଞ୍ଚଶହଟଙ୍କା ଲେଖାଏଁ ଜାମିନ ନିଆଯାଇ ଅଛି । ଏକ ମୋକଦ୍ଦମାରେ ଜଣେ ଡେପୁଟିକଲେକ୍ଟରଙ୍କଠାରୁ ଗଡ଼ଜାତ ବଦଳରୁ ଅବ୍ୟାହତି ଦେବା କାରଣ ଦୁଇମୋହର ନେବାର ଏବଂ ଅପରମୋକଦ୍ଦମାରେ ଜଣେ କନେଷ୍ଟବଲଠାରୁ ପଦୋନ୍ନତି ଦେବାସକାଶ ପନ୍ଦରଟଙ୍କା ନେବାର କଥିତ ହୁଏଇ । ଗତ ବୁଧବାର ମୋକଦ୍ଦମାମାନ ଦରପେସ ହୋଇଥିଲା ମାତ୍ର ଆସାମିମାନେ ଅନ୍ୟମାଜିଷ୍ଟ୍ରେଟଙ୍କ ଫାଇଲକୁ ମୋକଦ୍ଦମା ପଠାଇବାର ପ୍ରାର୍ଥନା କରିବା ଓ ତାହା ଅଗ୍ରାହ୍ୟ ହେବାରୁ ତହିଁ ବିରୁଦ୍ଧରେ ହାଇକୋର୍ଟରେ ମୋସନ କରିବାର କହିବାରୁ ତଦନ୍ତସ୍ଥାୟେ ବିଚାର ସ୍ଥଗିତ ରହି ଆଗାମୀ ମାସ ତା ୬ ରିଖ ଧାର୍ଯ୍ୟ ହୋଇଅଛି ।

---

ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ଭାରତବର୍ଷ ହେବ ସ୍ଥାପିତ ହୋଇଥିବା ସନାତନଧର୍ମରକ୍ଷିଣୀ ସଭାର ଧନଞ୍ଜୟ ଅନୁଷ୍ଠିତ ହେଉଥିବାର ଦେଖି ଫେରନ୍ତେ ସମ୍ପାଦକଙ୍କ ଅନୁମତିରେ ଗତମାସ ତା ୨୨ରିଖ ରବିବାର ଦିନ ଏକ ଅଧିବେଶନ ହୋଇଥିଲା ତହିଁରେ ସକଳ ମହନ୍ତ ବ୍ରାହ୍ମଣ ବୈଷ୍ଣବ ପଣ୍ଡିତ ପ୍ରଭୃତି ପ୍ରାୟ ୫୦୦ ଲୋକ ଉପସ୍ଥିତ ହୋଇଥିଲେ ପୁନଶ୍ଚ ମାଜିଷ୍ଟ୍ରେଟ ଡେପୁଟୀମାଜିଷ୍ଟ୍ରେଟ ମୁନସଫ ଓକିଲ ମୋକ୍ତାର ଆମଲା ଓ ନବ୍ୟଶିକ୍ଷିତଙ୍କର ଅଭାବ ନ ଥିଲା । ସଭାର ଉଦ୍ଦେଶ୍ୟ ପ୍ରାୟ ପୂର୍ବପର ରହିଲା । କେବଳ ସମ୍ପାଦକ ସହକାରୀ ସମ୍ପାଦକ ପଦରେ ଭିନ୍ନ ଭିନ୍ନ ବ୍ୟକ୍ତି ଅର୍ଥାତ ସମ୍ପାଦକ ପଦରେ ମେନେଜର ବାବୁ ହରେକୃଷ୍ଣଦାସ ଓ ଏମାରମଠ ମହନ୍ତ ଶ୍ରୀ ରଘୁନନ୍ଦନ ରାମାନୁଜଦାସ ଏବଂ ସହକାରୀ ପଦରେ ଦେଓ୍ୱାନ ଆନନ୍ଦଚନ୍ଦ୍ର ମୁସୀ ଓ ଗଙ୍ଗାମାତା ମଠର ମହନ୍ତ ମନୋନୀତ ହେଲେ । ମାଜିଷ୍ଟ୍ରେଟ ମହୋଦୟଙ୍କ ପିତା ଓ ଖେଡ଼ୁବାବୁ ସଭ୍ୟ ପଦରେ ନିଯୁକ୍ତ ହେଲେ ତଦନନ୍ତର ଧନ୍ୟବାଦ କୀର୍ତ୍ତନ ହୋଇ ସଭାର କାର୍ଯ୍ୟ ଶେଷ ହେଲା । ଉପରୋକ୍ତ ବ୍ୟକ୍ତିମାନଙ୍କ ନିଯୋଗ ସମ୍ବନ୍ଧରେ ପୂର୍ବତନ ସମ୍ପାଦକ ବାବୁ ଶିବଚନ୍ଦ୍ର ମହାନ୍ତି ବିଶେଷ ବାଧା ଦେଖାଇଥିଲେ କିନ୍ତୁ ତାହାସବୁ ସଭାରେ ଅନୁମୋଦିତ ହେଲା ନାହିଁ । ଫଳତଃ ଉକ୍ତ ପଦ ଦ୍ୱୟ ଉପଯୁକ୍ତ ବ୍ୟକ୍ତିମାନେ ଲାଭ କରିଅଛନ୍ତି ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ କିନ୍ତୁ ଭୟ ଏତିକି ଯେ ବାବୁମାନେ ବଡ଼ଲୋକ ଏବଂ ସବୁବେଳେ ନାନାକାର୍ଯ୍ୟରେ ବ୍ୟସ୍ତ ଯେତେବେଳେ ଏତେ ଶୈଥିଲ୍ୟ ପ୍ରକାଶ କରନ୍ତି ତେବେ ସଭାର ଅସ୍ତିତ୍ୱ ଲୋପ, ଯାହା ହେଉ ପୂର୍ବତନ ସଂପାଦକ ବାବୁ ଶିବଚନ୍ଦ୍ର ଏ ସଭା ପ୍ରତି କାୟମନୋବାକ୍ୟରେ ଶ୍ରମ କରି ଗତବର୍ଷ ସଭାର କର୍ତ୍ତବ୍ୟକର୍ମ ସଂପାଦନ କରିଥିବା ସ୍ଥଳେ ଏହାଙ୍କୁ ସହକାରୀ ସଂପାଦକ ପଦରେ ରଖାଯାଇଥିଲେ ଅତି ଭଲ ହୋଇଥାନ୍ତା । ଇତି

---

## କଟକର ଦୁର୍ଗୋତ୍ସବ

ଦୁର୍ଗାପୂଜା ନିର୍ବିଘ୍ନରେ ଶେଷ ହୋଇଅଛି । ଦଶହରା ସମୟରେ ବୃଷ୍ଟି ହୋଇ ନ ଥିବାରୁ ଆମୋଦ ପ୍ରମୋଦର କୌଣସି ବ୍ୟାଘାତ ଘଟି ନାହିଁ । କିନ୍ତୁ ବୃଷ୍ଟିର ମଧ୍ୟ ଅଭାବ ନ ଥିଲା । ଅନ୍ୟାନ୍ୟ ଦିବସରେ ବୃଷ୍ଟି ମୋଫସଲ ଓ ସହରରେ ଅଭାନୁରୂପ ହୋଇଅଛି । ଦୁର୍ଭିକ୍ଷ କଷ୍ଟରୁ ଲୋକେ ଅବ୍ୟାହତି ପାଇବେ ଆଶା ହେଉଅଛି ଆନନ୍ଦମୟୀ ଏ କଷ୍ଟ ଦୂର ନ କଲେ ଆଉ କିଏ କରିବ ? ଏବର୍ଷ ଦୁର୍ଗାଙ୍କ ମେଢ ଛଗୋଟି ଓ ବାଟେ ଚାଳିଶିକି ପ୍ରତିମା ୧୩୨୪ ମେଢ ହୋଇଥିଲା । ପ୍ରତିମା ଓ ସାଜ ପୂର୍ବବର୍ଷ ପରି ଉତ୍ତମ ହୋଇଥିଲା । ପ୍ରତିମାରେ ବନୋଦବହାର ଓ ସାଜରେ ବାଲିବଜାର ପ୍ରଧାନ ଭୂଷଣ ଲଭି ଥିଲେ । ଅନ୍ୟାନ୍ୟ ସ୍ଥାନର ମଧ୍ୟ

Digitized by srujanika@gmail.com

Split by PDF Splitter

354



ମନୋହରଣକ ଓ ଉତ୍ତମ ହୋଇଥିଲା । ଏଠାର ସବୁ ବିଷୟ ଉତ୍ତମ ହେଲେ ମୋଫସଲରେ ସେପରି ବିଷୟଧାରା ପ୍ରକାର ହୁଏ ଓ ଆମୋଦପ୍ରମୋଦରେ ପ୍ରମତ୍ତତା ଦୃଷ୍ଟ ହୁଏ ସହରରେ ତଦନୁରୂପ ହୁଏ ନାହିଁ । ସହରରେ ଜାଉଗଞ୍ଜାର ଉତ୍ତମ ପରିଚୟ ମିଳେ । ଜାମସିଂ ହେତରେ ଅଧିକତର ଜଣା ପଡେ । ଏବର୍ଷ ଗଡଜାତୀୟମାନଙ୍କ ମଧ୍ୟରୁ ବନ୍ଧୁବନ୍ଦୋବସ୍ତ ସଦାଶିବ ତାଙ୍କ ବୁଦ୍ଧିର ତୀକ୍ଷ୍ଣତାର ପରିଚୟ ପ୍ରଦାନ କରିଥିଲେ । ଜାମସିଂ ହେତମଧ୍ୟରେ ବାବୁ ଦୁର୍ଗାପ୍ରସାଦ ଭଗତ ବହୁବ୍ୟୟରେ ଶିବମୂର୍ତ୍ତିର ମେଢ ପ୍ରସ୍ତୁତ କରିଥିଲେ ଓ ବୈଠକଖାନାରେ ନାନାପ୍ରକାର ପୁତ୍ତଳିକା ଉତ୍ତମ ବେଶଭୂଷାରେ ସୁସଜ୍ଜିତ କରି ରଖିଥିଲେ ଦୁର୍ଗାପୂଜାର କେତେକଦିନ ପୂର୍ବରୁ ସମସ୍ତ ପ୍ରସ୍ତୁତ ଥିଲା ମାତ୍ର ଦ୍ୱାର ସର୍ବଦା ଖୋଲା ନ ଥିବାରୁ ଓ ଦେଖିବାର ବନ୍ଦୋବସ୍ତ ଭଲ ହୋଇ ନ ଥିବାରୁ ବଡ଼ ଅସୁବିଧା ଘଟିଥିଲା ।

ସଦାଶିବଙ୍କ ନିର୍ମିତ କଂସର ରଙ୍ଗସଭା ଅତ୍ୟନ୍ତ ମନୋହର ହୋଇଥିଲା । କଂସ କୃଷ୍ଣ ବଳରାମ ଋଷି ଓ ସିପାହୀପ୍ରଭୃତି ୫୦।୬୦ ପିତୁଳା ଏମନ୍ତ କୌଶଳକ୍ରମେ ସଜ୍ଜିତ ହୋଇଥିଲେ ଯେ ସମସ୍ତ ପୁତଳା ମାତ୍ରେ କେହି ମୁଣ୍ଡ ହଲାଉଛି କେହି୨ ନମସ୍କାର କରୁଛି କେହି୨ ଅସ୍ତ୍ର ଚାଳନା କରୁଛି ଓ ସିପାହିମାନେ ବନ୍ଧୁକ ନିଶାଣ କରୁଛନ୍ତି ଉତ୍ପାତ ଦେଖିବାର ଦୃଶ୍ୟ ଦର୍ଶକମାନଙ୍କ ମନକୁ ଉଲ୍ଲାସିତ କରୁଥିଲା । କଂସ ସିଂହାସନରୁ ବିଚ୍ୟୁତ ହୋଇ ପଡିବା ଦୃଶ୍ୟ ଅତି ଉତ୍ତମ ହୋଇଥିଲା ସଦାଶିବଙ୍କ ପ୍ରଶଂସା ସାଧାରଣରେ ଘୋଷିତ ହେଉଅଛି । ଏକଜଣେ ଅଶିକ୍ଷିତ ବୃଦ୍ଧିଜୀବୀ ଲୋକ ବର୍ଷକୁ ବର୍ଷ ନୂତନ୨ ଦୃଶ୍ୟ ଦେଖାଇ ଲୋକଙ୍କର ମନୋରଞ୍ଜନ କରୁଅଛନ୍ତି । ସେ ଅତି ଅଳ୍ପବ୍ୟୟରେ ଯେପରି ନାନାବିଧ ମେଢ଼ ନିର୍ମାଣ କରିବାକୁ ସକ୍ଷମ ସହସ୍ର ଅନ୍ୟାନ୍ୟ ଲୋକମାନେ ବହୁ ବ୍ୟୟ କରି ମଧ୍ୟ ସେପରି ମନୋରଞ୍ଜକ କାର୍ଯ୍ୟ କରିବାକୁ ସକ୍ଷମ ହୁଅନ୍ତି ନାହିଁ । ଅନ୍ୟାନ୍ୟ ବାଟେ ପ୍ରତିମାମଧ୍ୟରେ ଗୋସାଇଁ ଚରଣ ମଣ୍ଡଳଙ୍କ ଅନନ୍ତଶୟନ ପ୍ରତିମାମଧ୍ୟ ଉତ୍ତମ ହୋଇଥିଲା ।

---

## ଅନୁଗୁଳ ଅବନ୍ଦୋବସ୍ତ—କାହାର ଦୋଷ ।

ଅନୁଗୁଳ ଏବଂ କଟକ ଓ ପୁରୀ ଜିଲ୍ଲାଅନ୍ତର୍ଗତ ଅନ୍ୟାନ୍ୟ ଗଡ଼ଜାତ ଓ ମୋଗଲବନ୍ଦର ଅବସ୍ଥା ଅନୁସନ୍ଧାନ ନିମିତ୍ତ ନିଯୁକ୍ତ ଏଡ଼ଗାର ସାହେବ ଓଡ଼ିଶା ଭ୍ରମଣାନ୍ତେ ଯେଉଁ ରିପୋର୍ଟ ଲେଖିଅଛନ୍ତି ତାହା ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ସହିତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଏହିସବୁ ସ୍ଥାନସମ୍ବନ୍ଧରେ ରିପୋର୍ଟର ସାରମର୍ମ ଏଥିପୂର୍ବେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଏକ ନିର୍ଦ୍ଧାରଣରେ ପ୍ରକାଶ ହୋଇଥିବାରୁ ଆମ୍ଭେମାନେ ସର୍ବସାଧାରଣଙ୍କୁ ତାହା ଜଣାଇଥିବାରୁ ଏବଂ ବର୍ତ୍ତମାନ ଅନୁବନ୍ଧ ଅନେକ ପତ୍ରମାନଙ୍କରେ ଲଗିବ ହୋଇଥିବାରୁ ତହିଁର ବାହୁଲ୍ୟ ବିବରଣ ଆଉ ପ୍ରକାଶ କରିବାର ପ୍ରୟୋଜନ ନାହିଁ । କେବଳ ଅନୁଗୁଳର ଦୁରବସ୍ଥା ସକାଶେ କଏ ଦାୟୀ ଏହି ବିଷୟ ବିଚାର କରିବାର ଆବଶ୍ୟକ ଏବଂ ଏ ବିଷୟରେ କେତେକାଂଶ ପତ୍ର ଏହି ପତ୍ରିକାରେ ପ୍ରକାଶିତ ହୋଇଥିବାରୁ ଆଉ ତହସିଲଦାରଙ୍କ ନାମରେ ନାନାକଥା ଉଠୁଥିବାରୁ ପାଠକମାନେ ଜାଣିଥିବେ ଯେ ତାହା ସାଧାରଣ ଚର୍ଚ୍ଚାର ବିଷୟ ହୋଇଅଛି ।

ଏଡ଼ଗାର ସାହେବଙ୍କ ରିପୋର୍ଟରୁ ଜଣାଯାଏ ଯେ ସେ ଦୁର୍ଭିକ୍ଷସମ୍ବନ୍ଧରେ ଗତବର୍ଷ ଏବଂ ଏ ବର୍ଷ ଯେଉଁସବୁ ଚିଠିପତ୍ର ଅନୁଗୁଳ ତହସିଲଦାର ଓ ଗଡଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କର ଯାତାୟାତ ହୋଇଅଛି ତାହା ସମସ୍ତ ସେ ଦେଖିଅଛନ୍ତି ଏଥିରେ ଗୋପନୀୟ ଓ ପ୍ରକାଶ୍ୟ ଉଭୟ ପ୍ରକାର ଚିଠିପତ୍ର ଅଛି । ମାତ୍ର ସେ ଗୋପନୀୟ ଚିଠିମାନଙ୍କର ମର୍ମ କିଛିହିଁ ପ୍ରକାଶ ନ କରି କେବଳ ପ୍ରକାଶ୍ୟ ଚିଠିମାନଙ୍କର ସଂକ୍ଷେପ ବୃତ୍ତାନ୍ତ ଏହିପରି ଲେଖିଅଛନ୍ତି ଯେ ସନ ୧୮୮୮ ସାଲର ବର୍ଷାକାଳରେ ଅନୁଗୁଳରେ କଷ୍ଟ ପଡ଼ିବାର ରିପୋର୍ଟ ହେବାରୁ କିଛି ସାହାଯ୍ୟର ବନ୍ଦୋବସ୍ତ ହୋଇଥିଲା ମାତ୍ର ସେପ୍ଟେମ୍ବରମାସରେ ବୃଷ୍ଟି ହେବାରୁ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କ ଲେଖିବାମତେ ଜଙ୍ଗଲି ଜିନିଷର ଶିଥିଳତା ଛଡ଼ା ଆଉ ସମସ୍ତ ସାହାଯ୍ୟ ଉଠିଗଲା କିନ୍ତୁ ଫସଲ ଆଶାରୁ ଅଧିକ ହେଲା ନାହିଁ । ପ୍ରଜାମାନେ ସମ୍ବଳହୀନ ହେବୁ ଜମି ପଡ଼ିଆ ରଖିବାର କଥନ୍ତି ମାତ୍ର କଥିତ ହୁଅଇ ଯେ ନୂତନ ବନ୍ଦୋବସ୍ତ ସଙ୍ଗେ ଏଥିର ସମ୍ପର୍କ ଅଛି ତତ୍ପରବର୍ତ୍ତୀ ଗବର୍ଣ୍ଣମେଣ୍ଟଙ୍କ ଉଲ୍ଲେଖମତେ ଗତ ଅଗଷ୍ଟ ମାସରେ ତହସିଲଦାର ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ଜଣାଇଲେ ଯେ ଅଂଶିକ ଧାନଫସଲ ନୋକସାନ ଏବଂ ଆମ୍ବ ନ ହେବାହେତୁ ଗୃହସ୍ଥ କଷ୍ଟ ନ ଥିବାଲୋକଙ୍କୁ ବାଧିବାର ଆରମ୍ଭ ହୋଇଅଛି ଏବଂ ସେମାନଙ୍କ ମଧ୍ୟରୁ ଅନେକ ଲୋକ ନେବାଜାଗାକୁ ଉଠି ଯାଉଅଛନ୍ତି । ଏ ରିପୋର୍ଟ ଗବର୍ଣ୍ଣମେଣ୍ଟଙ୍କୁ ପ୍ରେରିତ ହୋଇ ନାହିଁ । ତା ୨୦ ରିଖ ଅକ୍ଟୋବରରେ ତହସିଲଦାର ରିପୋର୍ଟ କଲେ ଯେ ଓଲଙ୍ଗଠା ମାଘ ଫସଲ ଅମଦାନୀ ହେଉ ନାହିଁ ଏବଂ ଲୋକେ ଉଠି ଯାଉଅଛନ୍ତି । କେତେକ ଗୋପନୀୟ ଚିଠିପତ୍ର ଯାତାୟାତ ହେଲାଉତ୍ତାରୁ ତା ୬ରିଖ ମଇରେ ବହୁ ସାହାଯ୍ୟ କାର୍ଯ୍ୟର ପ୍ରସ୍ତାବ ତହସିଲଦାର କରି ପଠାଇଲେ । ତା ୧୪ ରିଖ ମଇରେ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ତଦନ୍ତ କରିବାରୁ ତା ୧୮ ରିଖରେ ତହସିଲଦାର ତାହା ପଠାଇ ଟ ୧୦୦୦ ଙ୍କା ସାହାଯ୍ୟ ପ୍ରାର୍ଥନା କଲେ । ତା ୨୦ ରିଖରେ ଟେଲିଗ୍ରାଫରେ ଗୃହୀତ ପଠାଇବାକୁ ଲେଖିଲେ ଏବଂ ତା ୨୯ ରିଖରେ ସାହାଯ୍ୟଦାନ ନିମିତ୍ତ ଦଶହଜାର ଟଙ୍କାର ପ୍ରାର୍ଥନା କଲେ । ଏହି ପତ୍ର ପାଇ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ତା ୫ ରିଖ ଜୁନରେ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କଲେ ଏବଂ ଏକହଜାର ଟଙ୍କାର ଗୃହୀତ ଅନୁଗୁଳକୁ ପଠାଇଲେ । କାର୍ଯ୍ୟତଃ ଏହିପରିରୁ ଗବର୍ଣ୍ଣମେଣ୍ଟ ଅନୁଗୁଳ ଦୁରବସ୍ଥାର ପ୍ରଥମ ସମ୍ବାଦ ପାଇଲେ ଏବଂ ତତ୍କ୍ଷଣାତ୍ ଆବଶ୍ୟକୀୟ ଟଙ୍କା ତାରଯୋଗେ ମଞ୍ଜୁର କରି ପଠାଇ ସାହାଯ୍ୟଦାନର ଉଚିତ ବନ୍ଦୋବସ୍ତ କରିବା କାରଣ ତାଗିଦ କଲେ । ତା ୧୯ ରିଖ ଜୁନରେ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ତହସିଲଦାରଙ୍କର ଏକ ରିପୋର୍ଟ ଗବର୍ଣ୍ଣମେଣ୍ଟଙ୍କୁ ପଠାଇଲେ ତହିଁରେ ଲେଖାଥିଲା ଯେ ଅନୁଗୁଳର କଷ୍ଟ ପୂର୍ବେ ଯେପରି ଲେଖା ହୋଇଥିଲା ତହିଁରୁ ଅନେକ ଊଣା ଅଟଇ ଏବଂ ସୁପ୍ରିଣ୍ଟେଣ୍ଡେଣ୍ଟ ତହିଁର ପୋଷକତା କଲେ ମାତ୍ର ଗବର୍ଣ୍ଣମେଣ୍ଟ ତହିଁରେ ଶୈଥିଲ୍ୟ ନ ହୋଇ ସାହାଯ୍ୟର ବନ୍ଦୋବସ୍ତ କରିବାକୁ କହିଲେ । ତା ୨୫ ରିଖ ଜୁନରେ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ପୁଣି ରିପୋର୍ଟ କଲେ ଯେ ଅନୁଗୁଳର ବର୍ତ୍ତମାନ କଷ୍ଟ ଦୁର୍ଭିକ୍ଷହେତୁ ନ ଘଟି ଲୋକଙ୍କ ଦରିଦ୍ରତା ହେତୁ ଘଟିଅଛି ଖାଦ୍ୟଦ୍ରବ୍ୟ ଯଥେଷ୍ଟ ଅଛି ମାତ୍ର କେତେକ ଲୋକ ନୌତ ଅଭାବକୁ କିଣିବାକୁ ଅକ୍ଷମ ସେ ଆହୁରି ଲେଖିଲେ ଯେ ଓଲଙ୍ଗଠା ହେତୁ ଖୁବ ଅମଦାନୀ ବନ୍ଦ ହୋଇଅଛି । ଏଥିସଙ୍ଗେ ପଠାଯାଇଥିବା ତହସିଲଦାରଙ୍କ ରିପୋର୍ଟରୁ ଜଣାଗଲା ଯେ ଓଲଙ୍ଗଠାରେ ୧୬୮ ଜଣ ମରିଥିଲେ । ଗବର୍ଣ୍ଣମେଣ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କର ଏପରି

Digitized by srujanika@gmail.com

ମତରେ ସ୍ୱାଧୀନ ଭାବେ ହୋଇ ସାହାଯ୍ୟଦାନର ବ୍ୟବସ୍ଥା କରିବାକୁ ଆଦେଶ ଦେଲେ । ତା ୪ ଖ ଜୁଲାଇରେ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କ ପ୍ରାର୍ଥନାମତେ ଅସିଷ୍ଟାଣ୍ଟ ବାବୁ କାଳୀପଦ ମୁଖୁର୍ଯ୍ୟଙ୍କୁ ବିଶେଷ ଅନୁସନ୍ଧାନ ନିମନ୍ତେ ପଠାଇବାର ସ୍ଥିର ହେଲା ଏବଂ ସେ ସେଠାରେ ପହୁଞ୍ଚି ୬୧ ଗ୍ରାମ ଭ୍ରମଣ କରି ଜୁଲାଇ ତା ୧୬ ରିଖରେ ରିପୋର୍ଟ କଲେକି ତା ୧୪ ରଖ ଜୁଲାଇ ପର୍ଯ୍ୟନ୍ତ ପୁଲିସ ରିପୋର୍ଟ ମତେ ଓଲଉଠାରେ ୧୯୧୦ ଏବଂ ଅନାହାରରେ ୧୪୬ ମୃତ୍ୟୁ ଘଟିଥିଲା ପ୍ରାୟ ୮୦୦୦ ଲୋକ ଦେଶାନ୍ତରଗତ ହୋଇଅଛନ୍ତି ଏବଂ ୬୦୦୦ ଲୋକ ସମ୍ପୂର୍ଣ୍ଣ ଓ ୪୮୦୦ ଆଂଶିକ ସାହାଯ୍ୟ ପାଇବାର ଯୋଗ୍ୟ । ସେ ଅଧିକ ଲେଖିଲେ କି ଅତି ଅପ୍ରଚୁରରୂପେ ସାହାଯ୍ୟ ଦଆ ଯାଇଥିଲା । ଯଦ୍ୟପି ମୃତ୍ୟୁସଂଖ୍ୟା ବିଷୟରେ ଏଡ୍ଗାର ସାହେବ କାଳୀବାବୁଙ୍କ ଅନୁମାନରେ ଐକ୍ୟ ହୋଇ ନାହାନ୍ତି ମାତ୍ର ଉନ୍ନତ ସ୍ଥାନର ସାହାଯ୍ୟଦାନ କାର୍ଯ୍ୟ ଦେଖି ସାହାଯ୍ୟ ଅପ୍ରଚୁର ଥିବା ବିଷୟରେ କାଳୀବାବୁଙ୍କ ସହିତ ଏକମତ ହୋଇ ଅଧିକା ଲେଖିଅଛନ୍ତି କି ସାହାଯ୍ୟଦାନ ବିଷୟରେ ଆଦୌ କୌଣସି ନିୟମ ନ ଥିଲା । ସମ୍ପ୍ରତି ଏଡ୍ଗାର ସାହେବଙ୍କ ପରାମର୍ଶ ମତେ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ସାହାଯ୍ୟ ଦାନର ସମ୍ପୂର୍ଣ୍ଣ ନିୟମାବଳୀ ପ୍ରସ୍ତୁତ କରି ଦେଇଅଛନ୍ତି ଏବଂ ବ୍ରାଉନ୍‌ଫିଲ୍ଡ୍ ସାହେବ ତଦନୁସାରେ କାର୍ଯ୍ୟ କରୁଅଛନ୍ତି । ସୁତରାଂ ଯଥୋଚିତ ସାହାଯ୍ୟଦାନରେ ଆଉ ତ୍ରୁଟି ହେବ ନାହିଁ ।

ବର୍ତ୍ତମାନ ଗବର୍ଣ୍ମେଣ୍ଟ ଉପରଲିଖିତ ବିବରଣ ଓ ଏ ସମ୍ବନ୍ଧୀୟ ତିନିଟି ପତ୍ରମାନ ପାଠ କରି ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ଅଦ୍ୟାବଧି ପର୍ଯ୍ୟନ୍ତ ଗଡ଼ଜାତର ସୁପ୍ରିଣ୍ଟେଣ୍ଡେଣ୍ଟ ପ୍ରକୃତ ଅବସ୍ଥା ଜାଣିବାକୁ ଅକ୍ଷମ ହୋଇଥିଲେ ଏବଂ କଷ୍ଟର ପ୍ରଥମ ଅବସ୍ଥାରେ ସାହାଯ୍ୟର ପରିମାଣ ସମ୍ପୂର୍ଣ୍ଣରୂପେ ଅପ୍ରଚୁର ଥିଲା । ଏ ବିଷୟରେ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ହପ୍‌କିନ୍‌ସ୍ ସାହେବ ଏବଂ ଅନୁଗୁଳର ତହସିଲଦାର ମାଷ୍ଟ୍ରଞ୍ଜିତ ନାୟକଙ୍କ ଦାୟିତ୍ୱର ଖଣ୍ଡ ମୂଳକ ପଠେଇର ବିଷୟୀଭୂତ ହୋଇଅଛି । କାଳୀବାବୁଙ୍କ ରିପୋର୍ଟରୁ ୧୯୧୦ ଓଲଉଠା ଏବଂ ୧୪୬ ଅନାହାର ମୃତ୍ୟୁ ଘଟିବାର ପ୍ରକାଶ ଏବଂ ନିଶ୍ଚିତରୂପେ ଜଣାଯାଏ ଯେ ତାହାଙ୍କ ଯିବା ପୂର୍ବରୁ ତହସିଲଦାର ଯେସବୁ ସାହାଯ୍ୟଦାନର ଉପାୟ କରିଥିଲେ ତାହା ସବୁ ନିତାନ୍ତ ଅପ୍ରଚୁର ଥିଲା । ସଂକ୍ଷେପରେ ଗବର୍ଣ୍ମେଣ୍ଟ କହୁଅଛନ୍ତି ଯେ ସ୍ଥାନୀୟ ହାକିମଙ୍କ ତ୍ରୁଟିରୁ ଅନୁଗୁଳର କଷ୍ଟ ଏତେ ବଢ଼ିଥିଲା ଏବଂ ଯଥା ସମୟରେ ସାହାଯ୍ୟଦାନର ଅନୁଷ୍ଠାନ ହୋଇଥିଲେ ଏତେ କଷ୍ଟ ହୋଇ ନ ଥାନ୍ତା କମ୍ବା କଷ୍ଟ ନିବାରଣର ଉପାୟ ମଧ୍ୟ ଏତେ କଷ୍ଟକର ହୋଇ ନ ଥାନ୍ତା ।

ଆମ୍ଭମାନଙ୍କର ମନ୍ତବ୍ୟ ବାରାନ୍ତରେ ପ୍ରକାଶ କରିବୁଁ ।

---

## ସାପ୍ତାହିକସମ୍ବାଦ ।

ମିଃ ଏ କେ ରେ ଅନୁଗୁଳ ଓ ବାଙ୍କୀର ବନ୍ଦୋବସ୍ତ କାର୍ଯ୍ୟ ତଦାରଖ କରିବାନିମନ୍ତେ ଗତ ସୋମବାର କଟକମୁକାମରେ ପହୁଞ୍ଚି ଅଛନ୍ତି ।

ବାଲେଶ୍ୱର ସହରରେ ପ୍ରକାର ଜାନକାମନ ଅଦୌ ଦେଖା ନାହିଁ । ପେଟକଷ୍ଟରେ କିଏ ଅବ୍ୟାହତ କରିବ? ଜନ୍ମାଷ୍ଟମୀରେ ସେଠାକାର ରଜା ବୈକୁଣ୍ଠନାଥ ବାହାଦୁରଙ୍କ ଘରସଂକ୍ରାନ୍ତ ଘରେ ଜଣେ ଦାମୁଦଅଧିକାରୀଠାରୁ ଗହଣା ନେବାସ୍ଥକାଳେ ତାକୁ ଖୁନ କରିବାର ଦେଖାଗଲା ମାତ୍ର ତାହା ଦେହରୁ କୌଣସି ଅଳଙ୍କାର ନେଇପାରି ନାହିଁ ଅସାମୀ ପୋଲିସହାତ ଧୃତ ହୋଇଅଛି । ମାତ୍ର ତାହାର ପ୍ରମାଣ ମିଳୁ ନାହିଁ ।

### କଲିକତା-ଗେଜେଟ ।

ନିମ୍ନଲିଖିତ ସେକେଣ୍ଡେରୀ କର୍ମଚାରୀମାନେ ପଦୋନ୍ନତ ଓ ବାହାଲ ହୋଇଅଛନ୍ତି ।

ବାବୁ ରମାକ୍ଷୟ ଚାଟୁର୍ଯ୍ୟା ଦ୍ୱିତୀୟ ଶ୍ରେଣୀରେ, ମିଃ ଏ, ଜେ ଫ୍ରେଜର ତୃତୀୟ ଶ୍ରେଣୀରେ, ମିଃ ଡବଲିଉ ଆର୍ ହବ୍‌ହାଉସ ପଞ୍ଚମ ଶ୍ରେଣୀରେ, ମିଃ କେ ଏମ୍ ଡେଭିଡସନ ଓ ବାବୁ କ୍ଷେତ୍ରମୋହନ ମିତ୍ର ଷଷ୍ଠ ଶ୍ରେଣୀରେ, ମିଃ ଏଚ୍ ଏଚ୍ ହାର୍ଡ଼ ଓ ବାବୁ ସତୀଶଚନ୍ଦ୍ର ଘୋଷ ସପ୍ତମ ଶ୍ରେଣୀରେ ବାହାଲ ହେଲେ ।

ମିଃ, ଟି, ଜେ, ମେଜିସ୍ ୪ର୍ଥ ଶ୍ରେଣୀରେ, ଓ ବାବୁ ଗୋପାଳଚନ୍ଦ୍ର ଦାସ ୬ଷ୍ଠ ଶ୍ରେଣୀରେ ଅସ୍ଥାୟୀ ଭାବରେ ନିଯୁକ୍ତ ହେଲେ ।

ବାଲେଶ୍ୱର ସ୍କୁଲସବ୍‌ଇନ୍‌ସପେକ୍ଟର ବାବୁ ଦ୍ୱାରକାନାଥ ଘୋଷ ଷଷ୍ଠଶ୍ରେଣୀରେ ନିଯୁକ୍ତ ହେଲେ ।

ପୂର୍ବ ପ୍ରକାଶିତ ବି, ଏ, ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ତାଲିକା ବାବୁ ଚଣ୍ଡୀଚରଣ ମିତ୍ର ସିଟି କଲେଜରୁ ଉକ୍ତ ବି, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣତା ଲାଭ କରିଅଛନ୍ତି ।

କଟକ ମିଉନିସିପାଲିଟୀର ୧ ମ୍ବର ୱାର୍ଡ଼ର କମିସ୍ନର ବାବୁ ହେମଚନ୍ଦ୍ର ଘୋଷ ଅନୁପସ୍ଥିତ ହେବାରୁ ଉକ୍ତ ୱାର୍ଡ଼ରେ ପୁନଃ ନିର୍ବାଚନ ହେବାର ତାରିଖ ନଭେମ୍ବର ମାସ ତା ୧୫ ରିଖ ନିର୍ଦ୍ଧାର୍ଯ୍ୟ ହୋଇଅଛି ।

ଦେଶୀ ଟିକା ବ୍ୟବସାୟ ନିବାରଣର ଆଇନ ବାଲେଶ୍ୱର ଭଦ୍ରକ ଥାନା ଜଲେଶ୍ୱର ଓ ବାଲେଶ୍ୱରପାଇରେ ପ୍ରଚଳିତ କରିବା ସକାଶେ ବିଜ୍ଞାପନ ପ୍ରକାଶିତ ହୋଇଅଛି କାହାର ଆପତ୍ତି ଥିଲେ ଏକମାସ ମଧ୍ୟରେ ଦାଖଲ କରିବେ ।

ବୁଦ୍ଧଗଣଙ୍କାଙ୍କର ଷ୍ଟାମ୍ପ ମେନେଜର ବାବୁ ହରିଶ୍ଚନ୍ଦ୍ର ସରକାର ପେନ୍‌ସନ୍ ଗ୍ରହଣ କରିବାରୁ ତାଙ୍କ ପଦରେ ନିଯୁକ୍ତ ଅସିଷ୍ଟାଣ୍ଟ ମେନେଜର ବାବୁ ଉପେନ୍ଦ୍ରନାଥ ଘୋଷ ସର୍ଭେ-ଜନରାଲ ଅଫିସର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହେଲେ ।

ଅସିଷ୍ଟାଣ୍ଟ ସର୍ଜନ ବାବୁ ଅନନ୍ତଲାଲ ଘୋଷ ଭାଗଲପୁରର ଅସିଷ୍ଟାଣ୍ଟସର୍ଜନ ପଦରେ ନିଯୁକ୍ତ ହେଲେ ।

ପୁରୀର ଷ୍ଟାମ୍ପ ବୋର୍ଡର ସଭ୍ୟ ବାବୁ ଶଶଧର ଘୋଷ, ବାବୁ କମଳନାଥ ଘୋଷ, ଏ ପି, ରେ ଇସ୍ତଫା ପ୍ରଦାନ କରିବାରୁ ସେମାନଙ୍କ ସ୍ଥାନରେ ବାବୁ ତ୍ରୈଲୋକ୍ୟନାଥ ଘୋଷ, ବାବୁ କ୍ଷେତ୍ରମୋହନ ଅଡ଼ ଓ ବାବୁ ହରିଶ୍ଚନ୍ଦ୍ର ଘୋଷ ନିଯୁକ୍ତ ହେଲେ ।

ଖୋର୍ଦ୍ଧା ଷ୍ଟାମ୍ପ ବୋର୍ଡର ସଭ୍ୟ ମିଃ ଡବଲିଉ ସି ଟେଲର ଇସ୍ତଫା ପ୍ରଦାନ କରିବାରୁ ତାଙ୍କ ସ୍ଥାନରେ ଖୋର୍ଦ୍ଧା ସବଡିଭିଜନର ଅଫିସର ମିଃ ଏ, ଜେ, ଫ୍ରେଜର ନିଯୁକ୍ତ ହେଲେ ।

କଟକ ଗଭର୍ଣ୍ମେଣ୍ଟ ପ୍ରେସର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଃ ଜି ଏ ପାଟେଲ ଅକ୍ଟୋବର ମାସ ତା ୨୨ ରିଖରୁ ଏକମାସ ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ମିଃ ଏଚ୍ ଏଚ୍ ହାର୍ଡ଼ ଫୌଜଦାରୀ ସମ୍ବନ୍ଧୀୟ କ୍ଷମତା ପ୍ରାପ୍ତ ହେଲେ ଓ ଜଷ୍ଟିସ ଅଫ ଦି ପିସ୍ ପଦରେ ନିଯୁକ୍ତ ହେଲେ ।

ପୁରୀ ମିଉନିସିପାଲିଟୀ ବଡ଼ଦାଣ୍ଡର ନାଳକାର୍ଯ୍ୟ ସମାପ୍ତ କରିବା ନିମନ୍ତେ ଟ ୨୫୦୦୦ ଋଣ କରିବାକୁ ପ୍ରସ୍ତୁତ ଥିବାର ବିଜ୍ଞାପନ ପ୍ରକାଶିତ ହୋଇଅଛି ।

---

ଡାକ୍ତର ଉ, ଏନ୍, ମାର୍ଟିନ ସମ୍ବଲପୁରର ସିଭିଲ ସର୍ଜନ ନିଯୁକ୍ତ ହେବାରୁ ଡାକ୍ତର ଏଫ, ଜେ, ଦ୍ରୁପ ସମ୍ବଲପୁରରୁ ବଦଳି ହୋଇଅଛନ୍ତି ।

ଶ୍ରୀମତୀ ମହାରାଣୀଙ୍କ ପୌତ୍ର କୁମାର ଅଲବର୍ଟଭିକ୍ଟର ଆଗାମୀ ନଭେମ୍ବର ତା ୯ ରିଖରେ ବମ୍ବେଇରେ ପହୁଞ୍ଚି ପୁନାକୁ ଗମନ କରିବେ ଏବଂ ସେଠାରେ ପାଞ୍ଚଦିନ ରହିବେ ।

ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କର ଦୁଇପୁତ୍ର ଆସନ୍ତା ଶୀତଋତୁରେ ଭାରତବର୍ଷକୁ ଆସିବାର କଥା ଅଛି । ଗ୍ରୀଷ୍ମମାସ ଭାଗରୁ ସ୍ୱଦେଶକୁ ଫେରିଯିବେ ।

ଗତମାସ ତା ୪ ରିଖ ପର୍ଯ୍ୟନ୍ତ ଗଞ୍ଜାମରୁ ଯେଉଁ ସମ୍ବାଦ ଆସିଅଛି ତାହା ସନ୍ତୋଷଜନକ ଅଟଇ । ସାହାଯ୍ୟକାର୍ଯ୍ୟରେ ମୂଲ ଲଗିବା ଲୋକଙ୍କ ସଂଖ୍ୟା ସାଢ଼େ ତେରହଜାର ଅଟଇ । ସ୍ତ୍ରୀ ବାଳକ ମିଶି ୩୪୪୩୯ ଜଣ ବିନାକାମରେ ସାହାଯ୍ୟ ପାଉଅଛନ୍ତି ଏବଂ ଓଲଉଠାମୃତ୍ୟୁ ନାହିଁ ।

ରାଉଲପିଣ୍ଡିର ପାର୍ଟି ସ୍କୁଲର ଦେଶୀୟ ଛାତ୍ରମାନେ ଗତମାସ ତା ୫ ରିଖରେ ସରକାରୀ ସ୍କୁଲ ଶିକ୍ଷକଙ୍କଠାରେ ଗଣ୍ଡ କରନ୍ତୁ ଲଗାଇ ହିନ୍ଦୁଜାନମାନେ ଏକବାଲ୍କି-ଦେହରେ ଢୁକି ଦୁଷିହେଲେ ଏବଂ ଅନେକଜଣେ ମୁସଲମାନପିଲାକୁ ଠେଙ୍ଗା ପୋଡ଼ିଦେଲେ । ପ୍ରଥମବର୍ଷ ଛାତ୍ରମାନଙ୍କୁ ମାରଗଣ ଏବଂ ଦ୍ୱିତୀୟବର୍ଷ ଡାକ୍ତରଖାନାରେ ଅଛି । ଏକଜଣ ଉଚ୍ଚ ଅଧିକ ହୋଇ ଜେଲଖାନାରେ ପଡ଼ିଅଛି ଏବଂ ଆଉ ଦୁଇଜଣ ପଳାଇ ଅଛନ୍ତି ।

ମାନ୍ଦ୍ରାଜର ଦସ୍ତୁରପଦ ଗୁରୁଦାସ କାନ୍ଦର୍ପୀଙ୍କ ମାନ୍ଦ୍ରାଜ ନିଯୁକ୍ତ ହୋଇଅଛି । କାନ୍ଦର୍ପୀମହାଶୟ ମାନ୍ଦ୍ରାଜରେ ଅଧିବାସୀ ଅଟନ୍ତି ।

ଯୁବରାଜ ଅଲବର୍ଟଭିକ୍ଟର ବମ୍ବେଇରେ ପ୍ରବେଶ ସମୟରେ ସେଠାର ମିଉନିସିପାଲ୍ ସମିତି ଶୁଭଚିହ୍ନମାନଙ୍କ ଅଭିନନ୍ଦନ ପତ୍ର ପ୍ରଦାନ କରିବେ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଫଲତଃ ଦେଶର ପ୍ରଧାନ ନଗର ପାଟଣରେ ବର୍ତ୍ତମାନ ନ ୩୦୦ ଜଣ ବୌଦ୍ଧଧର୍ମାବଲମ୍ବୀ ଅଛନ୍ତି । ଏମାନଙ୍କ ଉଦ୍ୟମରେ ଶୀଘ୍ର ସେଠାରେ ଗୋଟିଏ ବୌଦ୍ଧଧର୍ମମନ୍ଦିର ପ୍ରତିଷ୍ଠିତ ହେବ ।

ତ୍ରୀବାନ୍ଦ୍ରମର ମହାରାଜା ଆପଣାର ଗତବାର୍ଷିକ ଜନ୍ମଦିନ ପାଳିବା ଉପଲକ୍ଷରେ ଗଡବନ୍ଦୀ ଲୋକମାନଙ୍କୁ ଏବଂ ଲକ୍ଷ ଟଙ୍କା ଦେଣା କ୍ଷମା କରିଅଛନ୍ତି ଏବଂ ଏଥିରେ ଅନେକ ଲୋକଙ୍କର ବଡ଼ ଉପକାର ହୋଇଅଛି ।

ପାରସ୍ୟର ବାଦସାହଙ୍କ ଇଉରୋପ ଭ୍ରମଣରେ କେତେ ଟଙ୍କା ଖର୍ଚ୍ଚ ହୋଇଅଛି ତାହାଁର ଅସଲ ଗୋଟିଏ ହିସାବ ଜଣା ଯାଉଅଛି ଯେ ଜାହାଜଭଡ଼ା ଓ ହୋଟେଲଖର୍ଚ୍ଚା ବ୍ୟତୀତ ଯୁବରାଜମାନଙ୍କୁ ସମ୍ପ୍ରତ ଅଢ଼େଇ ଲକ୍ଷ ଟଙ୍କା ଦିଆଯାଇଅଛି ।

ମାନ୍ଦ୍ରାଜର ଗବର୍ଣ୍ଣର ଲର୍ଡ କୋନାମେରା କଲିକତା ଓ ଏଲାହାବାଦରେ ଅଳ୍ପକାଳ ରହି ଶିମଲା ଠାରେ ଗବର୍ଣ୍ଣର-ଜେନେରଲଙ୍କ ସହିତ ସାକ୍ଷାତ କରି ଚଳିତମାସ ତା ୧୬ ଦିନରେ କୋଏଟାନଗରକୁ ଯାଇ ଅଛନ୍ତି ।

ବେଲସ ନଗରର ଜଣେ ବନ୍ଦୋବସ୍ତ କର୍ମଚାରୀଙ୍କ ନାମରେ ଘୁଷ ନେବାର କଠିନ ଅଭିଯୋଗମାନ ଉପସ୍ଥିତ ହେବାରୁ ମାଜିଷ୍ଟ୍ରେଟସାହେବ ତାହାଙ୍କ ତଦାରଖ କରୁ ଅଛନ୍ତି । ଯେତେ ସାବଧାନ ହେଲେ ମଧ୍ୟ ଘୁଷ ନେବା ବନ୍ଦ କରିବା କଠିନ ।

ପୁନାର ମୁସଲମାନମାନେ ସ୍ୱଜାତୀୟଙ୍କ ଉନ୍ନତି ବିଷୟରେ ଗୋଟିଏ ସଭା କରିଥିଲେ ସେଥିରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଧାର୍ଯ୍ୟ ହେଲା ଯେ ଇଂରାଜୀ ଶିକ୍ଷା ମୁସଲମାନଙ୍କର ଉନ୍ନତିର ପ୍ରଧାନ ଉପାୟ ଅଟେ ।

## ପୁଞ୍ଜ-ସମ୍ବାଦ ।

ପୁରୀମହାରାଜାଙ୍କ ମେନେଜର ବାବୁ ହରେକୃଷ୍ଣଦାସ ମହାଶୟଙ୍କର ଗତ ଶନିବାରଠାରୁ ନିମୋନିଆ ଓ ବାତଜ ହେଉଥିବାରୁ ସେହିର ଅବସ୍ଥା ଭଲ ନାହିଁ ବାବୁ ପ୍ରାଣସିଂହ ଡାକ୍ତରଙ୍କ ଚିକିତ୍ସା କରୁଅଛନ୍ତି । ଆଶା କରୁଁ ଶୀଘ୍ର ଆରୋଗ୍ୟ ଲାଭ କରିବେ ।

ଅଭିଷ୍ଟାଣ୍ଟ ସର୍ଜନ ବାବୁ ଅନନ୍ତଲାଲ ବସୁ ଏଠାରେ ଚଳିତମାସ ତା ୧୨ ଦିନ ଶୁକ୍ରବାର ଉପସ୍ଥିତ ହୋଇ ପୂର୍ବ ଇନ୍ସ୍ପେକ୍ଟର ସ୍ୱ କର୍ମରେ ମାସିକ ୫ ୧୦୦ ଙ୍କା ବେତନରେ ନୂତନ ହୋଇ କାର୍ଯ୍ୟ କରୁଅଛନ୍ତି । ଓଡ଼ିଆନିବାସୀ ଜଣେ ଏପରି ଉନ୍ନତକର୍ମରେ ରହିବା ବଡ଼ ସୁଖର ବିଷୟ ଅଟେ ।

ଷ୍ଟେସନଗୋଲଇରେ ଜଳାଭ କରିବାସ୍ଥାନେ ନିଷେଧ ହେବାରୁ ବେପାରୀଲୋକଙ୍କର ଅସୁବିଧା ହୋଇଅଛି ଏବଂ ଜଳର ଅବସ୍ଥା ଶୋଚନୀୟ ଅଟେ ।

କଲ୍ଲୋଳର ଉପରି ସାଗରତୀର ପ୍ରବଳ ହୋଇ ପାଣି ଯାଉଥିବାରୁ ତାହାର ପ୍ରତିକାରର ଚେଷ୍ଟା ହେଉଅଛି । ଏହି କାର୍ତ୍ତିକମାସରେ ମହାପ୍ରଭୁଙ୍କ ଶୀତ ଓ ବେଶ ଯଥା ସମୟରେ ହେଉଅଛି ।

ଉତ୍ତମ ବର୍ଷା ହେବାରୁ ଧାନ ପୂର୍ବାପେକ୍ଷା ଭଲ ଦେଖାଯାଉଅଛି ।

ମିଉନିସିପାଲିଟିର ବନ୍ଦୋବସ୍ତରେ କେତେକ ନୂଆ ମଇଲାଗାଡ଼ି ଗୋରୁଗାଡ଼ିରେ ନ ଯାଇ କେତେକ ମେହେନ୍ତର ଓ ମେହେନ୍ତରାଣୀ ନୂତନ ହୋଇ ସେମାନେ ଝୋଟାଇ ଲାଗି ସଫା କରୁଅଛନ୍ତି । ଏ ଉତ୍ତମ ବନ୍ଦୋବସ୍ତ ଅଟେ ।

ବଡ଼ଦେଉଳରେ ତ୍ରୁଟିତ ଅଲଙ୍କ ଓ ଅବକାଶ ଅଛି ସମ୍ପ୍ରତି ସଙ୍କଟରେ ୨ ଥର କାଠିକା ଓ ପାଣ୍ଡିମାନଙ୍କ ସକାଶେ କର୍ଣ୍ଣଙ୍କର ସାହାଣ ମେଲା ହେଉଅଛି । କେତେକ ଯାତ୍ରୀହେଲ ତାହା ନ ହୋଇ କେବଳ ସେହି ପାଣ୍ଡିମାନେ ୫ ୦ ୮ ଅଣାରୁ ଅଧିକ ପିଣ୍ଡିକା କରିବେ ସେମାନେ ଓ କେତେକ ବଡ଼ ମହନ୍ତମାନଙ୍କ ଛଡ଼ା ଅନ୍ୟ ଉତ୍କଳ ଯାତ୍ରୀ ବା ବ୍ରାହ୍ମଣ ସେବକ ବୈଷ୍ଣବପ୍ରଭୃତି କେହି ଉପରୋକ୍ତ ସମୟରେ ଅର୍ଥାତ୍ ଅଳଟି ଅବକାଶରେ ଘରରେ ସିଂହାସନରେ ଦର୍ଶନ କରିବା ନିଷେଧ ହୋଇଅଛି ଏଥିରେ ସକଳ ଯାତ୍ରୀ ଓ ବାସିନ୍ଦାମାନେ ଅସନ୍ତୁଷ୍ଟ ଅଛନ୍ତି ।

ଏଠାରେ ପୁଲିସ ଇନସ୍ପେକ୍ଟରଙ୍କ ଜମାଦାର ନାସିର ମହମ୍ମଦ ପୁଲିସ କନଷ୍ଟେବଲମାନଙ୍କ ନାମରେ ସରକାରୀ ଦରମା ଟଙ୍କା ଜାଲ କରି ଅଛ କେତେକ ଅନୁପସ୍ଥିତ କନଷ୍ଟେବଲଙ୍କ ନାମରେ ମିଥ୍ୟା ଦଲ କରି ଟଙ୍କାସବୁ ଆତ୍ମସାତ କରିଥିବାରୁ ପୁଲିସସାହେବ ତାହା ଜାଣି ଇନ୍ସପେକ୍ଟରଙ୍କଦ୍ୱାରା ତଦାରଖ କରାଇବାରେ ଅପରାଧ ପ୍ରମାଣର ରିପୋର୍ଟ କରିବାରୁ ଶ୍ରୀଯୁତ ମେଜିଷ୍ଟ୍ରେଟସାହେବ ଜମାଦାରଠାରୁ ୫ ୨୫୦ ର ଜାମିନ ନେଇ କର୍ମରୁ ସସ୍ପେଣ୍ଡ କରି ଦଣ୍ଡବିଧିର ୪୦୯ ଓ ୪୦୬ ଧାରା ଅନୁସାରେ ମକଦ୍ଦମା ଚଳାଉ ଅଛନ୍ତି । ଇତି

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ବିଷୟଟିକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାର କୌଣସି ସ୍ତମ୍ଭରେ ସ୍ଥାନଦାନ ଦେଇ ବାଧିତ କରିବା ହେବେ ।

ପୁରୀଜିଲ୍ଲା ଅନ୍ତର୍ଗତ ଶାସନ ଦାମୋଦରପୁର ଗ୍ରାମ ନିକଟରେ ବେବଳୀରମଣ ନାମକ ଗୋଟିଏ ସାମାନ୍ୟ ଅରଣ୍ୟ ଅଛି । ଉକ୍ତ ଅରଣ୍ୟ ପୁରୀ ଶ୍ରୀରାମଦାସମଠର ଜମି ଅଟେ । ସେହି ଅରଣ୍ୟ ନିକଟରେ ପୁରୀପର୍ଯ୍ୟନ୍ତ ଗୋଟିଏ ନଦୀକୂଳ ଅଛି ଏହି ବାଟ ଏ ଅଞ୍ଚଳ ଲୋକମାନଙ୍କର ପୁରୀ ଯିବାର ପ୍ରଧାନ ରାସ୍ତା ଅଟେ । ସେହି ବାଟରେ ଗତ ତା ୧୪ ରଖ ସନ୍ଧ୍ୟାସମୟରେ ନୟାଗଡ଼ ନିବାସି ଏକ ଲବ୍ଧବର୍ଣ୍ଣ ବ୍ୟକ୍ତି ସ୍ୱୀୟ ୧୨ ବର୍ଷ ବୟସ୍କ ଗୋଟିଏ ପୁତ୍ରକୁ ସଙ୍ଗେ ଘେନି ପଥ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଭିକ୍ଷା କରି ପୁରୀକୁ ଯାଉଥିଲେ । ଏମନ୍ତ ସମୟରେ ପୂର୍ବୋକ୍ତ ଅରଣ୍ୟ ସମୀପବର୍ତ୍ତରେ ଗୋଟିଏ ଭୟଙ୍କର ବ୍ୟାଘ୍ର ବହିର୍ଗତ ହୋଇ ଉକ୍ତ ବ୍ୟକ୍ତିର ହତଭାଗ୍ୟ ସନ୍ତାନଟିକୁ ଅରଣ୍ୟ ମଧ୍ୟକୁ ଘେନିଗଲା । ଏହା ଦେଖି ତାହାର ପିତା ଉଚ୍ଚୈଃସ୍ୱରରେ ରୋଦନ କରି ଜଣସ୍ଥର ଗ୍ରାମକୁ ଫେରିଆସିଲା କି ଭୟାନକ ବ୍ୟାପାର !!!

ସମସ୍ତେ କହନ୍ତି ଏହି ବ୍ୟାଘ୍ର ସେହି ଅରଣ୍ୟରେ ବହୁତ ଥାଏ ଏବଂ ଧାନର ସମୟରେ ଗୋ ମେଷାଦି ପଶୁ ଅନେକ ନଷ୍ଟ କରିଥିବାର ମଧ୍ୟ ଆମ୍ଭେ ଦେଖିଅଛୁଁ । ଅତଏବ ସରକାର ବାହାଦୁର ଏ ବିଷୟର ପ୍ରତୀକାର ନ କଲେ ଅନିଷ୍ଟ ବୃଦ୍ଧି ହେବାର ସମ୍ଭାବନା ଅଛି ।

୧୫।୧୦।୮୫
ଶାସନ ଦାମୋଦରପୁରସ୍ଥ
ସଦ୍ଧର୍ମ ପ୍ରକାଶିନୀ ସଭା

ଶ୍ରୀ ମାଉଗେ ଦ
ଦିଶ୍ରଶର୍ମା
ସମ୍ପାଦକ

---

ମହାଶୟ !

ଅନୁକମ୍ପା ପ୍ରଦର୍ଶନପୂର୍ବକ ଆମ୍ଭର ନିମ୍ନଲିଖିତ ପତ୍ରଖଣ୍ଡିକୁ ଆପଣଙ୍କ ପତ୍ରିକାସ୍ଥ କରି ବାଧିତ କରିବା ହେବେ ।

ଦୁଇମାସ ଗତ ହେବ ଆମ୍ଭର ପୁତ୍ର ସନ୍ନିପାତ ରୋଗଗ୍ରସ୍ତ ହୋଇ କଟକରୁ ଏଠାକୁ ଆସିବାରୁ ତାହାର ଚିକିତ୍ସାର ଭାର ଏଠା ମୋଫସଲସ୍ଥ ନ ୨।୩ ଜଣ ବୈଦ୍ୟଙ୍କ ହସ୍ତରେ ଅର୍ପଣ କଲୁଁ । ରୋଗ କ୍ରମେ ବଢ଼ିବାକୁ ଲାଗିଲା । ଏଣେ ବୈଦ୍ୟମାନଙ୍କ ନିକଟରେ ଉପଯୁକ୍ତ ଓ ବିଶୁଦ୍ଧ ଔଷଧର ଅଭାବ ଦେଖି ଆମ୍ଭେ ଅତ୍ର ଗ୍ରାମର ଜମିଦାର ଶ୍ରୀଯୁକ୍ତ ବାବୁ କୃଷ୍ଣମୋହନ ଘୋଷଙ୍କ ନିକଟକୁ ଯାଇ ସମସ୍ତ ବିଷୟ କହିବାରୁ ବାବୁ ମହାଶୟ ତତକ୍ଷଣାତ୍ ଆସି ଆମ୍ଭର ରୋଗଗ୍ରସ୍ତ ପୁତ୍ରକୁ ଦେଖି ହୋମିଓପାଥିକ ଯାବତୀୟ ପ୍ରୟୋଜନୀୟ ଔଷଧମାନ ପ୍ରୟୋଗ କରିବାକୁ ଲାଗିଲେ । କ୍ରମେ ଆମ୍ଭର ପୁତ୍ର ଆରୋଗ୍ୟଲାଭ କରିବାକୁ ଲାଗିଲା । ବୈଦ୍ୟମାନେ ବାବୁ ମହାଶୟଙ୍କର ମୁକ୍ତହସ୍ତ ଓ ଔଷଧମାନଙ୍କର ବିଶୁଦ୍ଧତା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ବାସ୍ତବିକ ବାବୁ ମହାଶୟ ସେତେବେଳେ ଏଭଳି ଔଷଧ ଦେଇ ନ ଥିଲେ ଆମ୍ଭ ପୁତ୍ରର ଜୀବନ ସଂଶୟ ଘଟିଥାନ୍ତା । ଏହିପରି ବହୁମୂଲ୍ୟ ଔଷଧମାନ ପ୍ରଦାନ କରି ବାବୁ ମହାଶୟ ଅତ୍ର ଗ୍ରାମର ୫।୬ କୋଶ ଦୂରବର୍ତ୍ତୀ ରୋଗୀମାନଙ୍କୁ ଅସେକ୍ୟ ଲାଭ ଅକ୍ଷୟ ସଂଯୋଜନ କରୁଅଛନ୍ତି ।

ପରନ୍ତୁ ଶୁଣିଲୁଁ ବାବୁ ମହୋଦୟ Cholera season ରେ ନାନାପ୍ରକାର ଔଷଧ ଆଣି ଅସହାୟ ରୋଗୀମାନଙ୍କୁ ଆସନ୍ନ ମୃତ୍ୟୁମୁଖରୁ ରକ୍ଷା କରନ୍ତି । ମୋଫସଲରେ ଏପରି ଗୁଣୀ, ଦୟାବାନ ପରଦୁଃଖକାତର ଓ ନାନାଦ ସଦ୍ଗୁଣାଳଙ୍କୃତ ଜମିଦାର କ୍ୱଚିତ୍ ଦେଖାଯାଏ ।

Digitized by srujanika@gmail.com

Split by PDF Splitter



ଉପସଂହାର ସ୍ଥଳରେ ପରମପିତା ଈଶ୍ୱରଙ୍କ ଠାରେ ବିନୀତପୂର୍ବକ ଏହି ପ୍ରାର୍ଥନା ଯେ ସେ ବାବୁ ମହୋଦୟଙ୍କର ସୁଦୀର୍ଘ ମଙ୍ଗଳ କରନ୍ତୁ ଏବଂ ବାବୁ ମହୋଦୟଙ୍କୁ ମଧ୍ୟ ଭକ୍ତିଙ୍କ- ତାର ସହିତ ପ୍ରାର୍ଥନା ଯେ ସେ ଅଶ୍ରାନ୍ତ ଏହିପରି ଦୁଃଖି ଦରିଦ୍ର ନିଃସହାୟ ଲୋକଙ୍କୁ ଔଷଧ ପ୍ରଦାନପୂର୍ବକ ଅକ୍ଷୟ ଯଶୋଲାଭ କରୁଥାନ୍ତୁ । ଇତି ।

ବାବୁ ମହୋଦୟଙ୍କର ଚିରଦାସ ଓ ଅପଣଙ୍କର ଏକାନ୍ତ ବଶମ୍ବଦ ।

ଶ୍ରୀ ଦୁର୍ଗାପ୍ରସାଦ ଚୌଧୁରୀ

ଦାମୋଦରପୁର } ଭୁଆଁପାଳ ପୋଃ ।
୧୬।୧୦।୯୪

ମୋଫସଲସ୍ଥ ଜମିଦାର ଏହାଙ୍କୁ ଅନୁକରଣ କଲେ ଅନେକ ପ୍ରାଣୀ ଅକାଳମୃତ୍ୟୁରୁ ରକ୍ଷା ପାଇବେ । ସଂ,

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ପଣ୍ଡିତ ପ୍ରହ୍ଲାଦକର ବିଦ୍ୟାରତ୍ନ | କଟକ | ଅଗ୍ରିମ | ଟ ୩୯ |
| ବାବୁ ଦଶରଥଦାସ | ତେଲିଗଡ଼ | " | ଟ ୩୯ |
| " ଜଗବନ୍ଧୁମହାନ୍ତି | ଶେଖରପୁର | " | ଟ ୩୯ |
| " ଦାଶୁ ସର୍ଦାରସିଂହ | ଭାଇତେର | " | ଟ ୩୯ |
| " ଲୋକନାଥ ମହାରଣା | " | " | ଟ ୩୯ |
| " ଜଗନ୍ନାଥପରମଗୁରୁ | " | " | ଟ ୩୯ |
| " ସଙ୍ଗ ସମନ୍ତସ୍ୱର ଉପ ମୟୂରଭଞ୍ଜ | | " | ଟ ୩୯ |
| " ମଧୁସୂଦନ ମିଶ୍ର ଲକ୍ଷ୍ମଣଚନ୍ଦ୍ରପୁର | | " | ଟ ୩୯ |
| ମୁନସି ସେଖ କାଦର ବକ୍ସି | | କଟକ | ଟ ୬୯ |
| ବାବୁ ଜଗନ୍ନାଥ ମର୍ଦରାଜ ସାମନ୍ତ ଭାଇତେର | | ଅଗ୍ରିମ | ଟ ୬ |
| " ଶ୍ରୀ ଗୋପୀନାଥ ଶ୍ରୀଚନ୍ଦନ ସାମନ୍ତ | " | " | ଟ ୩୯ |
| " ଶ୍ରୀ ଯୋଗେନ୍ଦ୍ରମିଶ୍ର ସାରଙ୍ଗଧରପୁର | | " | ଟ ୧୯ |
| " କୃଷ୍ଣପ୍ରସାଦ ଦାସ | ସାଲଗିର | " | ଟ ୩୯ |
| " ଘନଶ୍ୟାମସ୍ୱରୂପ । ସା । ପଞ୍ଚକାଦପୁର | | " | ଟ ୩୯ |

# ବିଜ୍ଞାପନ ।


## ଦ୍ୱିଭାଷୀ ।

( ନୂତନ ପୁସ୍ତକ )

ମାଇନର ଭର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଆବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ- ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟ ଟ ୦ । ଅଣା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

ଅପୂର୍ବ ଦୋକାନ
ନୂତନ

## ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

### ସଙ୍ଗୀତ ସାଗର ।

ପ୍ରଥମତରଙ୍ଗ ।

କବିସୂର୍ଯ୍ୟ ବଳଦେବ, ବନମାଳୀ, ଉପେନ୍ଦ୍ର ଭଞ୍ଜ, ରାମକୃଷ୍ଣ, ଗୋପାଳକୃଷ୍ଣ ଓ ହରି ପ୍ରଭୃତି କବିମାନଙ୍କ ରଚିତ ଚଉଷଠି ଏକଶତ ସଙ୍ଗୀତ ସୂଚୀପତ୍ର ଓ କଠିନ ଅର୍ଥ ସହିତ ଏକତ୍ରେ ସନ୍ନିବେଶିତ । ଏପ୍ରକାର ପୁସ୍ତକ ସ୍ୱଳ୍ପ ମୂଲ୍ୟରେ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିଲା । ମୂଲ୍ୟ ଟ ୦ । ମାତ୍ର । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟ ଓ ଅନ୍ୟାନ୍ୟ ପୁସ୍ତକାଳୟରେ ପ୍ରାପ୍ୟ ।

### ପ୍ରାକୃତ ଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲକ୍ଷ୍ମଣମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

### ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଅମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, କଳ-ଗାଡ଼, କାମିଜ, କୋର୍ଟ, ବିଦେଶୀ ଓ ବିଲାତୀଯୋତା, ନାନାପ୍ରକାରଲୁଗା, ଖେଳବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଏ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଅମ୍ଭେମାନେ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କିଣି ପଠାଇବାର ପରିଶ୍ରମ ବାବଦରେ ଶତକଡ଼ା ୫ ଟଙ୍କା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଅମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ପୁରୁଣା, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲ୍ୟୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବେ ଏଣିକି ମାତ୍ର କହୁଥାଉଁ କି ଅମ୍ଭମାନଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀଲକ୍ଷ୍ମଣମୋହନ ଚକ୍ରବର୍ତ୍ତୀ
ଦବଧବିକ୍ରେତା ଓ ଚିକିତ୍ସକ } ଡାକ୍ତର, ବାଲୁବଜାର କଟକ


Digitized by srujanika@gmail.com

Split by PDF Splitter

୩୫୮



ଅଛମଖାଁ ବଜାର ପୂର୍ବତନ ଏକାଡମୀସ୍କୁଲଗୃହଟି ଅଳ୍ପ ବର୍ଷରେ ଅନେକ ଦିନ ହେଲା ଗୋଟିଏ କଡ଼ାଇକାରଖାନା ଖୋଲିଅଛି ଯେ ତହିଁରେ ପଲଙ୍କ, ଖଟୁଲି, ଅଲମାରି, ଚେୟାର ପ୍ରଭୃତି କାଠପଦାର୍ଥ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମଧ୍ୟ ନୂତନ ପଦାର୍ଥ ପ୍ରସ୍ତୁତ ହୋଇ ବିକ୍ରୟନିମନ୍ତେ ରଖାଯାଉଅଛି । ଯେଉଁ ବ୍ୟକ୍ତି ଉକ୍ତ ପଦାର୍ଥ ନେବାକୁ ଇଚ୍ଛା କରିବେ ଉକ୍ତ ସ୍ଥାନକୁ ଯାଇ ପଦାର୍ଥ ଦେଖି ମୂଲ୍ୟ ସ୍ଥିର କରି ନେଇପାରିବେ ଅଥବା ଯେବେ କେହି ଉକ୍ତ ପଦାର୍ଥ ନେବାକୁ ଫରମାସ ଦେବେ ତେବେ ସେ ଫରମାସି ପଦାର୍ଥର ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଦେଇ ଫରମାସ ଦେଲେ ଅତ୍ୟଳ୍ପ ସମୟରେ ପାଇପାରିବେ । ଇତି ।

କଟକ ୨୯-୮-୯୯

ଅଛମଖାଁବଜାର ଶ୍ରୀ କପିଳେଶ୍ୱର ନନ୍ଦ ।—

## ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତତକାଳ ଚିକିତ୍ସା କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟଭୟରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହ ସେବା କଲେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଈଶ୍ୱର କୃପାଦୃଷ୍ଟିରେ ପ୍ରଦର୍ଶନ ନ ହେଲେ ଅଦ୍ୟ ଯାଏ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆବଶ୍ୟକରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅହେରିଟୋଲା ନଂ ୩୮ ଭବନରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଫାଇଲ୍ ୨।୰ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

## ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ଭଣଜା ନବଦ୍ୱୀପ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୨ | ପଣ | ଖାଣ | ୦ ୧୮ ଟ ୵୷ | ଓ ୧୮ ଟ ୦ ୵୨ |
| ୧୦ | ପଣ | ” | ” ଟ ୵୷ | ” ଟ ୦ ୵୯ |
| ୧୨ | ପଣ | ” | ” ଟ ୵ | ” ଟ ୦ ୵ |
| ୧୨ | ଶଡି ଡବଲଫୁଲସ୍କେପ୍ | ” | ଟ ୷। | ” ଟ ୦ ୵୦ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଉଦରଭୋଷଣ ଓ କଲମ ଓ ଡେସ୍କମାର୍ଟିନେଲ ଲୁଗା ଓ ଷ୍ଟେସନେରୀ ଓ କଳ କଲମ ଜର୍ମାଣ୍ଟ ସଉଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଖାଉକମାନଙ୍କ ମଧ୍ୟରେ ବିଦିତ ଅଛି । ଉପରନ୍ତୁ ଅଭ୍ର ନୋଟବୁକ ପୋଷ୍ଟାଲ କାଗଜ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ଅନ୍ୟ ସ୍ଥାନରେ ନେଉଥିଲେ ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବନ୍ଧୁକ ଆଦି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଛାଡ଼ିମାନ ବିକ୍ରୟ ହେବା ପୂର୍ବେ ଅପଣା ମଫସଲ ସକାଶେ କେହି ଚାହାନ୍ତି ତେବେ ଏକ ଗଣ୍ଡାକୁ ଫି କଗା ୪୦୵୨ ହିସାବରେ ଦେଲେ ପାଇ ପାରିବେ । ମାତ୍ର ତାହାର ସତ୍ୟ ଷଷ୍ଠାଂଶର ଲାଭ ଖାସ ଉପରେ ଥିବ । ସତ୍ୟ ହେଲେ ଛାଡ଼ିର ପୂର୍ବ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫାଲି ।

ଭଣ୍ଡାର ସେରଣା ୦ [illegible]
ଚଟିରେ ଷଷ୍ଠ ହେଲେ
ଦୁଇଟି
ବଡ଼େଖାଉ
ଭଣ୍ଡାରୀଙ୍କ ତେଲ ଭଉଣୀ
ଖେତ ସ୍ୱାଦ ଓ ହୋମ
ସମୂହ ।
[illegible] ଅର୍ଥାତ୍ ବଜାର
ଏଠାକାର କାଗଜ ପେଟ
ବେଲ ୨ ଭଉଣୀ ।
[illegible] କାଗଜ ଉଣ୍ଟ ।
[illegible] ଓ ଉତ୍କଳ
ଗାଇ ଓ ଉଦାସୀ
ସେହି ଦଇ
[illegible]
ଚଉଦ ଖାଲି
[illegible] ଖାଇଲ ଷଠ ଦେ
ଭୁଷା ପଇସାର ଭୁଏ ।
ଉଚ୍ଚୋଟ ରେଡ—ଅର୍ଥାତ୍
ଧୂଳୀ ଚୂଏ ।
ସକଳ ଦୁଃଖ ।
ଓଷଧିବୃତ ଭରା ।

[illegible]
ହୋଟେଲମାନେ ।
ଖାଇ ତିନିଶ ଓ
ଉଛ ଉପରେ ଓ ଖାଏ
ସଡ଼ା
ଉତର୍ଷ ବୃଦ୍ଧପଦରୁପ
ଏକଥର ଭୁସ
ନୋଟପତ୍ର ଉପୋତ ଖର
ହୋଷରୀ ଅଦନ
ଏ, ଘୋଡ଼ା ସହିତ
ଖାମିକ ଓ ବୁଲୁଣ୍ଡା
ଉପରେ ଷଷ୍ଠଭୋଗ
ଏକତ ଚାଉଳ
ଅଷ୍ଟମୀ ଖେଳିବ
ଅଛ ଏ ପେଟୁଡ଼ିରେ
ଲେଡି ଏଣ୍ଡ ପେଶ
ସବୁ ଡାକ୍ତର ନେକ୍
ଟେବୁଲ୍ ଲେଖା ଘ
ପରେ ବେଡ ଉପର
ଭେଲୋଡଟ, ଭଉ
ନ ଖଡ଼ି ।

ପୋର୍ଟଫୋଲିଓ ଓ ଟିଫିନର
କେଶର ମେଳ ଓ ଚାମଡ଼
ଭଲ ଘରେ
ଦ୍ରବ୍ୟ ଭାଲ ଲଣ୍ଡନ
ଲେଟଣ୍ଟରେ ଘର
ଓ ଖୁଲିଲେ ଖରା
ଦେବ ।
ଅଠାଳ ଜନ୍ତ୍ରୀ
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ ”
ମୋଜା ଓ ମୋଜାଷଡ଼
ଭଲ ସର୍ଟ କଲର
ଜେଣ୍ଟ୍‌ସାହେବ ଜନ ଓ
ସୁଲଭ
ଡେଟମେଣ୍ଟରେ ।

ଭଲ ଓ ପାଉଡରରେଡ଼
ଟିଜା
କେସ୍‌ଟେବିଲରେ ଭଲ
ଖାଇବାର ଜାଗ
ମସଲାମା
ହେଡ଼ ଫୁ ପେଟ୍ରୋଲ
ଭାଲଷାଳା ଓ ଘୋଡ଼
ଓ ଭଳ
ମକମୁଲ ଓ ଚିତ୍ର
ପାଉ ଘାଟରେ ଓ
ଖାଲି ।
ହିଣ୍ଡି ଖାଟ
ଏଣ୍ଟିମୋନ ଅଥାତ୍ ଦସ୍ତା
ଆଜ ଛପାର ଅକ୍ଷର
ଚଷର ବହିବା ନମନେ
ତଉଡ଼ାର ଲୁଏ ।

## ପିଟଛାର ।

ଏ ଚାରକୁ କେଉଁଠାରେ ଖାଇଲେ କାଟି ନଖରେ ଚଉଲାଇ ଜୋଟାଇବାର ଫାଙ୍କକୁ ଦେଲେ ପାଣିଗଲା ବନ୍ଦ ହେବ, ଘରର ମଧ୍ୟ ଅଙ୍କେ ଲେପିଦେଲେ ମଜବୁତ ହେବ ଓ ଜଳ ଝଡ଼ିବ ନାହିଁ ।

ବଡ଼ିଲ ଦମଡ଼ା ଓ ସାଜରେ ଲଗାଇବାର ଯୋଗ ମଧ୍ୟ ଅଛି ।

ଅରୁଣବାଲ୍ଲଭ କର କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦୵
ଅର୍ଦ୍ଧସ୍ତମ୍ଭ ଟ ୬
ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩୧

ମାତ୍ର କୌଣସି ବିଜ୍ଞାପନ କେବେ ଛପା ହେଲେ ତାହାର ଖର୍ଚ୍ଚ ଟ ।୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ପତ୍ର ଉତ୍କଳଦୀପିକା ଯନ୍ତ୍ରର ମୁଦ୍ରକ ଉଚ୍ଚଜନାର୍ଦ୍ଦନ ଦାସ ପ୍ରିଣ୍ଟିଂକମ୍ପାନୀ ସମ୍ପାଦକ ମହାଶୟଙ୍କ ଦ୍ୱାରା ମୁଦ୍ରିତ ହେଲା

Digitized by srujanika@gmail.com